# ଧରିତ୍ରୀ DHARITRI

ବାଲେଶ୍ୱର, ଗୁରୁବାର, ନଭେମ୍ବର ୧/୨୦୧୮ (୨୦ ପୃଷ୍ଠା+ ମନ ମିଜାଜ) | Balasore, Thursday, November 1/ 2018 | ★★★★

୪୪ଶ ଭାଗ ୩୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ଅପରାଜିତା ଭାରତୀୟ ଦଳର କୋଚ୍

ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ ପାଇଁ ଓଡ଼ିଶାର ଅପରାଜିତା ଗୋଚ୍ଛିକାର ଭାରତୀୟ ଦଳର କୋଚ୍ ଭାବେ ମନୋନୀତ ହୋଇଛନ୍ତି।

୧୯

୦୨

## ଚାଷୀଙ୍କ ଜୀବନ ବଞ୍ଚାଇବାକୁ ଅମିତାଭଙ୍କ ଅନୁରୋଧ

ଋଣଭାର ଯୋଗୁ ଅନେକ ଚାଷୀ ଆତ୍ମହତ୍ୟା କରୁଛନ୍ତି। ସେମାନଙ୍କ ଋଣ ପରିଶୋଧରେ ସହଯୋଗ କରିବା ସହ ଅଭାବୀ ଚାଷୀଙ୍କ ଜୀବନ ବଞ୍ଚାଇବାକୁ ଅନୁରୋଧ କରିଛନ୍ତି ଅଭିନେତା ଅମିତାଭ ବଚ୍ଚନ।



# ପଥରରେ ଛେଚି ଯୁବକଙ୍କୁ ହତ୍ୟା

ବ୍ରହ୍ମପୁର ଅଫିସ୍,୩୧।୧୦

ବ୍ରହ୍ମପୁର ଖାରବେଳ ନଗର ତୃତୀୟ ଲେନ୍ ଏକ୍ସଟେନସନ୍‌ରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ପଥର ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ବ୍ରଜରାଜନଗର ତୃତୀୟ ଲେନ୍ ଅଞ୍ଚଳର ପ୍ରଦୀପ ବେହେରା (୨୨)। ଘଟଣା ସ୍ଥଳରେ ସଦରଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ନଂ. ୨୬୧/୧୮ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଏସଡିପିଓ ଅଶୋକ ମହାନ୍ତି ଏବଂ ଆଇଆଇସି ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି। ପ୍ରଦୀପ ଜଣେ କ୍ଷୀର ବ୍ୟବସାୟୀ। ସେ ମଙ୍ଗଳବାର ସନ୍ଧ୍ୟାରୁ ଘରୁ ବାହାରକୁ ଯାଇ ଫେରି ନ ଥିଲେ ବୋଲି ତାଙ୍କ ବାପା ହାଡୁବନ୍ଧୁ ବେହେରା ପୋଲିସକୁ ଜଣାଇଛନ୍ତି।

ସୂଚନାଯୋଗ୍ୟ, ବୁଧବାର ସକାଳୁ ଖାରବେଳନଗର ☞ପୃଷ୍ଠା-୪

### ଆଜିର ମନ୍ତବ୍ୟ

" କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀଙ୍କ ପିଲାଳିଆମି କଥାକୁ ଲୋକେ ଗ୍ରହଣ କରିବେ ନାହିଁ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### ଷ୍ଟାଚ୍ୟୁ ଅଫ୍ ୟୁନିଟି



ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଗୁଜରାଟର ନର୍ମଦା ଜିଲା କେଭଡିୟାସ୍ଥିତ ସର୍ଦ୍ଦାର ସରୋବର ଡ୍ୟାମ ନିକଟରେ ନିର୍ମାଣ ହୋଇଥିବା ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟି'କୁ ବୁଧବାର ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

■ ପଲିଥିନ କଟକଣା ନ ମାନିଲେ ଦଣ୍ଡ

# ଆଜିଠୁ ହେବ ଜୋରଦାର ଚଢ଼ାଉ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ପଲିଥିନ ଓ ପ୍ଲାଷ୍ଟିକ ପରିବେଶ ଉପରେ ଭୟଙ୍କର ପ୍ରତିକୂଳ ପ୍ରଭାବ ପକାଉଛି। ରାଜ୍ୟକୁ ପଲିଥିନ ମୁକ୍ତ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ୫ଟି ମହାନଗର ନିଗମ ଓ ପୁରୀ ସହରରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ ଘୋଷଣା କରାଯାଇଛି। ଗତ ସେପ୍ଟେମ୍ବର ୨୮ରେ ପଲିଥିନ ବ୍ୟବହାର ଉପରେ କଟକଣା ନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ଉକ୍ତ ସହରାଞ୍ଚଳର କମିଶନର ଓ ଜିଲାପାଳଙ୍କୁ ଏ ନେଇ ଅବଗତ କରାଯାଇଥିଲା। ପଲିଥିନକୁ ନଷ୍ଟ କରିବା କିମ୍ବା ଏହାର ବିକଳ୍ପ କରିବାକୁ ରାଜ୍ୟ ସରକାର ମାସେ ସମୟ ଦେଇଥିଲେ। ଅକ୍ଟୋବର ୨୯ରେ ଏହି ସମୟସୀମା ଶେଷ ହୋଇଯାଇଛି। ମାସକ ଭିତରେ ମହାନଗର ନିଗମ କମିଶନର ଓ ପୁରୀ ଜିଲାପାଳ ପଲିଥିନ କଟକଣାକୁ ପାସୋରି ପକାଇଛନ୍ତି। ☞ପୃଷ୍ଠା-୪

# ତିତ୍‌ଲି: ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ

■ ଅଣଜଳସେଚିତ ପାଇଁ ଇନ୍‌ପୁଟ ସବ୍‌ସିଡି ୬,୮୦୦, ଜଳସେଚିତ ପାଇଁ ୧୮ ହଜାର

■ ସ୍କୁଲ ଫି, ଖଜଣା, ଜଳକର ଛାଡ଼

■ ପ୍ରାଥମିକ ସ୍କୁଲ ପିଲାଙ୍କୁ ମିଳିବ ମାଗଣା ପୋଷାକ ଓ ପାଠ୍ୟପୁସ୍ତକ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଅକ୍ଟୋବର ୧୧ରେ ହୋଇଥିବା ବାତ୍ୟା ତିତ୍‌ଲି ଓ ଏହା ପରବର୍ତ୍ତୀ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଧାନକ୍ଷେତ, ପଶୁ ସମ୍ପଦ, ହସ୍ତତନ୍ତ, କପା ଚାଷ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, କୁକୁଡ଼ା ଚାଷ ଆଦି ଉଜୁଡି ଯାଇଛି। କ୍ଷତିଗ୍ରସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି।

ଘୋଷିତ ପ୍ୟାକେଜ୍ ଅନୁଯାୟୀ ୩୩% ଶସ୍ୟହାନି ହୋଇଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ବାବଦରେ ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ୬,୮୦୦ ଟଙ୍କା, ଜଳସେଚିତ ଜମି ପାଇଁ ୧୩ ହଜାର ୫୦୦ ଏବଂ ଅନ୍ୟାନ୍ୟ ଚାଷ ଯଥା ଆମ୍ବ, କାଜୁ, ନଡିଆ, ଗୁଆ ଆଦି ପାଇଁ ୧୮ହଜାର ଟଙ୍କା ସବ୍‌ସିଡି ଆକାରରେ ପ୍ରଦାନ କରାଯିବ। କ୍ଷତିଗ୍ରସ୍ତ ଫଳଭିତ୍ତିକ ଚାଷ ପାଇଁ ସର୍ବନିମ୍ନ ୨ ହଜାର ଏବଂ ଅନ୍ୟ ଚାଷ ପାଇଁ ସର୍ବନିମ୍ନ ୧ ହଜାର ଟଙ୍କା ସବ୍‌ସିଡି ଆକାରରେ ପ୍ରଦାନ କରାଯିବ। ୨୦୧୮-୧୯ ରବି ଫସଲ ପାଇଁ ତିତ୍‌ଲି ପ୍ରଭାବିତ ଚାଷୀଙ୍କୁ ୧ ଲକ୍ଷ ୨୦ ହଜାର ଡାଲି ଜାତୀୟ, ୩୦ ହଜାର ତୈଳବୀଜ, ୫୦ ହଜାର ପନିପରିବା ସ୍ୱତନ୍ତ୍ର ମିନି କିଟ୍ ଯୋଗାଇ ଦିଆଯିବ। ସେହିପରି ୩୩% ଶସ୍ୟ କ୍ଷତି ସହିଥିବା ଚାଷୀଙ୍କୁ ରାଜ୍ୟ ସରକାର ଖଜଣା ଓ ଜଳକର ସମ୍ପୂର୍ଣ୍ଣ ଛାଡ଼ କରି ଦେଇଛନ୍ତି। ଏଥିସହିତ ବାତ୍ୟା ପ୍ରଭାବିତ ଅଞ୍ଚଳରେ ହାଇସ୍କୁଲ ପର୍ଯ୍ୟନ୍ତ ସ୍କୁଲ ଫି ଓ ପରୀକ୍ଷା ଫି'କୁ ସମ୍ପୂର୍ଣ୍ଣ ଛାଡ଼ କରାଯାଇଥିବା ବେଳେ ପ୍ରାଥମିକ ସ୍କୁଲ ପିଲାମାନଙ୍କୁ ଦୁଇହଳ ପୋଷାକ ଓ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ। ☞ପୃଷ୍ଠା-୪

ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ଜେଲିଫିଶ୍ ବିପଦ


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in : Gold, Diamond & Silver

| | | |
|---|---|---|
| Gold 24 CT | ₹ 32,400/- | 10gm. |
| Gold 22 CT | ₹ 31,000/- | 10gm. |
| Silver Rate | ₹ 370/- | /10gm. |
| Making Charge | ₹100/- onwards | / 1gm. |

Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE | 31.10.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 74 | 124 | 134 |
| DKL | 73 | 123 | 133 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 75 | 126 | 136 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers






Scratch & Win Contest

GET SURPRISE GIFT
★ Mega Bumper Prize CelerioX* ★ LED TV ★ Phillips Speaker
★ A Trip To Paris ★ Apple iPhone 7 ★ Apple iPad ★ More Exciting Prizes

WagonR Save Upto ₹60,000* | Celerio Save Upto ₹60,000* | Alto 800 Save Upto ₹50,000*

ALTO 800 | CELERIO | WAGONR

SKY AUTOMOBILES
• BHUBANESWAR: 9776645711
• CUTTACK: 9776677771, 7381873818
• DHENKANAL: 9776900005 • JAJPUR: 9776900777

NARAYANI MOTORS
• BHUBANESWAR: 7381094890/0674-2588474, 0674-2588475, 0674-2588473
• PURI: 9583022035
• PARADEEP:9583022034/06722-228044

ODYSSEY MOTORS
• ANGUL: 7752076136,9776901481
• PALLAHARA: 7873565435,9437831123

JYOTE MOTORS
• BHUBANESWAR: LEWIS ROAD - 9776615020, 9776615035, 9776615032 NAYAPALLI - 7381355999, 7381366999 • KEONJHAR: 8599019854, 7064493469 • BARIPADA: 9437102597 • BHADRAK: 7381064240 • NAYAGARH: 7381028515 • BALASORE: 7064499108


*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes consumer offer and exchange offer. All offers and the savings given above are applicable for the month of November'18 only. Scratch and Win Offer is applicable on all models and is valid from 1st – 20th November'18. In lucky draw, the mega bumper prize is CelerioX VXI AGS. Refer terms and conditions for Lucky draw in lucky draw coupon provided during the time of delivery. Offers as shown above may change without any prior notice.



ମୋଦି ସରକାର ଭ୍ରଷ୍ଟାଚାରର ଡଙ୍ଗା। ଏହା ଆଗକୁ ଚାଲିବ ନାହିଁ। କାରଣ ରାଫାଲକୁ ନେଇ ସୁପ୍ରିମକୋର୍ଟ ସତ କଥା ଜାଣିବାକୁ ଚାହିଁଲେଣି ।
-ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର

## ସଂକ୍ଷେପରେ

### ଏଫ୍‌ଟିଆଇଆଇ ଅଧ୍ୟକ୍ଷ ପଦରୁ ଅନୁପମ୍ ଖେରଙ୍କ ଇସ୍ତଫା



**ନୂଆଦିଲ୍ଲୀ,୩୧।୧୦(ପି.ଟି.):** ଭାରତୀୟ ଫିଲ୍ମ ଓ ଟେଲିଭିଜନ ସଂସ୍ଥା (ଏଫ୍‌ଟିଆଇଆଇ)ର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି ଅନୁପମ୍ ଖେର। ଅଚାନକ ଏହି ନିଷ୍ପତ୍ତି ନେଇ ସେ ସମସ୍ତଙ୍କୁ ଚକିତ କରିଛନ୍ତି। ଅନ୍ତର୍ଜାତୀୟ ସ୍ତରର ଏକ ଟେଲିଭିଜନ ଶୋ' ପାଇଁ ଚୁକ୍ତିବଦ୍ଧ ହେବା ପରେ ଏବେ ତାଙ୍କୁ ଆମେରିକାରେ ୩ ବର୍ଷ ଅବସ୍ଥାନ କରିବାର ଅଛି। ତେଣୁ ଏଫ୍‌ଟିଆଇଆଇର ମୁଖ୍ୟ ପଦବୀ ଛାଡ଼ିଥିବା ସେ ଦର୍ଶାଇଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋରଙ୍କ ନିକଟକୁ ଇସ୍ତଫାପତ୍ର ପଠାଇଛନ୍ତି ୬୩ ବର୍ଷୀୟ ଅନୁପମ୍। ଏନ୍‌ବିସି ସିରିଜ୍ 'ନ୍ୟୁ ଆମ୍‌ଷ୍ଟରଡାମ୍' ଟିମ୍‌ରେ ସାମିଲ ହେବାକୁ ଯାଉଥିବା ସେଥିରେ ସେ ଲେଖିଛନ୍ତି। ଅକ୍ଟୋବର ୩୦ରେ ଲେଖାଯାଇଥିବା ଏହି ଇସ୍ତଫାପତ୍ରକୁ ମନ୍ତ୍ରଣାଳୟ ଗ୍ରହଣ କରିଛି।

### ସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ: ୨୫ ମୃତ

**କାବୁଲ,୩୧।୧୦(ଏ.ପି.):** ଆଫଗାନିସ୍ତାନ ସେନାର ଏକ ହେଲିକପ୍ଟର ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ସମସ୍ତ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ହେଲିକପ୍ଟର ପୂର୍ବାହ୍ନ ୯ଟା ୧୦ରେ ଫାରା ପ୍ରଦେଶର ଅନାରଦାରା ଜିଲାସ୍ଥିତ ପାର୍ବତ୍ୟାଞ୍ଚଳରୁ ହେରାଟ୍ ପ୍ରଦେଶ ଅଭିମୁଖେ ଉଡାଣ ଆରମ୍ଭ କରିଥିଲା। ଉଡାଣର କିଛି ସମୟ ପରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇ ତଳକୁ ଖସିପଡ଼ିଥିଲା। ଫଳରେ ଏଥିରେ ଥିବା ସେନାର ଜଣେ କମାଣ୍ଡର ଓ କେତେଜଣ ଅଧିକାରୀଙ୍କ ସମେତ ୨୫ ଜଣ ପ୍ରାଣ ହରାଇଛନ୍ତି।

### ମଲ୍‌ରେ ଗୁଳି: ୨ ମୃତ, ୨ ଆହତ

**ବାରାଣସୀ,୩୧।୧୦(ଆଇଏଏନ୍‌ଏସ୍):** ଉତ୍ତରପ୍ରଦେଶର ବାରାଣସୀସ୍ଥିତ ଜେଏଚ୍‌ଭି ମଲ୍‌ରେ ବୁଧବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟିଛି। ଏଥିରେ ୨ ଜଣ ପ୍ରାଣ ହରାଇଥିବାବେଳେ ୨ ଆହତ ହୋଇଛନ୍ତି। ମୃତକମାନେ ହେଲେ ଏକ ଶୋ'ରୁମ୍‌ର ସେଲ୍ସମ୍ୟାନ୍ ଗୋପୀ କନୌଜିଆ ଓ ଦରଜି ସନୀଲ ଗୌରା। ଆଲୋକ ଉପାଧ୍ୟାୟ ନାମକ ଜଣେ ଛାତ୍ର ନିଶାସକ୍ତ ଅବସ୍ଥାରେ ଏହି କାଣ୍ଡ ଭିଆଇବା ପରେ ସେଠାରୁ ଫେରାର ହୋଇଯାଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି।

### ଏସ୍.ଏସ୍. ଦେସଓ୍ୱାଲ ନୂଆ ଆଇଟିବିପି ମୁଖ୍ୟ

**ନୂଆଦିଲ୍ଲୀ,୩୧।୧୦(ପି.ଟି.)** ଇଣ୍ଡୋ-ତିବ୍ବତାନ୍ ବର୍ଡର ପୋଲିସ (ଆଇଟିବିପି)ର ନୂଆ ମୁଖ୍ୟ ଭାବେ ବରିଷ୍ଠ ପୋଲିସ ଅଧିକାରୀ ଏସ୍.ଏସ୍. ଦେସଓ୍ୱାଲ ନିଯୁକ୍ତ ହୋଇଛନ୍ତି। ବୁଧବାର ଏନେଇ ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୮୪ ବ୍ୟାଚ୍ ହରିୟାଣା କ୍ୟାଡର ଆଇପିଏସ୍ ଅଫିସର ଦେସଓ୍ୱାଲ ବର୍ତ୍ତମାନ ଏସ୍‌ଏସ୍‌ବି ଡିଜି ଭାବେ କାର୍ଯ୍ୟ କରୁଛନ୍ତି।

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ରାଫାଲର ମୂଲ୍ୟ କେତେ

**ନୂଆଦିଲ୍ଲୀ,୩୧।୧୦(ପି.ଟି.)**

- ପ୍ରତିରକ୍ଷା ଦୃଷ୍ଟିରୁ ସମ୍ବେଦନଶୀଳ ପ୍ରସଙ୍ଗକୁ ବାଦ୍ ଦେଇ ଅନ୍ୟ ବିଷୟ ସାର୍ବଜନୀନ ହେଲେ ଅସୁବିଧା ନାହିଁ



- ୧୦ ଦିନ ମଧ୍ୟରେ ଯୁଦ୍ଧବିମାନର ମୂଲ୍ୟ ନେଇ ବନ୍ଦ ଲଫାପାରେ ତଥ୍ୟ ଦେବାକୁ ନିର୍ଦ୍ଦେଶ

ରାଫାଲ ଫାଇଟର୍ ଜେଟ୍‌ର ମୂଲ୍ୟ କେତେ। ଫ୍ରାନ୍ସଠାରୁ କେତେ ଟଙ୍କା ଦରରେ ୩୬ଟି ରାଫାଲ ଯୁଦ୍ଧବିମାନ କିଣାଯିବା ପାଇଁ ଭାରତ ଚୁକ୍ତିବଦ୍ଧ ହୋଇଛି, ତା'ର ସବିଶେଷ ବିବରଣୀ ବନ୍ଦ ଲଫାପାରେ କେନ୍ଦ୍ର ସରକାର ୧୦ ଦିନ ମଧ୍ୟରେ ସୁପ୍ରିମକୋର୍ଟଙ୍କୁ ଜଣାଇବେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ବୁଧବାର କେନ୍ଦ୍ରକୁ ଏହି ନିର୍ଦ୍ଦେଶ ଦେଇଛନ୍ତି।

ରାଫାଲ ଚୁକ୍ତିରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ କଂଗ୍ରେସ ଘେରିବାରେ ଲାଗିଛି। ଅନୁରୂପ ଭାବେ ଉକ୍ତ ଚୁକ୍ତି ଉପରେ ସ୍ଥଗିତାଦେଶ ଜାରି କରିବା ପାଇଁ କେତେଜଣ ଆବେଦନକାରୀ ଏକାଧିକ ପିଟିଶନ ସୁପ୍ରିମକୋର୍ଟରେ ଦାଏର କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ସୁପ୍ରିମକୋର୍ଟର ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ସୌରୀ ଓ ଯଶୱନ୍ତ ସିହ୍ନା। ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋସେଫ୍ ସାମିଲ ଥିବା ଖଣ୍ଡପୀଠ ଗତ ୧୦ ତାରିଖରେ ଏହାର ଶୁଣାଣି କରି କହିଥିଲେ, ଫ୍ରାନ୍ସ ସହିତ କେଉଁ ପରିସ୍ଥିତିରେ ରାଫାଲ ଚୁକ୍ତି ହୋଇଥିଲା। ଚୁକ୍ତିର ନିଷ୍ପତ୍ତି ପ୍ରକ୍ରିୟା କ'ଣ ଥିଲା ସେନେଇ ସବିଶେଷ ବିବରଣୀ କେନ୍ଦ୍ର ସରକାର ଏକ ବନ୍ଦ ଲଫାପାରେ ଅକ୍ଟୋବର ୨୯ ମଧ୍ୟରେ ସୁପ୍ରିମକୋର୍ଟରେ ଦାଖଲ କରିବେ। ଏହାସହ ରାଫାଲ ଯୁଦ୍ଧବିମାନର ମୂଲ୍ୟ ଓ ବୈଷୟିକ ଦିଗକୁ ନେଇ ତଥ୍ୟ ଦରକାର ନାହିଁ ବୋଲି ସେତେବେଳେ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ହେଲେ ଖଣ୍ଡପୀଠ ବୁଧବାର କେନ୍ଦ୍ର ସରକାରଙ୍କୁ ଏ ସଂକ୍ରାନ୍ତ ଅଧିକ ତଥ୍ୟ ମାଗିଛନ୍ତି। ଖଣ୍ଡପୀଠ କହିଛନ୍ତି, ସରକାର କେତେ ଟଙ୍କାରେ ରାଫାଲ କିଣିବାକୁ ଚୁକ୍ତିବଦ୍ଧ ହୋଇଥିଲେ ଏବଂ ଏହି ଯୁଦ୍ଧବିମାନର କ'ଣ ସବୁ ଉପାଦେୟତା ରହିଛି ତାହା ୧୦ ଦିନ ମଧ୍ୟରେ ଜଉମୁଦ ଲଫାପାରେ ଜଣାନ୍ତୁ। କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଟର୍ନି ଜେନେରାଲ ଶୁଣାଣି ବେଳେ ଯୁକ୍ତି ବାଢ଼ିଥିଲେ ଯେ, ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ରାଫାଲର ମୂଲ୍ୟ ନେଇ ପାର୍ଲାମେଣ୍ଟକୁ ମଧ୍ୟ ଅବଗତ କରାଯାଇ ନାହିଁ। ତେଣୁ ମୂଲ୍ୟ ପ୍ରଘଟ କରିବା ସମ୍ଭବ ହୋଇ ନ ପାରେ। ଏହାକୁ ନେଇ ଖଣ୍ଡପୀଠ କହିଥିଲେ, ମୂଲ୍ୟ ଜଣାଇବାରେ କ'ଣ ଅସୁବିଧା ଅଛି ତାହା ଉଲ୍ଲେଖ କରି କେନ୍ଦ୍ର ଏକ ସତ୍ୟପାଠ ଦାଖଲ କରୁ। ଏହାବାଦ୍ କେନ୍ଦ୍ର ସୁପ୍ରିମକୋର୍ଟଙ୍କୁ ଦେଇଥିବା ଚୁକ୍ତିର ନିଷ୍ପତ୍ତି ପ୍ରକ୍ରିୟା ସୂଚନା ସମ୍ପର୍କରେ ଆବେଦନକାରୀମାନଙ୍କୁ ଅବଗତ କରାଉ। କେବଳ ପ୍ରତିରକ୍ଷା ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ ଓ ଗୋପନୀୟ ପ୍ରସଙ୍ଗକୁ ବାଦ୍ ଦେଇ ତଥ୍ୟ ସାର୍ବଜନୀନ କରିବାରେ ଅସୁବିଧା ନାହିଁ। ସରକାର ୧୦ ଦିନ ମଧ୍ୟରେ ତଥ୍ୟ ଦେବେ ଓ ତା'ର ୭ ଦିନ ଭିତରେ ଆବେଦନକାରୀମାନେ ଜବାବ ଦାଖଲ କରିବେ। ଆଇନଜୀବୀ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ରାଫାଲ ଚୁକ୍ତିର ସିବିଆଇ ତଦନ୍ତ ଦାବି କରିଥିଲେ। ତଦନ୍ତକାରୀ ସଂସ୍ଥାରେ ଏବେ ବିବାଦ ଲାଗିରହିଥିବାରୁ ଅପେକ୍ଷା କରିବାକୁ ପ୍ରଧାନ ବିଚାରପତି ତାଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ଆବେଦନଗୁଡ଼ିକର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୪ରେ କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

## 'ଏକତା ପ୍ରତିମୂର୍ତ୍ତି' ଲୋକାର୍ପିତ

**କେଭଡିୟା,୩୧।୧୦(ପି.ଟି.)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଗୁଜରାଟର କେଭଡିୟାରେ ବିଶ୍ୱର ସର୍ବୋଚ୍ଚ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ବା 'ଏକତା ପ୍ରତିମୂର୍ତ୍ତି'କୁ ଉଦ୍‌ଘାଟନ କରିଛନ୍ତି। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୩ତମ ଜନ୍ମବାର୍ଷିକି ଅବସରରେ ମୋଦି ୧୮୨ ମିଟର ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତିକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ଦିନ ସମଗ୍ର ବିଶ୍ୱ ଇତିହାସରେ ସ୍ମରଣୀୟ ହୋଇ ରହିବ। ଦେଶକୁ ଖଣ୍ଡବିଖଣ୍ଡିତ କରିବାର ଷଡଯନ୍ତ୍ରକୁ ବିଫଳ କରି ସେ ଏକତାର ସୂତ୍ରରେ ବାନ୍ଧି ପାରିଥିଲେ। ଆଗାମୀ ପୀଢ଼ିଙ୍କୁ ତାଙ୍କର ସାହସ, କ୍ଷମତା ଏବଂ ସଂକଳ୍ପରୁ ପ୍ରେରଣା ମିଳିବ। ପଟେଲ ହେଉଛନ୍ତି ଦେଶର ପ୍ରଥମ ସ୍ୱରାଷ୍ଟ୍ର ମନ୍ତ୍ରୀ ଯିଏକି ଏକ ସଙ୍ଗଠିତ ଭାରତ ଗଠନ ପାଇଁ ୫୫୦ରୁ ଊର୍ଦ୍ଧ୍ୱ ଗଡଜାତ ରାଜ୍ୟକୁ ଏକାଠି କରିଥିଲେ। ଏହି ପ୍ରତିମୂର୍ତ୍ତି ଏକତାର ଉତ୍ସ। ଆମକୁ 'ଏକ ଭାରତ, ଶ୍ରେଷ୍ଠ ଭାରତ' ସ୍ୱପ୍ନକୁ ପୂରଣ କରିବା ଦିଗରେ ସହାୟକ ହେବ। ୫୫ ମିନିଟ୍‌ର ଭାଷଣରେ ମୋଦି କହିଥିଲେ ଏହା ଦେଶର କୋଟି କୋଟି ଲୋକଙ୍କ ଆବେଗ ସହିତ ଜଡିତ। 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଦେଶର ଇଞ୍ଜିନିୟରମାନଙ୍କର କୌଶଳ ଏବଂ ଦକ୍ଷତାର ପ୍ରତୀକ ।

ଗୁଜରାଟର ନର୍ମଦା ଜିଲା ସ୍ଥିତ ସର୍ଦ୍ଦାର ସରୋବର ଡ୍ୟାମ ନିକଟରେ ନିର୍ମାଣ ହୋଇଥିବା 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି। ଆମେରିକାର ଷ୍ଟାଚ୍ୟୁ ଅଫ୍ ଲିବର୍ଟିଠାରୁ ଦୁଇଗୁଣ ଏବଂ ଚାଇନାର ୧୫୩ ମିଟର ଉଚ୍ଚତା ବିଶିଷ୍ଟ ସ୍ପ୍ରିଙ୍ଗ ଟେମ୍ପଲ ବୁଦ୍ଧଠାରୁ ମଧ୍ୟ ଅଧିକ ଉଚ୍ଚ। ୨,୯୮୯ କୋଟି ଟଙ୍କାରେ ଏହାକୁ ନିର୍ମାଣ କରାଯାଇଛି। କାର୍ଯ୍ୟକ୍ରମରେ ମୋଦିଙ୍କ ସହ ରାଜ୍ୟପାଳ ଓ.ପି କୋହଲି, ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀ ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଏବଂ ଦଳର ବହୁ ନେତା ଯୋଗ ଦେଇଥିଲେ। ଏହି ସମୟରେ ମୋଦି ସର୍ଦ୍ଦାର ପଟେଲଙ୍କ ଜୀବନୀ ସମ୍ପର୍କିତ ସଂଗ୍ରହାଳୟ, ଭାରତ ଭବନ ପ୍ରଦର୍ଶନୀ ଗୃହ ମଧ୍ୟ ପରିଦର୍ଶନ କରିଥିଲେ। ପଟେଲଙ୍କ ପରିବାର ଲୋକ ଏହାକୁ ସ୍ୱାଗତ କରିଛନ୍ତି। 'ରାଷ୍ଟ୍ରୀୟ ଏକତା ଦିବସ' ଅବସରରେ ଦିଲ୍ଲୀରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଦେଶର ବିଭିନ୍ନ ସ୍ଥାନରେ କେନ୍ଦ୍ରମନ୍ତ୍ରୀଙ୍କ ପକ୍ଷରୁ 'ରନ୍ ଫର ୟୁନିଟି' ଆୟୋଜନ କରାଯାଇଥିଲା।

## ହାଶିମ୍‌ପୁରା ଗଣହତ୍ୟା: ୩୧ ବର୍ଷ ପରେ ନ୍ୟାୟ

# ୧୬ ପିଏସି ଯବାନଙ୍କୁ ଆଜୀବନ ଜେଲ



**ନୂଆଦିଲ୍ଲୀ,୩୧।୧୦(ପି.ଟି.):** ହାଶିମ୍‌ପୁରା ଗଣହତ୍ୟା ମାମଲାରେ ଦିଲ୍ଲୀ ହାଇକୋର୍ଟ ବୁଧବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଅଦାଲତ ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟର ୪୨ ଜଣଙ୍କୁ ହତ୍ୟାକରିବା ଅଭିଯୋଗରେ ୧୬ ପୂର୍ବତନ ପୋଲିସ କର୍ମଚାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ୧୯୮୭ ମେ' ୨୨ର ଘଟଣା। ଉତ୍ତରପ୍ରଦେଶର ମିରଟସ୍ଥିତ ହାଶିମ୍‌ପୁରା ଗ୍ରାମରୁ ମୁସଲମାନ ସମ୍ପ୍ରଦାୟର ୫୦ ଜଣଙ୍କୁ ପ୍ରୋଭିନ୍ସିଆଲ ଆର୍ମଡ କନ୍‌ଷ୍ଟେବୁଲାରି (ପିଏସି) ଯବାନମାନେ ଉଠାଇନେଇଥିଲେ। ଏହି ପୋଲିସ କର୍ମଚାରୀମାନେ ପରେ ଗୁଳିକରି ସେମାନଙ୍କ ମୃତଦେହ କେନାଲକୁ ଫିଙ୍ଗିଦେଇଥିଲେ। ୫୦ ଜଣଙ୍କ ମଧ୍ୟରୁ ୪୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାର ୩୧ ବର୍ଷ ପରେ ହାଇକୋର୍ଟଙ୍କ ରାୟ ଆସିଛି। ଜଷ୍ଟିସ୍ ଏସ୍. ମୁରଲୀଧର ଓ ବିନୋଦ ଗୋଏଲ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ତଳକୋର୍ଟଙ୍କ ୨୦୧୫ ରାୟକୁ ପଲଟାଇଦେଇଛନ୍ତି। ଖଣ୍ଡପୀଠ ୧୬ ଅବସରପ୍ରାପ୍ତ ପିଏସି ଯବାନଙ୍କୁ ହତ୍ୟା, ଅପହରଣ, ଆପରାଧିକ ଷଡ଼ଯନ୍ତ୍ର ଓ ପ୍ରମାଣ ନଷ୍ଟ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ହାଇକୋର୍ଟ ଏହି ଗଣହତ୍ୟାକୁ ସଶସ୍ତ୍ର ପୋଲିସ ଦ୍ୱାରା ନିରୀହ, ନିରସ୍ତ୍ର ଓ ପ୍ରତିରୋଧବିହୀନ ଲୋକଙ୍କୁ 'ଟାର୍ଗେଟ କରି ହତ୍ୟା' ଭାବେ ଅଭିହିତ କରିଛନ୍ତି। ଏହା ଏଭଳି ଏକ ହାଜତ ହତ୍ୟା, ଯେଉଁଠି ଆଇନ ବ୍ୟବସ୍ଥା ଅପରାଧୀମାନଙ୍କୁ ପ୍ରଭାବଶାଳୀ ଢଙ୍ଗରେ ଦୋଷୀ ସାବ୍ୟସ୍ତ କରିବାରେ ବିଫଳ ହୋଇଛି ବୋଲି ହାଇକୋର୍ଟ କହିଛନ୍ତି। ଏହାସହ ନଭେମ୍ବର ୨୨ ପୂର୍ବରୁ ଆତ୍ମସମର୍ପଣ କରିବାକୁ ଦୋଷୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନେ ଆତ୍ମସମର୍ପଣ ନ କଲେ ସମ୍ପୃକ୍ତ ଷ୍ଟେଶନ ହାଉସ୍ ଅଫିସର(ଏସ୍‌ଏଚ୍‌ଓ)ମାନେ ସେମାନଙ୍କୁ ଗିରଫ କରିବେ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୧୯୮୭ ମେ' ୨୨-୨୩ ରାତିରେ ଘଟିଥିବା ଏହି କାଣ୍ଡକୁ ତତ୍କାଳୀନ ଗାଜିଆବାଦ ଏସ୍‌ପି ବିଭୂତି ନାରାୟଣ ରାୟ ସ୍ୱାଧୀନ ଭାରତର ସର୍ବବୃହତ୍ ହାଜତ ଗଣହତ୍ୟା ଭାବେ ଅଭିହିତ କରି ମାମଲା ରୁଜୁ କରିଥିଲେ।

## ୪ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ପଦୋନ୍ନତି ପାଇଁ କଲେଜିୟମ୍ ସୁପାରିସ

**ନୂଆଦିଲ୍ଲୀ,୩୧।୧୦(ପି.ଟି.)**

୪ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି କେନ୍ଦ୍ର ସରକାରଙ୍କୁ କଲେଜିୟମ୍ ସୁପାରିସ କରିଛି। କେନ୍ଦ୍ରର ମୋହର ପରେ ଏମାନଙ୍କୁ ପଦୋନ୍ନତି ମିଳିବ।

ଅକ୍ଟୋବର ୩୦ରେ ସୁପ୍ରିମକୋର୍ଟ ଓ୍ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଥିବା ତଥ୍ୟାନୁସାରେ, ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଅଧ୍ୟକ୍ଷତା କରୁଥିବା କଲେଜିୟମ୍ ୪ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନାମ ପଦୋନ୍ନତି ପାଇଁ ସୁପାରିସ କରିଛି। ସେମାନେ ହେଲେ ଜଷ୍ଟିସ୍ ହେମନ୍ତ ଗୁପ୍ତା, ଆର୍. ସୁଭାଷ ରେଡ୍ଡୀ, ଏମ୍.ଆର୍. ଶାହ ଓ ଅଜୟ ରସ୍ତୋଗୀ। ସମ୍ପ୍ରତି ଜଷ୍ଟିସ୍ ଗୁପ୍ତା ମଧ୍ୟପ୍ରଦେଶ ଓ ଜଷ୍ଟିସ୍ ରେଡ୍ଡୀ ଗୁଜରାଟ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟରତ। ସେହିପରି ଜଷ୍ଟିସ୍ ଶାହ ପାଟନା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଥିବାବେଳେ ଜଷ୍ଟିସ୍ ରସ୍ତୋଗୀ ହେଉଛନ୍ତି ତ୍ରିପୁରା ହାଇକୋର୍ଟ ମୁଖ୍ୟ ବିଚାରପତି। ସୁପ୍ରିମକୋର୍ଟରେ ୩୧ ବିଚାରପତି ରହିବା ବ୍ୟବସ୍ଥା ଥିବାବେଳେ ଏବେ ୨୪ ଜଣ ଜଷ୍ଟିସ୍ ଅଛନ୍ତି। ଅର୍ଥାତ୍ ୭ ବିଚାରପତି ପଦବୀ ଖାଲି ପଡ଼ିଛି। ଉପରୋକ୍ତ ୪ ଜଣଙ୍କୁ ସୁପ୍ରିମକୋର୍ଟକୁ ପଦୋନ୍ନତି ଦିଆଗଲେ ଖାଲି ସଂଖ୍ୟା ୩କୁ ଖସିବ। ସେହିପରି ସର୍ବୋଚ୍ଚ ଅଦାଲତର ୨ ବିଚାରପତି ଜଷ୍ଟିସ୍ ମଦନ ବି. ଲୋକୁର ଓ କୁରିଏନ୍ ଯୋସେଫ୍ ଚଳିତବର୍ଷ ଅବସର ନେବାକୁ ଯାଉଛନ୍ତି।

## ଫୁର୍‌ସତ

### ଇତିହାସର ଆଇନାରେ | ନଭେମ୍ବରର ୧ର ପ୍ରମୁଖ ଘଟଣା

୧୯୫୫ ନଭେମ୍ବର ୧ରେ ଭିଏତ୍‌ନାମ ଯୁଦ୍ଧ ଆରମ୍ଭ ହୋଇଥିଲା। ଏହି ଯୁଦ୍ଧ ଭିଏତ୍‌ନାମ, ଲାଓସ୍ ଏବଂ କାମ୍ବୋଡିଆ ମଧ୍ୟରେ ହୋଇଥିଲା। ଉତ୍ତର ଭିଏତନାମ ଏବଂ ଦକ୍ଷିଣ ଭିଏତନାମର ସରକାରଙ୍କ ମଧ୍ୟରେ ଲଢେଇ ହୋଇଥିଲା। ଏହାକୁ ଦ୍ୱିତୀୟ ଇଣ୍ଡୋଚାଇନା ଯୁଦ୍ଧ ବୋଲି ମଧ୍ୟ କୁହାଯାଏ। ଉତ୍ତର ଭିଏତ୍‌ନାମ ସେନାକୁ ସୋଭିଏତସଂଘ ସମର୍ଥନ କରୁଥିବା ବେଳେ ଦକ୍ଷିଣ ଭିଏତ୍‌ନାମ ସେନାକୁ ଆମେରିକା, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ଥାଇଲାଣ୍ଡ ଏବଂ ଅନ୍ୟ କମ୍ୟୁନିଷ୍ଟ ବିରୋଧୀ ସହଯୋଗୀ ସମର୍ଥନ କରିଥିଲେ। ଏହି ଯୁଦ୍ଧ ପ୍ରାୟ ୧୯ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା।

୨୦୧୨ ନଭେମ୍ବର ୧ରେ ସୌଦି ଆରବର ରାଜଧାନୀ ରିୟାଧରେ ଏକ ଇନ୍ଧନ ଭର୍ତ୍ତି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବାପରେ ବିସ୍ଫୋରଣ ହୋଇଥିଲା। ଏଥିରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୩୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଇନ୍ଧନ ଭର୍ତ୍ତି ଏହି ଟ୍ରକ୍‌ଟି ଖୁରିସ୍ ରୋଡରେ ଥିବା ଏକ ଫ୍ଲାଏଓଭର ନିକଟରେ ଥିବା ଏକ ଖମ୍ବରେ ଧକ୍କା ଖାଇବା ଫଳରେ ଦୁର୍ଘଟଣା ହୋଇଥିଲା। ଏହି ଦୁର୍ଘଟଣା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

## ଯୁବପିଢ଼ିଙ୍କ ପାଇଁ ପ୍ରାଣନାଶୀ ଗ୍ରୀଷ୍ମ



**ଲଣ୍ଡନ:** ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ପ୍ରତିବର୍ଷ ଅନେକ ଜୀବନ ହାନି ହେଉଛି। ପ୍ରାଣନାଶୀ ଗ୍ରୀଷ୍ମପ୍ରବାହ କାହାକୁ ବାଦ୍ ଦେଉ ନାହିଁ। ରୁଗ୍‌ଣ ତଥା ବୃଦ୍ଧାବୃଦ୍ଧଙ୍କ ସମେତ ଯୁବକମାନେ ମଧ୍ୟ ଏହା କବଳରେ କବଳିତ। ଆମେରିକାରେ ବସବାସ କରୁଥିବା ଯୁବପିଢ଼ି ପ୍ରତି ଏହି ବିପଦ ଅଧିକ ମାତ୍ରାରେ ରହିଛି। ଆଗକୁ ଏଠାରେ ଗ୍ରୀଷରତୁରେ ବହୁ ଯୁବତୀଯୁବକ ପ୍ରାଣ ହରାଇବାର ଆଶଙ୍କା ରହିଛି। ଏକ ସଦ୍ୟ ସର୍ବେକ୍ଷଣରୁ ଏହା ଜଣାପଡ଼ିଛି।

ଚାରି ଦଶନ୍ଧି ଧରି ସର୍ଭେ କରିବା ପରେ ଏଭଳି ସତର୍କବାଣୀ କରାଯାଇଛି। ୧୯୮୦ରୁ ୨୦୧୬ ମଧ୍ୟରେ ଆମେରିକାରେ ଗ୍ରୀଷ୍ମପ୍ରବାହ ଯୋଗୁ ୮୫,୮୫୪,୧୭୬ ଜଣ ପ୍ରାଣ ହରାଇଛନ୍ତି। ଏହି ତଥ୍ୟକୁ ଅନୁଧ୍ୟାନ କରି ଉକ୍ତ ସର୍ଭେ ହୋଇଛି। ଏହି କୌଶଳକୁ ଓ୍ୱେଭଲେଟ ଆନାଲିସିସ୍ କୁହାଯାଉଛି। ଏହା ଜରିଆରେ ବିଭିନ୍ନ ଋତୁର ପ୍ରଭାବ କେଉଁ ବୟସ ଓ ଲିଙ୍ଗର ବ୍ୟକ୍ତିଙ୍କ ଉପରେ ପଡୁଛି, ତାହା ଜାଣିବାକୁ ଚେଷ୍ଟା କରିଥିଲେ ସର୍ବେକ୍ଷଣକାରୀ ଟିମ୍। ଡିସେମ୍ବର, ଜାନୁୟାରୀ, ଫେବୃୟାରୀରେ ୪୫ ବର୍ଷରୁ ତଦୂର୍ଦ୍ଧ୍ୱ ପୁରୁଷ ଏବଂ ୩୫ ବର୍ଷରୁ ଅଧିକ ବୟସର ମହିଳାଙ୍କ ମୃତ୍ୟୁହାର ସବୁଠୁ ଅଧିକ ରହିଥିବାବେଳେ ଜୁନ୍‌ରେ ଏହି ହାର କମ୍ ଥିବା ଜଣାପଡ଼ିଛି। ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁହାର ଫେବୃୟାରୀରେ ସର୍ବାଧିକ ରହୁଥିବାବେଳ ଅଗଷ୍ଟରେ ଏହା ସବୁଠୁ କମ୍ ବୋଲି ସର୍ବେକ୍ଷକ କହିଛନ୍ତି। ତେବେ ୫ରୁ ୩୪ ବର୍ଷର ପୁରୁଷ ଏବଂ ୪୫ ବର୍ଷରୁ କମ୍ ବୟସ୍କା ମହିଳାଙ୍କ ମୃତ୍ୟୁସଂଖ୍ୟା ଗ୍ରୀଷ୍ମରେ ବୃଦ୍ଧିହେଉଛି।


### ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ-୨୦୧୯


DSPL-232

- ବିଧାନସଭା ଭୋଟର ତାଲିକାରେ ନାମ ଯାଞ୍ଚ, ଦରଜ, ବାଦ୍ ଏବଂ ତ୍ରୁଟି ସଂଶୋଧନ ନିମନ୍ତେ ଦରଖାସ୍ତ କରିବା ପାଇଁ ସଂପୃକ୍ତ ଭୋଟ ଗ୍ରହଣ କେନ୍ଦ୍ର, ବ୍ଲକ ବା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଓ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତା ୩୧.୧୦.୨୦୧୮ ରିଖ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରାଯାଇଥିଲା। ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଏହି ତାରିଖକୁ ଆସନ୍ତା ତା ୧୫.୧୧.୨୦୧୮ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇଛି।
- ଭୋଟର ତାଲିକାରେ ନାମ ଯୋଗ, ବାଦ୍ ବା ସଂଶୋଧନ ନିମନ୍ତେ www.nvsp.in/ www.ceoorissa.nic.in ରେ on-line ଦରଖାସ୍ତ ଦେଇପାରିବେ।
- ଭୋଟର ତାଲିକାରେ ପଞ୍ଜୀକୃତ ହେବା ପାଇଁ ଭିନ୍ନକ୍ଷମମାନଙ୍କୁ ବିଶେଷ ଅନୁରୋଧ।
- ଅଧିକ ଜାଣିବା ପାଇଁ ନିଃଶୁଳ୍କ ନମ୍ବର 0674-1950/1950 କୁ ଫୋନ କରନ୍ତୁ।

ଶ୍ରୀ ସୁରେନ୍ଦ୍ର କୁମାର, ଭା.ପ୍ର.ସେ.
ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା


'ସୁଗମ ନିର୍ବାଚନ' 12001/13/0022/1819 'କୌଣସି ଭୋଟର ବାଦ ହେବେ ନାହିଁ'


## ଜଷ୍ଟିନ୍ ବାଇବର ଲଣ୍ଡା



**ଲସ୍ ଏଞ୍ଜେଲସ୍:** ପପ୍ ଗାୟକ ଜଷ୍ଟିନ୍ ବାଇବର ସର୍ବଦା ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହୁଛନ୍ତି। କେତେବେଳେ ପ୍ରେମ ବ୍ୟାପାର ତ ଆଉ କେବେ ନିଆରା ଅନ୍ଦାଜ୍‌କୁ ନେଇ ତାଙ୍କ ନାମ ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି। ଏବେ ବାଇବର ପ୍ରଶଂସକଙ୍କ ସାମ୍ନାକୁ ଏକ ନୂଆ ଲୁକ୍ ନେଇ ଆସିଛନ୍ତି। ୨୪ ବର୍ଷୀୟ ଗାୟକ ଲଣ୍ଡା ହୋଇଛନ୍ତି। ନୂଆ ଲୁକ୍‌ର ଏକ ଫଟୋ ସେ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। କିଛିମାସ ପୂର୍ବେ ବାଇବର କହିଥିଲେ ସେ ଆଦୌ ଚୁଟି କାଟିବେ ନାହିଁ। ପାଦ ପର୍ଯ୍ୟନ୍ତ ଲମ୍ବିବା ଯାଏ ଚୁଟି ବଢ଼ାଇବେ ବୋଲି ସେ ଘୋଷଣା କରିଥିଲେ। କିନ୍ତୁ ବର୍ତ୍ତମାନ ସେ କଥାରୁ ଓହରିଯାଇ ଲଣ୍ଡା ହୋଇଯାଇଛନ୍ତି ଏବଂ ସେଲ୍‌ଫି ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏଥିପାଇଁ ତାଙ୍କୁ ଅନେକେ ସମାଲୋଚନା କରିଛନ୍ତି।

## ଚାଷୀଙ୍କ ପାଇଁ ଅମିତାଭଙ୍କ ଦରଦ



**ମୁମ୍ବାଇ:** ଦେଶବ୍ୟାପୀ ଚାଷୀମାନେ ଋଣଭାର ଯୋଗୁ ହତାଶ ହେଉଛନ୍ତି। ଅନେକେ ମଧ୍ୟ ଜୀବନ ହାରୁଛନ୍ତି। ଚାଷୀଙ୍କ ଦୁର୍ଦ୍ଦଶାକୁ ଦେଖି ଚିନ୍ତାବ୍ୟକ୍ତ କରିଛନ୍ତି ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନ। କୃଷକ ବନ୍ଧୁଙ୍କ ଋଣଛାଡ଼ କରି ସେମାନଙ୍କ ପ୍ରାଣରକ୍ଷା କରିବା ପାଇଁ ସେ ସଭିଙ୍କୁ ଅନୁରୋଧ କରିଛନ୍ତି। ଚାଷୀଙ୍କ ଦରଦ ବୁଝି ନିଜେ ଅର୍ଥ ଯୋଗାଉଥିବା ଅଭିନେତା ଅମିତାଭ ଏବେ ଅନ୍ୟମାନଙ୍କ ସହଯୋଗ କାମନା କରିଛନ୍ତି। ନିକଟରେ ଗେମ୍ ଶୋ 'କୌନ୍ ବନେଗା କ୍ରୋର୍‌ପତି'ର ହଟ୍ ସିଟ୍‌କୁ ଜଣେ ଚାଷୀ ଆସିଥିଲେ। କାର୍ଯ୍ୟକ୍ରମରେ ଭାଗନେବା ବେଳେ ଅନନ୍ତକୁମାର ଖାଙ୍କେ ନିଜ ଦୟନୀୟ ସ୍ଥିତି ସମ୍ପର୍କରେ ପ୍ରକାଶ କରିଥିଲେ। ଏହା ଶୁଣି ବିଗ୍ ବି ଦୁଃଖିତ ହୋଇଯାଇଥିଲେ। କାର୍ଯ୍ୟକ୍ରମ ଜରିଆରେ ସେ ଚାଷୀଙ୍କୁ ଯଥା ସମ୍ଭବ ସହଯୋଗର ହାତ ବଢ଼ାଇବା ଲାଗି ଦେଶବାସୀଙ୍କୁ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଅମିତାଭ କହିଛନ୍ତି ଯେ, ଖୁବ୍ କମ୍ ଟଙ୍କା ପାଇଁ ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି। ମାତ୍ର ୧୦ ହଜାର ରୁ ୨୦ ହଜାର ପର୍ଯ୍ୟନ୍ତ ଋଣ ପରିଶୋଧ କରି ନ ପାରି ଚାଷୀମାନେ ଚରମ ନିଷ୍ପତ୍ତି ନେଉଥିବାରୁ ଅନେକ ପରିବାର ଉଜୁଡ଼ିଯାଉଛି। ଦଶନ୍ଧି ପୂର୍ବେ ଏକ ଫିଲ୍ମ ଶୁଟିଂବେଳେ ଖବରକାଗଜରେ ଏଭଳି ରିପୋର୍ଟ ଦେଖି ସେ ହତବାକ୍ ହୋଇଯାଇଥିଲେ। ଏବେ ଅତି ପାଖରୁ ଅନନ୍ତକୁମାରଙ୍କ କାହାଣୀ ଶୁଣି ତାଙ୍କୁ ଦୁଃଖ ଲାଗୁଛି। ପ୍ରକାଶ ଯେ, ଅଭିନେତା ଅମିତାଭ କିଛିବର୍ଷ ପୂର୍ବେ ବିଦର୍ଭର ୧୦୦ ଚାଷୀଙ୍କ ଋଣ ପରିଶୋଧ କରିଥିଲେ। ନିକଟରେ ମହାରାଷ୍ଟ୍ରର ପାଖାପାଖି ୩୬୦ ଚାଷୀଙ୍କ ବ୍ୟାଙ୍କ ଋଣ ମଧ୍ୟ ସେ ଶୁଝିଛନ୍ତି। ଆଗକୁ ମଧ୍ୟ ଉତ୍ତରପ୍ରଦେଶର ୮୫୦ ଚାଷୀଙ୍କୁ ସେ ସହଯୋଗର ହାତ ବଢ଼ାଇବେ ବୋଲି କହିଛନ୍ତି। ଦେଶର ସାଧାରଣ ଜନତା ମଧ୍ୟ ଆମ ପେଟ ପୂରାଇବାରେ ସହାୟକ ହେଉଥିବା ଚାଷୀଙ୍କୁ ଆର୍ଥିକ ସହଯୋଗ ଯୋଗାଇବାରେ ପାଦ ବଢ଼ାନ୍ତୁ ବୋଲି ସେ କହିଛନ୍ତି।




# ମେ ୧୨ରେ ଓଜେଇଇ

■ ଜୁଲାଇ ୧୯ରେ ସ୍ୱତନ୍ତ୍ର ଓଜେଇଇ
■ ପିଜି ପାଇଁ ଅନ୍‌ଲାଇନ୍ ପରୀକ୍ଷା

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

୨୦୧୯-୨୦ ଶିକ୍ଷାବର୍ଷରେ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଆଗାମୀ ମେ ୧୨ରେ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଅନୁଷ୍ଠିତ ହେବ। ଏ ନେଇ ବୁଧବାର ପଲିସି ପ୍ଲାନିଂ ବୋର୍ଡ ବୈଠକରେ ପ୍ରସ୍ତାବ ଦିଆଯାଇଥିବା ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ କହିଛନ୍ତି।

ଚଳିତ ବର୍ଷ ଇଞ୍ଜିନିୟରିଂ ପାଠ୍ୟକ୍ରମ ନାମଲେଖାର ସବିଶେଷ ବିବରଣୀ ସହିତ ଆସନ୍ତା ବର୍ଷ କିପରି ପ୍ରବେଶିକା ପରୀକ୍ଷା ପରିଚାଳନା କରାଯିବ ସେନେଇ ବୁଧବାର ପଲିସି ପ୍ଲାନିଂ ବୋର୍ଡ ବୈଠକ ସଚିବାଳୟର ଦକ୍ଷତା ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ବସିଥିଲା। ବୈଠକରେ ୨୦୧୮ ବର୍ଷରେ ଇଞ୍ଜିନିୟରିଂ ପାଠ୍ୟକ୍ରମ ନାମଲେଖା ସମ୍ପର୍କରେ ଓଜେଇଇ ପକ୍ଷରୁ ରିପୋର୍ଟ ରଖାଯାଇଥିଲା। ସେହିପରି ଆସନ୍ତା ବର୍ଷ ପାଇଁ କେତେକ ନୂଆ ପ୍ରସ୍ତାବ ଓଜେଇଇ ପକ୍ଷରୁ ବିଭାଗକୁ ଦିଆଯାଇଥିବା ଅଧ୍ୟକ୍ଷ ଚାନ୍ଦ କହିଛନ୍ତି। ସେ କହିଛନ୍ତି ଯେ, ୨୦୧୯ରେ ଅନୁଷ୍ଠିତ ହେବାକୁ ଥିବା ଓଜେଇଇକୁ ମେ ଦ୍ୱିତୀୟ ସପ୍ତାହ ରବିବାରରେ କରାଯିବା ପାଇଁ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ସ୍ୱତନ୍ତ୍ର ଓଜେଇଇକୁ ମଧ୍ୟ ଜୁଲାଇ ୧୯ରେ କରାଯିବାର ପ୍ରସ୍ତାବ ରହିଛି। ଏଥିସହିତ ବୈଷୟିକ ଶିକ୍ଷାକ୍ଷେତ୍ରରେ ଥିବା ସ୍ନାତକୋତ୍ତର(ପିଜି) ପାଠ୍ୟକ୍ରମ ଯଥା ଏମ୍.ଟେକ୍, ଏମ୍.ଫାର୍ମା, ଏମ୍‌ସିଏ ଏବଂ ଏମ୍‌ବିଏ ପାଠ୍ୟକ୍ରମଗୁଡିକର ପ୍ରବେଶିକା ପରୀକ୍ଷାକୁ ଅନଲାଇନ୍‌ରେ କରିବାକୁ ବିଭାଗ ପ୍ରସ୍ତାବ ଦେଇଛି। ପୂର୍ବରୁ ଏହି ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଓଜେଇଇ ଅଫ୍‌ଲାଇନ୍ ପରୀକ୍ଷା କରୁଥିଲା। ବିଭାଗ ପକ୍ଷରୁ ପ୍ରସ୍ତାବ ଉପରେ ବିଚାର କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତାହାକୁ କାର୍ଯ୍ୟକାରୀ କରାଯିବ ବୋଲି ଚାନ୍ଦ କହିଛନ୍ତି।

■ ମରାମତି ବେଳେ ବିଦ୍ୟୁତ୍ ଚାର୍ଜ

# ଠିକା ଶ୍ରମିକ ମୃତ, ଉତ୍ତେଜନା

ତାଳଚେର,୩୧।୧୦(ନି.ପ୍ର.)

ତାଳଚେର ସ୍ଥିତ ଏମ୍‌ସିଏଲ୍‌ର ଲିଙ୍ଗରାଜ କୋଇଲା ଖଣି ପରିସରରେ ବୁଧବାର ୨ ଠିକା ବିଦ୍ୟୁତ୍ ଶ୍ରମିକ ମରାମତି କାର୍ଯ୍ୟ କରୁଥିବା ବେଳେ ହଠାତ୍ ଲାଇନ ଚାର୍ଜ କରିଦିଆଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଆହତ ହୋଇଛନ୍ତି। ତାଙ୍କୁ ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ମୃତକଙ୍କ ପରିବାରକୁ ଉଚିତ୍ କ୍ଷତିପୂରଣ ଓ ନିଯୁକ୍ତି ଦାବିରେ ଅନ୍ୟ ଶ୍ରମିକମାନେ ଆନ୍ଦୋଳନ ଚଳାଇଥିବାରୁ ଖଣିରେ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, କଣ୍ଢୋଳ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁରରେ ରହୁଥିବା କେନ୍ଦୁଝର ଜିଲା ଘଷିପୁରାର ଭଗବାନ ନାୟକ (୪୫) ଓ ସହଯୋଗୀ ନରୋତ୍ତମ ନାହାକ ଅପରାହ୍ନରେ ବିଦ୍ୟୁତ୍ ମରାମତି କାର୍ଯ୍ୟ କରୁଥିଲେ। ଲାଇନ କାଟି ଦୁହେଁ ଖୁଣ୍ଟରେ ଚଢ଼ି କାର୍ଯ୍ୟ କରୁଥିବା ବେଳେ ହଠାତ୍ ଲାଇନ ଚାର୍ଜ କରି ଦିଆଯିବାରୁ ଉଭୟଙ୍କୁ ଜୋରଦାର ଆଘାତ ଲାଗିଥିଲା। ଖୁଣ୍ଟ ଉପରେ ହିଁ ଭଗବାନଙ୍କ ମୃତ୍ୟୁ ଘଟିଥିଲା। ନରୋତ୍ତମ ତଳକୁ ଖସି ପଡି ଆହତ ହୋଇଥିଲେ। ଖବରପାଇ ଅନ୍ୟ ଶ୍ରମିକମାନେ କ୍ଷତିପୂରଣ ଓ ମୃତକଙ୍କ ପରିବାରରୁ ଜଣକୁ ନିଯୁକ୍ତି ଦାବିରେ ଖଣି ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଖଣି କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ହେଁ ସମାଧାନର ବାଟ ବାହାରି ପାରି ନାହିଁ। ସୁରକ୍ଷା ଅଭାବରୁ ବାରମ୍ବାର ଖଣିରେ ଏପରି ଦୁର୍ଘଟଣା ଘଟୁଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଶ୍ରମିକମାନେ ଦାବି କରିଛନ୍ତି। ତାଳଚେର ଥାନା ପୋଲିସ ଘଟଣାସ୍ଥଳରେ ରହି ପରିସ୍ଥିତି ଉପରେ ନଜର ରଖିଛି।












## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଶୁଭମ୍ ପରିବାରବର୍ଗ


ସୂଜା ପରିବାରବର୍ଗ


ସୋମେଶ ପରିବାରବର୍ଗ


ଶୁଭଲକ୍ଷ୍ମୀ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified




### SALE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9 5 5 6 2 4 0 2 2 8 , 9937292015. email: kttbbsr@gmail.com. D-9047

For sale Renault Kwid RXT (O) 1Lt M/F- 2017, Renault Kwid RXT (O) 1Lt M/F- 2016, Renault Kwid RXT AMT (O) 1 Lt M/F-2018, Renault Kwid RXT (O) 1 Lt. M/F-2017, Renault Duster RXZ 8s ps M/F- 2017, Renault Duster RXZ 110 ps M/F- 2013 excellent condition. Contact No.- 9777752210. D-9169

For sale Audi Q7 M/F-2013, Renault Koleos 4X4 super XUV M/F- 2014 excellent condition. Contact No.- 9040093809. D-9170




### SALE

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Sunderpada Hitech-Plaza ପାଖରେ ଘରବାରି well developed plot @870/-ରେ ମିଳୁଅଛି। 8328930985. D-65137

ଖୋର୍ଦ୍ଧା Jupiter +2 science କଲେଜକୁ ଲାଗି ଘର ଉପଯୋଗୀ ପ୍ଲଟ ମିଳୁଅଛି। 9583032439. D-64359

Sunderpada Hitech-Plaza ପାଖରେ ଘରବାରି well developed plot @870/-ରେ ମିଳୁଅଛି। 8328930985. D-65137




Construct your building in finished house contact: 9937064680. D-27282

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64353




5000 sqft. for new godown at Bhagwanpur Industrial Estate, Patrapada near Hotel South City. 9437026351. D-9137




Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

New new opening full body massege ledies, gents. 7438851534, 7609923705. D-38538

Madam Monalisa massage club-50% discount full body massage by hiprofile smart lady therapist. 9708545108. D-9167

### LOST


The Registered Sale Deed No.- 1111659219 Dated 11.02.2014 executed before Sub-Registrar, Khandagiri, Bhubaneswar relating to land of mouza Ghatikia, Bhubaneswar G.A. Department drawing plot No.- 198, drawing No.- B/360, measuring area of 2500 sqft. i.e., Ac. 0.057.39 decimals (out of 60'X90'= 5400 sqft. i.e., Ac. 0.124 decimals) corresponding to revenue Khata No.- 443, revenue plot No. 51 (part) has been lost. Contact No:9439512190. D-9173

### AFFIDAVIT

By virtue of an affidavit before Notary Public, Bhubaneswar on 31.10.2018, I M.Venkatraman have changed my daughter's name from M.Aishwrya to M. Aishwarya & wife's name from Gouri to Gouri Devi as per the latest birth certificate of M.Aishwarya issued by NAC, Bhanjanagar. D-9171

By virtue of an affidavit sworn in the Court of Executive Magistrate Basudebpur on Dt. 28.07.2018, I Tulasi Barik , D/o- Ganapati Panda changed my name from Tulasi Barik to Budhimani Panda. Henceforth I will be known as Budhimani Panda for all purpose. D-9178

### ଜନ୍ମଦିନ ଶୁଭେଚ୍ଛା



(ବାପୁନି)

ଓଁ ମା' ଶାରଳା ସହାୟ

**ଶାଶ୍ୱତ ଚନ୍ଦ୍ର ନାଥ**

ଅଁଲୋ, କଟକ

ଆଜି ତୋର ୧୨ତମ ଜନ୍ମବାର୍ଷିକ ଉପଲକ୍ଷେ ମା' ଶାରଳାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ଜେଜେମା, ଜେଜେବାପା, ଆଈ, ପିଉସୀ, ପିଉସା, ବାବା, ମାମା, ମାମୁ, ମାଇଁ, ଦିପାଦିଦି, ଗୁଡୁଭାଇ ଏବଂ ସମସ୍ତ ନାଥ ପରିବାରବର୍ଗ। ଧ-୯୧୭୨

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### କିଛି ତଥ୍ୟ

୨୦୧୭-୧୮ରେ ଭାରତ-ଇଟାଲୀ ଦ୍ୱିପାକ୍ଷିକ ବାଣିଜ୍ୟ ୧୦.୫ ବିଲିୟନ ଡଲାର ରହିଛି। ଏହା ୨୦୧୬-୧୭ରେ ୮.୮ ବିଲିୟନ ଡଲାର ରହିଥିଲା। **-ବାଣିଜ୍ୟ ମନ୍ତ୍ରଣାଳୟ**

### ତିତ୍‌ଲି କ୍ଷୟକ୍ଷତି ଆକଳନ

## ଆଜି ଆସିବେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)- ବାତ୍ୟା ତିତ୍‌ଲି ଓ ବର୍ଷାରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବାକୁ ଗୁରୁବାର କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସୁଛନ୍ତି । ଏ.କେ. ସାହିଙ୍କ ନେତୃତ୍ୱରେ ଏହି ଟିମ୍ ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱରରେ ପହଞ୍ଚିବେ। ମଧ୍ୟାହ୍ନରେ ଉକ୍ତ ଟିମ୍ ଦୁଇଟି ଭାଗରେ ବିଭକ୍ତ ହୋଇ ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲାକୁ ଗସ୍ତ କରିବେ । ସେଠାରୁ ଫେରିବା ପରେ କେନ୍ଦ୍ରୀୟ ଟିମ୍ ନଭେମ୍ବର ୨ ତାରିଖରେ ସଚିବାଳୟଠାରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହ ବୈଠକରେ ଯୋଗ ଦେଇ ଆଲୋଚନା କରିବେ। ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଭାତ କୁମାର ମହାପାତ୍ର ବୁଧବାର କେନ୍ଦ୍ରୀୟ ଟିମ୍ ଗସ୍ତ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଅକ୍ଟୋବର ୧୮ ତାରିଖରେ ରାଜ୍ୟ ସରକାର ତିତ୍‌ଲି କ୍ଷତିପୂରଣ ପାଇଁ କେନ୍ଦ୍ର ସରକାରଙ୍କୁ ୨୦୧୪ କୋଟି ଟଙ୍କାର ସହାୟତା ମାଗିଥିଲେ। ତେବେ ରାଜ୍ୟ ସରକାର କ୍ଷୟକ୍ଷତିର ପରିମାଣ ୨୭୭୦ କୋଟି ଟଙ୍କା ଆକଳନ କରିଛନ୍ତି । ବଳକା ଅର୍ଥ ଏସଡିଆରଏଫରୁ ଖର୍ଚ୍ଚ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ରୀୟ ଟିମ୍ ରିପୋର୍ଟ ଦେବା ପରେ କେନ୍ଦ୍ର ସରକାର କ୍ଷୟକ୍ଷତି ପାଇଁ ଅନୁଦାନ ପ୍ରଦାନ କରିବେ।

## ଖଟିରେ ଖଟିରେ...

### ମନ ବଳାଇବେନି

ଆଚାର୍ଯ୍ୟବିହାର ଖଟି। ଅଧିକାଂଶ ଯୁବବର୍ଗଙ୍କ ନିତିଦିନିଆ ସ୍ଥାନ। ସେଠି ରାଜଧାନୀ କମ୍, ପଶ୍ଚିମ ଓଡ଼ିଶା ରାଜନୀତିକୁ ନେଇ ଚର୍ଚ୍ଚା ବେଶି। ଗଜଲକ୍ଷ୍ମୀ ପୂଜା ସାଙ୍ଗକୁ ଅଦିନିଆ ଚାଟ୍ ଦୋକାନରେ ସବୁ ବୟସର ନାଗରିକ ମାଳମାଳ। ଆଗକୁ ଇଲେକ୍ସନ ଥିବାରୁ ଟୋକାଙ୍କ ଖଟିଗୁଡ଼ିକ ବି ରାଜନୀତିଆ ହେଲାଣି। ଏଥର ମହାନଦୀ ସବୁଠୁ ଅଧିକ ବହିଥିବା ଜିଲାର ରାଜନୀତି ନେଇ ଆଲୋଚନା ହେଉଥିଲା। ସଭିଏଁ କହୁଥିଲେ, ସେ ନୂଆ ଟୋକାଟା ଏଥର ଶଙ୍ଖ ଟିକଟ ପାଆନ୍ତା, ହେଲେ...। ଏହା ଶୁଣି ଜଣେ କହିଲେ ଅସୁବିଧା କେଉଁଠି। ଉତ୍ତର ମିଳିଲା କଇଁଚି ନେତା ବାଟରେ କଣ୍ଟା, ଯେମିତି ନୂଆ ମୁହଁ ନ ଆସନ୍ତୁ ସେ ଚାହୁଁଛନ୍ତି। ଇଏତ ଗଲା ଶଙ୍ଖ କଥା, ଫୁଲ ଖବର କ'ଣ। ଜଣେ କହିଲେ ଫୁଲ ନେତା ତ ଖାଲି ଗୁଣ୍ଡା ପାଳୁଛନ୍ତି। ତାଙ୍କ ଦ୍ୱାରା ଆଉ କିଛି ହେବନି। ପାପୁଲି କଥା ଆଲୋଚନାକୁ ଆସିଲାନି। ଏହା ଭିତରେ ଜଣେ କହିଲେ କଇଁଚି ନେତା କୁଆଡେ ଦିଲ୍ଲୀ ଯିବେ। ଜଣେ କହିଲା, ନାଇଁମ ଗୁଆଘିଅ ବିଭାଗର ମନ୍ତ୍ରୀ। ଶିରା ମୁହଁରେ ଲାଗିଲାଣି। ଭୁବନେଶ୍ୱର ଛାଡ଼ି ଦିଲ୍ଲୀ ଯିବାକୁ ମନ ବଳାଇବେନି।

### କାଲି କି ନ ଥିବ

ବୁଝିଲେ ଆଜ୍ଞା, ଏଠିକି ଯିଏ ଆସନ୍ତୁ ନା କାହିଁକି ନିୟମକାନୁନ୍‌ରେ ଆସିବେ ନ ହେଲେ ମୋର ଛାଡ଼ିବାର ନାହିଁ। ଆଉ ତୁମେ ପଦରେ ଅଛ ବୋଲି ନିଜକୁ କ'ଣ ଗଜପତି ଭାବିବ। ସେଗୁଡାକ ମୁଁ ଥିଲାବେଳେ ଜମା ଚଳିବନି। ଆମ ରାଇଜ ସରକାରୀ ମୁଖ୍ୟାଳୟ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ମହିଳା ସୁରକ୍ଷା କର୍ମଚାରୀ ଅନ୍ୟଜଣଙ୍କୁ ଏମିତି ଶୁଣାଇ ଥାଆନ୍ତି। ହେଲେ ପୂରା ଘଟଣା ବୁଝାପଡୁ ନ ଥାଏ। ତାଙ୍କ ଏମନ୍ତ ପାଟି ଶୁଣି ସେଠାରେ ଥିବା ବଡ଼ବାବୁ ଧାଇଁଆସି ତାଙ୍କୁ ବୁଝାଶୁଝା କରିବାକୁ ଅଣ୍ଟା ଭିଡ଼ି ପକାଇଲେ। ଆଉ ଘଟଣା କ'ଣ ବୋଲି ପଚାରିବା କ୍ଷଣି ମହିଳା ସୁରକ୍ଷା କର୍ମଚାରୀ ଜଣକ ରାଗ ତମତମ ହେଇ କହିଲେ, ଆଜ୍ଞା ଗତକାଲି ମୁଁ ସବା ଉପର ମହଲା ଦାୟିତ୍ୱରେ ଥାଏ। ସେତିକି ବେଳେ ଗଡ଼ ଏରିଆ ମାନ୍ୟବର ଆସି ଭିତରକୁ ଯିବାକୁ କହିଲେ। ଆଉ ଉପର ନିର୍ଦ୍ଦେଶ ଅନୁଯାୟୀ ମୁଁ ତାଙ୍କୁ ଯିବାକୁ ମନା କଲି। ତା'ପରେ ତ ରଙ୍ଗ ଦେଖ, ମୁଁ ଇଏ ସିଏ, ଏସା କରିପକାଇବି ତେସା କରିପକାଇବି କହିବାକୁ ଲାଗିଲେ। ମୁଁ ବି ଛାଡିବା ଜନ୍ତୁ ନୁହେଁ, ତାଙ୍କୁ ଭଲରେ ଦି' ପଦ ଶୁଣାଇକି କହିଲି, ତୁମେ ଯିଏ ହୁଅ ନା କହିଁକି, ମୋର ଛାଡ଼ିବାର ନାହିଁ। ଆଜି ଅଛ କାଲି କି ନ ଥିବ ସେଥିରେ ବହୁ ରଙ୍ଗ। ଆମକୁ କ'ଣ କିଏ ଦୟାରେ ଚାକିରି ଖଣ୍ଡକ ଦେଇଛ ନା କ'ଣ। ତୁମେ ନ ଥିବ ହେଲେ ମୁଁ ଏମିତି ଥିବି।

### ଇଜ୍ ଅଫ୍ ଡୁଇଂ ବିଜନେସ

## ୨୩ ସ୍ଥାନ ଉନ୍ନତି ସହ ୭୭ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ,୩୧।୧୦

ଭାରତରେ ବ୍ୟବସାୟ କରିବାର ସୁଗମତାରେ ବେଶ ଉନ୍ନତି ହୋଇଛି। ବିଶ୍ୱ ବ୍ୟାଙ୍କ ପକ୍ଷରୁ ବୁଧବାର ଘୋଷଣା ହୋଇଥିବା ଚଳିତ ବର୍ଷର ଗ୍ଲୋବାଲ ଇଜ୍ ଅଫ୍ ଡୁଇଂ ବିଜନେସ୍(ବ୍ୟବସାୟ କରିବାର ସୁଗମତା) ର୍ୟାଙ୍କିଙ୍ଗରେ ଭାରତ ୨୩ ସ୍ଥାନ ଉପରକୁ ଉଠି ଆସି ୭୭ତମ ସ୍ଥାନ ହାସଲ କରିଛି। ଗତ ବର୍ଷ ଭାରତ ୧୦୦ତମ ସ୍ଥାନରେ ରହିଥିଲା। ବିଗତ ଦୁଇ ବର୍ଷ ଭିତରେ ଦେଶ ଉକ୍ତ ର୍ୟାଙ୍କିଙ୍ଗରେ ମୋଟ୍‌ରେ ୫୩ ସ୍ଥାନ ଉନ୍ନତି କରିଛି। ଚଳିତ ବର୍ଷ ୧୦ଟି ମଧ୍ୟରୁ ୬ଟି ମାନଦଣ୍ଡରେ ଭାରତ ସୁଧାର କରିଛି। ଦୁଇବର୍ଷ ପୂର୍ବେ ବିଶ୍ୱ ବ୍ୟାଙ୍କ ପକ୍ଷରୁ ଜାରି ବ୍ୟବସାୟ ସୁଗମତା ର୍ୟାଙ୍କିଙ୍ଗରେ ଭାରତ ୩୦ ସ୍ଥାନ ଉପରକୁ ଉଠି ଆସି ୧୦୦ତମ ସ୍ଥାନରେ ପହଞ୍ଚି ଯାଇଥିଲା। ୧୯୦ଟି ଦେଶକୁ ନେଇ ବିଶ୍ୱ ବ୍ୟାଙ୍କ ଏହି ର୍ୟାଙ୍କିଙ୍ଗ ଜାରି କରିଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ବେଳେ ଭାରତ ଉକ୍ତ ର୍ୟାଙ୍କିଙ୍ଗର ୧୪୨ ତମ ସ୍ଥାନରେ ରହିଥିଲା। ଇଜ୍ ଅଫ୍ ଡୁଇଂ ବିଜନେସ୍‌ରେ ଆଗାମୀ ଦିନରେ ବିଶ୍ୱର ଶୀର୍ଷ ୫୦ଟି ଦେଶ ମଧ୍ୟରେ ରହିବା ଲାଗି ପ୍ରଧାନମନ୍ତ୍ରୀ ମୋଦି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ବ୍ୟବସାୟ କରିବା, ନିର୍ମାଣ କ୍ଷେତ୍ରରେ ଅନୁମତି, ବିଜୁଳି ସଂଯୋଗ ପ୍ରଦାନ କରିବା, ଋଣ ହାସଲ କରିବା, ଟିକସ ପ୍ରଦାନ, ସୀମାପାର ବ୍ୟବସାୟ, ଚୁକ୍ତିକୁ ଲାଗୁ କରିବା ଏବଂ ଦେବାଳିଆ ମାମଲାର ସମାଧାନ ଆଦି ମାନଦଣ୍ଡକୁ ବିଚାର କରି ବିଶ୍ୱ ବ୍ୟାଙ୍କ ପକ୍ଷରୁ ଉକ୍ତ ର୍ୟାଙ୍କିଙ୍ଗ ସ୍ଥିର କରାଯାଏ। ଭାରତ ପରେ ଅନ୍ୟତମ ଏସୀୟ ଦେଶ ଭାବେ ଚାଇନା ୪୬ ତମ ସ୍ଥାନ ସହିତ ଶୀର୍ଷ ୧୦୦ ଦେଶ ମଧ୍ୟରେ ରହିଛି। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି ଯେ, ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ପ୍ରଧାନମନ୍ତ୍ରୀ ମୋଦି ଇଜ୍ ଅଫ୍ ଡୁଇଂ ବିଜନେସରେ ଭାରତକୁ ଶୀର୍ଷ ୫୦ ଦେଶ ମଧ୍ୟରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆଜି ଆମେ ୭୭ତମ ସ୍ଥାନରେ ପହଞ୍ଚି ଯାଇଛୁ। ବ୍ୟବସାୟର ପ୍ରତ୍ୟେ ଦିଗରେ ଉନ୍ନତି ଆଣିବା ପାଇଁ ଡିଆଇପିପି ଯଥାସାଧ୍ୟ ପ୍ରୟାସ କରୁଛି। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି ଯେ, ବିଗତ ୨ ବର୍ଷ ମଧ୍ୟରେ ଭାରତ ଉକ୍ତ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି କରିଛି। କ୍ରମାଗତ ଉନ୍ନତି କରିବାରେ ଭାରତ ଦକ୍ଷିଣ ଏସିଆ ଏବଂ ବ୍ରିକ୍ସର ଏକମାତ୍ର ଦେଶ ଭାବେ ନିଜକୁ ପ୍ରମାଣିତ କରିଛି।

## ପ୍ରଥମ ପୃଷ୍ଠାରୁ...

### ତିତ୍‌ଲି: ଚାଷୀଙ୍କ ପାଇଁ ...

୨୦ହଜାର ହେକ୍ଟର ଆମ୍ବ, କାଜୁ, ନଡ଼ିଆ, ଗୁଆ ଚାଷ ପାଇଁ ଚାଷୀମାନଙ୍କ ଆୟ ବୃଦ୍ଧି କରିବା ସକାଶେ ଅନ୍ତରୀଣ ୩ ବର୍ଷିଆ ସ୍ୱତନ୍ତ୍ର ପ୍ୟାକେଜ ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ସେହିପରି ୨ହଜାର ଆଖୁଚାଷୀଙ୍କୁ ପ୍ରତି ହେକ୍ଟରକୁ ୨୦ହଜାର ଟଙ୍କା ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ। ବିଟ, ଗାଜର, ମୂଳା, କନ୍ଦମୂଳ, ବନ୍ଧାକୋବି ଆଦି ଚାଷ କରୁଥିବା ୨ ହଜାର ଚାଷୀଙ୍କୁ ପ୍ରତି ୟୁନିଟ ପାଇଁ ୭ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ। ସେହିପରି ୫୦୦ଛତୁ ଚାଷୀଙ୍କୁ ପ୍ରତି ୟୁନିଟ ପିଛା ୧୦ ହଜାର ଟଙ୍କା ନଡ଼ାଛପର ଓ ଜାଲ ନିର୍ମିତ ଛାତ ତିଆରି କରିବାକୁ ଦିଆଯିବ। କ୍ଷତିଗ୍ରସ୍ତ ଚାଷୀଙ୍କୁ ୧ହଜାର ସୌରଚାଳିତ ପମ୍ପସେଟ ୫୦% ରିହାତିରେ ସର୍ବାଧିକ ୧୫ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବ। ସେହିପରି ସୌର ଜଳନିଧି ଯୋଜନାରେ ପ୍ରଭାବିତ ୧ ହଜାର ଚାଷୀଙ୍କୁ ୦.୫ ଏଚ୍‌ପି ସୌରଚାଳିତ ପମ୍ପସେଟ ୯୦% ରିହାତି ଅର୍ଥାତ ସର୍ବାଧିକ ୫୪ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ଦିଆଯିବ। ତିତ୍‌ଲି ପ୍ରଭାବିତ ଚାଷୀଙ୍କୁ ୫ ହଜାର ଔଷଧ ସିଞ୍ଚନ ମେଶିନ ୫୦% ରିହାତିରେ ସର୍ବାଧିକ ୩୮୦୦ ଟଙ୍କା (ବ୍ୟାଟେରି ଚାଳିତ ପାଇଁ) ଓ ୬୦୦ ଟଙ୍କା(ହାତରେ ଚଳାଇବା ସ୍ପ୍ରେୟର ପାଇଁ) ପ୍ରଦାନ କରାଯିବ। ରାଜ୍ୟ ସରକାର ପ୍ରଭାବିତ ୭୫ହଜାର ଚାଷୀଙ୍କ ପାଇଁ ମଞ୍ଜି ବିଶୋଧନ କ୍ୟାମ୍ପ ସ୍ଥାପନ କରିବେ। ଏଥିରେ ବ୍ୟବହାର ହେବାକୁ ଥିବା ରାସାୟନିକ ଦ୍ରବ୍ୟ(୭୫ ହଜାର ଏକର ପାଇଁ) ମାଗଣାରେ ଯୋଗାଇ ଦେବେ। ସେହିପରି ୫୦ ହଜାର ଫଳ ଚାଷୀଙ୍କୁ ପ୍ରତ୍ୟେକ ପରିବାର ପିଛା ୫ଟି ଆମ୍ବ ଓ ୪ଟି ନଡ଼ିଆ ଚାରା ଦେବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଭାବିତ ଗ୍ରାମଗୁଡିକରେ ଥିବା ଅଚଳ ଉଠା ଜଳସେଚନଗୁଡିକୁ ତୁରନ୍ତ ମରାମତି କରିବାକୁ ଓଡିଶା ଉଠା ଜଳସେଚନ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି।

୩୩% ପ୍ରଭାବିତ ଚାଷୀଙ୍କୁ ଦିଆଯାଇଥିବା ୨୦୧୮ ଖରିଫ ସ୍ୱଳ୍ପକାଳୀନ ଋଣ ମିଆଦକୁ ମଧ୍ୟବର୍ତ୍ତୀକାଳୀନକୁ ପରିବର୍ତ୍ତନ କରାଯାଇଛି। ସ୍ୱଳ୍ପକାଳୀନ ଖରିଫ ଋଣ ପ୍ରଦାନ ଅବଧିକୁ ୨୦୧୯ ସେପ୍ଟେମ୍ବର ୩୦ ଯାଏ ବୃଦ୍ଧି କରାଯାଇଛି। ଶସ୍ୟବୀମା ପାଇବା ପାଇଁ କ୍ରପ କଟିଂ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଛେଳି କିମ୍ବା ଗାଈ ଗୁହାଳ ନିର୍ମାଣ କରିବାକୁ ୧୦ହଜାର ଚାଷୀଙ୍କୁ ପ୍ରତି ଗୁହାଳ ପିଛା ୪୪ହଜାର ଟଙ୍କା ପ୍ରଦାନ କରାଯିବ। ପ୍ରତି ୧୦ଟି ଛେଳି ଓ ବତକ ଚାଷ ପାଇଁ ୭୫% ରିହାତି ଦିଆଯିବ। ଦୁଧିଆଳୀ ଗାଈ ଚାଷ କରୁଥିବା ୫ହଜାର ଚାଷୀଙ୍କୁ ୫୦୦କେଜି ଗୋଖାଦ୍ୟ ରିହାତି ଦରରେ ଯୋଗାଇ ଦିଆଯିବାକୁ ସ୍ୱତନ୍ତ୍ର ପ୍ୟାକେଜରେ ବ୍ୟବସ୍ଥା ହୋଇଛି। ଏଥିସହିତ ୨୦ହଜାର କୁକୁଡା ଚାଷୀଙ୍କୁ ୪୦ଲେଖାଏ ୪ମାସିଆ କୁକୁଡା ଚିଆଁ ପ୍ରଦାନ କରାଯିବ। ସେହିପରି ଯେଉଁ ମତ୍ସ୍ୟଚାଷୀଙ୍କ ମାଛ ଓ ଯାଆଁଳ ପୋଖରୀ କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ପ୍ରତି ହେକ୍ଟରକୁ ୧ ଲକ୍ଷ ୨୫ ହଜାର ଆର୍ଥିକ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି। ବୁଣାକାରମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ପ୍ୟାକେଜରେ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବୁଣାକାରଙ୍କୁ ୪୧୦୦ ଟଙ୍କା ବ୍ୟବହୃତ ଯନ୍ତ୍ରପାତି ଖରିଦ ପାଇଁ ପ୍ରଦାନ କରାଯିବ। ସେହିପରି ଲିଚୁ ଓ ଟସର ଚାଷୀଙ୍କୁ ପ୍ରତି ହେକ୍ଟର ପିଛା ୪ ହଜାର ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ଦେବାକୁ ଘୋଷଣା କରାଯାଇଛି। ଚାଷ ଓ ଶସ୍ୟହାନି ହୋଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୫ ହଜାର ଟଙ୍କା ଲେଖାଏ ଅତିରିକ୍ତ ବିହନ ପାଉଣା ବାବଦରେ ପ୍ରଦାନ କରାଯିବ।

### ଆଜିଠୁ ହେବ...

ଚଢ଼ାଉ ନ ହେବାରୁ ପରିବେଶ ବିଭାଗ ନିର୍ଦ୍ଦେଶକ କେ. ମୁରୁଗୁସେନ କମିଶନର ଓ ଜିଲାପାଳଙ୍କୁ ବୁଧବାର ବ୍ୟକ୍ତିଗତ ଭାବେ ଟେଲିଫୋନ କରି ଚଢ଼ାଉ ଆରମ୍ଭ କରିବାକୁ ଜଣାଇଛନ୍ତି। ଗୁରୁବାରଠାରୁ ଏହି ଚଢ଼ାଉ ଜୋରଦାର କରାଯିବ। ପରିବେଶ (ସୁରକ୍ଷା) ଆଇନ ୧୯୮୬ ଅନୁଯାୟୀ ଜେଲ ଓ ଜରିମାନା ବ୍ୟବସ୍ଥା କରାଯିବ। ଯେଉଁ ଉତ୍ପାଦନକାରୀ କିମ୍ବା ହୋଲସେଲର କଟକଣାକୁ ବେଖାତିର କରି ବ୍ୟବସାୟ ଚାଲୁ ରଖିବେ, ସେମାନେ ସ୍ୱତନ୍ତ୍ର ସ୍କ୍ୱାଡ୍‌ଦ୍ୱାରା ଧରାପଡିଲେ ସେମାନଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ସହ ୫ ବର୍ଷ ଜେଲଦଣ୍ଡ ହେବ। ଦ୍ୱିତୀୟ ଥର ଧରାପଡିଲେ ୭ ବର୍ଷ ଜେଲ ଭୋଗିବାକୁ ପଡିବ। ଏଥିସହିତ କୌଣସି ଛୋଟ ବ୍ୟବସାୟୀ କିମ୍ବା ବ୍ୟକ୍ତି ଯଦି ପଲିଥିନ ବ୍ୟବହାର କରୁଥିବେ ସେମାନଙ୍କୁ ୩ରୁ ୭ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ।

କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ଗଚ୍ଛିତ, ବ୍ୟବହାର ଓ ବଣ୍ଟନ କରିପାରିବେ ନାହିଁ। କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଏବଂ ପୁରୀ ସହରରେ ଏହି କଟକଣା ଲାଗୁ କରାଯାଇଛି।

୫୦ ମାଇକ୍ରନ୍‌ରୁ କମ୍ ମୋଟେଇ ପଲିଥିନ, ୫୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ୍, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରିପାରିବେ ନାହିଁ। ସେଥିପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟ୍‌ଡୋର କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ମାତ୍ର ରକ୍ତ ରଖିବା ଥଳି, ଚାରା ସୃଷ୍ଟି କରିବା ପାଇଁ, କୃଷି, ଉଦ୍ୟାନ କୃଷି, ଦୁଗ୍ଧ, ଔଷଧ ଆଦି ପ୍ୟାକିଂ କ୍ଷେତ୍ରରେ ୫୦ ମାଇକ୍ରନରୁ ଊର୍ଦ୍ଧ୍ୱ ପଲିଥିନ ବ୍ୟବହାରକୁ କଟକଣା ମୁକ୍ତ ରଖାଯାଇଛି।

ଜିଲାପାଳ ପଲିଥିନ କଟକଣାକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ସକାଶେ ଏଡିଏମ୍, ଏସ୍‌ପି, ବନଖଣ୍ଡ ଅଧିକାରୀ, ତହସିଲଦାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ପୌରସଂସ୍ଥାର ଅଧିକାରୀମାନଙ୍କୁ ସାମିଲ କରିବେ।

### ପଥରରେ ଛେଚି...

ତୃତୀୟ ଲେନ୍ ଏକ୍ସଟେନସନ୍‌ର ଏକ ଅର୍ଦ୍ଧ ନିର୍ମାଣାଧୀନ ଘର ଫାଉଣ୍ଡେଶନ ଉପରୁ ପ୍ରଦୀପଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିବା ବେଳେ ନିକଟରେ ଏକ ପଥର ପଡିଥିବା ଦେଖିବାକୁ ମିଳିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର କରିବା ପରେ ଏସ୍‌ଡିପିଓ ମହାନ୍ତିଙ୍କ ନେତୃତ୍ୱରେ ସଦରଥାନା ପୋଲିସ ସଦଳବଳେ ପହଞ୍ଚି ମୃତଦେହ ଜବତ କରିଥିଲେ। ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ବଡ ଡାକ୍ତରଖାନାକୁ ପଠାଯାଇଥିଲା। ହତ୍ୟାକାରୀ ପ୍ରଥମେ ପ୍ରଦୀପଙ୍କୁ ମାଡ ମାରିବା ପରେ ମୁଣ୍ଡ ପଥରରେ ଛେଚି ଦେଇ ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି ପୋଲିସ କହିଛି।

ପ୍ରକାଶଥାଉକି, ଅକ୍ଟୋବର ୫ ତାରିଖରେ ପ୍ରଦୀପ ଏବଂ ତାଙ୍କର ଅନ୍ୟଜଣେ ସହଯୋଗୀ ବନ୍ଧାଗୁଡା ଗ୍ରାମର ଦିଗାମ୍ବର ପଣ୍ଡା ଓରଫ୍ ଟୁନା ଦୁହେଁ ଲୋଚାପଡାର ଏକ ହୋଟେଲରେ ଖାଉଥିବା ବେଳେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସାକୁ କେନ୍ଦ୍ରକରି ଗୁଳିକାଣ୍ଡ ଘଟିଥିଲା। ନିଶାସକ୍ତ ଅବସ୍ଥାରେ ଟୁନା ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ, ଏଥିରୁ ପ୍ରଦୀପ ବର୍ତ୍ତିଯାଇଥିବା ବେଳେ ଓଲଟା ନିଜ ଗୁଳିରେ ଟୁନା ଗୁରୁତର ହୋଇଥିଲେ। ସଦରଥାନା ପୋଲିସ ଟୁନାଙ୍କ ନିକଟରୁ ଦେଶୀ ବନ୍ଧୁକ, ଗୁଳି ସମେତ ଘଟଣାସ୍ଥଳରୁ ଖୋକା ଜବତ କରିଥିଲା। ଏନେଇ ନଂ. ୨୧୭/୧୮ରେ ଏକ ମାମଲା ରୁଜୁ କରି ଟୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ବର୍ତ୍ତମାନ ସେ ବିଚାରାଧୀନ ବନ୍ଦୀ ଭାବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଛନ୍ତି। ଉକ୍ତ ଘଟଣାକୁ ନେଇ ପ୍ରଦୀପଙ୍କର କେତେକ ଗୋଷ୍ଠୀ ସହିତ ପୂର୍ବଶତ୍ରୁତା ଥାଇପାରେ ବୋଲି ପ୍ରାଥମିକ ଅନୁସନ୍ଧାନରୁ ପୋଲିସ ଅନୁମାନ କରୁଥିବା ବେଳେ ତଦନ୍ତର ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଅନୁସନ୍ଧାନ ଜାରି ରଖିଥିବା ଜଣାଯାଇଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜି ଦୁଇ ଦୁଇଟି ଗ୍ରହ, ଚାରୋଟି ରାଶିରେ ଅବସ୍ଥାନ କରି ଏକ ଦୁର୍ଲଭ ଯୋଗ ସୃଷ୍ଟି କରିଥିବାରୁ ଆପଣଙ୍କ ମନ ଯେମିତି ଉଚ୍ଚ କାମଗୁଡିକ ମଧ୍ୟ ସେହିପରି ସରସ, ସୁନ୍ଦର ରହିବ। ବନ୍ଧୁଙ୍କ ଅନୁରୋଧରେ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିବାର ସମ୍ଭାବନା ରହିଛି । କାର୍ଯକ୍ଷେତ୍ରରେ ଆତ୍ମୀୟମାନଙ୍କ ନିକଟରୁ ସାହାଯ୍ୟ, ସହଯୋଗ ପାଇ ଖୁସି ହେବେ।

**ବୃଷ**



ଚନ୍ଦ୍ର ଓ ରାହୁଙ୍କ ତୃତୀୟସ୍ଥ ସମ୍ପର୍କ ହେତୁ ନିଜର ଲୋକ ବୋଲି ଯାହାକୁ ନେଇ ବିଶ୍ୱସନୀୟ କାମ କରିବେ ସେହିବ୍ୟକ୍ତି ସମସ୍ୟାର କେନ୍ଦ୍ରବିନ୍ଦୁ ପାଲଟିଯାଇ ପାରନ୍ତି। ମନରେ ବିଭିନ୍ନ ପ୍ରକାରର ଆଶା ଓ ଆଶଙ୍କା ସୃଷ୍ଟି ହେବ ଯାହାକି କାମକୁ ବିଶୃଙ୍ଖଳିତ କରିଦେଇପାରେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ।

**ମିଥୁନ**



ସମସ୍ୟାକୁ ଟକ୍କରଦେଇ ଯେତେ ସତର୍କରେ ଚଳିଲେ ମଧ୍ୟ ଧନହାନି ଓ ମନସ୍ତାପରୁ ରକ୍ଷା ମିଳିବ ନାହିଁ। କର୍ମକ୍ଷେତ୍ରରେ ସାମାନ୍ୟ ଭୁଲରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଶୁକ୍ରଙ୍କ ଶୁଭପ୍ରଭାବରେ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଆଜିର ଯାତ୍ରା ଫଳପ୍ରଦ ହେବାର ଆଶା ରହିଛି।

**କର୍କଟ**



ପ୍ରତ୍ୟେକ କ୍ଷେତ୍ରରେ ନିଜର ପ୍ରାଧାନ୍ୟତା ବଳବତ୍ତର ରହିବା ସାଙ୍ଗକୁ କୌଣସି କାମ ଅଟକିବ ନାହିଁ । କିନ୍ତୁ କେତେକ କ୍ଷେତ୍ରରେ ପ୍ରଥମେ କାମଟି କରିସାରିବା ପରେ ପରକ୍ଷଣରେ ଅନୁତାପ କରିପାରନ୍ତି। ଶନିଙ୍କ ଦୃଷ୍ଟିରୁ ବ୍ୟୟ ହ୍ରାସ କରିବେ ଏବଂ ଆକସ୍ମିକ ଯାତ୍ରା ମଧ୍ୟ ସ୍ଥଗିତ ରହିଯାଇପାରେ। ପରକଥାକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି।

**ସିଂହ**



କୌଣସି ପଡୋଶିନୀ କିମ୍ବା ବାନ୍ଧବୀଙ୍କ ମାଧ୍ୟମରେ ଆଜିର କାମ ନ ଅଟକି ସୁବିଧାରେ ସମ୍ପନ୍ନ ହୋଇପାରିବ। ବୁଧ ଓ ବୃହସ୍ପତିଙ୍କ ସ୍ଥାନ ସ୍ଥିତିରୁ ବନ୍ଧୁମିଳନ ସାଙ୍ଗକୁ ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**କନ୍ୟା**



ଲାଭସ୍ଥାନରେ ଚନ୍ଦ୍ର ଓ ରାହୁଙ୍କ ସଂଯୋଗ ମାନସିକ ସ୍ଥିତିକୁ ଶୃଙ୍ଖଳିତ ରଖିବ ନାହିଁ। ପୁନଶ୍ଚ ଆଜି ଯେଉଁ କାମରେ ହାତ ଦେବେ ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ ସେଥିରୁ ଓହରିବେ ନାହିଁ। କିନ୍ତୁ ହସ୍ତା ନକ୍ଷତ୍ର କ୍ଷେତ୍ର ବିଶେଷରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା**



ଗୁରୁ ଏବଂ ଶୁକ୍ର ଆପଣଙ୍କ ଚିନ୍ତା, କଥା ଓ କାର୍ଯ୍ୟଧାରାକୁ ପ୍ରଭାବିତ କରି ସୁଖ, ସନ୍ତୋଷ ଏବଂ ସମ୍ମାନ ପ୍ରଦାନ କରିବେ। କିନ୍ତୁ ଚନ୍ଦ୍ର ଯୁକ୍ତ ରାହୁ କର୍ମସ୍ଥ ଯୋଗୁ ଅଫିସ କାମରେ ବ୍ୟସ୍ତ ରହି ଆବଶ୍ୟକ କୌଣସି ଗୁରୁତ୍ୱପୂର୍ଣ୍ଣ କଥାଟି ଭୁଲିଯାଇପାରନ୍ତି। ସତ୍ୟତା ନ ଥାଇ କୌଣସି ଶୁଣାକଥାକୁ ବିଶ୍ୱାସ କଲେ ମାନସିକ ଅଶାନ୍ତି ସାଙ୍ଗକୁ ଅସୁବିଧାର ସମ୍ମୁଖୀନ ହେବେ।

**ବିଛା**



ରାଶିରେ ଗୁରୁଙ୍କ ଜ୍ଞାନ ଓ ବୁଧଙ୍କ ବୌଦ୍ଧିକତା ଏକ ଉନ୍ନତ ଚିନ୍ତା ଓ ପରିକଳ୍ପନାକୁ ବାସ୍ତବ ରୂପ ପ୍ରଦାନ କରିବ। ଫଳତଃ ପରିସ୍ଥିତି ଅନୁଯାୟୀ ଜୀବନଯାତ୍ରାର ଶୈଳୀ ଧୀରେ ଧୀରେ ବଦଳିଯିବାର ଅନୁଭବ କରିବେ। ଅବଶ୍ୟ କେତେକ ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ବହୁତ ଭଲ ରହିବ। ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିପାରେ।

**ଧନୁ**



ରାଶିର ଉଭୟ ପାର୍ଶ୍ୱରେ ଗ୍ରହମାନେ ଆପଣଙ୍କ ସ୍ୱାଭାବିକ ଜୀବନଯାତ୍ରାକୁ ଅସ୍ୱାଭାବିକ କରିଦେଇପାରନ୍ତି। ଫଳତଃ ଘଟିଯାଉଥିବା ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବାକୁ ବାଧହେବେ। ହିତଶତ୍ରୁମାନଙ୍କର ପ୍ରାଦୁର୍ଭାବ ଓ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ବ୍ୟବସାୟ, ପରିବହନ ଏବଂ ରିୟଲ୍ ଇଷ୍ଟେଟ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ମକର**




ମନରେ ହର୍ଷ ଓ ବିଷାଦକୁ ସମଭାବରେ ଗ୍ରହଣ କରି ଯନ୍ତ୍ରବତ୍ କାମ କରିଚାଲିବେ। ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ଆନୁଷ୍ଠାନିକ କାମ ସାଙ୍ଗକୁ ପରିବହନ, ନିର୍ମାଣ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ହାସଲ କରିବେ। ସଭାସମିତି, ଆନୁଷ୍ଠାନିକ କାମ ତଥା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ପାଇପାରନ୍ତି।

**କୁମ୍ଭ**



ଗ୍ରହସ୍ଥିତି ପ୍ରଭାବରେ ଆଜିର ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଶ ମଧ୍ୟମ ପ୍ରକାରର ରହିବ। ସବୁକାମ କରି ଚାଲିବେ କିନ୍ତୁ କୌଣସିଟା ପୂର୍ଣ୍ଣାଙ୍ଗ ମଧ୍ୟ ହେବନାହିଁ। ଅବଶ୍ୟ ଅର୍ଥ ସଂଗ୍ରହ, ନୂତନ ଯୋଜନା, କଲ୍ୟାଣମୂଳକ କାର୍ଯ୍ୟ ଦିଗରେ ଜଣେ ଦୂରାଗତ ବନ୍ଧୁଙ୍କୁ ସାହାଯ୍ୟ ପାଇବେ। ପରିବାରରେ ସାଧାରଣ ଭୁଲ୍ ବୁଝାମଣାକୁ ଦୂରେଇ ନେଲେ ଉପକୃତ ହେବେ।

**ମୀନ**



ବନ୍ଧୁଙ୍କ ସହ ଆଲୋଚନା, ନୂତନ କର୍ମାରମ୍ଭ, ବ୍ୟବସାୟିକ ସିଦ୍ଧାନ୍ତ ଏବଂ ଅର୍ଥନୈତିକ କାରବାର ମନ୍ଦ ହେବନାହିଁ। ମନରେ ସାମୟିକ ଅସ୍ଥିରତା ସୃଷ୍ଟି ହେଲେ ମଧ୍ୟ ପ୍ରତିଶ୍ରୁତି ଅନୁଯାୟୀ କାମ କରିବାକୁ ପ୍ରସ୍ତୁତ ହେବେ। ଶତ୍ରୁତା କରୁଥିବା ଲୋକଙ୍କ ଦ୍ୱାରା ବାଦବିବାଦ କ୍ରମେ ଜଟିଳ ହେବ, କିନ୍ତୁ ଆପଣ ସଫଳତା ହାସଲ କରିବେ।

ଆଜି କାର୍ତ୍ତିକ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ନଭେମ୍ବର ୧ ତାରିଖ,ରାଶି ନକ୍ଷତ୍ର- ଅଶ୍ଳେଷା/କର୍କଟ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୦୪ମି. ଗତେ ଘ୧୧।୨୮ମି. ମଧ୍ୟେ ଅମୃତବେଳା । ସକାଳ ଘ୭।୨୧ମି. ମଧ୍ୟେ ଘ୧୧।୫୧ମି. ଗତେ ଘ୧।୧୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୨।୫୪ମି. ଗତେ ଘ୨।୧୯ମି. ମଧ୍ୟେ ରାହୁକାଳ।

# ହାଇକୋର୍ଟର ୨ ବିଚାରପତିଙ୍କ ବଦଳି ସୁପାରିସ

**କଟକ ଅଫିସ, ୩୧।୧୦**

ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଇନ୍ଦ୍ରଜିତ ମହାନ୍ତି ଓ ଜଷ୍ଟିସ ଏସ୍.ଏନ୍. ପ୍ରସାଦଙ୍କ ବଦଳି ସୁପାରିସ କରାଯାଇଛି। ଜଷ୍ଟିସ ମହାନ୍ତିଙ୍କୁ ବମ୍ବେ ହାଇକୋର୍ଟକୁ ଏବଂ ଜଷ୍ଟିସ ପ୍ରସାଦଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟକୁ ବଦଳି ସୁପାରିସ କରାଯାଇଥିବା ଜଣାପଡିଛି। ୨୦୦୬ ମାର୍ଚ୍ଚ ୩୧ରେ ହାଇକୋର୍ଟର ବିଚାରପତି ଭାବେ ଜଷ୍ଟିସ ମହାନ୍ତି ନିଯୁକ୍ତ ହୋଇଥିଲେ। ସେହିପରି ଜଷ୍ଟିସ ପ୍ରସାଦ ୨୦୧୫ ମାର୍ଚ୍ଚରେ ଝାଡ଼ଖଣ୍ଡ ହାଇକୋର୍ଟରୁ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇ ଆସିଥିଲେ। ଅନ୍ୟପକ୍ଷରେ ମାଡ୍ରାସ ହାଇକୋର୍ଟରେ କାର୍ଯ୍ୟରତ ବିଚାରପତି ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇଛି। ସେ ପୂର୍ବରୁ ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟରତ ଥିଲେ। ୨୦୧୭ ନଭେମ୍ବରରେ ତାଙ୍କୁ ଓଡ଼ିଶା ହାଇକୋର୍ଟରୁ ମାଡ୍ରାସ୍ ହାଇକୋର୍ଟକୁ ବଦଳି କରାଯାଇଥିଲା। ଉପରୋକ୍ତ ୩ଜଣ ବିଚାରପତିଙ୍କ ବଦଳି ନେଇ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଅଧ୍ୟକ୍ଷତା କରୁଥିବା କଲେଜିୟମ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନ ହାଇକୋର୍ଟରେ ମୋଟ ୧୪ଜଣ ବିଚାରପତି ଅଛନ୍ତି। ଏହି ବଦଳି ପ୍ରକ୍ରିୟା ଯୋଗୁ ବିଚାରପତି ସଂଖ୍ୟା ୧୩ରେ ପହଞ୍ଚିବ।

## ■ ଭାଜପାକୁ ମୁଖ୍ୟମନ୍ତ୍ରୀଙ୍କ କଟାକ୍ଷ

# ‘ବିପିଏଲ୍ କାର୍ଡ ଦେଖି ରୋଗ ଆସେନି’


**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**


ବିଜେଡି ଜନସମ୍ପର୍କ ପଦଯାତ୍ରା ଅବସରରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ରୋଗ କ'ଣ ବିପିଏଲ୍ କାର୍ଡ ଦେଖି ଆସେ। ଦୁର୍ଘଟଣା କ'ଣ ବିପିଏଲ୍ କାର୍ଡ ଦେଖି ଘଟେ। ଯାହାର ବିପିଏଲ୍ ନାହିଁ, ସେ କ'ଣ କରିବ। ସେମାନଙ୍କ ପାଇଁ ରାଜ୍ୟ ସରକାର ଅଛନ୍ତି ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବୁଧବାର ଉତ୍ତର-ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଣ୍ଡପସାହିରେ ଆୟୋଜିତ ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ମୁଖ୍ୟମନ୍ତ୍ରୀ ଯୋଗଦେବା ଅବସରରେ ଏପରି କହି ପରୋକ୍ଷରେ ଭାଜପାକୁ କଟାକ୍ଷ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଭାଜପାର ଅନ୍ୟ ନେତାମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ସମାଲୋଚନା କରିଆସୁଥିଲେ। ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଚତୁରତାର ସହ ସେମାନଙ୍କୁ ଜବାବ ଦେଇଥିବା ଶାସକ ଦଳ ମହଲରେ ଚର୍ଚ୍ଚା ହେଉଛି। ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଆୟୁଷ୍ମାନ୍ ଯୋଜନାଠାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉତ୍ତମ। ଉଭୟ ବିପିଏଲ୍ ଓ ଏପିଏଲ୍ ଏହାଦ୍ୱାରା ଉପକୃତ ହେବେ। ହେଲେ ଆୟୁଷ୍ମାନ ଭାରତ ଯୋଜନାରୁ କେବଳ ବିପିଏଲ୍‌ମାନେ ଉପକୃତ ହେବେ। ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ଏବଂ ରାଜ୍ୟ ବାହାରକୁ ଚିକିତ୍ସା ପାଇଁ ଯାଉଥିବା ହିତାଧିକାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ଲାଭ ଉଠାଇପାରିବେ। ବିଜେଡି ସାଢେ ଚାରି କୋଟି ଓଡ଼ିଆଙ୍କ ଭରସାର ପ୍ରତୀକ। ଦଳ ସବୁବେଳେ ଲୋକଙ୍କ ସାଙ୍ଗରେ ଅଛି ଏବଂ ସାଙ୍ଗରେ ରହିବ। କଥା ନୁହେଁ, ରାଜ୍ୟ ସରକାର କାମରେ ବିଶ୍ୱାସ ରଖିଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ୪ଟି ମୁଖ୍ୟ ପ୍ରସଙ୍ଗକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ପ୍ରଥମତଃ-ଖାଦ୍ୟ ସୁରକ୍ଷା, ଦ୍ୱିତୀୟରେ ଘର, ତୃତୀୟରେ ସ୍ୱାସ୍ଥ୍ୟ ସୁବିଧା ଓ ଚତୁର୍ଥରେ ସାମାଜିକ ନିରାପତ୍ତା। ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ନିୟମରେ ବହୁ ଯୋଗ୍ୟ ହିତାଧିକାରୀ ସୁବିଧାରୁ ବଞ୍ଚିତ ହେବେ, ଯାହା ତାଙ୍କୁ ବହୁତ ବାଧିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ବସ୍ତିବାସିନ୍ଦାଙ୍କ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ହାଉସିଂ ପ୍ରୋଜେକ୍ଟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଏହି ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ବିଜୟ ମହାନ୍ତି, ଦେବାଶିଷ ନାୟକ, ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର କେ. ଶାନ୍ତି, ସ୍ଥାନୀୟ ଦଳୀୟ ସଙ୍ଗଠକ ଚିନ୍ମୟ ସାହୁ ଏବଂ ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।







| MODEL NO | FEATURES | MRP | OFFER PRICE |
|---|---|---|---|
| LE43F9000AP - 109cm (43) | Android TV, Full HD, Smart Share | ₹46,990 | ₹32,990 |
| LE40K6500AG - 102cm (40) | Android TV, Full HD, Smart Share | ₹44,990 | ₹27,990 |
| LE32K6500AG - 80cm (32) | Android TV, HD Ready, Smart Share | ₹26,990 | ₹19,990 |

❝ ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା। ଏବଂ ଝଡଝଞ୍ଜାକୁ ବାଟ ଛାଡିଦେବା।
– ଶ୍ରୀମା





## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ଜେଲିଫିଶ୍ ବିପଦ

ବର୍ଷା-ବିଧୌତ ଗୋଆରେ ମୁଁ ଗୋଟିଏ ସପ୍ତାହ କଟେଇଥିଲି, କିନ୍ତୁ ସମୁଦ୍ରକୂଳକୁ ଯାଇ ନ ଥିଲି। ନ ଯିବାର କାରଣ ହେଉଛି- ଜେଲିଫିଶ୍। ଗୋଆ ସରକାର ବେଳାଭୂମି ଭ୍ରମଣକାରୀମାନଙ୍କ ପାଇଁ ଏକ ଚେତାବନୀ ଜାରି କରିଛନ୍ତି ଯେ, ଏହି ବେଳାଭୂମିର ଜଳରେ ତଥା ସ୍ଥଳରେ ଜୀବନ୍ତ ଓ ମୃତ ଜେଲିଫିଶ୍ ବହୁସଂଖ୍ୟାରେ ରହିଛନ୍ତି। ଏହି ଲମ୍ବା କର୍ଷିକା ଥିବା ଜିଲାଟିନ୍ ଭଳି ସାମୁଦ୍ରିକ ଜୀବ ଦେଖିବାକୁ ଯେତିକି ସୁନ୍ଦର, ସେତିକି ମାରାତ୍ମକ। ପ୍ରାୟ ୧୨୦୦ ପ୍ରକାର ଜେଲିଫିଶ୍ ଅଛନ୍ତି। ଏମାନଙ୍କ ଭିତରେ ଏତେ ଛୋଟ ଜେଲିଫିଶ୍ ଅଛନ୍ତି, ଯାହା ଆପଣ ପହଁରିଲା ବେଳେ ପାଟି ଓ ନାକ ଭିତରେ ପଶି ପେଟକୁ ଚାଲିଯାଇପାରନ୍ତି। ପୁଣି ବଡ଼ ବଡ଼ ଜେଲିଫିଶ୍‌ର ଓଜନ ୨୦୦ କିଲୋ ପର୍ଯ୍ୟନ୍ତ ହୋଇପାରେ। ବ୍ଲୁ ବଟଲ୍ ଓ ପର୍ତ୍ତୁଗୀଜ୍ ମ୍ୟାନ୍-ଅଫ୍-ୱାର୍ ଜେଲିଫିଶ୍ ନିକଟରେ ଭାରତୀୟ ଉପକୂଳକୁ ଆସିଛନ୍ତି। ଏମାନଙ୍କ କର୍ଷିକା (ଟେଣ୍ଟକ୍‌ଲ)ର ଦୈର୍ଘ୍ୟ ପ୍ରାୟ ୧୦ ଫୁଟ୍ ଯେଉଁଥିରେ ରଜ୍ଜୁ ପରି କୋଷ (nematocysts) ଅଛି। ଏଥିରେ ନାହୁଡ଼ ଭଳି ସଂରଚନା ଅଛି, ଯାହା ମଣିଷ ଦେହରେ ଫୋଡ଼ି ହୋଇଗଲେ, ଶିରା ଭିତରକୁ ବିଷ ଚାଲିଯିବ। ଏପରି କି ବେଳାଭୂମିର ବାଲି ଉପରେ ପଡ଼ିଥିବା ମଲା ଜେଲିଫିଶ୍ ବି ବିପଜ୍ଜନକ କାରଣ ଅନେକ ମାସ ଯାଏ ଆର୍ଦ୍ର ପରିବେଶରେ ମଲା ଜେଲିଫିଶ୍‌ର ଉକ୍ତ ବିଷାକ୍ତ କୋଷ ସକ୍ରିୟ ଥାଏ। ଯେଉଁମାନେ ଏହାର ଶିକାର ହୁଅନ୍ତି, ସେମାନଙ୍କଠାରେ ଚର୍ମ କୁଣ୍ଡେଇହେବା, ମାଂସପେଶୀ ସଂକୁଚିତ ହେବା, ମୁଣ୍ଡବିନ୍ଧା, ଓକାର, ତରଳଝାଡ଼ା, ଜ୍ୱର ଆଦି ଲକ୍ଷଣ ପ୍ରକାଶ ପାଇଥାଏ। ଚରମ ପରିସ୍ଥିତିରେ ଭୀଷଣ ଯନ୍ତ୍ରଣା, ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ, ହୃଦ୍‌ଘାତ, ଏପରି କି ମୃତ୍ୟୁ ମଧ୍ୟ ଘଟିଥାଏ। ଶାର୍କ ଆକ୍ରମଣ ଅପେକ୍ଷା ଜେଲିଫିଶ୍ କାମୁଡ଼ାରେ ମୃତ୍ୟୁ ହେବାର ସମ୍ଭାବନା ଅଧିକ। ଯେହେତୁ ଜେଲିଫିଶ୍‌ଙ୍କ ବଂଶବୃଦ୍ଧି ନିୟନ୍ତ୍ରଣ ବାହାରେ, ତେଣୁ ସମୁଦ୍ର ବେଳାଭୂମି ମଣିଷଙ୍କ ପାଇଁ ବିପଜ୍ଜନକ। ପ୍ରତିବର୍ଷ ହଜାର ହଜାର ଲୋକ ଜେଲିଫିଶ୍ କାମୁଡ଼ା ଖାଉଛନ୍ତି। ବିଶେଷତଃ ବର୍ଷା ଋତୁରେ ମୁମ୍ବାଇ, ଗୋଆ, କେରଳ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶର ବେଳାଭୂମି ଜେଲିଫିଶ୍ ପାଇଁ ବିପଦସଂକୁଳ ରହୁଥିଲା। କିନ୍ତୁ ବର୍ତ୍ତମାନ ବର୍ଷ ସାରା ବିଭିନ୍ନ ସମୁଦ୍ର ଉପକୂଳରେ ଜେଲିଫିଶ୍‌ମାନେ ଆତଯାତ ହେଉଛନ୍ତି। ବର୍ତ୍ତମାନ ପ୍ରଥମ ଥର ପାଇଁ ବିଶାଖାପାଟଣା ଉପକୂଳରେ ଜେଲିଫିଶ୍ ଦେଖାଯିବା ଖବର ମିଳିଛି।

ଅଷ୍ଟ୍ରେଲିଆ ଓ ଦକ୍ଷିଣପୂର୍ବ ଏସିଆରେ ମାରାତ୍ମକ ବକ୍ସ ଜେଲିଫିଶ୍ ଦେଖିବାକୁ ମିଳନ୍ତି, ଯାହାଙ୍କ ବିଷ ହୃଦ୍‌ଘାତ ମୃତ୍ୟୁର କାରଣ ହୋଇଥାଏ। ଫିଲିପାଇନ୍ସରେ ପ୍ରତିବର୍ଷ ବକ୍ସ ଜେଲିଫିଶ୍ କାମୁଡ଼ାରେ ୨୦-୪୦ ଲୋକ ମରନ୍ତି। ଇରୁକାଣ୍ଡଜି ହେଉଛି ଚିନିଦାନା ଆକୃତିର କ୍ଷୁଦ୍ର ଜେଲିଫିଶ୍ ଏବଂ ଏହା କାମୁଡ଼ିଦେଲେ କୋଉଠି କାମୁଡ଼ିଲା ବୋଲି ଆପଣ ଜାଣିପାରିବେ ନାହିଁ। କିନ୍ତୁ ଏହା କାମୁଡ଼ିବାର ୧୦ ମିନିଟ୍ ପରେ ତଳପିଠିରେ ଭୀଷଣ ଯନ୍ତ୍ରଣା ଆରମ୍ଭ ହେବ। ତା'ପରେ ବାନ୍ତି, ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ, ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିବା ଏବଂ ହୃତ୍‌ପିଣ୍ଡ ଅଚଳ ହେବା ଦେଖାଯିବ। ଏ କ୍ଷୁଦ୍ରକାୟ ଜେଲିଫିଶ୍ ଏପର୍ଯ୍ୟନ୍ତ କେତେ ଲୋକଙ୍କୁ ମାରିଛି, ତା'ର ହିସାବ ନାହିଁ। ଏହା କାମୁଡ଼ିବା ପରେ ଲୋକ ମସ୍ତିଷ୍କଘାତରେ, ହୃଦ୍‌ଘାତରେ ବା ପାଣିରେ ବୁଡ଼ି ମରନ୍ତି। ପ୍ରତିବର୍ଷ ଗ୍ରୀଷ୍ମଋତୁରେ ଭୂମଧ୍ୟସାଗର ଅଞ୍ଚଳରେ ପ୍ରାୟ ଦେଢ଼ ଲକ୍ଷ ଲୋକ ଜେଲିଫିଶ୍ କାମୁଡ଼ା ଖାଇ ଚିକିତ୍ସିତ ହୁଅନ୍ତି।

ଜେଲିଫିଶ୍ କେବଳ କାମୁଡ଼ନ୍ତି ନାହିଁ, ସେମାନଙ୍କର ବ୍ୟାପକ ଅର୍ଥନୈତିକ ଓ ପାରିବେଶିକ କୁପ୍ରଭାବ ମଧ୍ୟ ରହିଛି। ସେମାନେ ବିଶ୍ୱ ସାରା ଖାଦ୍ୟଶୃଙ୍ଖଳକୁ ନଷ୍ଟକରିବା ସହିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରକୁ ଅଚଳ କରିବା, ଫିଶରୀଗୁଡ଼ିକୁ ଅଚଳ କରିବା ଏବଂ ପର୍ଯ୍ୟଟନ ଶିଳ୍ପକୁ ଉଜାଡ଼ିଦେବାର କାରଣ ହୋଇଥାନ୍ତି। ଜେଲିଫିଶ୍ ଉଦ୍ଭିଦ ପ୍ଲାଙ୍କଟନ୍ ଓ ଇଚ୍‌ଥାୟୋପ୍ଲାଙ୍କଟନ ଖାଇବା ସହ ମାଛ ଲାର୍ଭା ଓ ମାଛ ଯାଆଁଳ ଖାଇ ମାଛ ସଂଖ୍ୟା ହ୍ରାସ କରନ୍ତି। ସେମାନେ ଦିନକୁ ନିଜ ଶରୀର ଓଜନର ୧୦ ଗୁଣ ଖାଇପାରନ୍ତି।

୧୯୮୦ ଦଶକରେ ଆମେରିକାରୁ ବିଦେଶୀ ଜାହାଜରେ କୃଷ୍ଣସାଗର (ବ୍ଲାକ୍ ସି)କୁ ଆସିଲା କମ୍ବ୍ ଜେଲିଫିଶ୍। ଏମାନେ କୃଷ୍ଣସାଗରର ମ୍ୟାକ୍‌ରେଲ ଓ ଆଙ୍କୋଭି ମାଛଙ୍କୁ ଖାଇ ପଦା କରିଦେଲେ। ଫଳରେ କୃଷ୍ଣସାଗରର ୩୫୦ ନିୟୁତ ଡଲାରର ମାଛଧରା ଶିଳ୍ପ ଉଜୁଡ଼ିଗଲା। ଏହି ଜେଲିଫିଶ୍ ଆଙ୍କୋଭି ମାଛଙ୍କ ଅଣ୍ଡା ଓ ଲାର୍ଭା ଖାଇବା ସହ ସେହି ମାଛଙ୍କ ଖାଦ୍ୟ ଜୁପ୍ଲାଙ୍କଟନ୍ ଖାଇଯିବାରୁ ଉକ୍ତ ମାଛଙ୍କ ବଂଶ ବୁଡ଼ିଗଲା। ୧୯୯୩ ମସିହା ସୁଦ୍ଧା କୃଷ୍ଣସାଗରର ୯୫ ପ୍ରତିଶତ ବାୟୋମାସ୍ (ଜୈବବସ୍ତୁ) ଏହି ଜେଲିଫିଶ୍‌ରେ ପରିପୂର୍ଣ୍ଣ ହୋଇଗଲା।

ବର୍ତ୍ତମାନ ପୃଥିବୀ ସାରା ସବୁ ସମୁଦ୍ରରେ ଜେଲିଫିଶ୍ ଦେଖିବାକୁ ମିଳୁଛନ୍ତି। ଭାରତରେ କୈବର୍ତ୍ତଙ୍କ ଜାଲରେ ବ୍ୟାପକ ଜେଲିଫିଶ୍ ପଡୁଛନ୍ତି। ଆଣବିକ ଓ ତାପଜ ବିଦ୍ୟୁତ୍ କେନ୍ଦ୍ର ଶୀତଳୀକରଣ ପାଇଁ ସମୁଦ୍ର ପାଣି ବ୍ୟବହାର କରେ ଏବଂ ଗରମ ପାଣିକୁ ସମୁଦ୍ର ଭିତରକୁ ଛାଡ଼ିଦିଏ। ଫଳରେ ଶତାଧିକ ମାଇଲ ପର୍ଯ୍ୟନ୍ତ ସମୁଦ୍ର ପାଣିର ଉତ୍ତାପ ୧ରୁ ଦେଢ଼ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଏ। ଏପରି ଉତ୍ତପ୍ତ ପାଣିରେ ଜେଲିଫିଶ୍ ସହଜରେ ବଂଶବୃଦ୍ଧି କରିପାରନ୍ତି। ତାମିଲନାଡୁର କଳ୍ପକମ୍‌ଠାରେ ଥିବା ଆଣବିକ ବିଦ୍ୟୁତ୍ କେନ୍ଦ୍ରରେ ଶୀତଳୀକରଣ ପାଇପ୍ ଭିତରେ ଜେଲିଫିଶ୍ ପଶିଯିବାରୁ ପାଇପ୍ ଜାମ୍ ହୋଇଯାଉଛି। ଏଥିପାଇଁ ବେଳେ ବେଳେ କାରଖାନାରେ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରଖିବାକୁ ପଡୁଛି। ଆମେରିକା, ଚାଇନା, ଜାପାନ ପ୍ରଭୃତି ଦେଶର ଆଣବିକ ବିଦ୍ୟୁତ୍ କେନ୍ଦ୍ରରେ ବି ଅନୁରୂପ ସମସ୍ୟା ଦେଖାଯାଉଛି। ସେଥିପାଇଁ ଅନେକ ବଡ଼ ସହରରେ ବିଦ୍ୟୁତ୍ କାଟ ହେବା ସହ ବିପୁଳ ପରିମାଣର ଆର୍ଥିକ କ୍ଷତି ଘଟୁଛି। ଜେଲିଫିଶ୍ ଯୋଗୁ ଜାପାନର ପାରମାଣବିକ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ବାରମ୍ବାର ବନ୍ଦ କରିବାକୁ ପଡୁଛି।

ଜେଲିଫିଶ୍‌ମାନେ ହଜାର ହଜାର ବର୍ଷ ତଳୁ ରହିଛନ୍ତି। ଏବେ ସେମାନଙ୍କ ମାତ୍ରାଧିକ ବଂଶବୃଦ୍ଧିର କାରଣ କ'ଣ? ଏହା ସମ୍ପୂର୍ଣ୍ଣରୂପେ ଆମର ଦୋଷ। ବିଭିନ୍ନ ଫାର୍ମ ଓ ଜନବସତିରୁ ଆବର୍ଜନାକୁ ନଦୀନାଳରେ ପକାଇଦିଆଯାଉଛି, ଯାହା ପରିଶେଷରେ ଯାଇ ସମୁଦ୍ରରେ ପଡୁଛି। ଏଥିରେ ଥିବା ନାଇଟ୍ରେଟ୍, ଫସ୍‌ଫେଟ୍ ଇତ୍ୟାଦି ସମୁଦ୍ରରେ ଶୈବାଳ ଓ ଫାଇଟୋପ୍ଲାଙ୍କଟନ୍ ବୃଦ୍ଧିରେ ସହାୟକ ହେଉଛି। ସମୁଦ୍ରଜଳର ଉପରିଭାଗରେ ଶୈବାଳ ଭର୍ତ୍ତି ହୋଇଗଲେ ତଳେ ଥିବା ଉଦ୍ଭିଦ ଓ ପ୍ରାଣୀମାନେ ସୂର୍ଯ୍ୟକିରଣ ପାଇବାରୁ ବଞ୍ଚିତ ହୁଅନ୍ତି ଓ ମରିଯାନ୍ତି। ଶୈବାଳଗୁଡ଼ିକ ସମୁଦ୍ର ଜଳରୁ ସବୁ ଅମ୍ଳଜାନ ଟାଣିନେଉଥିବାରୁ ମାଛ, ଶାମୁକା ପ୍ରଭୃତି ଅମ୍ଳଜାନ ନ ପାଇ ମରିଯାନ୍ତି। ସମୁଦ୍ରଜଳ ଅମ୍ଳୀକୃତ ହୋଇଯାଏ। ଏହିଭଳି ପରିବେଶ ଜେଲିଫିଶ୍‌ଙ୍କ ବଂଶବୃଦ୍ଧି ପାଇଁ ଅନୁକୂଳ। ବଡ଼ମାଛ ମରିଯିବାରୁ ପ୍ଲାଙ୍କଟନମାନେ ବଞ୍ଚିରହନ୍ତି, ଯାହା ଜେଲିଫିଶ୍‌ଙ୍କ ଖାଦ୍ୟ। ସମୁଦ୍ରରେ ଶୈବାଳ ବୃଦ୍ଧି ସହ ତାଳଦେଇ ଜେଲିଫିଶ୍‌ଙ୍କ ବଂଶବୃଦ୍ଧିହେବାର ଦେଖାଯାଉଛି। ଜେଲିଫିଶ୍ ବଞ୍ଚିବା ପାଇଁ ବହୁତ କମ୍ ଅମ୍ଳଜାନ ଆବଶ୍ୟକ କରେ। ତେଣୁ ଅମ୍ଳଜାନ ଅଭାବରେ ଅନ୍ୟ ପ୍ରାଣୀ ମରିଗଲା ବେଳେ ଜେଲିଫିଶ୍‌ଙ୍କ ବଂଶବୃଦ୍ଧି ଘଟେ।

ମଣିଷମାନେ ବ୍ୟାପକ ପରିମାଣରେ ବଡ଼ ମାଛମାନଙ୍କୁ ଧରୁଥିବାରୁ ଜେଲିଫିଶ୍‌ଙ୍କ ବଂଶ ବୃଦ୍ଧି ପାଉଛି, କାରଣ ସମୁଦ୍ର କଇଁଛ, ସାଲମନ, ମ୍ୟାକ୍‌ରେଲ, ବ୍ଲୁଫିନ୍ ଟୁନା, ପାଇଲଟ୍ ତିମି ଓ ଆବ୍ରାଟସ୍ ପ୍ରଭୃତିଙ୍କ ମୁଖ୍ୟ ଖାଦ୍ୟ ହେଉଛି ଜେଲିଫିଶ୍। ମଣିଷମାନେ ଏହି ବଡ଼ ମାଛ ଓ ପ୍ରାଣୀମାନଙ୍କୁ ବହୁସଂଖ୍ୟାରେ ଧରିନେଉଥିବାରୁ ଜେଲିଫିଶ୍‌ଙ୍କ ସଂଖ୍ୟା ନିୟନ୍ତ୍ରଣରେ ରଖିବା ପାଇଁ ଆଉ କୌଣସି ସାଧନ ରହୁନାହିଁ। ପ୍ରାୟ ୧୨୦ ପ୍ରଜାତିର ମାଛ ଏବଂ ମଶ୍‌ରୁମ୍ ପ୍ରବାଳ ସମେତ ୩୦ ପ୍ରକାର ସାମୁଦ୍ରିକ ପ୍ରାଣୀ ଜେଲିଫିଶ୍‌ଙ୍କୁ ଆହାର କରିଥାନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଉଛି ଏହି ମାଛମାନଙ୍କୁ ବାଣିଜ୍ୟିକ ଭିତ୍ତିରେ ଧରାଯାଉଛି। ସମୁଦ୍ରରେ ବ୍ୟାପକଭାବେ ପ୍ଲାଷ୍ଟିକ୍ ପ୍ରଦୂଷଣ ଯୋଗୁ ସମୁଦ୍ର କଇଁଛମାନେ ଅଣନିଃଶ୍ୱସୀ ହୋଇଯାଉଛନ୍ତି। ଫଳରେ ଜେଲିଫିଶ୍‌ମାନେ ମୁକ୍ତ ଭାବେ ବଂଶବୃଦ୍ଧି କରିବାର ସୁଯୋଗ ପାଇଥାନ୍ତି। ଅତ୍ୟଧିକ ମାଛଧରା ଯୋଗୁ ମଧ୍ୟ ସମୁଦ୍ରରେ ପ୍ଲାଙ୍କଟନ୍‌ଙ୍କ ସଂଖ୍ୟା ବଢୁଛି, ଯାହା ଜେଲିଫିଶ୍‌ଙ୍କ ଖାଦ୍ୟ। ଏଣୁ ସାମୁଦ୍ରିକ ପ୍ରଦୂଷଣ ବନ୍ଦ ନ କଲେ, ସମୁଦ୍ରରୁ ବ୍ୟାପକ ମାଛଧରା ଉପରେ କଟକଣା ନ କଲେ ଭବିଷ୍ୟତରେ ଜେଲିଫିଶ୍‌ଜନିତ ଭୟଙ୍କର ସମସ୍ୟାର ସାମନା କରିବାକୁ ପଡ଼ିବ, ଏଥିରେ ସନ୍ଦେହ ନାହିଁ।

Email: gandhim@nic.in

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ଅସମ୍ଭବକୁ ସମ୍ଭବ କରିଥାଏ, ଯାହାର ଉଦାହରଣ ସାଜିଛନ୍ତି କେରଳର ଅଲ୍‌ପୁଝା ଜିଲାର ୯୬ ବର୍ଷୀୟା କାର୍ତ୍ତାୟନୀ ଆମ୍ମା। କେରଳ ସରକାରଙ୍କ ଦ୍ୱାରା କରାଯାଉଥିବା ଅକ୍ଷର ଲକ୍ଷ୍ୟମ୍ ସାକ୍ଷରତା ମିଶନ ଅଭିଯାନରେ ସାମିଲ ହୋଇ କାର୍ତ୍ତାୟନୀ ୯୮% ନମ୍ବର ରଖି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଜ୍ୟରେ ଶତପ୍ରତିଶତ ସାକ୍ଷରତା ଲକ୍ଷ୍ୟ ନେଇ କେରଳ ସରକାର ଅକ୍ଷର ଲକ୍ଷ୍ୟମ୍ ସାକ୍ଷରତା ମିଶନ ଆରମ୍ଭ କରିଛନ୍ତି। ଏହି ମିଶନ ଦ୍ୱାରା ହେଉଥିବା ପରୀକ୍ଷାରେ ବହୁ ଲୋକ ସାମିଲ ହେଉଛନ୍ତି। ପୂର୍ବରୁ କାର୍ତ୍ତାୟନୀ ମଧ୍ୟ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିଲେ। ଗତ ଅଗଷ୍ଟରେ ହୋଇଥିବା ପରୀକ୍ଷାରେ ପ୍ରାୟ ୪୩ ହଜାର ପରୀକ୍ଷାର୍ଥୀ ଯୋଗ ଦେଇଥିଲେ। ସେଥିମଧ୍ୟରେ କାର୍ତ୍ତାୟନୀ ସବୁଠାରୁ ବୟସ୍କା ଥିଲେ। ବୁଧବାର ଉକ୍ତ ପରୀକ୍ଷାର ଫଳ ବାହାରିଥିଲା। ସେଥିରେ କାର୍ତ୍ତାୟନୀ ୯୮% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଜାଣିବା ପରେ ତାଙ୍କ ମନୋବଳ ଆହୁରି ବଢ଼ିଯାଇଛି। ତାଙ୍କୁ ୧୦୦ ବର୍ଷ ହେବା ପୂର୍ବରୁ ସେ ୧୦ମ ଶ୍ରେଣୀ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କୁହନ୍ତି। କାର୍ତ୍ତାୟନୀଙ୍କ ଏଭଳି ଦୃଢ଼ ଇଚ୍ଛାଶକ୍ତି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିବା ସହ ଅକ୍ଷର ଲକ୍ଷ୍ୟମ୍ ସାକ୍ଷରତା ମିଶନର ଲକ୍ଷ୍ୟ ସାଧନରେ ବେଶ୍ ସହାୟକ ହୋଇପାରିଛି ବୋଲି ମିଶନର ଜନୈକ ଅଧିକାରୀ ପ୍ରକାଶ କରିଛନ୍ତି।

## ଚିରନ୍ତନୀ

କପୋତ ଡାକେ ଡାହୁକ ଡାକେ
ଡାକଇ ସାରୀ ଶୁକ,
ତଥାପି ଧରା ଲାଗଇ କିବା
ରହିଛି ପଡ଼ି ମୂକ।
ତଥାପି ଧରା ଜଡ଼ତା ରାଶି
ଗଳାରେ ମୋର ଲଗାଏ ଫାଶୀ
ଚଳଇଁ ଶତ ଯାତନା ବହି
ଫିଟଇ ନାହିଁ ମୁଖ,
ଡାହୁକ ଡାକେ ଡାକଇ ସାରୀ ଶୁକ!

(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | B | 7 | D | 1 | | | 2 | | 8 | |
| | | | | | 8 | 9 | A | | 3 | 1 | 7 | | | |
| | | 8 | | E | | | | | | B | C | 9 | | A |
| | | | | D | | 6 | 5 | | | | | | B | 3 |
| | | 9 | 7 | | 6 | 8 | | | | | | | | E |
| | | 1 | | | | | | | | 9 | D | | | |
| | | D | E | 9 | | | | | | | 6 | A | 3 | C |
| | E | | | 0 | | | 4 | | | | 3 | 5 | | |
| A | 4 | | | 7 | | 0 | | 3 | | | | | | 9 |
| | 2 | 5 | | A | | | | 6 | | 0 | | | | B |
| | | A | C | | | | 0 | | | 5 | B | | | |
| 5 | | | 3 | 6 | 4 | 1 | | 7 | | | 0 | | | |
| 8 | | | | | | | | 4 | | | E | | D | |
| | | | | 5 | D | | | C | 4 | | | 1 | | 0 |
| C | | | | | A | E | | | | D | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 6 | 7 | E | 3 | 5 | D | 2 | 4 | C | B | 0 | A | 9 | 1 |
| B | 5 | 9 | D | 2 | 6 | 1 | 0 | 7 | 8 | E | A | 3 | C | 4 |
| A | E | 4 | B | 8 | 7 | 9 | 3 | C | 1 | 5 | 6 | 2 | 0 | D |
| C | 0 | 3 | A | 1 | 4 | E | 6 | 5 | 9 | 2 | D | 7 | 8 | B |
| D | 2 | 1 | C | 9 | 0 | A | 8 | B | 7 | 4 | 3 | 6 | 5 | E |
| 7 | 9 | 5 | 4 | E | D | 2 | B | 3 | 0 | 1 | C | 8 | 6 | A |
| 2 | 3 | 0 | 9 | C | B | 4 | A | 8 | D | 6 | E | 1 | 7 | 5 |
| E | A | B | 6 | 0 | 8 | 7 | C | 1 | 3 | 9 | 5 | D | 4 | 2 |
| 4 | D | C | 5 | A | 1 | 0 | E | 6 | 2 | 8 | 7 | 9 | B | 3 |
| 6 | 1 | 8 | 3 | 7 | 2 | 5 | D | 9 | B | A | 4 | 0 | E | C |
| 5 | 8 | 6 | 1 | 4 | C | 3 | 9 | E | A | 0 | 2 | B | D | 7 |
| 3 | C | E | 7 | 5 | 9 | 8 | 1 | A | 6 | D | B | 4 | 2 | 0 |
| 0 | 4 | A | 2 | B | 3 | 6 | 7 | D | 5 | C | 9 | E | 1 | 8 |
| 1 | 7 | D | 0 | 6 | E | B | 5 | 2 | 4 | 3 | 8 | C | A | 9 |
| 9 | B | 2 | 8 | D | A | C | 4 | 0 | E | 7 | 1 | 5 | 3 | 6 |

ଗତକାଲିର ଉତ୍ତର

# ସ୍ୱପ୍ନଶୋଷଣ



ଡ. ସୁବାସ ଚନ୍ଦ୍ର ପାତ୍ର

ବିପକ୍ଷରେ ଥିବା ରାଜନୈତିକ ଦଳ, ସମାଜସେବୀ, ବୁଦ୍ଧିଜୀବୀମାନେ ମଣିଷକୁ ବେଳେବେଳେ ସ୍ୱପ୍ନ ଦେଖାନ୍ତି ଦେଶରେ ପରିବର୍ତ୍ତନର ଧରାବତରଣ କରେଇବା ପାଇଁ। ଜାଣତରେ ହେଉ ବା ଅଜାଣତରେ ସେମାନେ ଭୁଲିଯାନ୍ତି ସେମାନଙ୍କର ସ୍ୱପ୍ନକୁ ବାସ୍ତବାୟିତ କରିବା ପାଇଁ। ସେମାନଙ୍କ ନଜରରେ ପରିବର୍ତ୍ତିତ ଲୋକଚରିତ୍ର ବିଶିଷ୍ଟ କିଛି ମାନବସମ୍ବଳ ଅଛି କି, ନା ରାଜନୈତିକ କ୍ଷେତ୍ରରେ ଏହି ନାରା କ୍ଷମତା ଦଖଲ ପାଇଁ ବା ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ, ନା ନିଃସ୍ୱାର୍ଥପର ଅଣରାଜନୈତିକ କ୍ଷେତ୍ରରେ ଆତ୍ମ-ପରାଜୟରେ ଜର୍ଜରିତ ହୋଇ ଅନ୍ୟ କିଛି ସମାଜ-ମନସ୍କ ମଣିଷକୁ ଜର୍ଜରିତ କରିବା ପାଇଁ?

ପରିବର୍ତ୍ତନର ସ୍ଲୋଗାନ ଦେଇ ଏକ ନୂତନ ରାଜନୈତିକ ତଥା ପ୍ରଶାସନିକ ଢାଞ୍ଚା ଗଢ଼ିତୋଳିବାର ସ୍ୱପ୍ନ ଦେଖାଇ ଦେଶର ସମ୍ବେଦନଶୀଳ ନାଗରିକଙ୍କୁ ସବୁଠୁ ବଡ଼ ଧକ୍କା ଦେଇଛନ୍ତି ଅରବିନ୍ଦ କେଜରିୱାଲ। କ୍ଷମତା ଦଖଲ ପରେ ସେହି ପୁରୁଣା ରାଜନୈତିକ ସଂସ୍କୃତି ମୁଣ୍ଡ ଟେକିଲା। ସେହି ଈର୍ଷା, ଗୋଡ଼ ଟଣାଟଣି, କ୍ଷମତା କେନ୍ଦ୍ରୀକରଣ, ପାରସ୍ପରିକ ସନ୍ଦେହ ଏତେ ଉଗ୍ରରୂପ ନେଲା ଯେ, ଉକ୍ତ ଦଳର ପ୍ରତିଷ୍ଠାତା ସଦସ୍ୟ ପ୍ରଶାନ୍ତ ଭୂଷଣ, କୁମାର ବିଶ୍ୱାସ, ନୀତି ନିର୍ଦ୍ଧାରକ ଯୋଗେନ୍ଦ୍ର ଯାଦବ, ପୃଷ୍ଠପୋଷକ ଶାନ୍ତି ଭୂଷଣ ପ୍ରମୁଖ ଅଣନିଃଶ୍ୱାସୀ ହୋଇ ଦୂରେଇଗଲେ। ଅବଶ୍ୟ ଜନ ଲୋକପାଳ ଆନ୍ଦୋଳନର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ କିରଣ ବେଦୀ ନିଜର 'ବୁଦ୍ଧିମତ୍ତା' ବଳରେ ନିଜର ରାଜନୈତିକ ଥଇଥାନ କରିଦେଇଛନ୍ତି। ପରବର୍ତ୍ତୀ ସମୟରେ କେଜରିୱାଲ ସରକାରଙ୍କ ମନ୍ତ୍ରୀମାନଙ୍କ ବିରୋଧରେ ଲାଞ୍ଚ, ଯୌନ ଶୋଷଣ, ଦୁର୍ନୀତି ଅଭିଯୋଗ ଆସିଲା ଏବଂ ତାଙ୍କୁ ସୃଷ୍ଟି କରିଥିବା ଆନ୍ନା ହାଜାରେଙ୍କୁ ସେ ଭୁଲିଗଲେ। ପଦାଙ୍କ ଅନୁସରଣ ତ ଦୂରର କଥା ବର୍ଷରେ ଥରେ ଅଧେ ତାଙ୍କୁ ସାକ୍ଷାତ୍ କରି ଆଶୀର୍ବାଦ ନେବା ଉଚିତ ମଣିଲେ ନାହିଁ କେଜରିୱାଲ। ଦେଶ ସ୍ୱାଧୀନ ବେଳେ ମହାତ୍ମା ଗାନ୍ଧୀ ନୀରବରେ ନୂଆଖାଲିରେ ଅଶ୍ରୁପାତ କଲା ଭଳି ବିଚରା ଆନ୍ନା ରାଲେଗାଓଁ ସିଦ୍ଧିରେ ଆଜିଯାଏ ସେହି ଅଶ୍ରୁପାତ ହିଁ କରି ଚାଲିଛନ୍ତି। ଯେଉଁ ବିପକ୍ଷ ଦଳ ଅବା ନେତାମାନେ ଜନ ଲୋକପାଳ ବିଲ୍ ଆଣି ଭାରତକୁ ଏକ ଦୁର୍ନୀତିମୁକ୍ତ ଶାସନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ସେମାନେ କ୍ଷମତାକୁ ଆସି ପୁରୁଣା ଲୋକଚରିତ୍ରକୁ ଆଲିଙ୍ଗନପୂର୍ବକ ଆନ୍ନାଙ୍କ ସ୍ୱପ୍ନକୁ ଆହୁରି ଚୂରମାର କଲେ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ, କଂଗ୍ରେସର ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରି କ୍ଷମତାକୁ ଆସିଥିବା ଭାଜପା ସରକାର ଏ ବାବଦରେ କିଛି କଲେ ନାହିଁ। ବିରୋଧୀଦଳ ନେତା ପଦବୀ ପାଇଁ କେହି ଯୋଗ୍ୟ ବିବେଚିତ ନ ହେବା କାଳେ ଲୋକପାଳ ଏବଂ ସହଯୋଗୀ ସଦସ୍ୟ ମନୋନୟନ ନ ହେବାର କାରଣ କହି ପାଖାପାଖି ୫ବର୍ଷ ଗଡ଼େଇ ଦିଆଗଲାଣି। ବିରୋଧୀ ଦଳ ନେତା ପାଇଁ କେହି ଯୋଗ୍ୟ ନ ହେଲେ, କିପରି ତା'ର ବିକଳ୍ପ ବ୍ୟବସ୍ଥା କରାଯିବ ସେ ବାବଦରେ ବିଲ୍ ବା ଅଧ୍ୟାଦେଶ ଆଣି କ'ଣ କେନ୍ଦ୍ର ସରକାର ଲୋକପାଳ ନିଯୁକ୍ତି କରିପାରନ୍ତେ ନାହିଁ? କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ଓଡ଼ିଶା ସମେତ ବହୁ ରାଜ୍ୟକୁ ସୁହାଇଲା ଏବଂ ସମସ୍ତେ ସମଧର୍ମା ବୋଲି ବାର୍ତ୍ତା ଗଲା। ଏହା ହେଲା ଦୁର୍ନୀତି ବିଲୋପ ସ୍ୱପ୍ନର ପରିଣତି।

ବର୍ଷ ବର୍ଷ ଭାରତବାସୀଙ୍କୁ 'ସ୍ୱପ୍ନଶୋଷଣ' କରୁଥିବା ରାଜନେତାମାନଙ୍କଠୁ ପୃଥକ୍ ବୋଲି ଦାବିକରି, ନୂତନ ସ୍ୱପ୍ନଦେଖାଇ ସ୍ୱପ୍ନଭଙ୍ଗର ବାର୍ତ୍ତାବହ ସାଜିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଥମ କରି ପାର୍ଲାମେଣ୍ଟକୁ ପ୍ରବେଶ କଲାବେଳେ ଗଣତନ୍ତ୍ରର ଏହି ମନ୍ଦିରକୁ ସାଷ୍ଟାଙ୍ଗ ପ୍ରଣାମ କରି ଗଣତନ୍ତ୍ରକୁ ସୁଦୃଢ଼ ତଥା ସମ୍ମାନିତ କରିବାର ସଂକେତ ଦେଇଥିଲେ ସେ। ପରବର୍ତ୍ତୀ ସମୟରେ 'ପ୍ରଦେଶକୁ ନେଇ ଦେଶ'ର ସ୍ଲୋଗାନ ଦେବା ସହ କୌଣସି ପ୍ରଦେଶର ସମସ୍ୟା ଯେମିତି ଅସମାହିତ ହୋଇ ନ ରହେ ତାହା ଦେଖିବା ତାଙ୍କର ପ୍ରଥମ କର୍ତ୍ତବ୍ୟ କହିଥିଲେ। କିନ୍ତୁ ପରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଲା। ଗଣତନ୍ତ୍ରକୁ ସୁଦୃଢ଼ କରୁଥିବା ସର୍ବୋଚ୍ଚ ନ୍ୟାୟପାଳିକା ସୁପ୍ରିମ୍‌କୋର୍ଟ, ସର୍ବୋଚ୍ଚ ନିର୍ବାଚନୀ ସଂସ୍ଥା, ନିର୍ବାଚନ କମିଶନ, ସର୍ବୋଚ୍ଚ ଭ୍ରଷ୍ଟାଚାର ବିରୋଧୀ ସଂସ୍ଥା ସିବିଆଇରେ ଯେଉଁ ଘଟଣାମାନ ଘଟିଲା ସେଥିରୁ ଭାରତରେ ଗଣତନ୍ତ୍ରର ସ୍ଥିତି କ'ଣ ତାହା ଲୋକେ ଉଣାଅଧିକେ ଜାଣିଲେଣି। ପ୍ରଦେଶଗୁଡ଼ିକୁ ଗୁରୁତ୍ୱ ଓ ସମ୍ମାନ ଦେବାକୁ କୁହାଯାଇଥିଲା ବେଳେ କେରଳର ମୁଖ୍ୟମନ୍ତ୍ରୀ ବିଜୟନ ୨୦୧୬ରୁ ଆଜିଯାଏ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ୍ କରିବାର ଅନୁମତି ପାଇନାହାନ୍ତି। ଅନୁରୂପ ଭାବରେ ଓଡ଼ିଶାର ଏକ ସର୍ବଦଳୀୟ କମିଟି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଅନ୍ୟାନ୍ୟ ଆଲୋଚନା ପାଇଁ ଦୁଇବର୍ଷ ହେଲା ସମୟ ମାଗି ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ କୌଣସି ଉତ୍ତର ପାଇଲେ ନାହିଁ। ଅବଶ୍ୟ କିଛି 'ଅନର୍ଥକାରୀ' କହୁଛନ୍ତି ନ ପାଇଛନ୍ତି ଭଲ ହୋଇଛି, କାରଣ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ୍ କରିବାକୁ ଯାଇ 'ଟଙ୍କା କ'ଣ ଗଛରେ ଫଳେ' ଭଳି ବାଧିବା ଉତ୍ତର ତ ଶୁଣିବାକୁ ମିଳିନାହିଁ!

କେଜରିୱାଲ ବା ମୋଦି ବା ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ସମାଜସେବୀ କିଛି ନୂଆକରି ଦେଖେଇବାର ସ୍ୱପ୍ନ ଦେଖାଇଲା ବେଳେ କେବେ କୁହନ୍ତି ନାହିଁ ସେମାନଙ୍କ ସ୍ୱପ୍ନର ଅନୁବାଦକାରୀ କିଏ? ସେମାନଙ୍କ ପାଖରେ କିଛି ପରିବର୍ତ୍ତିତ, ଉତ୍ସର୍ଗୀକୃତ, ନୀତିନିଷ୍ଠ, ଉନ୍ନତ ଲୋକଚରିତ୍ର ବିଶିଷ୍ଟ ମାନବସମ୍ବଳ ଅଛି କି? ନା ଅନ୍ୟ ଦଳରୁ ବା ଅନ୍ୟ ସଂଗଠନରୁ କିଛି ପ୍ରତ୍ୟାଖାତ, ପ୍ରଦୂଷିତ ମଣିଷମାନଙ୍କୁ ଆଣି ନୂଆ ରଙ୍ଗର ଟୋପି ପିନ୍ଧେଇ ଦିଆଯାଇଛି? ରାଜନୈତିକ କ୍ଷେତ୍ର କ'ଣ, ଏବେ ସମାଜସେବା କ୍ଷେତ୍ର ମଧ୍ୟ ସେହି ରୋଗରେ ଆକ୍ରାନ୍ତ। ଉତ୍ସର୍ଗୀକୃତ ଚିନ୍ତା ନେଇ ଖୋଲାଯାଇଥିବା ସ୍କୁଲ, କଲେଜ, ହସ୍ପିଟାଲର କର୍ମଚାରୀମାନଙ୍କ ଚାରିତ୍ରିକ ପରିବର୍ତ୍ତନର କୌଣସି ସୂଚନା ମିଳୁନାହିଁ। ତେଣୁ ରାଜନୀତି ହେଉ ବା ଅନ୍ୟ କୌଣସି କ୍ଷେତ୍ର, ମଣିଷକୁ ସ୍ୱପ୍ନ ଦେଖାଇବା ପୂର୍ବରୁ ଏହି ସ୍ୱପ୍ନସବୁକୁ ଅନୁବାଦ କରିବ କିଏ ସେ ସମ୍ବନ୍ଧରେ ସ୍ୱପ୍ନଦେଖାଣକାରୀଏ ସ୍ପଷ୍ଟଚିତ୍ର ଦିଅନ୍ତୁ, ନିଜେ ମଧ୍ୟ ସେହି ଚିତ୍ର ଦେଖି ଆତ୍ମବିଶ୍ୱାସ ସଞ୍ଚୟ କରନ୍ତୁ, ନ ହେଲେ ଜନସାଧାରଣଙ୍କୁ ନିଜ ସ୍ଥିତି ସହ ଚଳିବା ବା ଲଢ଼ିବା ପାଇଁ ଛାଡ଼ି ଦିଅନ୍ତୁ। ସ୍ୱପ୍ନ ଦେଖେଇ ସ୍ୱପ୍ନଭଙ୍ଗ କରିବା ଯେତିକି ଅପରାଧମୂଳକ, ବେଦନାଦାୟକ ସେତିକି ଦେଶବିରୋଧୀ ମଧ୍ୟ।

ପୂର୍ବତନ ଅଧ୍ୟକ୍ଷ, ଜେଲରୋଡ୍, ବାଲେଶ୍ୱର,
ମୋ- ୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ପୁନର୍ବିଚାର କରାଯାଉ

ମହାଶୟ,

ନିକଟରେ ସର୍ବୋଚ୍ଚ ନ୍ୟାୟାଳୟ ଆଧାରଠାରୁ ଆରମ୍ଭ କରି ଦାଗୀ ନେତାଙ୍କୁ ନିର୍ବାଚନରୁ ବାରଣ କରିବା, ସମଲିଙ୍ଗୀ ସମ୍ପର୍କ ଓ ବ୍ୟଭିଚାର ଆଦି ବିଷୟ ଉପରେ ଯେଉଁ ରାୟ ପ୍ରଦାନ କରିଛନ୍ତି, ସେଥିରେ କାହିଁକି ସର୍ବସାଧାରଣ ଖୁସି ଥିବା ପରି ଜଣାଯାଉନାହିଁ। ଏ ସମ୍ପର୍କରେ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଆଲୋଚନା ଓ ମତାମତ ପ୍ରକାଶ ପାଇବା ସଙ୍ଗେସଙ୍ଗେ ଏସବୁ ରାୟର ପୁନର୍ବିଚାର କରାଯାଉ ବୋଲି ଜନମତ ପ୍ରକାଶ ପାଉଛି।

ହରିହର ପାଣ୍ଡେ, ବାସେଳିସାହି, ପୁରୀ

### ମାନିଲେ ଠାକୁର ନ ମାନିଲେ ପଥର

କେରଳର ସାବରୀମାଲା ମନ୍ଦିରରେ ସବୁ ବୟସର ମହିଳାଙ୍କୁ ପ୍ରବେଶ ଅଧିକାର ଦେଇ ସୁପ୍ରିମକୋର୍ଟ ଯେଉଁ ରାୟ ଶୁଣାଇଛନ୍ତି ତାହାକୁ ନେଇ ସପକ୍ଷ ଓ ବିପକ୍ଷବାଦୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ବହୁବର୍ଷ ଧରି ଏହି ମନ୍ଦିରରେ ଦଶ ବର୍ଷରୁ ପଚାଶ ବର୍ଷ ବୟସର ମହିଳାଙ୍କ ପ୍ରବେଶ ଅଧିକାର ନ ଥିଲା। ମନ୍ଦିରର ପୀଠାଧୀଶ ଆୟାପ୍ପା କଠୋର ବ୍ରହ୍ମଚାରୀ ବୋଲି ତାଙ୍କ ଭକ୍ତମାନଙ୍କ ବିଶ୍ୱାସ। ତେଣୁ ଯୁବତୀ, ମହିଳାମାନଙ୍କୁ ତାଙ୍କ ସମ୍ମୁଖକୁ ଯିବା ବାରଣ ଥିଲା। ଧର୍ମ ବିଶ୍ୱାସ ଏକ ମାନସିକ ସ୍ଥିତି, ଯାହା ଦୃଶ୍ୟମାନ ନୁହେଁ। କଥାରେ ଅଛି- ମାନିଲେ ଠାକୁର, ନ ମାନିଲେ ପଥର। ଅନୁଭବୀମାନେ ଜାଣନ୍ତି, ଦୃଢ଼ ବିଶ୍ୱାସ ଅସମ୍ଭବକୁ ସମ୍ଭବ କରିପାରେ। ତେଣୁ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ବଳରେ ଯେଉଁ ମହିଳାମାନେ ଆୟାପ୍ପାଙ୍କ ମନ୍ଦିରରେ ପ୍ରବେଶ କରିବାକୁ ଯିବେ, ସେମାନେ ଆୟାପ୍ପାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବାକୁ ଯିବେ ନା ସୁପ୍ରିମ୍‌କୋର୍ଟ ଦେଇଥିବା ରାୟ ବଳରେ ନିଜ ଅଧିକାର ସାବ୍ୟସ୍ତ କରିବାକୁ ଯିବେ?

ଧବଳ ପ୍ରସାଦ ଚୌଧୁରୀ, ଶହୀଦନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମା' ଓ ମାତୃବତ୍

ରମେଶ ଚନ୍ଦ୍ର ସାମଲ

ହିନ୍ଦୁ ଶାସ୍ତ୍ରରେ ପାଞ୍ଚଜଣଙ୍କୁ ପିତା ସ୍ଥାନ ଦିଆଯାଇଛି। ସେମାନେ ହେଲେ ଜନ୍ମଦାତା, ଅନ୍ନଦାତା, ପ୍ରାଣଦାତା, ଜ୍ଞାନଦାତା ଓ କନ୍ୟାଦାତା। ଏହି ପାଞ୍ଚ ପିତାଙ୍କର ସ୍ତ୍ରୀଙ୍କୁ ମାତା, ଭୂମିକୁ ଭୂମାତା ଓ ଗାଈକୁ ଗୋମାତା ବିବେଚନା କରି ସପ୍ତମାତାର ପରିକଳ୍ପନା ହୋଇଛି। ପିତାମାତାଙ୍କ ଭଳି ଏ ସମସ୍ତଙ୍କୁ ସମ୍ମାନ ଦିଆଯାଏ। ଭଗବାନ ବିଷ୍ଣୁଙ୍କୁ ବିଶ୍ୱପିତା ବୋଲି କୁହାଯାଏ। ସବୁ ଦେବପତ୍ନୀଙ୍କୁ ମା' ବୋଲି ସମ୍ବୋଧନ କରାଯାଏ। ଏହାଛଡା ଆମ ପରିବାର ସମାଜରେ ଆମର ବହୁ ସମ୍ପର୍କ ଅଛି। ସେ ସବୁଗୁଡିକ ହେଲା- ବଡ଼ବାପା, ବଡ଼ବୋଉ, ଦାଦା, ଖୁଡ଼ୀ, ଜେଜେ, ଜେଜେମା', ଅଜା, ଆଈ, ପିଇସା, ପିଇସୀ, ମଉସା, ମାଉସୀ ଇତ୍ୟାଦି। ଏମାନଙ୍କୁ ପିତୃମାତୃବତ୍ ବିବେଚନା କରି ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ବାପାଙ୍କ ଦ୍ୱିତୀୟ ପତ୍ନୀ ଥିଲେ ତାଙ୍କୁ ବିମାତା ବା ସାବତମା' କୁହାଯାଏ।

ମା' ଦଶମାସ ଗର୍ଭଧାରଣ କରି ସନ୍ତାନକୁ ଜନ୍ମ ଦିଏ। ତା'ର ଲାଳନପାଳନ କରେ। ତା'ର ଏହା ପଛରେ କିଛି ସ୍ୱାର୍ଥ ନ ଥାଏ। ପିଲାର ଭଲ ବ୍ୟବହାରରେ ସେ ଖୁସି, ପିଲାର ମୁହଁକୁ ଦେଖିଲେ ତା'ର ସବୁ ଦୁଃଖ ପାଣି ଫୋଟକା ଭଳି ମିଳେଇଯାଏ। ପିଲା କିଛି ଭୁଲ୍ କଲେ କହେ, 'ପାଗଳଟା, ତା'ର କ'ଣ ବୁଦ୍ଧିଶୁଦ୍ଧି ହେଲାଣି।' କିନ୍ତୁ ମାତୃବତ୍ ବିଚାର କରୁଥିବା ଅନ୍ୟମାନଙ୍କଠାରେ ଏଭଳି ବିଚାର ନ ଥାଏ। ସ୍ୱାର୍ଥରେ ସାମାନ୍ୟ ବାଧା ଆସିଲେ ସେମାନେ ଅନ୍ୟର ପିଲାକୁ ଆଡ଼ଆଖିରେ ଦେଖନ୍ତିନି। ଦରକାର ପଡିଲେ ତା'ର କ୍ଷତି କରିବାକୁ ମଧ୍ୟ ପଶ୍ଚାତ୍‌ପଦ ହୁଅନ୍ତିନି। ଗାଁ ଗହଳିରେ ଲୋକକଥାଟିଏ ଅଛି-''ମାଉସୀମା', ଖରାବେଳେ ଦିଏ ଖଣ୍ଡିଆ ଦାଆ', ଅର୍ଥାତ୍ ଯେଉଁ ଦାଆରେ ଘାସ କଟାଯାଇ ପାରିବନି କିମ୍ବା କଷ୍ଟସାଧ, ସେଭଳି ଦାଆ ଦେଇ ମାଉସୀ ଭଉଣୀ ପିଲାକୁ କହେ ଘାସ କାଟି ଆଣିବାକୁ, ଯାହାଦ୍ୱାରା ସେ କଷ୍ଟ ପାଇବ।

ବିମାତା ବା ସାବତମା'ଙ୍କ ବିଷୟରେ ବହୁତ କିଛି ଦେଖିବାକୁ, ଶୁଣିବାକୁ ମିଳେ। ଏମାନେ ଅଧିକାଂଶ ସ୍ଥଳରେ ନିଜ ସଉତୁଣୀ ପିଲାକୁ ବହୁ ହଇରାଣ ହରକତ କରନ୍ତି। ଅବଶ୍ୟ କେତେକଙ୍କ ପାଖରେ ଏହାର ବ୍ୟତିକ୍ରମ ଦେଖାଯାଏ। କିନ୍ତୁ ଏହାର ସଂଖ୍ୟା ନଗଣ୍ୟ। ମାତୃବତ୍ ବହୁ ସ୍ତ୍ରୀଲୋକ ଅନ୍ୟ ଲୋକଙ୍କ ସମ୍ମୁଖରେ ଅପର ପିଲାକୁ ନିଜ ପିଲା ଭଳି ସ୍ନେହଶ୍ରଦ୍ଧା ଦେଖେଇ ହୁଅନ୍ତି। କେହି ନ ଥିଲାବେଳେ ନିଜର ସବୁ ରାଗ ପିଲାଟି ଉପରେ ଅଜାଡି ଦିଅନ୍ତି। ଦରକାର ପଡିଲେ ପିଲାଟିକୁ ସବୁଦିନ ପାଇଁ ନିଜ ବାଟରୁ ହଟେଇ ଦେବାକୁ କୁଣ୍ଠାବୋଧ କରନ୍ତିନି। ମା' ସର୍ବଦା ସନ୍ତାନବତ୍ସଳା। ସେ ସନ୍ତାନର ଜାଗ୍ରତ ପ୍ରହରୀ, ଯାହାକି ମାତୃବତ୍ ଅନ୍ୟମାନଙ୍କ ପାଖରେ କ୍ୱଚିତ୍ ଦେଖିବାକୁ ମିଳେ।

କେବଳ ମଣିଷ କାହିଁକି, ପଶୁପକ୍ଷୀଙ୍କଠାରେ ମଧ୍ୟ ମାତୃସ୍ନେହ ଦେଖିବାକୁ ମିଳେ। ବାଘ, ସିଂହ ଏପରି କି ତୃଣଭୋଜି ପ୍ରାଣୀ ମଧ୍ୟ ଶାବକ ପ୍ରସବ କରିସାରିବା ପରେ ଛୁଆଙ୍କୁ ରକ୍ଷା କରିବା ପାଇଁ ପୂର୍ବାପେକ୍ଷା ଅଧିକ ହିଂସ୍ର ହୋଇଉଠନ୍ତି। ଗୃହପାଳିତ ପଶୁ ଗାଈ, କୁକୁର, ବିଲେଇ ନିଜର ଖାଉନ୍ଦ (ମୁନିବ)ଙ୍କୁ ତାଙ୍କର ଛୁଆ ପାଖରେ ଦେଖିଲେ ଅସ୍ୱାଭାବିକ ବ୍ୟବହାର କରନ୍ତି। କୁମ୍ଭୀର, ସାପ ଆଦି ସରୀସୃପ ତାଙ୍କର ଛୁଆ କିମ୍ବା ଅଣ୍ଡା ପାଖରେ କାହାକୁ ଦେଖିଲେ ତା'ର ସର୍ବନାଶ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ। ଶତକଡା ଅନେଶତ ମା' ନିଜ ପିଲାଙ୍କ ପାଇଁ ଯେତେ ସତର୍କ ଅନ୍ୟ ପିଲା ପାଇଁ ସେତେ ନୁହନ୍ତି। ଦୁଇଟି ପିଲା ପାଖାପାଖି ଶୋଇ କାନ୍ଦୁଥିଲେ ମା' ତା' ପିଲାକୁ ଆସି କୋଳେଇନିଏ। ଅନ୍ୟ ପିଲାର ମା'କୁ ଡାକେ ତା' ପିଲା ଖବର ବୁଝିବାକୁ। ଏହାକୁ ତାହାର ସ୍ୱାର୍ଥପରତା ବୋଲି କହିବା ଠିକ୍ ହେବନି। ନିଜ ପିଲା ତା' କୋଳ ପାଇଲେ ଶାନ୍ତ ହୋଇଯିବ, କିନ୍ତୁ ତା' ମା'ର କୋଳ ନ ପାଇଲା ପର୍ଯ୍ୟନ୍ତ ଅନ୍ୟ ପିଲା କେବେ ଶାନ୍ତ ହେବନି। ନିଜ ପିଲା ତା' ସ୍ତନର ଅମୃତ ଧାରା ପାଇ ଶାନ୍ତ ହୋଇଯିବ। କିନ୍ତୁ ଅନ୍ୟ ପିଲା ତା' ମା' ବିନା ଅନ୍ୟ କାହାଠାରୁ ଏହା ଗ୍ରହଣ କରିବନି। ଭଗବାନଙ୍କ ସୃଷ୍ଟିରେ ଏହି ପ୍ରକ୍ରିୟା ପୁଣି ଏପରି-ଅନ୍ୟ ପିଲା ପାଇଁ ତା' ସ୍ତନରୁ ସ୍ୱତଃ ଦୁଗ୍ଧ କ୍ଷରଣ ହୋଇ ନ ପାରେ। ଏହା ଉଭୟ ମା' ପିଲାଙ୍କ ମାନସିକତା ଉପରେ ନିର୍ଭରଶୀଳ।

ମା' ପୁଣି ନିଜ ପିଲା ଓ ପର ପିଲା ପାଇଁ ବିନା ଦ୍ୱିଧାରେ ପାତରଅନ୍ତର କରିପାରେ। ଏହା ଭଲ ମା'ର ଲକ୍ଷଣ ହୋଇ ନ ପାରେ। କିନ୍ତୁ ଉଣାଅଧିକେ ଏହା ଅଧିକାଂଶ ମା'ଙ୍କ କ୍ଷେତ୍ରରେ ଦେଖାଯାଏ। ଆଗକାଳରେ ରାଜାମାନେ ବହୁପତ୍ନୀକ ଥିଲେ। ସେମାନେ ନିଜ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ରାଜାଙ୍କୁ ବଶ କରି ତାଙ୍କର ସଉତୁଣୀ ପିଲାଙ୍କ ଅମଙ୍ଗଳ କରିବାର ଦୃଷ୍ଟାନ୍ତ ପୁରାଣ ଓ ଇତିହାସରେ ଦେଖିବାକୁ ମିଳେ। ରାଜା ଉତ୍ତାନପାଦଙ୍କର ଦୁଇ ରାଣୀ ଥିଲେ ସୁନୀତି ଓ ସୁରୁଚି। ସାନରାଣୀ ସୁରୁଚି ନିଜ ପୁଅ ଉତ୍ତମଙ୍କୁ ଭଲ ପାଉଥିଲେ ଓ ସୁନୀତିଙ୍କ ପୁତ୍ର ଧ୍ରୁବଙ୍କୁ ହତାଦର କରୁଥିଲେ। ଧ୍ରୁବଙ୍କୁ ବାପାଙ୍କ କୋଳରେ ବସିବାର ସୌଭାଗ୍ୟରୁ ବଞ୍ଚିତ କଲେ। ଏହାପରେ ଧ୍ରୁବ ତପସ୍ୟା କରି କିପରି ଧ୍ରୁବପଦ ଲାଭ କଲେ ତାହା ସମସ୍ତେ ଜାଣନ୍ତି। ରାମାୟଣରେ ବିମାତା କୈକେୟୀଙ୍କ ଯୋଗୁ ରାମଙ୍କୁ ୧୪ ବର୍ଷ ବନବାସ ଯିବାକୁ ପଡ଼ିଥିଲା। କଶ୍ୟପ ମହର୍ଷିଙ୍କ ସ୍ତ୍ରୀମାନଙ୍କ ମଧ୍ୟରୁ ଦିତିଙ୍କ ପୁତ୍ରମାନେ ଅସୁର ଓ ଅଦିତିଙ୍କ ପୁତ୍ରମାନେ ହେଲେ ଦେବତା। ଦିତି ସର୍ବଦା ଅଦିତିଙ୍କ ପୁତ୍ରମାନଙ୍କର ଅମଙ୍ଗଳ କାମନା କରୁଥିଲେ। ଏଥିରୁ ସ୍ପଷ୍ଟ ଯେ ବହୁ ପୂର୍ବରୁ ଆମ ସମାଜରେ ମା'ର ପର ପିଲା ଓ ନିଜ ପିଲା ଭେଦଭାବ ଥିଲା, ଯାହା ଆଜି ବି ଅଧିକାଂଶ ମା'ଙ୍କ କ୍ଷେତ୍ରରେ ଦେଖାଯାଏ।

ଏଥିପାଇଁ ମା'କୁ ନିମ୍ନ ମୂଲ୍ୟାୟନ କରିବା ଠିକ୍ ହେବନି। କାହାକୁ ଭଲ କିମ୍ବା ମନ୍ଦ କହିବା ପୂର୍ବରୁ ତା'ର ସବୁ ଭଲ ମନ୍ଦ ଗୁଣର ଉପଯୁକ୍ତ ତର୍ଜମା କରିବା ଉଚିତ। ମା'ର ସବୁ ଗୁଣକୁ ତର୍ଜମା କଲେ ଆମେ ଦେଖୁ, ମା' ଟିକେ ନିଜ ପିଲା ପାଇଁ ସ୍ୱାର୍ଥପର, ଏହାର ମାନେ ନୁହେଁ ଯେ, ସେ ଅପର ପିଲାର ଅହିତ କାମନା କରୁଛି। ତେବେ ଯେଉଁ ମାଆ ପର ପିଲାକୁ ବି ନିଜ ପିଲା ପରି ଭଲ ପାଇପାରେ ସେ ହିଁ କେବଳ ଜଗଜ୍ଜନନୀଙ୍କ ପ୍ରତିରୂପା।

ରାମିଆଗଞ୍ଜ, ମାର୍ଶାଘାଇ, କେନ୍ଦ୍ରାପଡ଼ା,
ମୋ-୯୪୩୯୮୭୯୦୨୨

## ୨୫ ବର୍ଷ ତଳର ଧରିତ୍ରୀ

୧ ନଭେମ୍ବର ୧୯୯୩

- ଦକ୍ଷିଣ କୋରିଆ ଏବଂ କାନାଡା ମଧ୍ୟରେ ଆଣବିକ ଇନ୍ଧନରେ ବୈଷୟିକ ସହଯୋଗ ସମ୍ପର୍କରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଜାତୀୟ ସଂହତି କ୍ଷେତ୍ରରେ ବିଶିଷ୍ଟ ଅବଦାନ ପାଇଁ ଆଚାର୍ଯ୍ୟ ତୁଳସୀଙ୍କୁ ୧୯୯୨ ମସିହାର ଇନ୍ଦିରା ଗାନ୍ଧୀ ପୁରସ୍କାର ପ୍ରଦାନ।




# 'ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି ଭାରତୀୟଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବ'

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ସ୍ୱାଧୀନତାର ଦୀର୍ଘ ୭୨ବର୍ଷ ପରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଉଚିତ ସମ୍ମାନ ମିଳିଛି। ଦେଶକୁ ସ୍ୱାଧୀନ କରିବାର ଶ୍ରେୟ ଗୋଟିଏ ପରିବାରକୁ ଦେବାର ମାନସିକତା ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଭଳି ତୁଙ୍ଗ ସ୍ୱାଧୀନତା ସଂଗ୍ରାମୀଙ୍କୁ ଇତିହାସରେ ଉଚିତ ସ୍ଥାନ ମିଳିପାରୁ ନ ଥିଲା। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟରେ ସର୍ଦ୍ଦାର ପଟେଲଙ୍କ ୧୮୨ମିଟର ଉଚ୍ଚତା ବିଶିଷ୍ଟ ଏକ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରିଛନ୍ତି। ଏହା ପୃଥିବୀର ସବୁଠୁ ବଡ ପ୍ରତିମୂର୍ତ୍ତି। ଆଗାମୀ ଶହ ଶହ ବର୍ଷ ପର୍ଯ୍ୟନ୍ତ ଏହି ପ୍ରତିମୂର୍ତ୍ତି ଭାରତୀୟଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ପାଇଁ ପ୍ରେରଣା ଦେବ ବୋଲି ପଟେଲଙ୍କ ଜୟନ୍ତୀ ଅବସରରେ ଆୟୋଜିତ ରନ୍ ଫର ୟୁନିଟି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ବୁଧବାର ସକାଳେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଯଦି ସର୍ଦ୍ଦାର ପଟେଲ ନ ଥାନ୍ତେ ତେବେ ବ୍ରିଟିଶ ଶାସନର ଡିଭାଇଡ୍ ଆଣ୍ଡ ରୁଲ ଷଡଯନ୍ତ୍ର ଭାରତକୁ ଖଣ୍ଡଖଣ୍ଡ କରି ଦେଇଥାଆନ୍ତା । ଦେଶର ବିଭିନ୍ନ ରାଜ୍ୟଗୁଡ଼ିକୁ ସାର୍ବଭୌମତତ୍ୱ ସହ ବିଲୀନ କରିବାରେ ସର୍ଦ୍ଦାର ପଟେଲଙ୍କ ଉଦ୍ୟମ ଯୋଗୁ ହିମାଳୟରୁ କନ୍ୟାକୁମାରୀ ଯାଏ ଭାରତ ଏକ ରାଷ୍ଟ୍ର ହୋଇପାରିଲା । ପଟେଲଙ୍କ ନେତୃତ୍ୱରେ ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଦେଶର ପ୍ରଥମ ଦେଶୀୟ ରାଜ୍ୟ ଭାବେ ଓଡିଶାର ନୀଳଗିରି ଭାରତରେ ସାମିଲ ହୋଇଥିଲା। ରନ୍ ଫର ୟୁନିଟି କାର୍ଯ୍ୟକ୍ରମରେ ବହୁ ଯୁବତୀଯୁବକ ଯୋଗଦେଇଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏବଂ ଭାଜପାର ବହୁ ନେତା ସାମିଲ ହୋଇ ରେଳ ଷ୍ଟାଡିୟମ୍‌ଠାରୁ ଦୌଡି ରେଲୱେ ଅଡିଟୋରିୟମ ପର୍ଯ୍ୟନ୍ତ ଆସିଥିଲେ । ଏହି ଅବସରରେ ସମବେତ ଯୁବପିଢ଼ିଙ୍କୁ ଧର୍ମେନ୍ଦ୍ର ଏକତା ପାଇଁ ଶପଥପାଠ କରାଇଥିଲେ ।


ରନ୍ ଫର ୟୁନିଟିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

**ରନ୍ ଫର୍ ୟୁନିଟିରେ ଧର୍ମେନ୍ଦ୍ର ପ୍ରଧାନ**

# ୧ ହଜାର ଏସ୍‌ଟି/ଏସ୍‌ସି ହଷ୍ଟେଲରେ ଲାଗିବ ସିସିଟିଭି କ୍ୟାମେରା

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି(ଏସ୍‌ଟି/ଏସ୍‌ସି) ଉନ୍ନୟନ ବିଭାଗ ଅଧୀନରେ ପରିଚାଳିତ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତା ନିମନ୍ତେ ସିସିଟିଭି କ୍ୟାମେରା ଲଗାଯିବ। ପ୍ରଥମ ପର୍ଯ୍ୟାୟରେ ୧ହଜାର ହଷ୍ଟେଲରେ ସିସିଟିଭି କ୍ୟାମେରା ଲଗାଯିବାର ବ୍ୟବସ୍ଥା ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ ହଷ୍ଟେଲରେ ଏହି କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯିବ। ଏଥିପାଇଁ ଓଡ଼ିଶା ପୋଲିସ ହାଉସିଂ ୱେଲ୍‌ଫେୟାର କର୍ପୋରେଶନକୁ ଦାୟିତ୍ୱ ଦିଆଯାଇଛି। ଟେଣ୍ଡର ମାଧ୍ୟମରେ କର୍ପୋରେଶନ ଏହି କାର୍ଯ୍ୟ କରିବ। ରାଜ୍ୟ ଯୋଜନା ଅର୍ଥରୁ ଏଥିପାଇଁ ୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ବୁଧବାର କହିଛନ୍ତି। ସୂଚନାଯୋଗ୍ୟ, ସମ୍ପ୍ରତି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ୭ ହଜାର ହଷ୍ଟେଲରେ ୫ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ରହି ପାଠ ପଢୁଛନ୍ତି। ଏହା ସହିତ ପ୍ରି-ମାଟ୍ରିକ୍, ପୋଷ୍ଟ ମାଟ୍ରିକ୍ ବୃତ୍ତି ବାବଦରେ ରାଜ୍ୟ ସରକାର ବାର୍ଷିକ ୧ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି।




## ଏଲ୍‌ପିଜି ସିଲିଣ୍ଡର ଦର ବୃଦ୍ଧି

**ନୂଆଦିଲ୍ଲୀ,୩୧-୧୦:** ତୈଳ ବିପଣନ କମ୍ପାନୀମାନେ ବୁଧବାର ଏଲ୍‌ପିଜି ସିଲିଣ୍ଡର ଦର ବଢ଼ାଇଛନ୍ତି। ସବ୍‌ସିଡିଯୁକ୍ତ ଏଲ୍‌ପିଜି ଦର ୨.୯୪ଟଙ୍କା ବୃଦ୍ଧି ପାଇଛି। ସେହିପରି ଅଣସବ୍‌ସିଡିଯୁକ୍ତ ସିଲିଣ୍ଡର ଦର ୬୦ ଟଙ୍କା ବଢ଼ାଯାଇଛି। ବୁଧବାର ମଧ୍ୟରାତ୍ରରୁ ଲାଗୁ ହେବାକୁ ଥିବା ଦର ଅନୁଯାୟୀ ସବ୍‌ସିଡିଯୁକ୍ତ ସିଲିଣ୍ଡର ଦର ଏଣିକି ୫୦୫.୩୪ଟଙ୍କା ହେବ। ପୂର୍ବରୁ ଏହା ୫୦୨.୪୦ ଟଙ୍କା ଥିଲା। ଅନୁରୂପ ଭାବେ ଅଣସବ୍‌ସିଡିଯୁକ୍ତ ସିଲିଣ୍ଡର ଦର ୮୮୦ ଟଙ୍କା ହେବ। କେନ୍ଦ୍ର ସରକାର ଗ୍ରାହକଙ୍କୁ ୧୨ଟି ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଯୋଗାଇଥାନ୍ତି। ଜିଏସ୍‌ଟି ଆଇନ ଅନୁଯାୟୀ ବଜାର ଦର ଉପରେ ଏଲ୍‌ପିଜିରେ ଟିକସ ଧାର୍ଯ୍ୟ ହେଉଛି। ଏହି କାରଣରୁ ସିଲିଣ୍ଡର ଦର ବଢୁଛି।

**ଗୋଲ୍‌ଡେନ୍ ଫରେଷ୍ଟ୍‌ସ**

**ନିବେଶକମାନଙ୍କ ପାଇଁ ନୋଟିସ**

ତା୨୭।୦୯।୨୦୧୮, ୧୪।୧୦।୨୦୧୮ ଏବଂ ୨୩।୧୦।୨୦୧୮ରିଖର ସର୍ବସାଧାରଣ ନୋଟିସ୍ ପ୍ରସଙ୍ଗରେ ନିବେଶକମାନଙ୍କୁ ନିମ୍ନ ଅନୁଯାୟୀ ଅଧିସୂଚିତ କରାଯାଉଛି:
''ୱେବ୍ ପୋର୍ଟାଲ **www.goldenforestcommittee.com**ରେ ଦାବିଗୁଡ଼ିକର ପଞ୍ଜୀକରଣ ତାରିଖକୁ କମିଟି-ଜିଏଫ୍‌ଆଇଏଲ୍ ଦ୍ୱାରା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।''
ହେଲ୍‌ପଲାଇନ୍ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ସହାୟତା ପାଇଁ, ନିବେଶକମାନେ **gfil.payment@karvy.com**ରେ ଇମେଲ୍ କରିପାରିବେ କିମ୍ବା ନିଃଶୁଳ୍କ ନମ୍ବର ୧୮୦୦୩୪୫୪୦୦୧ରେ କଲ୍ କରିପାରିବେ।

*କମିଟି ଗୋଲ୍‌ଡେନ୍ ଫରେଷ୍ଟସ୍ (ଇଣ୍ଡିଆ) ଲିମିଟେଡ୍, ଚଣ୍ଡିଗଡ଼*
*01.11.2018* *(ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ)*

■ ସରକାରୀ ଡାକ୍ତରଖାନାରେ ବହିର୍ବିଭାଗ ରୋଗୀସେବା

# ଜାତୀୟସ୍ତରରେ ଓଡ଼ିଶା ଦ୍ୱିତୀୟ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

**୩ ବର୍ଷରେ ୮% ରୋଗୀସେବା ବୃଦ୍ଧି ପାଇଛି**

ସରକାରୀ ଡାକ୍ତରଖାନାର ବହିର୍ବିଭାଗ ରୋଗୀସେବା କ୍ଷେତ୍ରରେ ଓଡ଼ିଶା ଜାତୀୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାରୀ କରି ପୁରସ୍କୃତ ହୋଇଛି। ୨୦୧୫-୧୬ ଏବଂ ୨୦୧୬-୧୭ ବର୍ଷ ନିମନ୍ତେ ଏହି ପୁରସ୍କାର ମିଳିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୩ ବର୍ଷ ମଧ୍ୟରେ ୮% ରୋଗୀସେବା ବୃଦ୍ଧିପାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଆସାମର କାଜିରଙ୍ଗାଠାରେ ୫ମ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଓଡ଼ିଶା ସହିତ ଗୁଜରାଟ ଏବଂ କର୍ଣ୍ଣାଟକ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରାଜ୍ୟରେ ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାର ନିରାମୟ, ନିଦାନ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କରିଛନ୍ତି। ଲୋକଙ୍କୁ ସଚେତନ କରାଯାଉଥିବାରୁ ସରକାରୀ ଡାକ୍ତରଖାନାକୁ ଅଧିକ ରୋଗୀ ଆସି ଚିକିତ୍ସିତ ହେଉଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ କହୁଛି।

ସୂଚନାଯୋଗ୍ୟ, ରାଜ୍ୟ ଆର୍ଥିକ ସର୍ଭେ ରିପୋର୍ଟ ଅନୁଯାୟୀ, ୨୦୦୯-୧୦ ବର୍ଷରେ ରାଜ୍ୟର ମୋଟ ଜନସଂଖ୍ୟାର ୬୦.୬୨% ଲୋକ ବହିର୍ବିଭାଗକୁ ଯାଇ ଚିକିତ୍ସିତ ହୋଇଥିବାବେଳେ ଆନ୍ତଃ ବିଭାଗରେ ୮.୭% ରୋଗୀ ଚିକିତ୍ସିତ ହୋଇଥିଲେ। ସେହିପରି ୨୦୧୪-୧୫ ବର୍ଷରେ ଏହା ଯଥାକ୍ରମେ ବୃଦ୍ଧି ପାଇ ୭୧.୨୧% ଏବଂ ୧୦.୪୧% ହୋଇଥିଲା। ୨୦୧୫-୧୬, ୨୦୧୬-୧୭ ଏବଂ ୨୦୧୭-୧୮ରେ ଏହି ସଂଖ୍ୟା ୮% ଅଧିକ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

■ ବରଗଡ଼ରେ ବାଘ ମୃତ୍ୟୁ ଘଟଣା

# ୨ ବନ କର୍ମଚାରୀ ନିଲମ୍ବିତ

ବରଗଡ଼ ଅଫିସ/ଭଟଲି, ୩୧।୧୦(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ବ୍ଲକ ଡେବ୍ରିଗଡ଼ ଅଭୟାରଣ୍ୟର ପାଦଦେଶରେ ଅବସ୍ଥିତ ଖଜୁରିଆ-ଦାମୋଦରପଡ଼ା ନିକଟ ଜଙ୍ଗଲରେ ବାଘ ମୃତ୍ୟୁ ଘଟଣାକୁ ନେଇ ବନ ବିଭାଗର କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିବାରେ ଲାଗିଛି । ଏହି ଘଟଣାରେ ୨ ବନ କର୍ମଚାରୀ କମଗାଁ ଫରେଷ୍ଟର ପର୍ଶୁରାମ ବେହେରା ଏବଂ ଖଜୁରିଆ ଫରେଷ୍ଟ ବିଟ୍ ହାଉସର ଗାର୍ଡ଼ ପ୍ରଭାସିନୀ ମହାନନ୍ଦଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ଫରେଷ୍ଟର ବେହେରାଙ୍କୁ ଘେଁସ ଏବଂ ଫରେଷ୍ଟ ଗାର୍ଡ଼ ମହାନନ୍ଦଙ୍କୁ ଭଟଲି ରେଞ୍ଜରେ ଉପସ୍ଥାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ଉକ୍ତ ଘଟଣାର ତଦନ୍ତ ଅଧିକାରୀ ଏସିଏଫ ମଦନଲାଲ ଶର୍ମାଙ୍କୁ ପଚରାଯାଇଥିବା ବେଳେ ସେତେବେଳ ସୁଦ୍ଧା କାହାରି ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ସେ କହିଥିଲେ। ଅନ୍ୟପକ୍ଷେ ଦୁଇ ବନ କର୍ମଚାରୀଙ୍କ ବିରୋଧରେ ଯେଉଁ ନିଲମ୍ବନ ଆଦେଶ ଜାରି କରାଯାଇଛି ସେଥିରେ ଚଞ୍ଚକତା କରାଯାଇଥିବା ଅନୁମାନ କରାଯାଉଛି ।

# ଆଜିଠୁ ନିଟ୍ ଫର୍ମ ଆବେଦନ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଏମ୍‌ବିବିଏସ୍ ଏବଂ ବିଡିଏସ୍ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍)-୨୦୧୯ ପାଇଁ ନଭେମ୍ବର ୧ରୁ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ ଫର୍ମ ଆବେଦନ ଆରମ୍ଭ ହେବ। ଏହି ପରୀକ୍ଷା ନ୍ୟାଶନାଲ ଟେଷ୍ଟ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ହେବ। ତେଣୁ ଛାତ୍ରୀଛାତ୍ରମାନେ (WWW.NTA.AC.IN) ୱେବସାଇଟ୍‌କୁ ଯାଇ ଫର୍ମ ଆବେଦନ କରିବାକୁ କୁହାଯାଇଛି।

ଯୁକ୍ତ୨ ବିଜ୍ଞାନରେ ଶତକଡ଼ା ୫୦%ରୁ ଅଧିକ ମାର୍କ ରଖି ପାସ୍ କରିଥିବା ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା ଦେବାପାଇଁ ନାମ ପଞ୍ଜୀକରଣ ଫର୍ମ ପୂରଣ କରି ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ନଭେମ୍ବର ୩୦ ରହିଛି। ୨୦୧୯ ମେ ୫ରେ ସାରା ଦେଶରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଆବଶ୍ୟକ ଆଡମିଟ୍ କାର୍ଡ ଏପ୍ରିଲ ୧୫ରୁ ଏନ୍‌ଟିଏ ୱେବସାଇଟ୍‌ରେ ଉପଲବ୍ଧ ହେବ। ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ଛାତ୍ରୀଛାତ୍ର ଏହି ୱେବସାଇଟକୁ ଯାଇ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ପରୀକ୍ଷା ଫଳ ଜୁନ୍ ୫ରେ ପ୍ରକାଶ ପାଇବ। ତା'ପରେ ଜୁନ୍ ୧୩ରୁ କାଉନ୍ସେଲିଂ କରିବାକୁ ତାରିଖ ଧାର୍ଯ୍ୟ କରାଯାଇଛି।

ଧରିତ୍ରୀ DHARITRI
**Puja Quiz- 2018**
Quiz No. 18

**Main Sponsor** TVS
**Co-Sponsors** CENTRAL, Nikon

☑ Tick mark the box which is correct

୧. ମଙ୍ଗୋଲିଆ ଦେଶର ମୁଦ୍ରାର ନାମ ?
କ. ରିଙ୍ଗିଟ୍ ☐ ଖ. ତୁଗ୍ରୀକ୍ ☐ ଗ. ପେଶୋ ☐ ଘ. କେଉଁଟି ନୁହେଁ ☐
୨. ମହେଞ୍ଜୋଦାରୋର ଆବିଷ୍କାରକ କିଏ ?
କ. ଜନ୍ ମାର୍ଶାଲ ☐ ଖ. ମର୍ଟି ମର୍ ହ୍ୱିଲର ☐ ଗ. ଏଚ୍. ହାରଗ୍ରୀଭସ୍ ☐ ଘ. କେଉଁଟି ନୁହେଁ ☐
୩. ସିନ୍ଧୁ ସଭ୍ୟତାର ଲୋକମାନେ କେଉଁ ଗଛକୁ ପୂଜା କରୁଥିଲେ ?
କ. ନିମ୍ବ ଗଛ ☐ ଖ. ଓସ୍ତ ଗଛ ☐ ଗ. ବରଗଛ ☐ ଘ. କେଉଁଟି ନୁହେଁ ☐
୪. ମଗଧ ରାଜ୍ୟର ପ୍ରାଚୀନ ରାଜଧାନୀ କେଉଁଟି ଥିଲା ?
କ. ପାଟଳୀପୁତ୍ର ☐ ଖ. ରାଜଗିର୍ ☐ ଗ. ବୈଶାଳୀ ☐ ଘ. କେଉଁଟି ନୁହେଁ ☐
୫. ଲାଲବାହାଦୁର ଶାସ୍ତ୍ରୀଙ୍କୁ କେଉଁ ଉପାଧି ଦିଆଯାଇଥିଲା ?
କ. ଶାନ୍ତିଦୂତ ☐ ଖ. ଲୋକ ନାୟକ ☐ ଗ. ଶାନ୍ତି କପୋତ ☐ ଘ. କେଉଁଟି ନୁହେଁ ☐

Participant's Name:..............
Address:..............
..............
Education ..............
Mobile..............Age:..........
E-mail:..............

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

**Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,**
**Consolation Prizes : Gift Vouchers from CENTRAL, Digital Cameras from NIKON**
**Cut this coupon and send it to the following address:**
**DHARITRI Puja Quiz No. 18**
**B-15, Industrial Estate, Rasulgarh, Bhubaneswar-10**






# ମୃତ ଶିଶୁକୁ ଧରି ପ୍ରେମିକଙ୍କ ଘର ଆଗରେ ପ୍ରେମିକାଙ୍କ ଧାରଣା

**ଭଦ୍ରକ ଅଫିସ, ୩୧।୧୦**

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ଜଗଦଳପୁର ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବିବାହିତ ଯୁବକଙ୍କ ଦ୍ୱାରା ପ୍ରତାରିତ ଯୁବତୀ ମୃତ ଶିଶୁପୁତ୍ରକୁ ଧରି ପ୍ରେମିକଙ୍କ ଘର ଆଗରେ ଧାରଣା ଦେଇଛନ୍ତି। ଜନୈକା ଯୁବତୀ ଗର୍ଭବତୀ ହୋଇ ପୁତ୍ର ସନ୍ତାନ ଜନ୍ମ ଦେଇଥିବାବେଳେ ବୁଧବାର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ସନ୍ତାନକୁ ଧରି ଯୁବତୀ ବୁଧବାର ସକାଳ ୮ଟାରୁ ପ୍ରେମିକଙ୍କ ଘର ଆଗରେ ଧାରଣାରେ ବସିରହିଛନ୍ତି। ଅନ୍ୟପକ୍ଷେ ଏହି ଖବର ପାଇ ପ୍ରେମିକ ଯୁବକ ଜଣଙ୍କ କେଉଁଆଡେ ଫେରାର ହୋଇଯାଇଛନ୍ତି।

ଉଲ୍ଲେଖନୀୟ ଯେ, ଗତ ୧୬ ତାରିଖରେ ସ୍ଥାନୀୟ ମେଡିକାଲରେ ଯୁବତୀଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଏନେଇ ଯୁବତୀଙ୍କ ପରିବାର ପକ୍ଷରୁ ୧୮ ତାରିଖରେ ଗ୍ରାମାଞ୍ଚଳ ଥାନାରେ ଯୁବକଙ୍କ ବିରୋଧରେ ଲିଖିତ ଏତଲା ଦିଆଯାଇଥିଲା। ୧୯ ତାରିଖରେ ଗାଁରେ ଗ୍ରାମ୍ୟ କମିଟି ଓ ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ଯୁବକ ଜଣଙ୍କ ଆପୋଷ ସମାଧାନ କରି ଯୁବତୀଙ୍କୁ କ୍ଷତିପୂରଣ ବାବଦକୁ ଟଙ୍କା ଓ ଜନ୍ମିତ ଶିଶୁକୁ ବାପାର ପରିଚୟ ଦେବେ ବୋଲି ଗାଁରେ ଲିଖିତନାମା କରାଯାଇଥିଲା। ଏହାପରେ ଥାନାରେ ଆପୋଷ ସମାଧାନ ହୋଇଥିଲା। ହେଲେ ବୁଧବାର ଜନ୍ମିତ ଶିଶୁର ମୃତ୍ୟୁ ପରେ ଯୁବକ ଜଣଙ୍କ କେଉଁଆଡେ ଫେରାର ହୋଇଯାଇଥିଲେ। ଫଳରେ ଯୁବତୀ ମୃତ ଶିଶୁକୁ ଧରି ଯୁବକଙ୍କ ଘର ଆଗରେ ଧାରଣାରେ ବସିଥିବା ଜଣାଯାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଗ୍ରାମାଞ୍ଚଳ ପୋଲିସ ପାଖରେ ଖବର ନ ଥିବା ଥାନାଧିକାରୀ ଦୟାନିଧି ଦାସ ପ୍ରତିକ୍ରିୟା ରଖିଛନ୍ତି।

# ମାଛ ଚୋରିକୁ ନେଇ ଝାମେଲା

**ତିହିଡ଼ି,୩୧।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତ ପୋଖରୀରୁ ମାଛ ଚୋରି ନେଇ ବୁଧବାର ସମିତିସଭ୍ୟ, ନାଏବ ସରପଞ୍ଚ ଏବଂ ୱାର୍ଡସଦସ୍ୟମାନେ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେଇଥିଲେ। ପଞ୍ଚାୟତ ପୋଖରୀରୁ ମାଛ ଚୋରି ସମ୍ପର୍କରେ କୌଣସି ଏତଲା ଦିଆ ନ ଯିବା, ପଞ୍ଚାୟତ ବୈଠକରେ ସରପଞ୍ଚଙ୍କ ସହ ବଚସା ହେବା ନେଇ ସେମାନେ ଏଭଳି ପଦକ୍ଷେପ ନେଇଥିବା ପ୍ରକାଶ କରିଥିଲେ। ଖବର ପାଇ ତିହିଡ଼ି ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ



ସମିତି ସଭ୍ୟ ଓ ୱାର୍ଡସଦସ୍ୟ ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେଇଛନ୍ତି।

ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁସାରେ, ସୋମବାର ରାତିରେ ତିହିଡ଼ି ପ୍ରାଣୀ ଚିକିତ୍ସାଳୟ ନିକଟରେ ଥିବା ପଞ୍ଚାୟତର ନୂଆପୋଖରୀରୁ କେତେକ ବ୍ୟକ୍ତି ମାଛ ଧରି ନେଇଯାଇଥିଲେ। ମଙ୍ଗଳବାର ସମିତିସଭ୍ୟଙ୍କ ସମେତ ୱାର୍ଡସଦସ୍ୟମାନେ ମାଛ ଚୋରି ହୋଇଥିବା ନେଇ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ବୁଧବାର ପଞ୍ଚାୟତର ବୈଠକ ଆରମ୍ଭ ହେବା ପରେ ସମିତିସଭ୍ୟ ଏବଂ କେତେକ ୱାର୍ଡସଦସ୍ୟ ମାଛ ଚୋରି ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାହିଁକି ଥାନାରେ ଏତଲା ଦେଇନାହାନ୍ତି ବୋଲି ପ୍ରଶ୍ନ ଉଠାଇଥିଲେ। ଏହାକୁ ନେଇ ସରପଞ୍ଚ ଏବଂ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ସମିତିସଭ୍ୟ ସଂଗ୍ରାମ ଦାସ, ନାଏବ ସରପଞ୍ଚ ତରଣୀସେନ ଜେନା, ୱାର୍ଡସଦସ୍ୟ ମାନସ ନାୟକ, ସାକିରୁଦ୍ଦିନ ଖାଁ, ରଶ୍ମିତା ନାଥ, କ୍ରିଷ୍ଣାକଲି ସାହୁ, ମିନତି ବେହେରା, ଅନସୂୟା ବଳ ପ୍ରମୁଖ ବୈଠକରୁ ଉଠି ଆସି କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେଇଥିଲେ।

## ୨ ଟ୍ରକ ଧକ୍କା: ଜଣେ ମୃତ, ୨ ଗୁରୁତର

**ଭଦ୍ରକ ଅଫିସ, ୩୧।୧୦**

ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ବନ୍ତ ଛକ ଓଭରବ୍ରିଜ ଉପରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ୧୦ ଚକିଆ ଟ୍ରକକୁ ପଛପଟୁ ଅନ୍ୟ ଏକ ଟ୍ରକ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଧକ୍କା ଦେଇଥିବା ଟ୍ରକ ଡ୍ରାଇଭର। ତାଙ୍କ ଘର ପଶ୍ଚିମବଙ୍ଗ ଅଞ୍ଚଳରେ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ୧୦ ଚକିଆ ଟ୍ରକଟି ପଶ୍ଚିମବଙ୍ଗରୁ କଟକ ଅଭିମୁଖେ ଯାଉଥିଲା। ତେଲ ସରିଯିବାରୁ ବନ୍ତ ଛକ ଓଭରବ୍ରିଜ ଉପରେ ଗାଡ଼ି ଏୟାର ନେଇଯାଇ ଅଟକି ରହିଥିଲା। ଏହି ସମୟରେ ଅନ୍ୟ ଏକ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ଏଥିରେ ଠିଆ ହୋଇଥିବା ଟ୍ରକ ଡ୍ରାଇଭର ବିଜୟ ଜେନା ଓ ହେଲ୍‌ପର ମଣି ଜେନା ଗୁରୁତର ହେବାରୁ ସେମାନଙ୍କୁ ମେଡିକାଲକୁ ନିଆଯାଇଥିଲା। ପଛ ଟ୍ରକ ଡ୍ରାଇଭର ଆଗ ଟ୍ରକ ସହ ଚାପି ହୋଇ ରହିଯାଇଥିଲେ। ଭଦ୍ରକ ଅଗ୍ନିଶମ କର୍ମଚାରୀ ଓ ଟାଉନ ଥାନା ପୋଲିସ ପହଞ୍ଚି କଟର ସାହାଯ୍ୟରେ କାଟି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ମେଡ଼ିକାଲକୁ ପଠାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଟୁ ଲେଖନ ଦାଆଦଣ୍ଡି**
**ଗୋଟାଏ ନ ଧଇଲେ ଖାଆ ଉଣ୍ଡି।**

ପୂଜାପାଠ, ଲେଖାପଢ଼ା, ଚାଷ ଓ ବେପାର ବଣିଜ କରୁଥିବା ବ୍ୟକ୍ତିଙ୍କୁ ବୃତ୍ତିର ପୂଜାରୀ ବୋଲି କୁହାଯାଇଥାଏ। ଏଥିରୁ ଯେକୌଣସି ବୃତ୍ତିକୁ ଆପଣେଇ ନେଲେ ପେଟ ଅପୋଷା ରହି ନ ଥାଏ। ପରନ୍ତୁ ଯିଏ ନିକମା ହୋଇ କୌଣସି କାର୍ଯ୍ୟରେ ହାତ ଦେଇ ନ ଥାଏ ତା'ପକ୍ଷେ ପେଟ ପୋଷିବା ଅତୀବ କଷ୍ଟକର ହୋଇଯାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ବାଡ଼ି ଗୁବରେ ଗୁବେ ନାହିଁ**
**କଥା କହୁଛି ସାଇଁ ସାଇଁ।**

ସମ୍ବଳ ବୋଲି କିଛି ନାହିଁ, କିନ୍ତୁ କଥା ବଡ଼ ବଡ଼, ବାହାଦୁରୀ କାହିଁରେ କେତେ! ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖେଇ ହେବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ତେବେ ଅଭାବୀ ବ୍ୟକ୍ତି ନିଜ ଆତ୍ମବଡ଼ିମା ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ, ଏପରିସ୍ଥଳେ ବାହାରେ ବୁଲି ନିଜର ଚାତର ପ୍ରକାଶ କରି ଲୋକହସା ହେବା ସାର ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ



ତଦନ୍ତ କରିବାକୁ ଆସିଥିବା ଅଧିକାରୀମାନେ।

**ଚମ୍ପୁଆ, ୩୧।୧୦(ଡି.ଏନ.ଏ.)**

ଚମ୍ପୁଆ ଥାନା ମୌଲାନାଗୋଡ଼ାଠାରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଭାଙ୍ଗି କେତେ ଜଣ ଦୁର୍ବୃତ୍ତ ଲୁଟ ଉଦ୍ୟମ କରି ବିଫଳ ହୋଇଛନ୍ତି। ଏଟିଏମ୍ ସାମାନ୍ୟ ଭାଙ୍ଗା ଯାଇଥିଲେ ହେଁ ଅର୍ଥ ଲୁଟ କରିବାରେ ସେମାନେ ସଫଳ ହୋଇ ନ ଥିବା ପୁଲିସ କହିଛି। ମଙ୍ଗଳବାର ବିଳମ୍ବିତ ରାତିରେ ମୌଲାନାଗୋଡା ଛକ ନିକଟରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ୍‌ରୁ ଅର୍ଥ ଲୁଟ ଉଦେଶ୍ୟରେ କେତେ ଜଣ ଦୁର୍ବୃତ୍ତ ଏଟିଏମ୍ ଭିତରକୁ ପ୍ରବେଶ କରିଥିଲେ। ଏଟିଏମ୍ ମେଶିନକୁ ଭଙ୍ଗି ଲୁଟ ଉଦ୍ୟମ କରି ବିଫଳ ହୋଇଥିଲେ। ସକାଳେ ଲୋକେ ଟଙ୍କା ଉଠାଇବାକୁ ଯାଇ ଏଟିଏମ୍ ଭାଙ୍ଗି ଯାଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଚମ୍ପୁଆ ଏସଡିପିଓ ରାହୁଲ ଜୈନ, ଆଇଆଇସି ସମିତ କୁମାର ସୋରେନ, ଡଗ ସ୍କାଡ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ସିସିଟିଭି କ୍ୟାମେରା ଯାଞ୍ଚ କରି ତଦନ୍ତ କରୁଛି।

## ପୁରୁଣିଆରେ ଗଜଲକ୍ଷ୍ମୀ ଭସାଣି

**କୋଲିମାଟି, ୩୧।୧୦–** ଆନନ୍ଦପୁର ବେଲବାହାଳି ପଞ୍ଚାୟତର ପୁରୁଣିଆ ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ପାଳନ ହୋଇଛି। ଫଳରେ ଭଜନ କୀର୍ତ୍ତନ, ଶିଙ୍ଗାପୁରୀ ବାଜାରେ ଗାଁ ଦାଣ୍ଡ କମ୍ପି ଉଠିଥିଲା। କମିଟିର ସଭାପତି ଶିବ ପ୍ରସାଦ ଚାନ୍ଦ ଦ୍ୱାରା ଭସାଣି ଉତ୍ସବ ଶାନ୍ତି ଶୃଙ୍ଖଳାରେ ଆୟୋଜିତ ହୋଇଥିଲା। କମିଟିର ସଦସ୍ୟ ଦୟାନିଧି ବଳ, ପିତାମ୍ବର ବଳ, ନାରାୟଣ ବଳ, ନିମାଇଁ ଚରନ ବଳ, ହରିହର ଚାନ୍ଦ, ଦୀପ୍ତିମୟୀ ନାୟକ, ରଞ୍ଜନ ବଳ, ନିର୍ମଳ ବଳ, ମୃତ୍ୟୁଞ୍ଜୟ ନାୟକ, ଦୀପ୍ତିକାନ୍ତ ବଳ ପ୍ରମୁଖ ଭସାଣି ଶୋଭାଯାତ୍ରାରେ ଯୋଗ ଦେଇଥିଲେ।

## ହାଟଡିହୀରେ ନିଯୁକ୍ତି ମେଳା

**ହାଟଡିହୀ, ୩୧।୧୦(ଡି.ଏନ.ଏ.)**

ହାଟଡିହୀ ବ୍ଲକ ପରିସରରେ ଦିନ ଦୟାଲ ଉପାଧ୍ୟ ଗ୍ରାମୀଣ କୌଶଳ କର୍ମଶାଳା ଯୋଜନାରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁଶାନ୍ତ କୁମାର ବାରିକ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ମୋଟ ୧୦ ଘରୋଇ କମ୍ପାନୀ ଭାଗନେଇ କାଉନସେଲିଂ କରିଥିଲେ। ୧୮ ରୁ ୩୫ ବର୍ଷ ବୟସର ବେକାର ଯୁବତୀଯୁବକ କର୍ମଶାଳାରେ ନିଜର ନାମ ପଞ୍ଜୀକୃତ କରାଇଥିଲେ। ଜିଲା ସଂଯୋଜକ ଦୀପକ ବେହେରା, ଜୀବିକା ମୀଶନର ବ୍ଲକ ସଂଯୋଜକ ମିନାକ୍ଷୀ ମୋନାଲିସା ଜେନା ଉକ୍ତ କର୍ମଶାଳାକୁ ପରିଚାଳନା କରିଥିଲେ। ଶହେରୁ ଉର୍ଦ୍ଧ୍ୱ ବେକାର ଯୁବତୀଯୁବକ କର୍ମଶାଳାରେ ଉପସ୍ଥିତ ରହି ନିଜ ନିଜର ପ୍ରମାଣ ପତ୍ର ଯାଞ୍ଚ କରାଇଥିଲେ।

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678 8337956019

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538 8901770631

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
ଆମ ଉପଦେଶ ଆପଣଙ୍କର ଜୀବନର ଦଶା ଓ ଦିଶା ବଦଳେଇ ଦେଇ ପାରିବ
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ- 7991052261 7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603 7064382081

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଢ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861 7379665376

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731 9996602452

ଫାଇନାନ୍ସ
Ashoka Finance ଋଣ ଧମାକା
ସରକାରୀ ଯୋଜନା ଅଧୀନରେ ଋଣ ମାତ୍ର 1350/- ଟଙ୍କାରେ (1 ଲକ୍ଷ - ୨୦ ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, 60% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହଋଣ, ବ୍ୟବସାୟ ସବୁ ଋଣ 48 ଘଣ୍ଟାରେ ସରକାରୀ ବ୍ୟାଙ୍କରୁ (ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି)
7900883466 8743042068
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

FINANCE
Ramco Group ପର୍ସନାଲ, ଏଜୁ୍ୟକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109 7750060137
Email Id- ramcogroup283@gmail.com

Dhanlaxmi Financial Services, Govt Approved, Regd. No.- od6789dh45 ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ମହିଳା ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ପାଆନ୍ତୁ 72 ଘଣ୍ଟାରେ 1% ସୁଧ, 50% Govt. Subsidy (50,000 – 95 ଲକ୍ଷ ପର୍ଯ୍ୟନ୍ତ ଋଣ)
For more detail contact:
07302107165
Mail id: dhanlaxmifin1991@gmail.com
J-6, B-Block, Jiwan Park, New Delhi

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ । 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now:
8295564405
7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |




**ସଂକ୍ଷେପରେ**

## ଗିରଫ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ

**ନୀଳଗିରି, ୩୧।୧୦ (ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟରୁ କାଠ ବୋଝେଇ ଗାଡି ଜବତ କରି ବନ ବିଭାଗ ଘାଟଘରସାହୀ ଗାଁର ଡ୍ରାଇଭର ପ୍ରଦୀପ ପାତ୍ର (୩୦) ଗିରଫ କରିଥିଲା। ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ବନକ୍ଷେତ୍ରାଧିକାରୀ ଲକ୍ଷ୍ମଣ କୁମାର ପ୍ରଧାନଙ୍କ ନେତୃତ୍ୱରେ ବନକର୍ମଚାରୀ ସୋମବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ପ୍ରତ୍ୟୁଷ ସମୟରେ ବାଲିଆନାଳ ବିଟ୍‌ରୁ ଗାଡି ଶାଳ, ଅସନ ଗଣ୍ଡି ବୋଝେଇ କରିଆସୁଥିବା ଗାଡି (ନଂ. ଓଆର-୦୧ଭି-୪୯୯୭)କୁ ବୁଧୁଆପୁଆ ନିକଟରେ ଧରି ଜବତ କରିଥିଲେ। ଏନେଇ ବିଭାଗରେ ଏକ ମାମଲା(ନଂ.୧୨/୧୮) ରୁଜୁହୋଇଛି।

## ଯୁବ କଂଗ୍ରେସ ପକ୍ଷରୁ ଫଳ ବଣ୍ଟନ

**ବସ୍ତା, ୩୧।୧୦(ସ୍ୱ.ପ୍ର.):** ବସ୍ତା ନିର୍ବାଚନମଣ୍ଡଳୀ ଯୁବକଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସରେ ବସ୍ତା ଡାକ୍ତରଖାନାରେ ରୋଗୀଙ୍କୁ ଫଳବଣ୍ଟନ କରାଯାଇଥିଲା। ସୁଧାଂଶୁ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀମତୀ ଗାନ୍ଧୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ଉପସଭାପତି ସତ୍ୟନାରାୟଣ ଗୁପ୍ତା, ସାଧାରଣ ସମ୍ପାଦକ ସଞ୍ଜୀବ ପାଢ଼ୀ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ନାୟକ, ପୂର୍ବତନ ସମିତିସଭ୍ୟ ପ୍ରିୟବ୍ରତ ମହାପାତ୍ର, ଜିଲା କଂଗ୍ରେସ କିଷାନସେଲର ସାଧାରଣ ସମ୍ପାଦକ ଜୟନ୍ତ ମହାପାତ୍ର, ଯୁବକଂଗ୍ରେସ ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ ଓ କୁଡ଼ିଆ ପଞ୍ଚାୟତ ଯୁବକଂଗ୍ରେସ ସଭାପତି ସୁଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ଆଇନଜୀବୀ ଗୋଷ୍ଠୀ ମୁହାଁମୁହିଁ

## ନବୀନ, ଧର୍ମେନ୍ଦ୍ରଙ୍କ କୁଶପୁତ୍ତଳିକା ଦାହ




ବାଲେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ। ବିଜୁ ଜନତା ଦଳ ଲିଗାଲ ସେଲ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ।

**ବାଲେଶ୍ୱର ଅଫିସ, ୩୧।୧୦**

ବାଲେଶ୍ୱର ଜିଲା କୋର୍ଟ ସମ୍ମୁଖରେ ବୁଧବାର ଦୁଇ ଆଇନଜୀବୀ ଗୋଷ୍ଠୀ ମୁହାଁମୁହିଁ ହେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାକୁ ନେଇ ସହରରେ ବିଶୃଙ୍ଖଳା ପରିସ୍ଥିତି ଉପୁଜିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ବାଲେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିବା ବେଳେ ବିଜୁ ଜନତା ଦଳ ଲିଗାଲ ସେଲ୍ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଉକ୍ତ ସମୟରେ ଉଭୟ ଗୋଷ୍ଠୀର ଆଇନଜୀବୀମାନେ ଉତ୍ତେଜନାପୂର୍ଣ୍ଣ ନାରାବାଜି ଦେବା ସହ ଏକପ୍ରକାର ମୁହାଁମୁହିଁ ହୋଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଦୀର୍ଘ ଦୁଇମାସ ଧରି ଆଇନଜୀବୀମାନେ ଆନ୍ଦୋଳନ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ କିମ୍ବା ଆଇନମନ୍ତ୍ରୀ ଏହାର ସମାଧାନ ରାସ୍ତା ବାହାର ନ କରି ବିକଳ୍ପ ଉପାୟରେ ଆଇନବୀଜୀମାନଙ୍କୁ ଦୁଇଭାଗ କରିବା ଚକ୍ରାନ୍ତ କରାଯାଉଥିବା ବାର୍ ଆସୋସିଏଶନ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆଇନଜୀବୀମାନଙ୍କ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛନ୍ତି ବୋଲି ବିଜୁ ଜନତା ଦଳ ଲିଗାଲ ସେଲ୍ ପକ୍ଷରୁ କୁହାଯାଇଛି।

ଗତ ଅଗଷ୍ଟ ୨୭ ତାରିଖରେ କଟକ ବସ୍‌ଷ୍ଟାଣ୍ଡ ନିକଟ ଚାଉଳିଆଗଞ୍ଜ ଥାନାର ୨ଜଣ କନଷ୍ଟେବଳ ଓ ଜଣେ ଏଏସ୍ଆଇ ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ମାଡ଼ ମାରିବା ଘଟଣାରେ ଓଡ଼ିଶା ବାର୍ ଆସୋସିଏଶନ ଡାକରାରେ ଗତ ଅଗଷ୍ଟ ୩୦ ତାରିଖଠାରୁ ରାଜ୍ୟରେ ସମସ୍ତ କୋର୍ଟ ଓକିଲମାନେ ବର୍ଜନ କରିବା ସହ କୋର୍ଟ ବନ୍ଦ କରିବା ଭଳି କାର୍ଯ୍ୟକ୍ରମ ସଂଘ ତରଫରୁ ହାତକୁ ନିଆଯାଇଥିଲା। ଏନେଇ ବାଲେଶ୍ୱର ବାର୍ ଆସୋସିଏଶନ ବିଚାର ବିଭାଗର ସମସ୍ତ ଅଫିସ୍ ବନ୍ଦ କରିବା ସହ ବିଭିନ୍ନ ସମୟରେ ବିଭିନ୍ନ ସରକାରୀ ଅଧିକାରୀଙ୍କ ଅଫିସ୍ ବନ୍ଦ କରିବା ଭଳି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ମାଡ଼ ମାରିଥିବା କନଷ୍ଟେବଳ ଓ ଏଏସ୍ଆଇଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ ଜୋରଦାର୍ ହେବାକୁ ଲାଗିଛି। ଗତ ଅକ୍ଟୋବର ୨୭ ତାରିଖ ରାଜ୍ୟ ଓକିଲ ସଂଘ ପକ୍ଷରୁ ହୋଇଥିବା ବୈଠକରେ ସରକାର ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଦାବି ଉପରେ ଗୁରୁତ୍ୱ ନ ଦେଲେ ଉକ୍ତ ଦିବସରେ ନିର୍ଦ୍ଦିଷ୍ଟ ସମୟରେ ରାଜ୍ୟର ସମସ୍ତ ଜିଲା ମହକୁମାରେ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଉପସ୍ଥିତ ଥିବା ସରକାରୀ ଓକିଲମାନେ କୌଣସି ପ୍ରତିବାଦ ନ କରି ପରମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ସିଦ୍ଧାନ୍ତକୁ ପ୍ରତିବାଦ କରି ରାଜ୍ୟ ଓକିଲ ସଂଘର କର୍ମକର୍ତ୍ତାମାନେ ପଥଭ୍ରଷ୍ଟ ହୋଇଥିବା ମନ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଆନ୍ଦୋଳନ ପ୍ରତ୍ୟାହାର କରି ଜନସାଧାରଣଙ୍କ ସୁବିଧା ନିମନ୍ତେ କୋର୍ଟରେ ୨୯ ତାରିଖ ସୋମବାରଠାରୁ କାର୍ଯ୍ୟରେ ଯୋଗଦାନ ପାଇଁ ବିଜୁ ଜନତା ଦଳ ଲିଗାଲ ସେଲ୍ ମାଧ୍ୟମରେ ସ୍ଥିର କରିଥିଲେ। ଫଳରେ ରାଜ୍ୟ ଓକିଲ ସଂଘକୁ ଧକ୍କା ଲାଗିଥିଲା। ସଂଘ ପକ୍ଷରୁ କୌଣସି ଲୋକଙ୍କୁ କୋର୍ଟ ପରିସରକୁ ନ ଯିବା ପାଇଁ ଫାଟକରେ ତାଲା ପକାଇବା, ପିକେଟିଂ କରିବା ଏବଂ ଫାଟକ ଆଗରେ ନିଆଁ ଜଳାଇ ପ୍ରତିବାଦ କରିବା ଭଳି ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯାଇଥିଲା।

## ଭାଜପା ପକ୍ଷରୁ ସୋର ବ୍ଲକ ଘେରାଉ

**ସୋର, ୩୧।୧୦ (ଡି.ଏନ.ଏ.)**

ସୋର ଭାଜପା ତରଫରୁ ମଙ୍ଗଳବାର ସୋର ବ୍ଲକ ଘେରାଉ କରାଯାଇଛି। ଏହି ଅବସରରେ ଶତାଧିକ ଭାଜପା କର୍ମୀ ଘେରାଉରେ ସାମିଲ ହୋଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ସମାଲୋଚନା କରାଯାଇଥିଲା। ଭାଜପା ନେତା ରାକେଶ ମଲ୍ଲିକ, ସଞ୍ଚାଳକ ମିହିର ପାଣି, ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି, ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ନାୟକ, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ନଳିନୀକାନ୍ତ ମହାପାତ୍ର, ଈଶ୍ୱର ବେହେରା, ଯୁବନେତା ସଞ୍ଜୟ ରାଉଳ, ନଗର ସଭାପତି ପୁରଞ୍ଜନ ପଣ୍ଡା ଓ ନିରଞ୍ଜନ ଜେନା ପ୍ରମୁଖଙ୍କ ନେତୃତ୍ୱରେ ଏହି ଘେରାଉ କରାଯାଇଥିଲା।

## ସଫ୍ଟବଲ ଖେଳାଳି ସମ୍ବର୍ଦ୍ଧିତ

**ସିମୁଳିଆ, ୩୧।୧୦(ଡି.ଏନ.ଏ.)**

ଓଡ଼ିଶା ସଫ୍ଟବଲ୍‌ର ୧୦ମ ପୂର୍ବାଞ୍ଚଳ ଜାତୀୟ ସଫ୍ଟବଲ ପ୍ରତିଯୋଗିତାରେ ସିମୁଳିଆର ଉଭୟ ବାଳିକା ଓ ବାଳକ ଚାମ୍ପିୟନ ହୋଇଛନ୍ତି। ଏହି ଅବସରରେ ସମସ୍ତ ଖେଳାଳିଙ୍କୁ ମାର୍କୋଣା ରେଳ ଷ୍ଟେଶନରେ ମାର୍କୋଣା ଆଥ୍‌ଲେଟିକ ଆସୋସିଏଶନ(ମା') ପକ୍ଷରୁ ସ୍ୱାଗତ କରାଯାଇଥିଲା।

ଗତ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର କଲ୍ୟାଣୀରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ବାଳକ ଦଳ ମଣିପୁରକୁ ୯-୧ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ବାଳିକା ଦଳ ପଶ୍ଚିମବଙ୍ଗକୁ ୧୦-୦ରେ ହରାଇ ଚାମ୍ପିୟନ ହୋଇଛି। ଏହି ଅବସରରେ ଖେଳାଳି ରାଜଶେଖର ଓ ବବିତା ନାୟକଙ୍କ ସହଯୋଗକୁ ସ୍ୱାଗତ ଜଣାଯାଇଛି। କୋଚ୍ ବିଭୁଦତ୍ତ ରଥ, ମା'ର ସମ୍ପାଦକ ରମାକାନ୍ତ ପଣ୍ଡା ଓ ସଭାପତି ଗଦାଧର ଜେନା ଖେଳାଳିମାନଙ୍କୁ ଫୁଲତୋଡ଼ା ଦେଇ ସମ୍ମାନିତ କରିଥିଲେ।



ମାର୍କୋଣା ରେଳ ଷ୍ଟେଶନରେ ସଫ୍ଟବଲ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ରାଷ୍ଟ୍ରୀୟ ଏକତା ଦିବସରେ ଶପଥପାଠ



ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀମାନେ ଶପଥପାଠ କରୁଛନ୍ତି।

**ବାଲେଶ୍ୱର ଅଫିସ, ୩୧।୧୦**

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ କିଲଟରୀ ପରିସରରେ ବୁଧବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀମାନଙ୍କୁ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ ଯୋଗଦେଇ ଶପଥ ପାଠ କରାଇଛନ୍ତି।

ପୂର୍ବରୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ ଆଜିର ଦିବସ ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ। ଉପଜିଲାପାଳ ନିଲୁ ମହାପାତ୍ର, ଡେପୁଟି କଲେକ୍ଟର ସ୍ନିଗ୍ଧାଛାୟା ମହାପାତ୍ର, ଜେନେରାଲ ମ୍ୟାନେଜର ଜିଲା ଶିଳ୍ପ ଅଧିକାରୀ ହରିହର ଜେନା, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ମୃତ ଚାଷୀଙ୍କ ପରିବାରକୁ ୫ଲକ୍ଷ ସହାୟତା

**ରୂପସା, ୩୧।୧୦(ଡି.ଏନ.ଏ.)**

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ସଦର ବ୍ଲକ ଶ୍ରୀରାମପୁର ସେବା ସମବାୟ ସମିତି ପକ୍ଷରୁ ସାପ କାମୁଡାରେ ମୃତଚାଷୀ ଚକ୍ରଧର ପ୍ରଧାନଙ୍କ ପରିବାରକୁ ବୀମାରାଶି ବାବଦରେ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ସମିତି ସଭାପତି ସନ୍ନ୍ୟାସୀ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ବ୍ୟାଙ୍କ ଶାଖା ପରିଚାଳକ ହିମାଂଶୁ ଶେଖର ଦାସ, ଆସିଷ୍ଟାଣ୍ଟ ମ୍ୟାନେଜର ଅଶୋକ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ମୃତକଙ୍କ ପତ୍ନୀ ଲକ୍ଷ୍ମୀମଣି ପ୍ରଧାନଙ୍କୁ ବୀମାରାଶିର ଚେକ୍ ପ୍ରଦାନ କରିଥିଲେ। ମୃତଚାଷୀ ଚକ୍ରଧର ପୂର୍ବରୁ ସମିତିରୁ ଋଣ ନେଇ ୮୮ଟଙ୍କାର ବାର୍ଷିକ କିସ୍ତି ଦେଇ ବୀମାଭୁକ୍ତ ହୋଇଥିଲେ। ସାପ କାମୁଡ଼ାରେ ମୃତଚାଷୀ ଚକ୍ରଧର ଆକସ୍ମିକ ମୃତ୍ୟୁବରଣ କରିଥିବାରୁ ଏଥିଲାଗି ତାଙ୍କ ପରିବାରଙ୍କୁ ଉକ୍ତ ବୀମା ସହାୟତା ମିଳିଛି। । କାର୍ଯ୍ୟକମରେ ଉପସଭାପତି ମଞ୍ଜୁବାଳା ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମିତି ସମ୍ପାଦକ ବୈଦ୍ୟନାଥ ବାରିକ କାର୍ଯ୍ୟକ୍ରମ ଧନ୍ୟବାଦ ଅର୍ପଣ କରିଥିଲେ। ସମିତିର ସମସ୍ତ ନିର୍ଦ୍ଦେଶକ ଓ କର୍ମଚାରୀ ଉପସ୍ଥିତ ଥିଲେ ।



ମୃତ ଚାଷୀଙ୍କ ପତ୍ନୀଙ୍କୁ ବୀମାରାଶି ଚେକ୍ ପ୍ରଦାନ କରାଯାଉଛି।

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର
ଶାଖା ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୨୧, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଶାଖା ଇ-ମେଲ: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ:
**ତା.୦୫.୧୨.୨୦୧୮ ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**
ଇ-ନିଲାମ ତାରିଖ ଏବଂ ସମୟ: **ତା.୧୦.୧୨.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ** ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀ ବିକ୍ରମ କେଶରୀ ପ୍ରଧାନ,** ପିତା: ପ୍ରହ୍ଲାଦ ପ୍ରଧାନ, ପ୍ଲଟ୍ ନଂ.: ୫୮/୮୩(ବି), ଆରଡ଼ି-୩, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼ ନିକଟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | **ଶ୍ରୀ ବିକ୍ରମ କେଶରୀ ପ୍ରଧାନଙ୍କ** ନାମରେ ଥିବା ଜମି ଏବଂ ଅର୍ଦ୍ଧ ନିର୍ମିତ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଞ୍ଜୋ, ତହସିଲ/ଥାନା: ବାଲିଅନ୍ତା, ଖାତା ନଂ.: ୫୫/୧୮, ପ୍ଲଟ୍ ନଂ.: ୧୧, କ୍ଷେତ୍ର: ଏକର୦.୦୩୪.୪୩ ଡିସିମିଲି (୧୫୦୦ ବର୍ଗଫୁଟ), ସବ୍-ପ୍ଲଟ୍ ଡୁପ୍ଲେକ୍ସ ହାଉସ୍ ନଂ. ୨୩, ଏହାର ଚାରିପାର୍ଶ୍ୱରେ- ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ସବ୍-ପ୍ଲଟ୍ ନଂ. ୨୪, ଦକ୍ଷିଣ: ସବ୍-ପ୍ଲଟ୍ ନଂ. ୨୨ | ୧୮.୦୫.୨୦୧୮ ସୁଦ୍ଧା ୪୩,୯୬,୧୮୯/- + ୧୯.୦୫.୨୦୧୮ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୧୮.୦୫.୨୦୧୮ | ଟ.୨୧,୫୦,୦୦୦/- <br> ଟ.୨,୧୫,୦୦୦/- <br> ଟ.୧୦,୦୦୦/- |

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୯.୧୧.୨୦୧୮ ପୂର୍ବାହ୍ନ ୧୧.୦୦ ଘଟିକା**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ଓ ଅନ-ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s. e-Procrurement Technologies Limited, Ahmedabad** ର ୱେବସାଇଟ **https://sbi.auctiontiger.net** ମାଧ୍ୟମରେ ଉପରଦର୍ଶିତ ତା୧୦.୧୨.୨୦୧୮ରିଖରେ ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sbi.auctiontiger.net** ରେ ଉପଲବ୍ଧ।
୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡ଼ିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ। ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।
୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 30795489310, Name of the A/C.: SARC Bhubaneswar Recovery Account, Name of the Beneficiary: State Bank of India, IFSC Code No.: SBIN0060430** କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ **"Authorised Officer, State Bank of India, SARB, Bhubaneswar"**ଙ୍କ ସପକ୍ଷରେ ଭୁବନେଶ୍ୱର ଠାରେ ଦେୟ ଦର୍ଶାଇ ପୈଠ କରିବେ।
୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s. e-Procrurement Technologies Limited, Ahmedabad**ଙ୍କ ଦ୍ୱାରା ଇମେଲ ମାଧ୍ୟମରେ ପାଇପାରିବେ)। ଯୋଗାଯୋଗ କରନ୍ତୁ: **Ram Sharma - 08000023297, Rakesh Nayak- 9937220319 / Land Line No.: 079-40230821/823/824/825/826/827/816/806. Toll Free No.:18001035342. Email ID: orissa@auctiontiger.net, ramprasad@auctiontiger.net & support@auctiontiger.net** (ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ)।
୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ/ ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ଭୁବନେଶ୍ୱରଙ୍କ** ଠାରେ **ତା.୦୫.୧୨.୨୦୧୮ରିଖ ଅପରାହ୍ନ ୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।
୬) ପୋର୍ଟାଲ **https://sbi.auctiontiger.net** ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ଭୁବନେଶ୍ୱରଙ୍କ** ଦ୍ୱାରା ଚିହ୍ନଟ କରାଯିବ। **M/S e-Procurement Technologies Limited, Ahmedabad**ଙ୍କ ଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ।
୭) ଆଗ୍ରହୀ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ ସିଟି କେସ୍ ଅଫିସର, **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: Mob.: 9437280340** ରେ ଯୋଗାଯୋଗ କରିପାରିବେ।
୮) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।
୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତା/ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।
୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/S e-Procurement Technologies Limited, Ahmedabad**ଙ୍କ ଠାରୁ ଇ-ନିଲାମ ସମ୍ପର୍କିୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/S e-Procurement Technologies Limited, Ahmedabad** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।
୧୧) ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।
୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ / ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।
୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।
୧୪) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।
**୧୫) ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମ ୨୦୦୨ର ୮(୬) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ୩୦ ଦିନିଆ ବୈଧାନିକ ନୋଟିସ ଅଟେ।**
୧୬) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ ୨୬ **QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।

**ତାରିଖ : ୩୧.୧୦.୨୦୧୮, ସ୍ଥାନ : ଭୁବନେଶ୍ୱର**
**ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

# ହାତୀ ଭୟ: ବନାଞ୍ଚଳବାସୀ ରାତିଅନିଦ୍ରା

**ସଜନାଗଡ଼,୩୧।୧୦(ଡି.ଏନ.ଏ.)**

ଝାଡ଼ଖଣ୍ଡ ଦଲମା ଜଙ୍ଗଲରୁ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳକୁ ଚାଲିଆସିଥିବା ହାତୀପଲ ବୁଧବାର ମଧ୍ୟରାତ୍ରିରେ ହାତୀପଲ ତିନିକୋଶିଆ ଜଙ୍ଗଲକୁ ପଶିଥିଲେ। ସେମାନେ ଜଙ୍ଗଲ ନିକଟବର୍ତ୍ତୀ ଚାଷ ଜମିକୁଯାଇ ଥୋଡ ବାହାରୁଥିବା ଏବଂ କେତେକ ଅଧାପାଚିଲା ଧାନଫସଲ ଖାଇଥିଲେ। ସେମାନେ ଯେତିକି ଖାଦ୍ୟ ଖାଉଥିଲେ ତା' ଠାରୁ ଅଧିକ ଦଳି ଚକଟି ନଷ୍ଟ କରି ଦେଇଥିଲେ। ତିନିକୋଶିଆ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ସାତରାଣ୍ଡ, ହାତୀମୁଣ୍ଡା, ତେରେଲ୍ଡ଼ି, ଧିରିଗୁଟ, ଭାଲୁକାଶୁଣି, ଆମ୍ବଝର, ଚେକାମରା ଆଦି ଗ୍ରାମର ଲୋକେ ହାତୀ ଭୟରେ ରାତି ଅନିଦ୍ରା ରହି ଗ୍ରାମମୁଣ୍ଡରେ ନିଆଁ ଜଳାଇ ଜଗି ବସିଥିଲେ। ତେବେ ମଙ୍ଗଳବାର ଭୋର୍ ସମୟବେଳକୁ ହାତୀପଲ ଚିରାଚରିତ ଚଲାପଥ ଦେଇ ଗୋପାଳପୁର ଜଙ୍ଗଲକୁ ମୁହାଇଁଥିବା ସୂଚନା ମିଳିଛି।

ଝାଡ଼ଖଣ୍ଡ ହାତୀପଲ ପୂର୍ବବର୍ଷ ତୁଳନାରେ ଏଥର ୧ ମାସ ଆଗରୁ ନୀଳଗିରି ବନାଞ୍ଚଳକୁ ଆସି ଉପଦ୍ରବ ଆରମ୍ଭ କରିଥିବାରୁ ବନାଞ୍ଚଳବାସୀ ଓ ପ୍ରଶାସନ ଚିନ୍ତାରେ ପଡ଼ିଛନ୍ତି। ଜଙ୍ଗଲ ବିଭାଗ ପୂର୍ବରୁ ଅଚଳ ହୋଇ ପଡ଼ିଥିବା ସୌରବାଡ଼କୁ ଜରୁରୀକାଳୀନ ଭିତିରେ ସଜଡା ଯିବା ସାଙ୍ଗକୁ ପୋତି ପଡିଥିବା ଟ୍ରେଞ୍ଚଗୁଡ଼ିକ ଜେସିବି ସାହାଯ୍ୟରେ ପୁନରୁଦ୍ଧାର ଉଦ୍ୟମ କରାଯାଉଥିଲେମଧ୍ୟ ଏହା ହାତୀପଲକୁ ରୋକି ପାରୁ ନାହିଁ। ବହୁ ଗାଁକୁ ଲାଗି ରହିଥିବା ସୌରବାଡ଼ ଓ ଟ୍ରେଞ୍ଚ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି।

ବନବିଭାଗ ପକ୍ଷରୁ ବାଲେଶ୍ୱର ଡିଏଫ୍ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ କୁଲଡ଼ିହାର ଏସିଏଫ୍ଓ ଲକ୍ଷ୍ମଣ ପ୍ରଧାନ, ନୀଳଗିରି ରେଞ୍ଜର ସୁକୁମାର ଦାସ, ଫରେଷ୍ଟର ଦେବରାଜ ରାଉତ, ସରୋଜ ପ୍ରଧାନ, ଗଣେଶ ପ୍ରସାଦ ଲେଙ୍କା, ଉମାକାନ୍ତ ଜେନା, କିଶୋର ଭୂୟାଁ, ସୌମ୍ୟରଞ୍ଜନ ମାଝିଙ୍କ ସମେତ ଗାର୍ଡ଼ ସସ୍ମିତା ଶିଅଳ, ଶାଗରିକା ସିଂ, ଦୁଷ୍ମନ୍ତ ଜେନା, ହିମାଂଶୁ ପାଟୀଙ୍କ ସମେତ ସବୁଜବାହିନୀ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଏଥିସହ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ହାତୀ ଜନବସତି ମୁହାଁ ନ ହେବା, ହାତୀଙ୍କ ଦାଉରୁ ଧନ ଜୀବନ ସୁରକ୍ଷା ପାଇଁ ବନବିଭାଗ ଉଦ୍ୟମ ଚଳାଇଥିବା କହିଛି। ହାତୀଙ୍କ ଚଳାପଥକୁ ଲକ୍ଷ୍ୟରେ ରଖି ଡାକବାଜି ଯନ୍ତ୍ର ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ଗ୍ରାମବାସୀଙ୍କୁ ସଚେତନ କରା ଯାଉଛି। ବୃଦ୍ଧାବୃଦ୍ଧ ଏବଂ ଛୋଟପିଲାଙ୍କୁ ହାତୀ ଆଶ୍ରୟସ୍ଥଳ ଏବଂ ସ୍କୁଲ ଘରଗୁଡ଼ିକୁ ନିଆଯିବାର ବ୍ୟବସ୍ଥା କରାଯାଇଛି। ହାତୀପଲଙ୍କୁ ବିଶୃଙ୍ଖଳିତ ନ କରାଯିବା ଲାଗି ବିଭାଗ ପକ୍ଷରୁ ଲୋକଙ୍କୁ ତାଗିଦ୍ କରାଯାଉଛି। ଅନ୍ୟପକ୍ଷେ ହାତୀଙ୍କ ସୁରକ୍ଷା ଲାଗି ସାରାରାତି ବିଦ୍ୟୁତ୍ ଲାଇନ କାଟି ଦିଆଯିବା ଯୋଗୁ ହାତୀଙ୍କ ଚଳାପଥ ସଂଲଗ୍ନ ଗାଁଗଣ୍ଡା ଅନ୍ଧାରରେ ରହିଛି। ଏସବୁଅଞ୍ଚଳର ଲୋକଙ୍କ ଲାଗି ମାଗଣା ଖାଦ୍ୟର ବ୍ୟବସ୍ଥା ହୋଇ ନ ଥିବା ଏବଂ ହାତୀ ଉପଦ୍ରବ ଅଞ୍ଚଳରେ ଲୋକଙ୍କୁ ଆବଶ୍ୟକ କିରୋସିନ ଦିଆ ନ ଯିବା ନେଇ ଜନ ଅସନ୍ତୋଷ ପ୍ରକାଶ ପାଉଛି। ପୂର୍ବବର୍ଷରେ ଲୋକଙ୍କୁ ଏହି ସୁବିଧା ଦିଆଯାଇଥିବା ବେଳେ ଚଳିତବର୍ଷ ହାତୀ ଆସିବାର ଦୁଇଦିନ ବିତିଥିଲେ ବି ବନ ବିଭାଗ ନୀରବ ରହିଛି।



ତିନିକୋଶିଆ ଜଙ୍ଗଲରେ ଝାଡ଼ଖଣ୍ଡ ହାତୀ।

**ଝାଡ଼ଖଣ୍ଡ ହାତୀଙ୍କ ଉପଦ୍ରବ**

- ତିନିକୋଶିଆ ଜଙ୍ଗଲ ଇଲାକାରେ ଉଜାଡ଼ିଲେ ଫସଲ
- ଏବେ ଗୋଲପୁର ଜଙ୍ଗଲମୁହାଁ
- ବିଦ୍ୟୁତ୍ କାଟ ଯୋଗୁ ଗାଁଗଣ୍ଡା ଅନ୍ଧାରରେ
- ଲୋକଙ୍କୁ ମିଳିନି କିରୋସିନ,ରନ୍ଧାଖାଦ୍ୟ
- କାଠ ଜାଳି ଲୋକେ ଜଗିଛନ୍ତି ଗାଁମୁଣ୍ଡ

## ୧୦ ପ୍ରକଳ୍ପର ଶୁଭ ଦେଲେ ବିଧାୟକ

**ବାଲେଶ୍ୱର ଅଫିସ,୩୧।୧୦:** ବାଲେଶ୍ୱର ସଦର ବ୍ଲକର ଓଡ଼ଙ୍ଗୀ ପଞ୍ଚାୟତରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରାରେ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦେଇ କର୍ମୀମାନଙ୍କ ସହ ପଦଯାତ୍ରାରେ ସାମିଲ ହୋଇଥିଲେ। ଯୁବନେତା ଧୀରେନ ନାୟକଙ୍କ ସଭାପତିତ୍ୱରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ସାଧାରଣ ସଭାରେ ବିଧାୟକ ଦାଶ ସରକାରଙ୍କ ଦ୍ୱାରା ବିଭିନ୍ନ ଜନକଲ୍ୟାଣ ଯୋଜନା ଏବଂ ଉକ୍ତ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ଙ୍ଗୀ ପଞ୍ଚାୟତ ବିଜୁ ଜନତା ଦଳର ସଭାପତି ମଧୁସୂଦନ ଦାସ, ବରିଷ୍ଠ ନେତା ସୀତାରାମ ଦାସ, ପ୍ରଦୀପ ମହାନ୍ତି, ସନ୍ନ୍ୟାସୀ ନାୟକ, ଯୋଗେନ୍ଦ୍ର ତପସ୍ୱୀ, ଯୁବ ଜନତା ଦଳର ଉପସଭାପତି ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ 'ଆମ ଗାଁ ଆମ ବିକାଶ' ଯୋଜନାରେ ୨୫ଲକ୍ଷ ଟଙ୍କା ବ୍ୟୟରେ ୧୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଗ୍ରାମ୍ୟ ଉନ୍ନୟନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବାଘାଯତୀନ ଉଚ୍ଚ ବିଦ୍ୟାଳୟର ନୂତନ ଗୃହକୁ ମଧ୍ୟ ଉଦ୍‌ଘାଟନ କରିଥିଲେ।

**ସଂକ୍ଷେପରେ**

### ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ଉଦ୍ୟମ
## ପ୍ରଧାନଶିକ୍ଷକଙ୍କୁ ଧରିଲେ ଗ୍ରାମବାସୀ

**ଜଳେଶ୍ୱର, ୩୧।୧୦(ଡି.ଏନ.ଏ.):** ଜଳେଶ୍ୱର ସହର ୪ ନଂ. ୱାର୍ଡ଼ ପଥରପୁରା ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବୁଧବାର ସକାଳ ସାଢ଼େ ୮ଟାରେ ଏକ ଟ୍ରଲିରେ ୩ ବସ୍ତା ମଧ୍ୟାହ୍ନଭୋଜନ ଚାଉଳକୁ ବାହାରେ ବିକ୍ରି କରିବାକୁ ନେଉଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡ଼ି ହଟହଟା ହୋଇଛନ୍ତି। ଉକ୍ତ ବିଦ୍ୟାଳୟରେ ଏହିଭଳି ଚାଉଳ ବିକ୍ରି ହେଉଥିବା ଅଭିଯୋଗ ପୂର୍ବରୁ ହୋଇଆସୁଥିଲା। ଖବରପାଇ ବିଆରସିସି ପ୍ରଦୀପ କୁମାର ଜେନା, ପୂର୍ବତନ କାଉନସିଲର ବିଜୟ କାମିଲା ଏବଂ ସ୍କୁଲ ଅଭିଭାବକ କମିଟିର ସଦସ୍ୟମାନେ ବିଦ୍ୟାଳୟରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଗ୍ରାମବାସୀଙ୍କ ଦ୍ୱାରା ଜବତ କରାଯାଇଥିବା ଚାଉଳକୁ ଖୋଲା ବଜାରରେ ବିକ୍ରି କରିବା ପାଇଁ ପ୍ରଧାନଶିକ୍ଷକ ନେଇଯାଉଥିଲେ ବୋଲି ବିଆର୍‌ସିସିଙ୍କ ସମ୍ମୁଖରେ ପ୍ରମାଣିତ ହୋଇଥିଲା। ତେବେ ଗୋଷ୍ଠୀ ଶିକ୍ଷାଧିକାରୀ ଅନୁପସ୍ଥିତ ଥିବାରୁ ଗୁରୁବାର ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଆର୍‌ସିସି ଜେନା କହିଛନ୍ତି। ଅପରପକ୍ଷରେ ପ୍ରଧାନଶିକ୍ଷକ ସଫେଇ ଦେଇ କହିଛନ୍ତି ଯେ, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଉକ୍ତ ଚାଉଳ ବସ୍ତାଗୁଡ଼ିକ ସେ ଅନ୍ୟ ସ୍କୁଲରୁ ଧାର ସୂତ୍ରରୁ ଆଣୁଥିଲେ ବୋଲି ସେ କହିଛନ୍ତି।

## ଗୋଷ୍ଠୀ ପରିଚାଳିତ ସମ୍ପୂର୍ଣ୍ଣ ପରିମଳ କର୍ମଶାଳା

**ବାଲିଆପାଳ, ୩୧।୧୦(ଡି.ଏନ.ଏ.):** ଡେନମାର୍କର ଏସିଏର ସହାୟତାରେ ରବିବାର ଆର୍ମ ସମ୍ମିଳନୀ କକ୍ଷରେ ଗୋଷ୍ଠୀ ପରିଚାଳିତ ସମ୍ପୂର୍ଣ୍ଣ ପରିମଳ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତାଲିମଦାତା ଭାବେ ଦୟାନିଧି ପରିଡା, ଲକ୍ଷ୍ମୀପ୍ରିୟା ମହିଳା କଲେଜର ଏନଏସଏସ ପ୍ରୋଗ୍ରାମ ଅଫିସର ରମେଶ ଚନ୍ଦ୍ର ପଣ୍ଡା, ଆଇଏନଆରଇଏନ ଫାଉଣ୍ଡେଶନର ଜିଲା ସଂଯୋଜକ ଘନଶ୍ୟାମ ସିଟ୍, ଜିଲା ସ୍ୱଚ୍ଛଭାରତ ମିଶନର ପ୍ରେରକ ଶିବାଜୀ ଦେ, ଟାଟା ଟ୍ରଷ୍ଟର ପ୍ରୋଗ୍ରାମ ଅଫିସର ଉପେନ୍ଦ୍ର କୁମାର ପଲେଇ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଓ ପରିମଳର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ପ୍ରତ୍ୟେକ ମଣିଷ ଦୈନନ୍ଦିନ ଜୀବନରେ ସେମାନଙ୍କର ବ୍ୟବହାରରେ ପରିବର୍ତ୍ତନ ଆଣିବା ଜରୁରୀ ବୋଲି ସେମାନେ କହିଥିଲେ। କର୍ମଶାଳାରେ କେନ୍ଦୁଆଡିଆ, କୁଲ୍ଲାଚଡ, ବଡତାଲପଦା, ଗୁନାପୁର ଆଦି ଗ୍ରାମର ପରିମଳ କମିଟି ସଦସ୍ୟ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଆର୍ମର ସଂଯୋଜକ ମନୋଜ କୁମାର ସ୍ୱାଇଁ ପ୍ରକଳ୍ପର ଆଭିମୁଖ୍ୟ କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ କହିଥିଲେ। ସାବିତ୍ରୀ ଜେନା ଧନ୍ୟବାଦ ଦେଇଥିଲେ।

## ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ




**ରେମୁଣା, ୩୧।୧୦(ଡି.ଏନ.ଏ.):** ବାଲେଶ୍ୱର ଆଲୟେଜ ପକ୍ଷରୁ ବାଲଗୋପାଳପୁରସ୍ଥିତ ନେତାଜୀ କ୍ଲବକୁ ପ୍ରଦାନ କରାଯାଇଥିବା ଏକ ଆମ୍ବୁଲାନ୍ସକୁ ମଙ୍ଗଳବାର ଉଦ୍‌ଘାଟନ କରାଯାଇଛି। ଦୀର୍ଘଦିନ ଧରି କ୍ଲବ ପକ୍ଷରୁ ଦାବି ହେଉଥିବା ଆମ୍ବୁଲାନ୍ସ ସିଏସ୍ଆର ପ୍ରୋଗ୍ରାମ ଆନୁକୂଲ୍ୟରେ ପ୍ରଦାନ କରାଯାଇଛି। ଏଥିପାଇଁ କ୍ଲବର ସମସ୍ତ ସଦସ୍ୟାସଦସ୍ୟ କମ୍ପାନୀକୁ ଧନ୍ୟବାଦ ଜଣାଇଛନ୍ତି। ଆଖପାଖ ଅଞ୍ଚଳ ନୂଆପାଢ଼ୀ, ଶିରେଇପୁର, ରସଲପୁର, ବାଲଗୋପାଳପୁର, ଗୌରପୁର, ଭଗବତପୁର ତଥା ରେମୁଣା ଅଞ୍ଚଳର ୧୫ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ପାଇଁ ଏହି ସେବା ଉପଲବ୍ଧ ହେବ। ଅଧିକାଂଶ ଗରିବ ଶ୍ରେଣୀର ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ କଟକ, ଭୁବନେଶ୍ୱର ଯିବା ପାଇଁ ମାଗଣାରେ ଏହି ଆମ୍ବୁଲାନ୍ସ ସେବା ପାଇପାରିବେ। ମୁଖ୍ୟଅତିଥି ଭାବେ ନୀଳଗିରି ଏସ୍‌ଡ଼ିପିଓ ସୁଦାମ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଆଲଏଜ୍‌ର ନିର୍ଦ୍ଦେଶକ ଧୀରେନ କୁମାର ନାଥ, ଲୋକସମ୍ପର୍କ ଅଧିକାରୀ ସଂଗ୍ରାମ କୁମାର ମହାନ୍ତି, ଇମାମୀର ବରିଷ୍ଠ ନିର୍ଦ୍ଦେଶକ ଏମ୍‌ବିଏସ୍ ନାୟାର, ବି ଆଣ୍ଡ ଏ ପ୍ୟାକେଜିଂର ମ୍ୟାନେଜର ଅମଲ କୁମାର ମହାନ୍ତି, ନୂଆପାଢ଼ୀର ସମିତି ଶୁଭେନ୍ଦୁ କୁମାର ଦାସ ମଙ୍ଗରାଜ ଓ ଝଣ୍ଟୁ ସାହା ପ୍ରମୁଖ ଯୋଗଦେଇ ରୋଗୀ ସେବା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ।

# 'ଗାଇଡ୍‌ଲାଇନ ବଦଳାଅ'




ଖବରଦାତା ସମ୍ମିଳନୀରେ ରାଇସ ମିଲର୍ସ ଆସୋସିଏଶନ କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୩୧।୧୦**

ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଚଳିତ ଖରିଫ ବର୍ଷ (୨୦୧୮-୧୯) ଧାନକିଣା ପଲିସି ଓ ଅପରେଶନାଲ ଗାଇଡ଼ଲାଇନ୍ ଉପରେ ସମସ୍ତ ମିଲରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ବିସ୍ତୃତ ଭାବେ ତର୍ଜମା ନ କରି ନିର୍ଦ୍ଦେଶନାମା ପ୍ରଣୟନ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଯଦି ଏହି ପଲିସିରେ ପରିବର୍ତ୍ତନ କରା ନ ଯାଏ ତେବେ ଧାନ ମିଲିଂ ଅସମ୍ଭବ ବୋଲି ବାଲେଶ୍ୱରର ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ବୁଧବାର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ରାଇସ ମିଲର୍ସ ଆସୋସିଏଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଜିଲା ରାଇସ ମିଲର୍ସ ଆସୋସିଏଶନ୍ ସଭାପତି ସ୍ୱରୂପ ଦାସ କହିଛନ୍ତି।

ଏତଦ୍‌ବ୍ୟତୀତ କଷ୍ଟମ ମିଲିଂ ପାଇଁ ଏଗ୍ରିମେଣ୍ଟ ପୂର୍ବରୁ ପୂର୍ବବର୍ଷଗୁଡିକର ବକେୟା ରାଶି ପ୍ରଦାନ ସମେତ ଚଳିତବର୍ଷ ସରକାର କଷ୍ଟମ ମିଲିଂର ମୂଲ୍ୟ ଧାର୍ଯ୍ୟ ଓ ପରିବହନ ମୂଲ୍ୟ ଯଥାଶୀଘ୍ର ଘୋଷଣା, ମିଲରମାନଙ୍କର ଚାଉଳ ଫେରସ୍ତ ନେବାର ସମୟ ଅବଧିକୁ ଜୁଲାଇ ପରିବର୍ତ୍ତେ ଅକ୍ଟୋବର ଶେଷ ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରିବା, ପଲିସିରେ ଧାର୍ଯ୍ୟ ପାଇଥିବା ୧:୬ ସିକ୍ୟୁରିଟି ଡିପୋଜିଟ୍ ରେସିଓକୁ ବଦଳାଇ ୧:୧୦ ରେସିଓ କରିବା ଭଳି ଦାବି କରାଯାଇଛି। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରୁଥିଲେ ମଧ୍ୟ ସେମାନେ କୌଣସି ସମାଧାନର ରାସ୍ତା ବାହାର ନ କରି ରାଇସ ମିଲ୍‌ର ମାଲିକମାନଙ୍କୁ ବଳପୂର୍ବକ ଲଦି ଦେଉଛନ୍ତି। ଫଳରେ ମିଲରମାନଙ୍କୁ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ପଡୁଛି। ବିଭାଗୀୟ ଅଧିକାରୀ ପୁଙ୍ଖାନୁପୁଙ୍ଖ ଆଲୋଚନା ନ କଲେ ସୀମିତ ସମୟ ମଧ୍ୟରେ ଚାଷୀମାନେ ସେମାନଙ୍କର ଧାନ ବିକ୍ରି କରି ନ ପାରି ଅଭାବୀ ବିକ୍ରିର ଶିକାର ହେବେ ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି। ଗାଇଡ଼ଲାଇନକୁ ପରିବର୍ତ୍ତନ କରି ସରଳୀକରଣ କରାଗଲେ ଚାଷୀ, ରାଇସମିଲ, ମିଲରେ ସମସ୍ତ କର୍ମଚାରୀ ଏବଂ ଜିଲା ପିଡ଼ିଏସ୍ ପାଇଁ ଆବଶ୍ୟକ ଚାଉଳ ଟାର୍ଗେଟ ପୂରଣ ହୋଇପାରିବ ବୋଲି ଉପସ୍ଥିତ ସଂଘର ପଦାଧିକାରୀମାନେ ମତବ୍ୟକ୍ତ କରିଥିଲେ। ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଜିଲା ରାଇସ ମିଲର୍ସ ଆସୋସିଏଶନ ସମ୍ପାଦକ ଲକ୍ଷ୍ମୀଧର ଦୀପକ ରଞ୍ଜନ ଦାସ, ଭଦ୍ରକ ଜିଲା ରାଇସ ମିଲର୍ସ ଆସୋସିଏଶନ ସଭାପତି ରାଜକିଶୋର ଅଗ୍ରୱାଲ ଓ ସମ୍ପାଦକ ଶେଖର ମହାପାତ୍ର, ମୟୂରଭଞ୍ଜ ଜିଲା ରାଇସ ମିଲର୍ସ ଆସୋସିଏଶନ ନାରାୟଣ ଚନ୍ଦ୍ର ମାଝି ଉପସ୍ଥିତ ଥିଲେ।

**ଦାବି କଲା ରାଇସ ମିଲର୍ସ ଆସୋସିଏଶନ**

## ଋଣ ନାଁରେ ଠକେଇ: ୫ ଗିରଫ

**ଜଳେଶ୍ୱର, ୩୧।୧୦ (ଡି.ଏନ.ଏ.):** ଜଳେଶ୍ୱର ଥାନା ଅନ୍ତର୍ଗତ ଗୋପୀମୋହନପୁର ପଞ୍ଚାୟତ ଅଧୀନ ସରସିଦା ଗ୍ରାମରେ ଘର ଘର ବୁଲି ଋଣ ଯୋଗାଇ ଦେବା ନାଁରେ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ବୁଧବାର ପୋଲିସ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଏନେଇ ରାୟାଁରାମଚନ୍ଦ୍ରପୁର ପଞ୍ଚାୟତ ସାନ ରାଉତପଡ଼ା ଗ୍ରାମର କାଳିଚରଣ ଦାସ ନାମକ ଯୁବକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଠକେଇ ମାମଲା (ନଂ.୩୨୨/୧୮) ରୁଜୁ କରିଛି। ଅଭିଯୁକ୍ତମାନେ ସ୍ୱୟଂ ସହାୟିକା ଗୋଷ୍ଠୀର କେତେକ ମହିଳାଙ୍କୁ ଋଣ ଯୋଗାଇ ଦେବାକୁ ପ୍ରବର୍ତ୍ତାଉଥିଲେ। ଅଭିଯୁକ୍ତମାନେ ପ୍ରତି ମହିଳାଙ୍କଠାରୁ ୭୦୦ରୁ ୧୦୦୦ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିଲେ। ଅଭିଯୁକ୍ତମାନେ ବାଲେଶ୍ୱରସ୍ଥିତ ମୁସ୍କାନ ମାର୍କେଟିଂ ସଲ୍ୟୁଶନ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ସଂସ୍ଥା ପାଇଁ କାମ କରୁଥିଲେ। ଏହି ସଂସ୍ଥାର ମ୍ୟାନେଜର ତଥା ବାଲେଶ୍ୱର ସଦର ସହଦେବଖୁଣ୍ଟା ଅଞ୍ଚଳର ନିବାସୀ ଗୌରାଙ୍ଗ ଚନ୍ଦ୍ର ବେହେରା ତାଙ୍କର ସହଯୋଗୀଙ୍କୁ ନେଇ ସରସିଦା ଗ୍ରାମସ୍ଥିତ ବର୍ତ୍ତନା ସେବା ସମବାୟ ସମିତି କାର୍ଯ୍ୟାଳୟ ନିକଟରେ ଲୋକମାନଙ୍କଠାରୁ ଟଙ୍କା ଆଦାୟ କରିବା ଆରମ୍ଭ କରିଥିଲେ। ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ସମ୍ପୂର୍ଣ୍ଣ ଘଟଣା ଲୋକଲୋଚନକୁ ଆସିପାରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ମ୍ୟାନେଜର ଗୌରାଙ୍ଗ, ଜଳେଶ୍ୱର ଥାନା ଖରିଦା ଗ୍ରାମର ଜ୍ୟୋତିକେଶ ଭୋଇ, ଦେଉଳା ଗ୍ରାମର ଅଭିଜିତ୍ ଜେନା, ଲକ୍ଷ୍ମଣନାଥ ଗ୍ରାମର ସାଗର ସେଠୀ, ପଥରପୁରା ଗ୍ରାମର ସୁଜାତା ପରିଡ଼ା। ଏଭଳି ଘଟଣାକୁ ନେଇ ଜଳେଶ୍ୱର ଅଞ୍ଚଳରେ ପୁଣି ଚିଟ୍‌ଫଣ୍ଡ ଭଳି ଠକେଇ ଆର୍ଥିକ ସଂସ୍ଥା ନିଜର କାୟାବିସ୍ତାର କରିବାକୁ ଆରମ୍ଭ କଲାଣି।

### ଖଇରା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ
## 'ଭାଷାରେ ଆଣ ନୂତନ ଶବ୍ଦର ସମ୍ଭାର'



ଅତିଥିଙ୍କ ଦ୍ୱାରା ମୁଖପତ୍ର 'ଖଇରା ଶ୍ରୀ' ଉନ୍ମୋଚନ କରାଯାଉଛି।

**ଖଇରା, ୩୧।୧୦(ଡି.ଏନ.ଏ.)**

ଖଇରା ସାହିତ୍ୟ ସଂସଦର ୪୧ତମ ବାର୍ଷିକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ସ୍ଥାନୀୟ ଶିକ୍ଷକ ସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କବି ମାୟାଧର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିବା ଅବସରରେ ଅନ୍ୟ ଆଞ୍ଚଳିକ ଭାଷା ଭଳି ସାହିତ୍ୟରେ ମଧ୍ୟ ନୂତନ ଶବ୍ଦ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡିଆ ଭାଷା ଉପଦେଷ୍ଟା ବିମଳ ଜେନା ମୁଖ୍ୟଅତିଥି, ରାଜ୍ୟ ସାହିତ୍ୟ ଏକାଡେମୀର ସଭ୍ୟ ଡ. ହରିଶ୍ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ସାହିତ୍ୟ ବିଶ୍ୱ ଦରବାରରେ ନିଜ ପରିଚୟ ସୃଷ୍ଟି କରିପାରିଛି ବୋଲି ପ୍ରକାଶ କରିଥିଲେ। କଲିକତା ପ୍ରେସିଡେନ୍ସି କଲେଜର ଓଡିଆ ଭାଷା ସାହିତ୍ୟର ସ୍ନାତକୋତ୍ତର ମୁଖ୍ୟ କୃଷ୍ଣଚନ୍ଦ୍ର ଭୂୟାଁ, ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ବ୍ୟଙ୍ଗ କବି ଅନାଦି ଚରଣ ଜେନା, ଖଇରା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ବ୍ରଜେନ୍ଦ୍ର ନାଥ ଗିରି ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୃଷ୍ଣଚନ୍ଦ୍ର ଭୂୟାଁ, ବିପିନ ବିହାରୀ ବିଶ୍ୱାଳ, ଜୟନ୍ତୀ ମହାରଥା, କଳାକାର ଚକ୍ରଧର ବେହେରା, ସୀତା ମାରାଣ୍ଡି, ଅନାମାନନ୍ଦ ଦାଶ, ନାଟ୍ୟକାର କାଳନ୍ଦୀ ମଲ୍ଲିକ, ବସନ୍ତ କୁମାର ଦାସ, ଅନନ୍ତ କିଶୋର ଉପାଧ୍ୟାୟ, ଅର୍ଜ୍ଜୁନ ଚରଣ ଶିଅଳ, ଡ. ଉମେଶ ଚନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଉମେଶ୍ ଚନ୍ଦ୍ର ନାୟକ ବିବରଣୀ ପାଠ, ପଣ୍ଡିତ କୈଳାସ ଚନ୍ଦ୍ର ପୃଷ୍ଟି ମଙ୍ଗଳଗୀତି ଓ କୃଷ୍ଣଚନ୍ଦ୍ର ପତ୍ରି ବେଦପାଠ କରିଥିଲେ। ମୁଖପତ୍ର 'ଖଇରା ଶ୍ରୀ' ଓ ଅନନ୍ତ ଉପାଧ୍ୟାୟଙ୍କ ଲିଖିତ 'ସମୟର ଚେକ୍' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅଭିଲିପ୍ସା ମହାପାତ୍ର ଓ ଶ୍ରୀୟା ସୁଚରିତା ଘଡେଇଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ମଧୁସୂଦନ ରାଉଳ ଓ ରୀତାରାଣୀ ଦାସ, ଶଶିକାନ୍ତ ଦାସ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ବୁଦ୍ଧିରାମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନଭେମ୍ବରରେ ମହାସମାଧାନ ଶିବିର

**ବାଲେଶ୍ୱର ଅଫିସ, ୩୧।୧୦:** ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ ଓ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାରଙ୍କ ମିଳିତ ଅଭିଯୋଗ ଶୁଣାଣି 'ମହାସମାଧାନ ଶିବିର' ନଭେମ୍ବର ମାସରେ ଜିଲାର ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହେବ । ଏନେଇ ବୁଧବାର ଜିଲାପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ୫ ତାରିଖରେ ବାଲେଶ୍ୱର ଜିଲାପାଳ ଅଫିସ, ୧୨ ତାରିଖରେ ସିମୁଳିଆ ବ୍ଲକ ଅଫିସ, ୧୯ ତାରିଖରେ ବାଲେଶ୍ୱର ଜିଲାପାଳ ଅଫିସ ଏବଂ ୨୬ ତାରିଖରେ ରେମୁଣା ବ୍ଲକ ତୁଣ୍ଡୁରା ପଞ୍ଚାୟତରେ ଶିବିର ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଶିବିରରେ ଉପସ୍ଥିତ ରହିବେ। ପୂର୍ବାହ୍ନ ୧୦ଟାରୁ ଶିବିର ଆରମ୍ଭ ହୋଇ ସମସ୍ତ ଅଭିଯୋଗର ଶୁଣାଣି ସରିବା ପର୍ଯ୍ୟନ୍ତ ଚାଲିବ ବୋଲି ଜିଲାପାଳ ରାଉତ ଗୁରୁତ୍ୱାରୋପ କରିଛନ୍ତି।

# 'ସର୍ଦ୍ଦାର ପଟେଲ ଥିଲେ ରାଷ୍ଟ୍ରୀୟ ଏକତାର ପ୍ରତୀକ'

**ଔପଦା/ବାହାନଗା, ୩୧।୧୦ (ଡି.ଏନ.ଏ.)**

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ତିଥି ପାଳନ ଅବସରରେ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ଗଣଦୌଡ ଓ ସଭା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେ ଥିଲେ ରାଷ୍ଟ୍ରୀୟ ଏକତାର ପ୍ରତୀକ । ବକ୍ତାମାନେ ଦେଶର ଏକତା ଓ ସଂହତି ରକ୍ଷା ଲାଗି ତାଙ୍କ ବଳିଷ୍ଠ କାର୍ଯ୍ୟାବଳୀ ଉପରେ ଆଲୋକପାତ କରି ଏହା ଯୁବପିଢ଼ି ଲାଗି ପ୍ରେରଣାଦାୟକ ହୋଇ ରହିବ ବୋଲି କହିଥିଲେ। ବୁଧବାର ସକାଳ ସାଢେ ୬ଟା ସମୟରେ ଔପଦା ବ୍ଲକ ସଦର ମୁଖ୍ୟରାସ୍ତାରେ 'ରନ୍ ଫର୍ ୟୁନିଟ' ଅନୁଷ୍ଠିତ ହୋଇଥିଲା। ଏହି ଗଣଦୌଡରେ ଶତାଧିକ ଯୁବକ ଯୋଗଦେଇଥିଲେ। ସାମାଜିକକର୍ମୀ ଅଜୟ ପ୍ରଧାନ, ହେମକାନ୍ତ ସିଅ, ଅନନ୍ତ ନନ୍ଦ, ପର୍ଶୁରାମ ଲେଙ୍କା, ହରିହର ମହଲା, ବିକ୍ରମ କେଶରୀ ପାତ୍ର, ଲକ୍ଷ୍ମୀକାନ୍ତ ବେହେରା, ଜିତେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଗଣଦୌଡ କାର୍ଯ୍ୟକ୍ରମ ଔପଦା ଦୁର୍ଗାମଣ୍ଡପ ନିକଟରୁ ଆରମ୍ଭ ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ହରପ୍ରସାଦ ପଣ୍ଡା ଓ ଔପଦା ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ଉପସ୍ଥିତ ଯୁବକଙ୍କୁ ସମ୍ବୋଧିତ କରି ପତାକା ଦେଖାଇ ଗଣଦୌଡ଼ ଉଦ୍‌ଘାଟନ କରିଥିଲେ। ଔପଦା ହାଇସ୍କୁଲ ପଡ଼ିଆ ନିକଟରେ ଗଣଦୌଡ ଶେଷ ହୋଇଥିଲା। ଭାଜପା ଔପଦା ମଣ୍ଡଳ ସଭାପତି କାର୍ତ୍ତିକେଶ୍ୱର ପଣ୍ଡା ଓ ପୂର୍ବତନ ଫତେପୁର ସରପଞ୍ଚ ଶଚନ୍ଦ୍ର ଦାସ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

ସେହିପରି ବାହାନଗା ବ୍ଲକ ଖନ୍ତାପଡା ଭାଜପା ତଥା ଦାଣ୍ଡକାଳୀ ମଣ୍ଡଳ ତରଫରୁ ଗଣଦୌଡ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ଦାଣ୍ଡକାଳୀ ମଣ୍ଡଳ ସଭାପତି ଦିଲ୍ଲିପ ଦାସଙ୍କ ପୌରୋହିତ୍ୟରେ ଖନ୍ତାପଡା ବଜାରରେ ସାଧାରଣ ସଭା କରାଯାଇଥିଲା। ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ଉପସଭାପତି ସୁଷମା ରାଣୀ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

# ଗଣଦୌଡ଼ ବେଳେ ଶକ୍ତି ପ୍ରଦର୍ଶନ

**ସଜନାଗଡ଼,୩୧।୧୦(ଡି.ଏନ.ଏ.)**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିନକୁ ଜାତୀୟ ଏକତା ଦିବସ ଭାବେ ପାଳନ ଅବସରରେ ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ୭ଟି ସ୍ଥାନରେ ଏକତା ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନରେ ଭାଜପାର ଦୁଇ ନେତାଙ୍କ ମଧ୍ୟରେ ଶକ୍ତି ପ୍ରଦର୍ଶନ ନେଇ ଏଠାରେ ଚର୍ଚ୍ଚା ଜୋର୍ ଧରିଛି। ତେବେ ଦଳ ପକ୍ଷରୁ କେହି ଏ ନେଇ କିଛି ପ୍ରତିକ୍ରିୟା ପ୍ରକାଶ କରି ନାହାନ୍ତି।

ଗଣଦୌଡ ଉପଲକ୍ଷେ ନୀଳଗିରି ଶ୍ରୀଜଗନ୍ନାଥ ମନ୍ଦିରଠାରୁ କଚେରି ବଜାର ପର୍ଯ୍ୟନ୍ତ, ବଣସୀମା ମଣ୍ଡଳରେ ଗୋହିରା ଛକ ଠାରୁ ଛତ୍ରପୁର ପର୍ଯ୍ୟନ୍ତ, ଭୂଧାରଚଣ୍ଡୀ ମଣ୍ଡଳର ସଜନାଗଡ଼ ଠାରୁ ପୋଡ଼ାଶୁଳ ପର୍ଯ୍ୟନ୍ତ, ସ୍ୱର୍ଣ୍ଣଚୁଡ଼ ମଣ୍ଡଳରେ କାଠପାଳରୁ କାଂଶ ଓ ଧୋବଶିଳାରୁ କେନ୍ଦୁଖୁଣ୍ଟା, ଦାଣ୍ଡକାଳୀ ମଣ୍ଡଳର ଖନ୍ତାପଡ଼ାରୁ ଦାଣ୍ଡକାଳୀ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ଔପଦାରୁ ପ୍ରତାପପୁର ପର୍ଯ୍ୟନ୍ତ ପ୍ରତ୍ୟେକ ମଣ୍ଡଳରେ ମଧ୍ୟ ଗଣଦୌଡ଼ ଆୟୋଜିତ ହୋଇଥିଲା। ବୁଧବାର ପୂର୍ବାହ୍ନ ୭ଟା ସମୟରେ ପ୍ରତ୍ୟେକ ମଣ୍ଡଳରେ କର୍ମୀମାନେ ୨ ଗୋଷ୍ଠୀରେ ବିଭକ୍ତ ହୋଇ ଶକ୍ତି ପ୍ରଦର୍ଶନ କରିବା ଦେଖିବାକୁ ମିଳିଥିଲା।

ନୀଳଗିରିରେ ପୂର୍ବତନ ବିଧାୟକ ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗଣଦୌଡର ନେତୃତ୍ୱ ନେଇଥିବା ବେଳେ ତାଙ୍କୁ ଭାଜପା କୃଷକମୋର୍ଚ୍ଚା ସଭାପତି କରୁଣାକର ପଣ୍ଡା, ଔପଦା ମଣ୍ଡଳ ସଂଯୋଜକ ଅକ୍ଷୟ ଲେଙ୍କା, ପଞ୍ଚଲିଙ୍ଗେଶ୍ୱର ମଣ୍ଡଳ ସଂଯୋଜକ ମଧୁମାଧବ ଜେନା, ବଣସୀମା ମଣ୍ଡଳ ସଂଯୋଜକ ମାର୍କଣ୍ଡ ମହାପାତ୍ର, ଭୂଧାରଚଣ୍ଡୀ ମଣ୍ଡଳ ସଂଯୋଜକ ଜୟନ୍ତ ନନ୍ଦ, ସ୍ୱର୍ଣ୍ଣଚୁଡ଼ ମଣ୍ଡଳ ସଂଯୋଜକ ତାପସ ମହାନ୍ତି, ନଗର ସଂଯୋଜକ ସୂର୍ଯ୍ୟକାନ୍ତ ବିଶ୍ୱାଳ, ଦାଣ୍ଡକାଳୀ ମଣ୍ଡଳ ସମ୍ପାଦକ ଦିଲ୍ଲୀପ ଦାସ, ରଜ୍ୟ ମହିଳା ମୋର୍ଚ୍ଚା ସଭାପତି ସୁଷମା ରାଣୀ ବିଶ୍ୱାଳ, ସଭ୍ୟ ପରିଷଦର ସଦସ୍ୟ ରବିନାରାୟଣ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଅପରପକ୍ଷରେ ସମାଜସେବୀ ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ଭୂଧାରଚଣ୍ଡୀ ମଣ୍ଡଳ ସଭାପତି ରବୀନ୍ଦ୍ର କୁମାର ନାୟକ, ସ୍ୱର୍ଣ୍ଣଚୁଡ଼ ମଣ୍ଡଳ ସଭାପତି ବିଜୟ କୁମାର ଆଚାର୍ଯ୍ୟ, ବଣସୀମା ମଣ୍ଡଳ ସଭାପତି ଜୟନ୍ତୀ ବିନ୍ଧାଣି, ପଞ୍ଚଲିଙ୍ଗେଶ୍ୱର ମଣ୍ଡଳ ସଭାପତି ମନୋରଞ୍ଜନ ମହାନ୍ତି, ନୀଳଗିରି ବ୍ଲକ ଅଧ୍ୟକ୍ଷା ଜାନକୀ ସିଂ, ଜିଲାପରିଷଦ ସଭ୍ୟା ସୁଭଶ୍ରୀ ସେଠୀ, ରଞ୍ଜିତା ସିଂ, ସୌଦାମିନୀ ସିଂ ପ୍ରମୁଖ ବିଭିନ୍ନ ମଣ୍ଡଳରେ ଆୟୋଜିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏକତାର ବାର୍ତ୍ତା ପ୍ରଚାର ଲାଗି ହେଉଥବବା ଗଣଦୌଡ଼ କାର୍ଯ୍ୟକ୍ରମରେ ଦୁଇଗୋଷ୍ଠୀର ଶକ୍ତି ପ୍ରଦର୍ଶନ ବୁଦ୍ଧିଜୀବୀଙ୍କୁ ଚକିତ କରିଥିଲା।



ନୀଳଗିରି ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଗଣଦୌଡ଼।

## ସଂକ୍ଷେପରେ

### କିରୋସିନ କଳାବଜାର: ୨ ଅଟକ

**ଭଦ୍ରକ ଅଫିସ, ୩୧।୧୦:** ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ପୋଲିସ ଚରମ୍ପା ପଥରଆଡି ଅଞ୍ଚଳରୁ ୨ଜଣଙ୍କୁ କିରୋସିନ କଳାବଜାର କରୁଥିବା ଅଭିଯୋଗରେ ବୁଧବାର ଅଟକ ରଖିଛି। ଗ୍ରାମବାସୀଙ୍କ ସୂଚନା ମୁତାବକ ସ୍ଥାନୀୟ ଡିଲର କିରୋସିନ କଳାବଜାର କରିଆସୁଥିଲେ। ବୁଧବାର ଦୁଇ ବେରେଲ କିରୋସିନ କେଉଁଆଡ଼େ ନେବା ପାଇଁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ଦୟାନିଧି ଦାସ ଘଟଣାସ୍ଥଳରେ ପହଞ୍ଚି ୨ ଜଣଙ୍କୁ ଅଟକ ରଖିବା ସହ କିରୋସିନ ଜବତ କରିଥିଲେ। ଯୋଗାଣ ବିଭାଗକୁ ତଦନ୍ତ ପାଇଁ କୁହାଯାଇଥିବା ପୋଲିସ କହିଛି।

### ବଳିଦାନ ଦିବସ

**ଭଦ୍ରକ ଅଫିସ,୩୧।୧୦:** ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୩୪ତମ ତିରୋଧାନ ଦିବସ ତଥା ବଳିଦାନ ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ଅଶୋକ ଦାସ ଅଧ୍ୟକ୍ଷତା କରି ଇନ୍ଦିରା ଗାନ୍ଧୀଙ୍କ ତ୍ୟାଗପୂତ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ପୂର୍ବତନ ବିଧାୟକ ନରେନ ପଲେଇ, ପଞ୍ଚାନନ ମଣ୍ଡଳ, ପିସିସି ସମ୍ପାଦକ ଦେବରୂପ ମହାନ୍ତି, ଜ୍ୟୋତିପ୍ରକାଶ ମହାନ୍ତି, ଶେଖ୍ ଗୋଲାମ ମହିଉଦ୍ଦିନ, କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି, ଭଣ୍ଡାରିପୋଖରୀ ବିଧାନସଭା ମଣ୍ଡଳୀ ନେତା ସୁବ୍ରତ ଦାସ, ଅତିଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୩୧।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ପାଳଦାବାଙ୍କ ଉତ୍ତରବାଡ ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ସ୍ଥାନୀୟ ମଜୁରିଗଡିଆ ଗ୍ରାମର ନାରାୟଣ ସେନାପତି। ସେ ଭଣ୍ଡାରିପୋଖରୀରୁ ମଜୁରିଗଡିଆ ଗ୍ରାମକୁ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା।

## ପ୍ରସିଦ୍ଧ କାଳୀପୂଜା ପାଇଁ ଭଦ୍ରକ ଏବେଠୁ ଚଳଚଞ୍ଚଳ

# 'ବାରୁଆଳି' ଏଥର ମୁଖ୍ୟ ଆକର୍ଷଣ

**ଭଦ୍ରକ ଅଫିସ, ୩୧।୧୦**

ଓଡ଼ିଶା ପ୍ରସିଦ୍ଧ ଭଦ୍ରକ କାଳୀପୂଜା ପାଇଁ ସହର ପରିବେଶ ଏବେଠୁ ଚଳଚଞ୍ଚଳ ହୋଇଉଠିଛି। ପୂଜା ମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା, ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜୋର ଧରିଛି। ସବୁଥର ଭଳି ଏଥର ପୂଜା ମଣ୍ଡପରେ ବାରୁଆଳି ମୂର୍ତ୍ତି ଆକର୍ଷଣ ରହିବ। ପୌରାଣିକ ଉପାଖ୍ୟାନ ସମେତ ସାମାଜିକ ସଚେତନତାଧର୍ମୀ ପ୍ରସଙ୍ଗକୁ ନେଇ ନୂତନ କଳାଶୈଳୀରେ ବାରୁଆଳି ମୂର୍ତ୍ତି ନିର୍ମାଣ କରାଯାଉଥିବା ସୂଚନା ମିଳିଛି।

କାଳୀପୂଜା ଚରମ୍ପା ଷ୍ଟେଶନ ଅଞ୍ଚଳରେ ପାରମ୍ପରିକ ମେଢ଼ ସାଙ୍ଗକୁ ମଣ୍ଡପରେ ଟେଣ୍ଟ ଓ ସାଜସଜ୍ଜା କାର୍ଯ୍ୟ ଆରମ୍ଭ ହୋଇଛି। ଦୀପାବଳି ତିଥିରୁ ପୂଜା ମଣ୍ଡପରେ ପୂଜାପାଠ ଅନୁଷ୍ଠିତ ହେବ। ଏଥିସହ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ପୀଠ ସମେତ ଅନ୍ୟ ଶକ୍ତିପୀଠରେ ପୂଜା ପାଇଁ ପ୍ରସ୍ତୁତି ଜୋର ଧରିଛି। ମା' ଭଦ୍ରକାଳୀଙ୍କ ସପ୍ତମାତୃକା ବେଶ ପାଇଁ ପୀଠ ଓ ଏହା ଆଖପାଖ ଅଞ୍ଚଳ ସଜେଇ ହେଲାଣି। ଭଦ୍ରକ କାଳୀପୂଜାର ଅନ୍ୟତମ ବିଶେଷତ୍ୱ ହେଲା ବସୁଥିବା ମିନାବଜାର ସାଙ୍ଗକୁ ବିଭିନ୍ନ ବ୍ୟବସାୟିକ ଷ୍ଟଲର ପସରା। ଦୋଳି, ଚକ୍ରି, ସର୍କସ ଓ ମ୍ୟାଜିକ ଭଳି ମନୋରଞ୍ଜନ ମାଧ୍ୟମ ଏବଂ ଅପେରା ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନରେ ସମସ୍ତେ ମଧ୍ୟ ବ୍ୟସ୍ତ ରହିଛନ୍ତି। କୋଲକାତା ଭଳି ବିଭିନ୍ନ ଦୂର ସ୍ଥାନରୁ ବ୍ୟବସାୟୀମାନେ ଆସି ପସରା ସଜାଇବା ପାଇଁ କାମ ଆରମ୍ଭ କରିଛନ୍ତି। ପୂର୍ବବର୍ଷ ପ୍ରଶାସନିକ କଟକଣା କାରଣରୁ କାଳୀପୂଜାରେ ଯାତ୍ରା ପାର୍ଟି ପକ୍ଷରୁ ନାଟ୍ୟ ପରିବେଷଣ ହୋଇ ନ ଥିଲା। ଚଳିତବର୍ଷ ଅପେରା ପରିବେଷଣ ପାଇଁ ଅନୁମତି ମିଳୁଥିବାରୁ ପୂଜା କମିଟି ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି।

ଉଭୟ ସାଂସ୍କୃତିକ ଓ ବ୍ୟବସାୟିକ ଗୁରୁତ୍ୱ ବହନ କରୁଥିବା ଭଦ୍ରକ କାଳୀପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଏହାର ସୁପରିଚାଳନା ପାଇଁ ପୂଜା କମିଟି କର୍ମକର୍ତ୍ତା, ପ୍ରଶାସନ ଓ ପୋଲିସ ଦିନରାତି ଏକ କରି ଲାଗିପଡ଼ିଛନ୍ତି। ଚଳିତବର୍ଷ ସୁରକ୍ଷା ଦୃଷ୍ଟିରୁ ପୋଲିସ ପକ୍ଷରୁ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଯିବା ବ୍ୟବସ୍ଥା କରାଯାଇଛି। ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରତି ମଧ୍ୟ ଜୋର ଦିଆଯାଇଛି ବୋଲି ଏସ୍‌ପି ରାଜେଶ ପଣ୍ଡିତ ସୂଚନା ଦେଇଛନ୍ତି।



ବାରୁଆଳି ମୂର୍ତ୍ତି ନିର୍ମାଣରେ ଲାଗି ପଡିଛନ୍ତି କାରିଗର।

### କାଳୀପୂଜା ଦେବ ରେଳ ସଚେତନତା ବାର୍ତ୍ତା

ଚଳିତବର୍ଷ ବିଭିନ୍ନ କାଳୀପୂଜା କମିଟି ତରଫରୁ ଲୋକଙ୍କୁ ସଚେତନ କରାଇବା ପାଇଁ ଏକପ୍ରକାର ପ୍ରତିଯୋଗିତା ଭିତ୍ତିରେ ବାରୁଆଳି ମୂର୍ତ୍ତି ଓ କଳାକୁଞ୍ଜ ତିଆରି ଚାଲିଛି। ଷ୍ଟେଶନ କାଳୀପୂଜା ମଣ୍ଡପରେ ମୁଖ୍ୟ ଆକର୍ଷଣ ରହିବ ସଚେତନତା ବାରୁଆଳି। ବିନା ଟିକେଟରେ ଯାତ୍ରା କରନ୍ତୁ ନାହିଁ, ଫାଟକ ବିହୀନ ରେଲୱେ ଲାଇନ ପାର ହେବାବେଳେ ସତର୍କତା ଅବଲମ୍ବନ କରିବା ଭଳି ବିଭିନ୍ନ ସଚେତନତା ବାର୍ତ୍ତା ବାରୁଆଳି ମାଧ୍ୟମରେ ଦିଆଯିବ ବୋଲି ସମ୍ପାଦକ ଅଜୟ କୁମାର ପରିଡା କହିଛନ୍ତି।

### ୯ ମଣ୍ଡପରେ ମା'

ଚରମ୍ପା ବ୍ୟତୀତ ସହରର ପ୍ରମୁଖ ସ୍ଥାନରେ ମୋଟ ୯ଟି ସ୍ଥାନରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବେ। ଏଥିଲାଗି କେଉଁଠି ମଣ୍ଡପ ସମ୍ମୁଖ ତୋରଣ କାମ ତ ଆଉ କେଉଁଠି ମା'ଙ୍କ ମୂର୍ତ୍ତି ତିଆରି ଏକପ୍ରକାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲା ବାହାର ଅଞ୍ଚଳରୁ ଆସୁଥିବା ଛୋଟ ବଡ ବ୍ୟବସାୟୀଙ୍କୁ ସ୍ଥାନ ଯୋଗାଇବା ସାଙ୍ଗକୁ ମିନାବଜାର, ରାମଦୋଳି ସହ ଯାତ୍ରାପାର୍ଟି ଆଣିବା ପାଇଁ କମିଟିମାନେ ଯୋଜନା କରି କାର୍ଯ୍ୟ କରୁଥିବା ସୂଚନା ଦେଇଛନ୍ତି।

### ଏଥର ୯ ଦିନ

ଆସନ୍ତା ୭ ତାରିଖରେ ଦୀପାବଳି। ତେବେ ଚଳିତବର୍ଷ ୭ ଦିନ ପରିବର୍ତ୍ତେ ଆସନ୍ତା ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ୯ ଦିନ ପୂଜା ଚଳାଇବା ପାଇଁ କମିଟି କର୍ମକର୍ତ୍ତାମାନେ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ପାଇଥିବା ଭଦ୍ରକ କାଳୀପୂଜା ମହାସଂଘ ପକ୍ଷରୁ କୁହାଯାଇଛି।

### ୬ରେ କଳସ, ୧୬ରେ ଭସାଣି

ଚଳିତବର୍ଷ ଆସନ୍ତା ୬ ତାରିଖରୁ ବିଭିନ୍ନ ପୂଜା ମଣ୍ଡପରେ କଳସ ଶୋଭାଯାତ୍ରା କରାଯାଇ ଘଟ ନିମଜ୍ଜନ, ଘଟ ସ୍ଥାପନ, ପ୍ରାଣ ପ୍ରତିଷ୍ଠା, ଦେବୀଙ୍କର ନ୍ୟାସ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂଜା ସରିବା ପରେ ୧୬ ତାରିଖରେ ହେବ ଭସାଣି ଉତ୍ସବ। ଏଥର ଭସାଣି ଉତ୍ସବରେ ପାରମ୍ପାରିକ ବାଦ୍ୟର ଚମକ ଦେଖିବାକୁ ମିଳିବ।

### ସେଦିନର ପୂଜା ଆଜିର ଗଣପର୍ବ

**ଭଦ୍ରକ ଅଫିସ, ୩୧।୧୦**

ଆଜିକୁ ୧୦୦ ବର୍ଷ ତଳର କଥା। ଭଦ୍ରକର ଜଣେ ଦକ୍ଷିଣ ଭାରତୀୟ କର୍ମଚାରୀ ଚରମ୍ପା(ଭଦ୍ରକ) ଷ୍ଟେଶନ ସଂଲଗ୍ନ ରେଳବାଇ ପରିସରରେ ପ୍ରଥମେ କାଳୀପୂଜା ଆରମ୍ଭ କରିଥିଲେ। ସେହିଦିନର ଏହି ପାରିବାରିକ କାଳୀପୂଜା ପରେ ଜିଲାରେ ଗଣପର୍ବର ରୂପ ନେଇଛି। ଦୀର୍ଘ ୯୨ ବର୍ଷ ଧରି ରେଳବାଇ କର୍ମଚାରୀଙ୍କ ସହ ଚରମ୍ପା ବଜାର ବଣିକ ସଂଘ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଷ୍ଟେଶନ ବଜାର ଅଞ୍ଚଳର ଟ୍ରାଫିକ ଛକରେ ପୂଜା ହୋଇଆସୁଛି। ସେହିପରି ଚରମ୍ପା ବଜାରର ସ୍କୁଲ ରୋଡ ପୂଜା କମିଟି, ନବଗ୍ରହ ମନ୍ଦିର ରୋଡ ଏରେଇଁଠାରେ ଓ ରାଜଘାଟ ପୋଲ ନିକଟରେ କାଳୀପୂଜା ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହେଉଛି। ଡଗରାସାହି, ପଥରଆଡି କାଳୀପୂଜା କମିଟି, କାଉଡିଆ ସଂଘ କାଳୀପୂଜା କମିଟି, ପିଡବ୍ଲୁଆଇ ପୂଜା କମିଟି ପକ୍ଷରୁ ମା'ଙ୍କ ପୂଜାର୍ଚ୍ଚନା ପୂଜା ମାହୋଲରେ ସରସତା ଓ ସୌନ୍ଦର୍ଯ୍ୟ ଭରି ଦେଇଛି। ଷ୍ଟେଶନ ଲୋକୋସେଡ ନିକଟ ପଥରକାଳୀଙ୍କ ନିକଟରେ ମାନସିକ କଲେ ଭକ୍ତମାନେ ସୁଫଳ ପାଆନ୍ତି ବୋଲି ଲୋକ ବିଶ୍ୱାସ ରହିଛି। ପୂଜା ବେଳେ ପଥର କାଳୀଙ୍କ ପୂଜାରେ ସ୍ୱାତନ୍ତ୍ର୍ୟ ବାରି ହୋଇ ପଡ଼େ।




ଷ୍ଟେଶନ କାଳୀପୂଜା ମଣ୍ଡପରେ ମା'ଙ୍କ ଅର୍ଦ୍ଧନିର୍ମିତ ମୂର୍ତ୍ତି।

## ବାଳିକାଙ୍କୁ ଆତ୍ମରକ୍ଷା ତାଲିମ

**ଧାମନଗର, ୩୧।୧୦(ଡି.ଏନ.ଏ.)**

ଧାମନଗର ବ୍ଲକ ଅସୁରାଳି ଆଞ୍ଚଳିକ ମହିଳା କନିଷ୍ଠ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ସଞ୍ଜୟ କୁମାର ବାହାଲ ସଭାପତିତ୍ୱ କରିଥିଲେ। ଜିଲା ନୋଡାଲ ଅଫିସର ତଥା ବାସୁଦେବପୁର ତୃପ୍ତି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ ସାମାଜିକ ବ୍ୟବସ୍ଥା ମଧ୍ୟରେ ବାଳିକାଙ୍କୁ ସୁରକ୍ଷା ଦେବା ସହିତ ବାଳିକାମାନେ ଆତ୍ମରକ୍ଷା କୌଶଳ ଅବଲମ୍ବନ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ହୃଷୀକେଶ ରାଉତ, ରାମାନୁଜ ପତି, ଅଧ୍ୟାପିକା ଗାୟତ୍ରୀ ବିଶ୍ୱାଳ, କାର୍ଯ୍ୟକ୍ରମ ସଂଯୋଜିକା ମାନିନୀ ରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା କାମିନୀବାଳା ମିଶ୍ର ସଞ୍ଚାଳନା କରିଥିଲେ। ଅଧ୍ୟାପିକା ଇନ୍ଦୁପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ।

## ଓକିଲ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ବାସୁଦେବପୁର,୩୧।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର କୋର୍ଟ ସାମ୍ନାରେ ବାସୁଦେବପୁର ଓକିଲ ସଂଘ ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ହାଇକୋର୍ଟରେ କାର୍ଯ୍ୟରତ ଜଣେ ଓକିଲଙ୍କୁ ପୋଲିସର ଆକ୍ରମଣ ପ୍ରତିବାଦରେ ଆଇନଜୀବୀମାନେ ଏହି ଆନ୍ଦୋଳନ ଚଳାଇଛନ୍ତି। ଦୁଇମାସ ଧରି ଆନ୍ଦୋଳନ ଚାଲିଥିବାବେଳେ କୌଣସି ସମାଧାନର ସୂତ୍ର ନ ବାହାରିବାରୁ ଆଇନଜୀବୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରି ତାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଓକିଲ ସଂଘ ସଭାପତି ନାରାୟଣ ନାୟକ, ସମ୍ପାଦକ ତାରାକାନ୍ତ ଡାଙ୍ଗୁଆ, ବରିଷ୍ଠ ଆଇନଜୀବୀ ସହଦେବ ଦାଶ, ନିରଞ୍ଜନ ଜେନା, ପ୍ରଦୀପ ମହାନ୍ତି, କୃପାସିନ୍ଧୁ ଜେନା, ଲକ୍ଷ୍ମୀଦତ୍ତ ମଲିକ, ବାବାଜୀ ଚରଣ ନାୟକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ଏଥିରେ ସାମିଲ ହୋଇଥିଲେ।



ଆଇନଜୀବୀମାନେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

## ମୋବାଇଲ ଟାୱାର ବ୍ୟାଟେରି ଚୋରି

**ଭଣ୍ଡାରିପୋଖରୀ, ୩୧।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ଫାଣ୍ଡି ଅନ୍ତର୍ଗତ ବିରିଡ଼ିଠାରେ ଥିବା ଏକ ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ଏନେଇ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୮୪/୧୮) ରୁଜୁ କରି ତଦନ୍ତ ଚଳାଇଛି। ଗତ ୨୯ ତାରିଖ ରାତିରେ ଦୁର୍ବୃତ୍ତମାନେ ଟାୱାରରୁ ୧୨ ଭୋଲ୍ଟର ୪୮ଟି ବ୍ୟାଟେରି ଚୋରି କରି ନେଇଯାଇଛନ୍ତି। ୩୦ ତାରିଖରେ ଏହା ଦେଖି ଟାୱାର ଟେକ୍‌ନିସିଆନ ପ୍ରଭାକର ସାମଲ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସମୟରେ ଚୋରି ଘଟଣା ଘଟୁଥିବାରୁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

## 'ଦୁର୍ନୀତିରୁ ମୁକ୍ତି' ସଚେତନତା

**ଭଦ୍ରକ ଅଫିସ,୩୧।୧୦**

ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲି଼ ଭଦ୍ରକ ଶାଖାଠାରେ ଦୁର୍ନୀତିମୁକ୍ତ ସଚେତନତା କାର୍ଯ୍ୟକ୍ରମ ବୁଧବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ମହାପ୍ରବନ୍ଧକ ଶାନ୍ତନୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରବନ୍ଧକ ମିଗେନ୍ଦ୍ର ନାଥ ଦତ୍ତ, କାର୍ଯ୍ୟକାରୀ ଯନ୍ତ୍ରୀ ଜିଏଚ୍‌ଭି ରାଜେଶ, ପ୍ରତ୍ୟୁଷ ରଥ, ସୁବୋଧ ହରୋ, କନିଷ୍ଠଯନ୍ତ୍ରୀ ସଞ୍ଜୟ ସେଠୀ, ଅଶୋକ ପରିଡା, ଶଶୀକାନ୍ତ କୁମାର ପ୍ରମୁଖ ଯୋଗଦେଇଥିଲେ। ଦୁର୍ନୀତିମୁକ୍ତ ସକାଶେ ସଂକଳ୍ପ ପଦଯାତ୍ରା ମଧ୍ୟ କରାଯାଇଥିଲା। ଭଦ୍ରକ ଏନ୍‌ଓଏଫ୍‌ଏନ୍, ବାଲେଶ୍ୱର ଏନ୍‌ଓଏଫ୍‌ଏନ୍ ଓ ଆର୍‌ଇ(ଗ୍ରାମ୍ୟ ବିଦ୍ୟୁତୀକରଣ) ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପାୱାର ଗ୍ରୀଡ୍ ପକ୍ଷରୁ ପ୍ରତ୍ୟୁଷ କୁମାର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ କୁଇଜ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଗ୍ରାମ୍ୟ ବିଦ୍ୟୁତ୍‌କରଣ ବିଭାଗ ପ୍ରବନ୍ଧକ ଜଗନାରାୟଣ ରାମ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଣ୍ଡାରିପୋଖରୀରେ ମହିଳା ସମାବେଶ

# ମହିଳା ସୁରକ୍ଷା, ସଶକ୍ତୀକରଣ ଉପରେ ଗୁରୁତ୍ୱ

**ଭଣ୍ଡାରିପୋଖରୀ,୩୧।୧୦(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କଲ୍ୟାଣ ମଣ୍ଡପଠାରେ ବିଜେଡିର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ବିଭିନ୍ନ ମହିଳା ଗ୍ରୁପ ସଦସ୍ୟାଙ୍କ ସମେତ ବହୁ ନାରୀନେତ୍ରୀ ପତୁଆରରେ ସଭାସ୍ଥଳରେ ପହଞ୍ଚିଥିଲେ। ବିଜେଡିର ମହିଳା ନେତ୍ରୀ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟା ରଶ୍ମିତା ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି, ବିଜେଡିର ରାଜ୍ୟ ମୁଖପାତ୍ର ସୁଲୋଚନା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପି ଅର୍ଜ୍ଜୁନ ଚରଣ ସେଠୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଉପାଧ୍ୟକ୍ଷା ଜ୍ୟୋସ୍ନାମଞ୍ଜରୀ ମହାନ୍ତି, ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ପ୍ରଣୀତକାନ୍ତ ସାମଲ, ବନ୍ତ ବ୍ଲକର ପୂର୍ବତନ ଅଧ୍ୟକ୍ଷା ତଥା ଜିଲା ପରିଷଦ ରେବତୀ ନାୟକ, ବିଜେଡିର ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ, ତେସିଙ୍ଗା ସରପଞ୍ଚ ସଙ୍ଗୀତା ଖଣ୍ଡେଇ, ସମିତିସଭ୍ୟା ସ୍ମିତାରେଖା ରାଉତ, ସରପଞ୍ଚ ଅଳିଭା ନାୟକ, ରିତାଞ୍ଜଳି ସାମଲ, ରଞ୍ଜୁଲତା ସେଠୀ, କନକଲତା ସାହୁ, ଲକ୍ଷ୍ମୀ ପ୍ରିୟଦର୍ଶୀ ଭାରତୀ, ପ୍ରମିଳା ସାହୁ ପ୍ରମୁଖ ଯୋଗଦେଇଥିଲେ। ମହିଳା ସୁରକ୍ଷା ଓ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ନାରୀଙ୍କ ସୁରକ୍ଷା ଓ ପ୍ରଗତି ଦିଗରେ ରାଜ୍ୟ ସରକାର ସର୍ବଦା ଯତ୍ନଶୀଳ ଥିବା ମୁଖ୍ୟଅତିଥି ମନ୍ତ୍ରୀ ସାମଲ ବକ୍ତବ୍ୟ ରଖିଥିଲେ। ନାରୀନେତ୍ରୀମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସଫଳତା ବଖାଣି ଥିବାବେଳେ କେନ୍ଦ୍ରର ଅସହଯୋଗ ରାଜ୍ୟ ପ୍ରଗତିରେ ବାଧା ସୃଷ୍ଟି କରୁଛି ବୋଲି ଯୁକ୍ତି ବାଢ଼ିଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ନାରୀନେତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଷ୍ଟ୍ରୀୟ ଏକତା ରକ୍ଷା ପାଇଁ ଗଣଦୌଡ଼

**ଭଦ୍ରକ ଅଫିସ, ୩୧।୧୦**

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରୀୟ ଏକତା ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଜିଲା ପୋଲିସ ପକ୍ଷରୁ ମହତାବ ଛକଠାରୁ ଗଣଦୌଡ ଆରମ୍ଭ ହୋଇଥିଲା। ପ୍ରାୟ ୩ ଶହ ପୋଲିସ କର୍ମଚାରୀ ଏଥିରେ ସାମିଲ ଥିଲେ। ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡା, ଏସ୍‌ଡିପିଓ ଜଳନ୍ଧର ଜାଲି ଓ ପୁରୁଣାବଜାର ଥାନାଧିକାରୀ ପ୍ରଜ୍ଞା ମହାନ୍ତି ଯୋଗଦେଇ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସେହିଭଳି ଜିଲା ଭାଜପା ପକ୍ଷରୁ ତାରିଣୀ ମନ୍ଦିର ନିକଟରୁ ଅନୁରୂପ ଏକ ଗଣଦୌଡ ଆରମ୍ଭ ହୋଇଥିଲା। ଏଥିରେ ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳ, ଡା. ପ୍ରଦୀପ ନାୟକ, ମହିଳାନେତ୍ରୀ ମନସ୍ମିତା ଖୁଣ୍ଟିଆ, ପ୍ରଭାକର ସାମଲ, ବିଦ୍ୟାଧର ସାହୁ, ଆଦିକାନ୍ତ ନାୟକ, ଉତ୍ତମ ପାତ୍ର, ଅମ୍ବିକା ଦାସ, ସୁମିତ୍ରା ପାଣି, ଶରତ ପଢିଆରୀ, ତପନ ମହାନ୍ତି ପ୍ରମୁଖ ସାମିଲ ଥିଲେ।




ଭଦ୍ରକ ଗଣଦୌଡରେ ସାମିଲ ଭାଜପା କର୍ମୀ।

### ଭଣ୍ଡାରିପୋଖରୀ

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଗଣଦୌଡ଼ରେ ମଞ୍ଜୁରିରୋଡ ବଜାରସ୍ଥିତ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ମୁଖ୍ୟଅତିଥି ଭାବେ କୀର୍ତ୍ତନ ବିହାରୀ ରାଉତ, ଅନ୍ୟତମ ଅତିଥି ଭାବେ ବସନ୍ତ ରାଉତ, ପ୍ରଫୁଲ୍ଲ ସାହୁ, ଅଜୟ ପାତ୍ର, ପ୍ରଦୀପ ସାହୁ, ଦୁଷ୍ମନ୍ତ ଜେନା, ପହ୍ଲାଦ ସାହୁ, ସୁବାସ ପାତ୍ର, ତପସ୍ୱିନୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ତପନ ସାହୁଙ୍କ ସଂଯୋଜନାରେ କିଶୋର ଦାସ, ମଧୁସୂଦନ ଜେନା, ରାଧାଶ୍ୟାମ ସାହୁ ପ୍ରମୁଖ ରାଷ୍ଟ୍ରୀୟ ଏକତା ଦିବସ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ନିବେଦିତା ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଆଖୁଆପଦା ଉନ୍ନୀତ ଉ.ପ୍ରା. ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଥିଲା। ସାହିତ୍ୟିକ ବୈଲୋଚନ ଜେନା, ଧନେଶ୍ୱର ସାହୁ, ବିଭୂତି ଭୂଷଣ ମହାନ୍ତି, ଲକ୍ଷ୍ମୀପ୍ରିୟା ଶତପଥୀ, ମଧୁସ୍ମିତା ପରିଡା, ନରେନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ। ବଳଦେବଜୀଉ ନୋଡାଲ ଉ.ପ୍ରା. ବିଦ୍ୟାଳୟଠାରେ ଜାତୀୟ ସଂହତି ଓ ସଂକଳ୍ପ ଦିବସ ପ୍ରଧାନଶିକ୍ଷୟିତ୍ରୀ ମମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନାଟ୍ୟକାର ବ୍ରଜକିଶୋର ମହାନ୍ତି, ଅନ୍ୟତମ ଅତିଥି ଭାବେ ଶିଖାରାଣୀ ଧଳ, ରମେଶ ରାଉତ, ଗୌତମ ସାମ୍ବଲ ଯୋଗଦେଇଥିଲେ। ତପନ ବିଶ୍ୱାଳ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇଥିଲେ। ସଂଯୁକ୍ତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ବାସୁଦେବପୁର

ବାସୁଦେବପୁରରେ ଭାଜପା ପକ୍ଷରୁ ଏକ ଗଣଦୌଡ଼ ପୌରପାଳିକାର ଚାଟେରୀ ଛକରୁ ବାହାରି ସହର ପରିକ୍ରମା କରି ଟାଉନହଲଠାରେ ପହଞ୍ଚିଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ଉପସଭାପତି ଅଶୋକ ସାହୁ, ବରିଷ୍ଠ ନେତା ମାଧବାନନ୍ଦ ମଲିକ ଗଣଦୌଡ଼ରେ ସାମିଲ ଥିଲେ। ଶତାଧିକ ଯୁବକ ଓ ଭାଜପା ସମର୍ଥକ ଏଥିରେ ଅଂଶଗ୍ରହଣ କରିଥିଲେ। ଟାଉନହଲ ସାମ୍ନାରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ମଲିକ, ଦୀନବନ୍ଧୁ ପତି, ଅଶୋକ ସାହୁ ପ୍ରମୁଖ ଦେଶ ଗଠନ ଓ ଗଡ଼ଜାତ ମିଶ୍ରଣରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ମଧୁସୂଦନ ପାଢ଼ୀ, ଯୁବମୋର୍ଚ୍ଚା ସଭାପତି ସମ୍ବିତ ମହାନ୍ତି, କବୀନ୍ଦ୍ର ଶେଖର ଫକୀର ରଞ୍ଜନ ଦାଶ, ପୂର୍ବତନ ନଗରପାଳ ପଞ୍ଚାନନ ସେନାପତି, ଉଦୟ ନାରାୟଣ ମଲିକ, ସଞ୍ଜୟ ପାତ୍ର, ନଗର ସଭାପତି ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

### ଧାମନଗର

ଧାମନଗର ବ୍ଲକ ଗଡିଆଳି ଜାଗୁଲାଇ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ବୁଧବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରାକାର ରାଉତ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ କାକଳୀ ଖଟୁଆ, ସନ୍ଧ୍ୟାରାଣୀ ବସନ୍ତିଆ, ହୀରାମତି ମାର୍ଣ୍ଡି, ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ର ଲୌହମାନବଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଧାମନଗର ବ୍ଲକ ଭାଜପା ତରଫରୁ ୪ଟି ମଣ୍ଡଳରେ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଶହୀଦ ମଣ୍ଡଳ ସଭାପତି ଅଜୟ ବଳଙ୍କ ନେତୃତ୍ୱରେ ସମ୍ପାଦକ ଗଣେଶ ଦାଶ, ଉପସଭାପତି ସୁରଜ ସାହୁ, ଅସୁରାଳି ସରପଞ୍ଚ ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅସୁରାଳୀଠାରୁ କୋଠାର ପର୍ଯ୍ୟନ୍ତ ଗଣଦୌଡ଼ ହୋଇଥିବାବେଳେ ଶତାଧିକ ଯୁବକ ସାମିଲ ହୋଇଥିଲେ। ଧୂଷୁରୀ ମଣ୍ଡଳରେ କୋଠାରଠାରୁ ଧୂଷୁରୀ, ଧାମନଗରରେ ଦଇପୁରଠାରୁ ଚୁଡାକୁଟି ଏବଂ ମୁକୁନ୍ଦଦେବରେ ଖଡିପଦାଠାରୁ ଦୋବଲ ପର୍ଯ୍ୟନ୍ତ ଗଣଦୌଡ଼ ହୋଇଥିଲା।

### ବନ୍ତ

ବନ୍ତ ବ୍ଲକ କେନ୍ଦୁଆପଦା ଓ ଛୟାଳସିଂଠାରେ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରଡେଶ୍ୱର ମଣ୍ଡଳ ଭାଜପା ସଭାପତି ଗୌରହରି ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ଶିକ୍ଷକ ଅନିରୁଦ୍ଧ ଜେନା ଶୁଭାରମ୍ଭ କରିଥିଲେ। କେନ୍ଦୁଆପଦା ଯାତ୍ରୀ ବିଶ୍ରାମାଗାରଠାରୁ ରେଲୱେ ଷ୍ଟେଶନ ପର୍ଯ୍ୟନ୍ତ ଗଣଦୌଡ଼ ହୋଇଥିଲା। ସୌମ୍ୟରଞ୍ଜନ କର, ଶିଶିର ପଲେଇ, ଚନ୍ଦ୍ରମଣି ଜେନା, ଅମର ମଲ୍ଲିକ, ମହେନ୍ଦ୍ର ଓଝା, ମନୋଜ ବିଶ୍ୱାଳ, ପୁରସ୍ତମ ମିଶ୍ର ପ୍ରମୁଖ ସହାୟତା କରିଥିଲେ। ସେହିପରି ଛୟାଳସିଂଠାରେ ବନ୍ତ ମଣ୍ଡଳ ଭାଜପା ପକ୍ଷରୁ ସାଧାରଣ ସମ୍ପାଦକ ଖଗେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଶିବ ମନ୍ଦିରଠାରୁ କାଶିବିଶେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଗଣଦୌଡ଼ କରାଯାଇଥିଲା। ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ରାଉତ ଏହାର ଶୁଭାରମ୍ଭ କରିଥିଲେ। ଗୟାଧର ଗିରି, କୀର୍ତ୍ତନ ଗିରି, ଗଦାଧର ରାଉତ, ଜ୍ଞାନେଶ୍ୱର ବେହେରା, ନିଶିକାନ୍ତ ପଣ୍ଡା, ପ୍ରଫୁଲ୍ଲ ଜେନା, ସୁଲଗ୍ନା ବେହେରାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ଭାଗ ନେଇଥିଲେ।

## ସଂକ୍ଷେପରେ

### ଦିବ୍ୟାଙ୍ଗଙ୍କୁ ସହାୟତା

କପ୍ତିପଦା,୩୧।୧୦(ଡି.ଏନ.ଏ)- ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ପକ୍ଷରୁ ଗତ ୨୦୧୭ ମସିହା ଭିମଭୋଇ ସାମର୍ଥ୍ୟ ଶିବିରରେ ଚିହ୍ନଟ ହୋଇଥିବା ଭିନ୍ନକ୍ଷମ ମାନଙ୍କୁ ସହାୟତା ପ୍ରଦାନ ପାଇଁ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ୍ ଅଧକ୍ଷ୍ୟ ସୁଶିଳା ବାନରା, ଉପାଧକ୍ଷ୍ୟ ନିଳମାଧବ ପାତ୍ର, ବିଧାୟକ ପ୍ରତିନିଧି ପ୍ରବୀର ଚନ୍ଦ୍ର ସାଏ, ସାଂସଦ ପ୍ରତିନିଧି ସୁମନ୍ତ ମହାନ୍ତି, ବିଏସଏସଓ ରାଧା କିଶୋର ରାଉତ, ଜି.ପି.ଓ ଶଶିଶେଖର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଚିହ୍ନଟ ହୋଇଥିବା ଭିନ୍ନକ୍ଷମ ମାନଙ୍କୁ ସହାୟତା ପ୍ରଦାନ କରିଥିଲେ । ଏହି ଅବସରରେ ୩୩ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ, ୩୭ ଜଣଙ୍କୁ ହ୍ୱିଲ ଚେୟାର ଓ ୪ ଜଣଙ୍କୁ ଆଶାବାଡି ପ୍ରଦାନ କରାଯାଇଥିଲା। ପ୍ରୋଗ୍ରାମ ସଂଯୋଜକ ତପନ କୁମାର ରାଉତ ଓ ଦଳେଇ ସିଂ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

### ବ୍ଲକସ୍ତରୀୟ ନିଯୁକ୍ତି ମେଳା

ବିଶୋଇ, ୩୧।୧୦-ମୟୂରଭଞ୍ଜ ଜିଲା ଅନ୍ତର୍ଗତ ବିଶୋଇ ବ୍ଲକର ସ୍ଥାନୀୟ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଦୀନ ଦୟାଲ ଉପାଧ୍ୟୟ ଗ୍ରାମୀଣ କୌଶଳ ଯୋଜନାରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିବୁଧ ଗଡ଼ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଜିଲା ପ୍ରକଳ୍ପ ଅଧିକାରୀ ବିମଳ ମାଲ, ଟ୍ରେନିଂ ଏ.ପି. ଭାଗ୍ୟଲକ୍ଷ୍ମୀ ନାଏକ, ସ୍କିଲ ଡି.ସି. ଅଭିଷେକ ଦାସ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶୋଇ ବ୍ଲକର ୧୩ ଗୋଟି ପଞ୍ଚାୟତର ୬୬୪ଜଣ ଆଶାୟୀ ପାର୍ଥୀ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୪୫୫ ପାର୍ଥୀଙ୍କ ଫର୍ମ ଗ୍ରହଣ କରାଯାଇଥିଲା।

### ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

ବାରିପଦା ଅଫିସ,୩୧।୧୦- ଅଖିଳ ଭାରତୀୟ ବିଦ୍ୟାଥର୍ମୀ ପରିଷଦ ପକ୍ଷରୁ ଛାତ୍ରମାନଙ୍କ ନିମେନ୍ତ ଆତ୍ମ ରକ୍ଷା ପ୍ରଶିକ୍ଷଣ ଶିବିର 'ମିଶନ ସାହାସୀ' ସ୍ଥାନୀୟ ତକତପୁରସ୍ଥିତ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀସମାଜ ନିଜ ସୁରକ୍ଷା ଦିଗରେ ଅନ୍ୟ ଉପରେ ନିର୍ଭର ନ କରି ନିର୍ଭୀକ ଭାବେ ଅଗ୍ରସର ହେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କର ପ୍ରମୁଖ ଦାୟିତ୍ୱ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଏବିଭିପିର ରାଜ୍ୟ ଉପସଭାପତି ଗୀତାଞ୍ଜଳୀ ଜେନା ଯୋଗଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଡ.ମିନୀତି ମଲ୍ଲିକ ଯୋଗଦେଇ ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ କରାଟେ ମାଷ୍ଟର ଶ୍ରୀକାନ୍ତ ବାରିକ ଆତ୍ମରକ୍ଷା କୌଶଳର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶିକ୍ଷକ ତନ୍ମୟୀ ଦାଶ, ଆରତୀ ମହାନ୍ତ ପ୍ରମୁଖ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନ ଉତ୍ସବରେ କଳାକାର ପୁରୁଷୋତ୍ତମ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀମାନେ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିଲେ।

### ଜନସମ୍ପର୍କ ପଦଯାତ୍ରା

ଭଞ୍ଜକିଆ, ୩୧।୧୦(ଡିଏନ୍ଏ)- ମଙ୍ଗଳବାର ରରୁଆଁ ବ୍ଲକ୍‌ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଓ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ଯଶିପୁର ବିଧାୟକ ମଙ୍ଗଳ ସିଂ ମୁଦିଙ୍କ ନେତୃତ୍ୱରେ ଶତାଧିକ ବିଜେଡ଼ି କର୍ମୀ ଏକ ବିଶାଳ ପଟୁଆରରେ ରରୁଆଁ ଶ୍ରୀଜଗନ୍ନାଥ ମନ୍ଦିର ନିକଟରୁ ବାହାରି ରରୁଆଁ ଗ୍ରାମ ପରିକ୍ରମା କରିଥିଲେ। ପଦଯାତ୍ରା ଶେଷରେ ସ୍ଥାନୀୟ ରଥପଡିଆଠାରେ ଜିଲା ଯୁବ ବିଜେଡି ସଭାପତି ଜାହିର ଖାଁଙ୍କ ପୌରୋରହିତ୍ୟରେ ଅନୁଷ୍ଠିତ ସଭାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପ ସମ୍ପର୍କରେ ବିଧାୟକ ମଙ୍ଗଳ ସିଂ ମୁଦି, ବିଜେଡି ପର୍ଯ୍ୟବେକ୍ଷକ ବିଧାୟକ ଅରୁଣ ସାହୁ, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ବିଧାୟକ ବ୍ୟୋମକେଶ ରାୟ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଦେବାଶିଷ ମାର୍ଣ୍ଡି, କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତି, ଗୋଲକବିହାରୀ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିଭଳି ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚକ୍ରଧର ହେମ୍ବ୍ରମ୍, ଶୁକୁଳି ବ୍ଲକ୍ ଅଧକ୍ଷା ବାସନ୍ତୀ ଚାତାର, ଯଶିପୁର ବ୍ଲକ୍ ଅଧକ୍ଷ ମାନଗୋବିନ୍ଦ ନାଏକଙ୍କ ସମେତ ସସ୍ମିତା ନାୟକ ଏବଂ ବହୁ ବିଜେଡି କର୍ମକର୍ତ୍ତା ମଞ୍ଚାସୀନ ଥିଲେ।

# ପର୍ଯ୍ୟଟକଙ୍କୁ ସ୍ୱାଗତ ଅପେକ୍ଷାରେ ଶିମିଳିପାଳ

- ଆଜିଠୁ ଖୋଲିବ ଅଭୟାରଣ୍ୟ
- ବ୍ୟାଘ୍ର ପ୍ରକଳ୍ପ ପକ୍ଷରୁ ବ୍ୟାପକ ପ୍ରସ୍ତୁତି
- ଲୁଲୁଙ୍ଗ, ଯଶିପୁର ଗେଟରେ ଭିତରକୁ ଯିବେ
- ଛଡ଼ାଯିବ ୬୦ ଗାଡ଼ି, ସାଥିରେ ଗାଇଡ
- ସକାଳ ୬ରୁ ୯ ଟା ଯାଏ ଟିକେଟ ଉପଲବ୍ଧ


ଅଭୟାରଣ୍ୟ ଭିତରେ ଥିବା ମନୋରମ ବରେହିପାଣି ଜଳ ପ୍ରପାତ ।

ବାରିପଦା ଅଫିସ/ଭଞ୍ଜକିଆ,୩୧।୧୦

ବଣପାହାଡ଼, ଝରଣା, ଜଳପ୍ରପାତ, ନଈନାଳ ପରିବେଷ୍ଟିତ ବାଘ, ହାତୀ ଭଳି ବିଭିନ୍ନ ବନ୍ୟପ୍ରାଣୀ, ପକ୍ଷୀ ଓ ବିରଳ ବନ୍ୟଲତା ପରିଶୋଭିତ ସୌନ୍ଦର୍ଯ୍ୟମୟୀ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ଲାଗି ପୁଣି ପ୍ରସ୍ତୁତ। ବର୍ଷାଦିନ ଯୋଗୁ ପର୍ଯ୍ୟଟକଙ୍କ ସକାଶେ ଏହାର ଫାଟକ ବନ୍ଦ ରହିଥିଲା। ଗୁରୁବାରଠାରୁ ପୁଣି ଏହା ଖୋଲୁଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସକାଶେ ଅଭୟାରଣ୍ୟରେ ରହଣି ବ୍ୟବସ୍ଥା, ଆଦିବାସୀଙ୍କ ପ୍ରିୟ ଖାଦ୍ୟ ଯୋଗାଣ ଏବଂ ସ୍ୱାଗତ ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉ ଥିବାରୁ ବର୍ଷକୁ ବର୍ଷ ଏହାର ଆକର୍ଷଣ ବଢ଼ି ଚାଲିଛି।

ପ୍ରତି ବର୍ଷ ଜୁନ ୧୫ ଠାରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟକୁ ବନ୍ଦ ରଖାଯାଇ ନଭେମ୍ବର ପହିଲାରେ ଏହାକୁ ଖୋଲାଯାଇଥାଏ। ତଦନୁଯାୟୀ ବନ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ପର୍ଯ୍ୟଟକମାନେ ପିଠାବଟା (ଲୁଲୁଙ୍ଗ) ଓ କାଳିଆଣି (ଯଶିପୁର) ଗେଟ ଦେଇ ଅଭୟାରଣ୍ୟ ଭିତରକୁ ପ୍ରବେଶ କରିବେ । ଭିତରକୁ ଯିବା ଲାଗି ପ୍ରବେଶ ଅନୁମତି ପତ୍ର ଉପରୋକ୍ତ ଦୁଇ ଗେଟରେ ସକାଳ ୬ରୁ ୯ ଟା ପର୍ଯ୍ୟନ୍ତ ଉପଲବ୍ଧ ହେବ। ଦୈନିକ କାଳିଆଣି (ଯଶିପୁର) ଗେଟରେ ୩୫ଟି ଚାରି ଚକିଆ ଗାଡି ଏବଂ ପିଠାବଟା(ଲୁଲୁଙ୍ଗ) ଗେଟରେ ୨୫ଟି ଗାଡି ପ୍ରବେଶ ପାଇଁ ଅନୁମତି ଦିଆଯିବ। ପର୍ଯ୍ୟଟକମାନେ ପ୍ରଚଳିତ ନିୟମାବଳୀ ପାଳନ ନିମନ୍ତେ ସେଠାରେ ଲିଖିତନାମା ଦେବେ। ଅପରାହ୍ନ ୩ଟା ପୂର୍ବରୁ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ଏବଂ ଅପରାହ୍ନ ୪ଟା ସୁଦ୍ଧା ଚହଲା ସ୍ଥାନକୁ ପର୍ଯ୍ୟଟକମାନଙ୍କୁ ଛଡାଯିବ। କୌଣସି କାରଣବଶତଃ ଅଭୟାରଣ୍ୟରେ ଯାନବାହନ ଖରାପ ହେଲେ ପର୍ଯ୍ୟଟକଙ୍କୁ ବାରିପଦା କିମ୍ବା ଯଶିପୁର ସ୍ଥାନାନ୍ତରୀତ କରିବା ବ୍ୟବସ୍ଥା କରାଯାଇଛି। ଏଥିଲାଗି ସେମାନଙ୍କୁ ଅଗ୍ରିମ ୪ ହଜାର ଟଙ୍କା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କୁ ପଇଠ କରିବାକୁ ପଡିବ । ପର୍ଯ୍ୟଟକଙ୍କ ପ୍ରତି ଗାଡିରେ ଜଣେ ଗାଇଡ ନେବା ବାଧ୍ୟତାମୂଳକ। ଅଭୟାରଣ୍ୟର କୁମାରୀ, ଗୁଡୁଗୁଡିଆ, ରାମତୀର୍ଥ ଓ ଜାମୁଆଣିରେ ଥିବା ଯାତ୍ରୀ ନିବାସ ଗୁଡିକରେ ରହିବାକୁ ହେଲେ ପର୍ଯ୍ୟଟକଙ୍କୁ ୱେବ୍‌ସାଇଟ (ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଇକୋଟୁରଓଡିଶା.କମ)ରେ ଅଗ୍ରୀମ ଆରକ୍ଷଣ କରିବାକୁ ପଡିବ। ପର୍ଯ୍ୟଟକଙ୍କୁ ନେଇଯାଇଥିବା କୌଣସି ଯାନ ଦ୍ୱିତୀୟ ଥର ପାଇଁ ନିୟମାବଳୀ ଉଲ୍ଲଂଘନ କଲେ ସେହି ଯାନକୁ ଭବିଷ୍ୟତରେ ଅଭୟାରଣ୍ୟକୁ ପ୍ରବେଶ ଅନୁମତି ଦିଆଯିବ ନାହିଁ। ପର୍ଯ୍ୟଟକମାନେ ସେମାନଙ୍କ ଫେରନ୍ତା ଯାତ୍ରା ଏପରି ଭାବେ ପ୍ରସ୍ତୁତ କରିବେ ଯେମିତି ସନ୍ଧ୍ୟା ୫ଟା ସୁଦ୍ଧା ପିଠାବଟା, ତୁଳସିବଣି ଓ କାଳିଆଣି ତନଖି ଫାଟକ ଅତିକ୍ରମ କରିବେ।

### ୩୩ ୟୁନିଟ୍ ରକ୍ତ ସଂଗୃହୀତ

ଉଦଳା,୩୧।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଏବଂ ରେଞ୍ଜର ୟୁନିଟ୍ ପକ୍ଷରୁ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ସ୍ଥାନୀୟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏବଂ ସହକାରୀ ଜିଲାପାଳ ଗୌରହରି ମହାନ୍ତ ଏହି ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହା ପରେ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାତାମାନେ ରକ୍ତଦାନ କରିଥିଲେ। ସମୁଦାୟ ୩୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଉଦଳା ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାରର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ। କଲେଜ ଅଧ୍ୟକ୍ଷା ସଞ୍ଜୁଲତା ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା।

## ମୟୂରଭଞ୍ଜ ଜିଲା କମିଟି ଗଠିତ

ବାରିପଦା ଅଫିସ,୩୧।୧୦


ସୀମା ଦାସଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଉଛି।

- 'ହ୍ୟୁମାନ୍ ରାଇଟ୍ ପ୍ରୋଟେକ୍ସନ' ବୈଠକ
- ସୀମା ଦାସ ଜିଲା ସଭାନେତ୍ରୀ

ହ୍ୟୁମାନ ରାଇଟ ପ୍ରୋଟେକ୍ସନର ମୟୂରଭଞ୍ଜ ଜିଲା କମିଟି ଗଠିତ ହୋଇଯାଇଛି। ବାରିପଦା ସ୍ଥିତ ଏକ ହୋଟେଲରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ହ୍ୟୁମାନ ରାଇଟ ପ୍ରୋଟେକ୍ସନର ରାଜ୍ୟ ଅଧକ୍ଷା ରାଜଲକ୍ଷ୍ମୀ ମହାପାତ୍ର ମୟୂରଭଞ୍ଜ ଜିଲା କମିଟିର ନବ ନିଯୁକ୍ତଙ୍କ ନାମ ଘୋଷଣା କରିଛନ୍ତି। ସେମାନଙ୍କୁ ନିଯୁକ୍ତି ପତ୍ର ସହିତ ପରିଚୟ ପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ତାଙ୍କ ସୂଚନା ମୁତାବକ ମୟୂରଭଞ୍ଜ ଜିଲା ସଭାନେତ୍ରୀ ପଦବୀ ପାଇଁ ୫୩ ଜଣ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ବାରିପଦା ପୌର ପରିଷଦର ୨୦ ନମ୍ବର ୱାର୍ଡ କାଉନସିଲର ସୀମା ଦାସଙ୍କୁ ଯୋଗ୍ୟତା ଭିତ୍ତିରେ ମୟୂରଭଞ୍ଜ ଜିଲା ସଭାନେତ୍ରୀ ଭାବେ ଚୟନ କରାଯାଇଛି। ସେହିପରି ଉପ ସଭାନେତ୍ରୀ ଭାବେ ନିବେଦିତା ମହାକୁଡ, ସାଧାରଣ ସମ୍ପାଦିକା ଭାବେ ଶୁଭକାନ୍ତି ବେହେରା, ଯୁଗ୍ମ ସାଧାରଣ ସମ୍ପାଦିକା ଭାବେ ସଙ୍ଗିତା ପ୍ରଧାନ, କୋଷାଧକ୍ଷ ଭାବେ ରାକେଶ କୁମାର ପୃଷ୍ଟିଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ଗଭର୍ଣ୍ଣି ବଡିରେ ମହେନ୍ଦ୍ର ସେଠୀ, କାହ୍ନୁ ଦାସ, ସୁଭଦ୍ରା ମଣ୍ଡଳ ଓ ମୋନାଲିଶା ମଣ୍ଡଳ ପ୍ରମୁଖଙ୍କ ନିଯୁକ୍ତ କରାଯଇଥିବା ରାଜ୍ୟ ସଭାପତି ରାଜଲକ୍ଷ୍ମୀ ମହାପାତ୍ର ସୂଚନା ଦେଇଥିଲେ। ଏହି କମିଟି ଜିଲାରେ ହେଉଥିବା ଘରୋଇ ହିଂସା, କିମ୍ବା ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ କାର୍ଯ୍ୟ କରିବ ବୋଲି ରାଜ୍ୟ ସଭାପତି ମହାପାତ୍ର କହିଛନ୍ତି।

### 'ଏକତା ମନ୍ତ୍ରରେ ବାନ୍ଧି ହୋଇ ଦେଶ ପାଇଁ କାମ କର'

କପ୍ତିପଦା,୩୧।୧୦(ଡି.ଏନ.ଏ.)– ଜାତୀୟ ଏକତା ଦିବସ ଅବସରରେ କପ୍ତିପଦା କସ୍ତୁରବା ଗାନ୍ଧି ବିଦ୍ୟାଳୟର ଛାତ୍ରୀ ମାନଙ୍କୁ ନେଇ ଏକ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କପ୍ତିପଦା ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ବଳରାମ ବେହେରା ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ହଲାଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କପ୍ତିପଦା ବାଲେଶ୍ୱର ଗୋଲେଇ ଛକ ଠାରୁ ରଣାପୋଷି ପୋଲ ପର୍ଯ୍ୟନ୍ତ ଛାତ୍ରୀ ମାନେ ହାତକୁ ହାତ ଧରି ଛିଡା ହୋଇଥିଲେ। ଏହା ପରେ ଉପସ୍ଥିତ ଅତିଥି ମାନଙ୍କ ସହିତ ଛାତ୍ରୀ ମାନେ ଏକତା ମନ୍ତ୍ରରେ ବାନ୍ଧି ହୋଇ ଦେଶ ଓ ଜାତି ପାଇଁ କାମ କରିବାକୁ ଶପଥ ନେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନୁରାଧା ବେହେରାଙ୍କ ସହିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଉଦଳା ଓକିଲ ସଂଘର ଆନ୍ଦୋଳନ ଜାରି

### ଦାବି ପୂରଣ ନ ହେଲେ ଆନ୍ଦୋଳନ ତେଜିବ

ଉଦଳା, ୩୧।୧୦ (ଡି.ଏନ.ଏ.)

୨ ମାସ ପୂର୍ବରୁ କଟକରେ ଆଇନଜୀବୀଙ୍କୁ ପୋଲିସ୍‌ର ମାଡ ଘଟଣା ପ୍ରତିବାଦରେ ଏବେ ଓକିଲଙ୍କ ଆନ୍ଦୋଳନ ବ୍ୟାପକ ହେବାରେ ଲାଗିଛି । ଗୋଟିଏ ପଟେ ଏହା ସରକାରଙ୍କ ନିଦ ହଜାଇ ଦେଇଥିବା ବେଳେ ଓକିଲ ସଂଘ କିନ୍ତୁ ଦାବିରେ ଅଟଳ । ଯାହାର ପ୍ରଭାବ ଉଦଳାରେ ମଧ୍ୟ ବେଶ୍ ପଡିଛି । ମଙ୍ଗଳବାର ଉଦଳାରେ ଏହି ଘଟଣାକୁ ତୀବ୍ର ବିରୋଧ କରାଯାଇ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ, ସବରେଜିଷ୍ଟ୍ରାର ଅଫିସ୍‌ରେ ତାଲା ପକାଇବା ସହିତ ବନ୍ଦ କରି ଦିଆଯାଇଥିଲା। ବୁଧବାର ମଧ ଓକିଲ ସଂଘ ପକ୍ଷରୁ ଉକ୍ତ କାର୍ଯ୍ୟାଳୟ ଗୁଡିକୁ ବନ୍ଦ କରିବା ସହିତ ଓକିଲ ସଂଘର ସଦସ୍ୟମାନେ ସ୍ଥାନୀୟ ଜୁଡିସିଆଲ କୋର୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ବ୍ୟତୀତ ଉଦଳାରେ ବୁଧବାର କ୍ୟାମ୍ପକୋର୍ଟକୁ ବିରୋଧ କରାଯାଇଥିଲା। ଯାହାଫଳରେ ଉଦଳାରେ କ୍ୟାମ୍ପକୋର୍ଟ ହୋଇ ପାରିନାହିଁ। ତେବେ ଦିନକୁ ଦିନ ଓକିଲ ସଂଘର ଆନ୍ଦୋଳନ ବ୍ୟାପକ ହେବାରେ ଲାଗିଥିଲେ ସୁଦ୍ଧା ରାଜ୍ୟ ସରକାର ସ୍ଥାଣୁ ସାଜିବା ଘଟଣାକୁ ଓକିଲ ସଂଘ ତୀବ୍ର ନିନ୍ଦା କରିଛି । ଏହା ସହିତ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିଥିଲେ । ସବୁପରେ ଓକିଲମାନଙ୍କ ଦାବି ଯଦି ରାଜ୍ୟ ସରକାର ନ ଶୁଣନ୍ତି ତେବେ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଆହୁରି ତୀବ୍ରତର ହେବ ବୋଲି ବାର ଆସୋସିଏଶନର ସମ୍ପାଦକ ବସନ୍ତ କୁମାର ପରିଡା କହିଛନ୍ତି ।

## ଥମୁନି ହାତୀ ଉପଦ୍ରବ: ଚିନ୍ତାରେ ଚାଷୀ

ଭଞ୍ଜକିଆ,୩୧।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଗୁରୁଗୁଡ଼ିଆ ରେଞ୍ଜରେ ହାତୀ ଉପଦ୍ରବ ଥମିବାର ନାଁ ନେଉନାହିଁ। ଏକର ଏକର ଫସଲ ନଷ୍ଟ କରିଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ନିଉନ୍ତି ଗ୍ରାମରେ ଥିବା ବାର ଏକର ଧାନ ଚାଷ ହାତୀ ପଲ ମଙ୍ଗଳବାର ରାତିରେ ନଷ୍ଟ କରିଛନ୍ତି। ଅନୁପ ମହାନ୍ତ, ବନମାଳୀ ମହାନ୍ତ, ଜବାହରଲାଲ ମହାନ୍ତ, ସୁରେନ୍ଦ୍ରନାଥ ମହାନ୍ତ, ଖଗେଶ୍ୱର ମହାନ୍ତ, କୁଳମଣି ମହାନ୍ତ, ରତ୍ନା ତିରିଆ, ହୋରୀ ବଗାଳ, ରାମଚନ୍ଦ୍ର ନାୟକ, ଦିଗାମ୍ବର ନାୟକ, ଲଳିତ ନାୟକଙ୍କ ପ୍ରାୟ ୧୦ ଏକରରୁ ଅଧିକ ଧାନ ଫସଲ ହାତୀ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ୧୨ରୁ ଅଧିକ ହାତୀ ଧାନ ଫସଲ ଗୁଡ଼ିକୁ ମାଡ଼ି ଚକଟି ଚାଷ ନଷ୍ଟ କରୁଛନ୍ତି। ହେଲେ ଚାଷୀ ମାନେ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ପ୍ରଶାସନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବିଭାଗର ଫରେଷ୍ଟରଙ୍କୁ ପଚାରିବାରୁ ସମସ୍ତେ ସଦଳବଳ ସହିତ ମଶାଲ, ବାଣ ଇତ୍ୟାଦି ରଖି ହାତୀର ଗତିପଥ ଉପରେ ନଜର ରହିଛି ବୋଲି କହିଛନ୍ତି।



### ରଙ୍ଗ ଦୋକାନରେ ଚଢ଼ାଉ, ବ୍ୟବସାୟୀ ଗିରଫ

ବେତନଟୀ,୩୧।୧୦(ଡି.ଏନ.ଏ)– ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ବେତନଟୀ –ଭଗବାଟୀରେ ରଙ୍ଗ ବ୍ୟବସାୟୀ କରୁଥିବା ମନୋଜ କୁମାର ଗୁପ୍ତାଙ୍କ ରଙ୍ଗ ଦୋକାନରେ ବୁଧବାର ଅବକାରୀ ଟିମ ଚଢ଼ାଉ କରିଛନ୍ତି। ଚଢ଼ାଉ ସମୟରେ ୨୨୦ ଲିଟର ଥିନାର ନାମକ ସ୍ପିରିଟ ଜବତ କରି ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଜବତ ସ୍ପିରିଟରେ ବିଷାକ୍ତ ଭାଗ ରହୁଥିବାରୁ କାଠ ଓ ରଙ୍ଗ ମିସ୍ତ୍ରିଙ୍କ ପାଇଁ ବିପଦ ରହିଛି। ଏହା ଅବକାରୀ ଆଇନ ପରିସର ଭୁକ୍ତଥିବାରୁ ବେତନଟୀ ଅବକାରୀ ଥାନାରେ ଏନେଇ ଏକ ମାମଲା ( ନଂ ୭୪/୧୮–୧୯) ରୁଜୁ କରାଯାଇଛି। ଚଢ଼ାଉରେ ବେତନଟୀ ଅବକାରୀ ଅଧିକାରୀ ଶ୍ରୀନିବାସ ସାହୁ ଏବଂ ବାରିପଦା ମୋବାଇଲି ଟିମର ୧୨ ଜଣ କର୍ମଚାରୀ ସାମିଲ ଥିଲେ।

## ଆମ ପୋଲିସ ସମିତି ବୈଠକ

ବଡ଼ସାହି,୩୧।୧୦(ସ୍ୱ.ପ୍ର.)


ବୈଠକରେ ପୋଲିସ ଓ ଅଞ୍ଚଳବାସୀ।

ବଡ଼ସାହି ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇଙ୍କ ଅଧକ୍ଷତାରେ ଆମ ପୋଲିସ ସମିତି ବୈଠକ ବୁଧବାର ଥାନା ପରିସରରେ ଅନୁଷ୍ଠିତ ହୋଇଛି । ବଡ଼ସାହି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରଖିବା ସହିତ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରକ୍ଷା କରିବା ପାଇଁ ଉପସ୍ଥିତ ଲୋକମାନଙ୍କୁ କହିଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବଣିକସଂଘ ଓ ସାମାଜିକକର୍ମୀଙ୍କୁ ନେଇ ଅଞ୍ଚଳର ସମସ୍ୟା ଓ ଏହାର ସମାଧାନ ଦିଗରେ ଆଲୋଚନା କରାଯାଇଥିଲା । ଅଞ୍ଚଳରେ ମଦ ଓ ଜୁଆ ବନ୍ଦ କରାଯାଇଥିବା ବେଳେ ଦୁର୍ଘଟଣା ଜନିତ ମାମଲାରେ ପୋଲିସକୁ ସହାୟତା କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା। ଗାଁ ଗଣ୍ଡାରେ ଚାଲିଥିବା ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ଆଗାମୀ ଦିନରେ ବଡ଼ସାହି ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଜଣାପଡିଛି । ସେହିପରି ଅତି ଗରିବ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ଯୋଗାଇ ଦେବା ପାଇଁ ପ୍ରତି ପଞ୍ଚାୟତରେ ଟ୍ୟୁଶନର ବ୍ୟବସ୍ଥା କରାଯିବ ବୋଲି ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଥାନା କର୍ମଚାରୀ ସହଯୋଗ କରିଥିଲେ ।

## ସତର୍କତା ସଚେତନତା ସପ୍ତାହ

ବାରିପଦା ଅଫିସ,୩୧।୧୦

କେନ୍ଦ୍ରୀୟ ସତର୍କତା ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ସତର୍କତା ସଚେତନା ସପ୍ତାହ ଗତ ୨୯ତାରିଖରୁ ୩ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ଅବସରରେ ମୟୂରଭଞ୍ଜ ଡାକ ବିଭାଗ ପକ୍ଷରୁ ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଅଧୀକ୍ଷକ ଓ କର୍ମଚାରୀମାନେ ସମୂହ ଶପଥ ପାଠ କରିଥିଲେ। ବାରିପଦା ପୌରପାଳିକା ସମ୍ମିଳନୀ ଗୃହରେ ସ୍କୁଲ ସ୍ତରୀୟ ପିଲାମାନଙ୍କ ମଧ୍ୟରେ ଏକ ତର୍କ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ ଡାକ ଅଧୀକ୍ଷକ ସେକ ମହମ୍ମଦ ନୋମାନ, ସହକାରୀ ଅଧୀକ୍ଷକ ସମରଜିତ ନାୟକ ଏବଂ ବାରିପଦା ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ରମାକାନ୍ତ ଲେଙ୍କା ବିଚାରକ ଭାବେ ପିଲାମାନଙ୍କ ତର୍କରେ ମୂଲ୍ୟାୟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଅଧୀକ୍ଷକ ଅଜୟ କୁମାର ସ୍ୱାଇଁ, ସୌରଭ କୁମାର ଏବଂ ଡାକ ନିରୀକ୍ଷକ ପୂର୍ଣ୍ଣେନ୍ଦ୍ର କୁମାର ଉପସ୍ଥିତ ଥିଲେ। ଅଧିବେଶନ ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ମୁର୍ଗାବଡିର ଛାତ୍ରୀ ଅନ୍ୱେଷା ଗିରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱୟମ ଭୂୟାଁ ଦ୍ୱିତୀୟ ଓ ସୌଭାଗ୍ୟଶ୍ରୀ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦ୍ୱିତୀୟ ଅଧିବେଶନରେ ଡାକ କର୍ମଚାରୀମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ କର୍ମଚାରୀ ସତର୍କତା ସଚେତନା ସପ୍ତାହ ପାଳନର ଉଦ୍ଦେଶ୍ୟ ଏବଂ ଦୁର୍ନୀତି କିପରି ହଟାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଡାକ ସହାୟକ ଚନ୍ଦ୍ରଶେଖର ମହାନ୍ତି, ବାରିପଦା ମୁଖ୍ୟ ଡାକଘରର ଡାକପାଳ ଉମାକାନ୍ତ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।



ଅତିଥୀ ବୃନ୍ଦ ଓ କୃତି ପ୍ରତିଯୋଗୀ।

# ଜିଲାପାଳଙ୍କ ଅଫିସ ଘେରିଲା ଜେଏମ୍ଏମ୍

ବାରିପଦା ଅଫିସ,୩୧।୧୦

### ମେଡିକାଲ କଲେଜ ଅଧୀକ୍ଷକ-ଜିଲାପାଳ ବିବାଦ


ଘେରାଉ କାର୍ଯ୍ୟକ୍ରମରେ ଜେଏମ୍ଏମ୍ ଜିଲା ସଭାପତି ଫାଗୁ ହାଁସଦା ଉଦବୋଧନ ଦେଉଛନ୍ତି।

- ୪୦ ଦିନ ବିତିବା ସତ୍ତ୍ୱେ ହେଲାନି କାର୍ଯ୍ୟାନୁଷ୍ଠାନ
- ପ୍ରତିବାଦରେ ବାଇକ ରାଲି, ବଦଳି ଦାବି

ଗତ ସେପ୍ଟେମ୍ବର ୨୦ ତାରିଖ ସନ୍ଧ୍ୟାରେ ଜିଲାପାଳ ଭରଦ୍ୱାଜଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇଥିବା ବେଳେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଅଧୀକ୍ଷକ ଡା.ନରେନ୍ଦ୍ରନାଥ ସୋରେନ ଦୁର୍ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା। ଏହାମଧ୍ୟରେ ୪୦ ଦିନ ବିତିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ଏହାର ପ୍ରତିବାଦରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଛି। ଦଳର କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଦୁର୍ବ୍ୟବହାରର ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ରାଇରଙ୍ଗପୁର ପିଏ ଆଇଟିଡିଏ ତରଫରୁ ଛାତ୍ରୀଙ୍କ ବିଭିନ୍ନ ସମସ୍ୟାର ତୁରନ୍ତ ପ୍ରତିକାର କରାଯିବାକୁ ଦାବି କରାଯାଇଥିଲା। ଜିଲାପାଳ ଏଠାରେ ଆଦିବାସୀ ବିରୋଧୀ କାର୍ଯ୍ୟ କରୁଥିବାରୁ ତାଙ୍କୁ ଅନ୍ୟତ୍ର ବଦଳି କରାଯାଉ ବୋଲି ଦଳ ପକ୍ଷରୁ ଦାବି କରାଯାଇଥିଲା।

ଜିଲା ସଭାପତି ଫାଗୁ ହାଁସଦାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସଭାପତି ମହେଶ ହେମ୍ବ୍ରମ, ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ରାଜ୍ୟ ମହିଳା ସଭାନେତ୍ରୀ ଅନୀ ସୋରେନ, ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ, ଜିଲା ସାଧାରଣ ସମ୍ପାଦକ ଗୋବିନ୍ଦ ସୋରେନ, ସମ୍ପାଦକ ନିମାଇଁ ଚରଣ ତ୍ରିପାଠୀ, ପ୍ରଭୁଦାନ ମାରାଣ୍ଡି, ଉପସଭାପତି ଦିଲିପ ଦାସ, ଯୁବ ସଭାପତି ପିଣ୍ଟୁ ମାଇତି, ଛାତ୍ର ସଭାପତି ଧନୟ ସାହୁ, ଅଜେନ ମୁର୍ମୁ, ରାମଚନ୍ଦ୍ର ହାଁସଦାଙ୍କ ଭଳି ଆଗ ଧାଡିର ନେତୃବୃନ୍ଦ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଯୁବ ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ସହରରେ ବାଇକ ରାଲି କରାଯାଇଥିଲା। ଜେଏମଏମର ବିକ୍ଷୋଭ ପ୍ରଦର୍ଶନ ବେଳେ ଜିଲାପାଳ ଅନୁପସ୍ଥିତ ଥିଲେ। ପୂର୍ବରୁ କୌଣସି କାର୍ଯ୍ୟରେ ସେ ବାହାରକୁ ଚାଲି ଯାଇଥିଲେ। ଜେଏମଏମ ଜିଲା ସଭାପତି ଫାଗୁ ହାଁସଦା କହିଛନ୍ତି ଯେ, ବାରିପଦା ମେଡିକାଲ କଲେଜରେ ଆଡମିନିଷ୍ଟ୍ରେଟିଭ ଅଫିସର ଓ ଆକାଉଣ୍ଟ ଅଫିସର ଭଳି ପଦବୀ ଖାଲି ପଡିଥିବାରୁ ଚିକିତ୍ସା ସେବାରେ ନାନା ଅବ୍ୟବସ୍ଥା ହେଉଛି। ମୟୂରଭଞ୍ଜ ଭଳି ଆଦିବାସୀ ଅଧ୍ୟୁଷିତ ଜିଲା ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଜଣେ ଆଦିବାସୀ ଅଧିକାରୀଙ୍କୁ ଅପମାନ କରିବା ଗ୍ରହଣୀୟ ନୁହେଁ। ଏ ସମ୍ପର୍କରେ ମେଡିକାଲ କଲେଜ ଅଧୀକ୍ଷକ ଡା. ନରେନ୍ଦ୍ର ନାଥ ସୋରେନଙ୍କୁ ପଚାରିବାରୁ ଜେଏମଏମର ଆନ୍ଦୋଳନ ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଛନ୍ତି। ଜିଲାପାଳ ତାଙ୍କୁ ଖରାପ ବ୍ୟବହାର କରିବା ଘଟଣା ନେଇ ସେ ବିଭାଗୀୟ ସଚିବଙ୍କୁ ଜଣାଇ ସାରିଛନ୍ତି। ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରିବାକୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇଥିବା ବେଳେ ଜିଲାପାଳ କଥା ନ ଶୁଣି ବିରକ୍ତି ପ୍ରକାଶ କରିଥିଲେ। ସେତେବେଳେ ଏହାର ପ୍ରତିବାଦରେ ଜେଏମଏମ ପ୍ରତିକ୍ରିୟା ବ୍ୟକ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା। ଏହି ଘଟଣାରେ ଜେଏମଏମ ଆଦିବାସୀ କାର୍ଡ ଖେଳି ଜିଲାପାଳଙ୍କୁ ଆକ୍ରୋଶମୂଳକ ବିରୋଧ କରୁଥିବା ରାଜନୈତିକ ମହଲରେ ମଧ ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

ଆନନ୍ଦପୁର,୩୧।୧୦(ସ୍ୱ.ପ୍ର.): ଆନନ୍ଦପୁର ପୌରପରିଷଦ ୫ ନଂ ୱାର୍ଡ଼ ସୁରେଶ ଦତଙ୍କ ସ୍ତ୍ରୀ ଶିବାନୀ ଦତ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଶିବାନୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲା। ଏ ନେଇ ସେ ମାନସିକ ଚିନ୍ତାରେ ଥିଲେ। ତାଙ୍କର ସ୍ୱାସ୍ଥ୍ୟ ସମସ୍ୟାର ସୁଧାର ନ ଆସିବାରୁ ସେ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ସମେତ ସାହି ପଡୋଶୀ କହୁଥିବା ବେଳେ ଆନନ୍ଦପୁର ପୋଲିସ ଘଟଣାର ତଦନ୍ତ କରୁଛି। ଶିବାନୀଙ୍କ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇପାରି ନାହିଁ। ଯାଜପୁର ଅଞ୍ଚଳର ଶିବାନୀ ଦୀର୍ଘ ୮ ବର୍ଷ ପୂର୍ବେ ଆନନ୍ଦପୁରର ପ୍ରସିଦ୍ଧିଲାଭ କରିଥିବା ଘାଉ ଜଳଖିଆ ଦୋକାନୀଙ୍କ ପୁଅ ସୁରେଶ ଦତଙ୍କୁ ବିବାହ କରିଥିଲେ। ପାରିବାରିକସ୍ତରରେ ସେଭଳି କିଛି ଅପ୍ରିତିକର ପରିସ୍ଥିତି କେବେ ସୃଷ୍ଟି ହୋଇ ନ ଥିବାବେଳେ ଶିବାନୀ କାହିଁକି କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରିନି। ପୋଲିସ ମୃତଦେହ ଜବତ କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶିବାନୀଙ୍କ ମୃତ୍ୟୁକୁ ନେଇ ଆନନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବଡ଼ବିଲ, ୩୧।୧୦(ସ୍ୱ.ପ୍ର.): ବଡବିଲ ଥାନା ଝାଡଗାଁରେ ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ପୁକୁଲି ଓରାମ(୨୮)। ଝାଡଗାଁରେ ରହି ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଧରମୁ ଓରାମଙ୍କ ସ୍ତ୍ରୀ ପୁକୁଲି। ତାଙ୍କର ୩ ସନ୍ତାନ ରହିଛନ୍ତି। ଦୁଇ ସନ୍ତାନ ଏକ ଆବାସିକ ବିଦ୍ୟାଳୟରେ ରହି ପାଠ ପଢୁଥିବା ବେଳେ ୪ ବର୍ଷର ପୁଅ ଘରେ ରହୁଥିଲେ। ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବାରୁ ଧରମୁ ମଙ୍ଗଳବାର ରାତିରେ ଘରେ ନ ଥିଲେ। ବୁଧବାର ସକାଳେ ଧରମୁ ଘରେ ପହଞ୍ଚିବା ବେଳକୁ ପୁକୁଲିଙ୍କ ମୃତ୍ୟୁ ଘଟିଥିବା ଦେଖିଥିଲେ ବୋଲି ଧରମୁ କହିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ବାଲି ବୋଝେଇ ଟ୍ରାକ୍ଟର ଜବତ

ଝୁମ୍ପୁରା, ୩୧।୧୦(ଡି.ଏନ.ଏ.): ଝୁମ୍ପୁରା ତହସିଲ ୬ଟି ରାଜସ୍ୱ ସର୍କଲର ଗ୍ରାମାଞ୍ଚଳରେ ବେଧଡ଼କ ଭାବେ ନଦୀ, ନାଳରୁ ବାଲି ଉତ୍ତୋଳନ ଜାରି ରହିଛି। ହୁଡି ଗୁଡିକରୁ ପଥର ଚୋରି ହେଉଛି। ରାଜସ୍ୱ ସର୍କଲ ପକ୍ଷରୁ ଚଢାଉ ଜାରି ରହିଥିଲେ ହେଁ ଲଘୁ ଖଣିଜ ଚୋରି ଉପରେ ଅଙ୍କୁଶ ଲଗାଯାଇ ପାରୁନାହିଁ। ରାତିରେ ଲଘୁ ଖଣିଜ ଚୋରି ହେଉଛି। ବୁଧବାର ବାଲି ବୋଝେଇ ହୋଇଥିବା ୪ ଟ୍ରାକ୍ଟରକୁ ଦୁର୍ଗାପୁରା ରାସ୍ତାରେ ଜବତ କରାଯାଇଛି। ଝୁମ୍ପୁରା ରାଜସ୍ୱ ନିରୀକ୍ଷକ ହୃଦାନନ୍ଦ ସାହୁ ରାଜସ୍ୱ କର୍ମଚାରୀଙ୍କ ସହ ଟ୍ରାକ୍ଟରଗୁଡିକୁ ଜବତ କରି ତହସିଲ କାର୍ଯ୍ୟାଳୟକୁ ଆଣି ଥିଲେ। ଝୁମ୍ପୁରା ତହସିଲଦାର ଜନକ ନାୟକଙ୍କୁ ପଚାରିବାରୁ ବାଲି ବୋଝେଇ ହୋଇଥିବା ଟ୍ରାକ୍ଟର ଗୁଡିକରୁ ୧୫ ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯିବ ବୋଲି ସେ କହିଛନ୍ତି।

### ଚୋରକୁ ଧରି ପୋଲିସ ଜିମା

ଝୁମ୍ପୁରା, ୩୧।୧୦(ଡି.ଏନ.ଏ.): ଝୁମ୍ପୁରା ବଜାର ସାପ୍ତାହିକ ହାଟରେ ବୁଧବାର ଚୋରି କରୁଥିବା ଜଣେ ଯୁବକଙ୍କୁ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ସେ ହେଲେ ସୁନୀଲ ନାଏକ। ସୁନୀଲଙ୍କ ଘର ବାରିଆ ଥାନା ସୁନାପଶି ଗ୍ରାମରେ। ସାପ୍ତାହିକ ହାଟରେ ପ୍ରବଳ ଜନଗହଳି ହୋଇଥିବାରୁ ସୁନୀଲ ଲୋକଙ୍କ ମନି ପୋର୍ସ, ବ୍ୟାଗ, ମୋବାଇଲ, ସୁନା ଚେନ ଆଦି ଚୋରି କରୁଥିବା ଅଭିଯୋଗ ହୋଇଛି। ସୁନୀଲଙ୍କ ସହ ଅନ୍ୟ କେତେ ଜଣ ଯୁବକ ଏହି ଚୋରି ଘଟଣାରେ ସମ୍ପୃକ୍ତ ରହିଛନ୍ତି। ଝୁମ୍ପୁରା ଥାନା ସେକେଣ୍ଡ ଅଫିସର ଏଫ ଟିଗା ତଦନ୍ତ ଚଳାଇଛନ୍ତି।

### ଧକୋଠାରେ ମହାଲକ୍ଷ୍ମୀଙ୍କୁ ମେଲାଣି

କୋଲିମାଟି,୩୧।୧୦- ଆନନ୍ଦପୁର ବ୍ଲକ ଧକୋଠା ବଜାର ମଣ୍ଡପରେ ମହାଲକ୍ଷ୍ମୀଙ୍କ ପୂଜା ୫ ଦିନ ଧରି ପାଳିତ ହୋଇଥିଲା। ପୂଜା କମିଟି ସଭାପତିଙ୍କ ତତ୍ତ୍ୱାବଧାନରେ ପୂଜକ ସଞ୍ଜୟ ପଣ୍ଡା, ତନ୍ମୟ ପଣ୍ଡା, ଚିନ୍ମୟ ପଣ୍ଡା, ଲଳିତ ମୋହନ କର ପୂଜା କାର୍ଯ୍ୟ କରିଥିଲେ। ଆନନ୍ଦପୁରରୁ ଡିଜେ ସାଉଣ୍ଡ ସହ ବାଜା ବାଣରେ ମା'ଙ୍କ ଭସାଣି ଉତ୍ସବ ହୋଇଥିଲା। ଭସାଣି ଦେଖିବା ପାଇଁ ଲୋକଙ୍କ ଭିଡ ଜମିଥିଲା। ପରେ ମା'ଙ୍କୁ ମେଲାଣି ଦିଆଯାଇଥିଲା।

# 'ଆମକୁ ଖଣିରେ କାମ ଦିଅ'

କେନ୍ଦୁଝର, ୩୧।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଖଣିରେ କାମ ଦାବିରେ ସ୍ଥାନୀୟ ଆଖପାଖ ଅଞ୍ଚଳର ଲୋକେ ଆନ୍ଦୋଳନ କରିଛନ୍ତି। ଏ ନେଇ ମଙ୍ଗଳବାର ଘୁଟୁରୁଠାରେ ଆନ୍ଦୋଳନକାରୀ ସମାଗମ ହୋଇଥିଲେ। ବୁଧବାର ସକାଳେ ଏକ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିଲେ। ରାଲି ଆସୁଥିବା ବେଳେ ଟାଉନ ଥାନା ପୋଲିସ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବେଆଇନ ଆନ୍ଦୋଳନ ଦର୍ଶାଇ ୧୩୧ ମହିଳାପୁରୁଷଙ୍କୁ ସଦର ଥାନାରେ ପୋଲିସ ଅଟକ ରଖିଥିଲା। ସେମାନଙ୍କ ଦାବି ବିଷୟରେ ଆସନ୍ତା ୩ରେ ଆଲୋଚନା କରିବାକୁ ଦିନ ଧାର୍ଯ୍ୟ ହୋଇଛି। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା। ଏଭଳି ଆନ୍ଦୋଳନ ବିନା ଅନୁମତି ଓ ବେଆଇନ ଭାବେ କରାଯାଉଥିବା ପୋଲିସ କହିଛି।


ଅଟକ ଥିବା ଶତାଧିକ ମହିଳାପୁରୁଷ।

**କ୍ଷତିଗ୍ରସ୍ତଙ୍କୁ ଅଣଦେଖା**
- ପ୍ରତାରଣା କରିଛି କମ୍ପାନୀ
- ମେଶିନ କରୁଛି କାମ
- ରାଲିରେ ମୁହାଁମୁହିଁ ପରିସ୍ଥିତି

ଖଣିକ୍ଷତିଗ୍ରସ୍ତ ଶୁଆକାଠି ଅଞ୍ଚଳର ଶୁଆକାଠି, ନାଉପଦା, ମହାଦେଇଯୋଡା, ଆମୁଣି, ସଲରାପେଣ୍ଟ, ଦଅଁଳା, ବରଦାପାଳ, ତଲକଇଁସାରୀ, ଉପର କଇଁସାରୀ ସହ ଆଖପାଖ ଗ୍ରାମର ୩ ହଜାରରୁ ଊର୍ଦ୍ଧ୍ୱ ମହିଳାପୁରୁଷ ସଦର ଥାନା ଘେରାଉ କରିବା ପାଇଁ ଯାଇଥିଲେ। କମ୍ପାନୀ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଉନାହିଁ। ଧୂଳିଧୂଆଁରେ ଲୋକେ ଅଣନିଶ୍ୱାସି ହେଉଛନ୍ତି। ଜମିରେ ଲୁହାଗୁଣ୍ଡ ପକାଇବାରୁ ଚାଷ ବାସ ହୋଇପାରୁନି। ଖଣିକ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ଦେବାକୁ କହି ପ୍ରତାରଣା କରାଯାଇଛି। ଭାତହାଣ୍ଡିକୁ ଛଡାଇ ନେବା ସହ ନିଯୁକ୍ତି ନ ଦେଇ ମେଶିନ ସାହାଯ୍ୟରେ କାମ ଚାଲିଛି। ନିଯୁକ୍ତି ନ ମିଳିଲେ କୌଣସି ପରିସ୍ଥିରେ ଆନ୍ଦୋଳନରୁ ଓହରିବୁ ନାହିଁ ବୋଲି ଖଣିକ୍ଷତିଗ୍ରସ୍ତ ଜନସାଧାରଣ କହିଛନ୍ତି। ଅନ୍ୟପଟେ ବିନା ଅନୁମତିରେ ରାଲି ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ଅଟକ ରଖି ତଦନ୍ତ କରାଯାଉଛି ବୋଲି ଟାଉନ ଥାନା ଏସଆଇ ଉମାକାନ୍ତ ସାହୁ କହିଛନ୍ତି। ଆନ୍ଦୋଳନର ନେତୃତ୍ୱ ନେଉଥିବା ନେତାମାନଙ୍କୁ ପୋଲିସ ଗିରଫ କରିବାକୁ ଉଦ୍ୟମ ଚଳାଇଛି।

# ବେଆଇନ୍ କେବୁଲ୍ ପୋତା ନେଇ ନୋଟିସ

ଯୋଡା, ୩୧।୧୦(ଡି.ଏନ.ଏ.)

ଯୋଡ଼ା ପୌରପାଳିକାର ୱାର୍ଡ ନଂ ୧୧ରେ ଜିଓ କମ୍ପାନୀ ପକ୍ଷରୁ ବେଆଇନ୍ ଭାବେ କେବୁଲ୍ ପୋତାକୁ ନେଇ ପୌରପାଳିକା ପକ୍ଷରୁ କମ୍ପାନୀର ମ୍ୟାନେଜରଙ୍କୁ ନୋଟିସ ଜାରି କରାଯାଇଛି। ୱାର୍ଡର କମାର ଯୋଡ଼ା ନିକଟସ୍ଥ ରେଳ ସାଇଡିଂରେ ଜିଓ କମ୍ପାନୀ ପକ୍ଷରୁ କେବୁଲ ଲାଇନ ପାଇଁ ୧୨ ଇଞ୍ଚ ଓସାରର ଗାତ ଖୋଳାଯାଇଛି। ଗାତ ଖୋଳିବା ଫଳରେ ବାଂଶପାଣିରୁ ଯୋଡାକୁ ଯୋଗାଉଥିବା ପାଣି ପାଇପ ଲାଇନ ନଷ୍ଟ ହୋଇଛି। ଫଳରେ ଯୋଡା ସହରକୁ ପାନୀୟଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ୭ ଦିନ ମଧ୍ୟରେ ଅନୁମତି ନେବା ପାଇଁ କମ୍ପାନୀକୁ ନୋଟିସ କରାଯାଇଛି।

ବେଆଇନ ଭାବେ କେବୁଲ ଖୋଳା ଯାଇଥିବାରୁ ଜନସ୍ୱାସ୍ଥ୍ୟ ବିଭାଗର ପାଇପ ଲାଇନ ଫାଟି ଯାଇଥିଲା। ଏହାର ମରାମତି ପାଇଁ ବିଭାଗ ପକ୍ଷରୁ ଜିଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଟେଲିଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ କମ୍ପାନୀ ଅଣଦେଖା କରିଛି। କମ୍ପାନୀର ଏରିଆ ମ୍ୟାନେଜରଙ୍କ ନାମରେ ଯୋଡା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଯୋଡା ଥାନା ଅଧିକାରୀଙ୍କୁ ପଚାରିବାରୁ ଜିଓ କମ୍ପାନୀ ମ୍ୟାନେଜରଙ୍କ ନାମରେ ଏତଲା ହୋଇଛି। ଖୁବ୍ ଶୀଘ୍ର ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

■ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ

# ପରମ୍ପରାର ଉଜ୍ଜୀବିତ ରଖିବା ପ୍ରୟାସ


ଅତିଥିମାନଙ୍କୁ ସ୍ୱାଗତ କରାଯାଉଛି।

ଆନନ୍ଦପୁର, ୩୧।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ପ୍ରାୟୋଜିତ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ ୨୦୧୮ ଆନନ୍ଦପୁର ବ୍ଲକ ପରିଷଦରେ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ ପରିଷଦ ଜିଲା ଅଧ୍ୟକ୍ଷ ରାମରାୟ ମୁଣ୍ଡାୟାଙ୍କ ସଭାପତିତ୍ୱରେ ବିଡିଓ ଉମାକାନ୍ତ ପରିଡା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଯୋଗଦେଇ ଆଦିବାସୀ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ସରକାରଙ୍କର ଏକ ସ୍ୱତନ୍ତ୍ର ପ୍ରୟାସ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ବିଧାୟକ ମାୟାଧର ଯେନା, ଆଦିବାସୀ ଉନ୍ନୟନ ପରିଷଦ ଜିଲା ଉପସଭାପତି ମୀନା ମାଝି, ହାଟଡିହୀ ବ୍ଲକ ଶାସଙ୍ଗ ସରପଞ୍ଚ ବିଦ୍ୟାଧର ବିଶ୍ୱାଳ, ଆନନ୍ଦପୁର ବ୍ଲକ ଅଧ୍ୟକ୍ଷା ମମତା ନାଇକ, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହି, ଜିଲାପରିଷଦ ସଭ୍ୟା ସନ୍ଧ୍ୟାରାଣୀ ଦେହୁରୀ, ସଭ୍ୟ ସୁରେନ୍ଦ୍ର ଜେନା, ସମାଜସେବୀ ରତିକାନ୍ତ ରାଉତ, ଉନ୍ନୟନ ପରିଷଦ ସଦସ୍ୟ ଗିରିଧାରୀ ନାୟକ, ଭରତ ପାତ୍ର ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଆଦିବାସୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ଯୁବ ଉପସଭାପତି ରାକେଶ ରାମ, ପୂର୍ବତନ ଜିଲା ପରିଷଦ ରାମଚନ୍ଦ୍ର ପଲେଇ, ବ୍ଲକ ବିଜେଡି ସଭାପତି ଜଗତାନନ୍ଦ ସାମଲ, ନଗର ମଣ୍ଡଳ ବିଜେଡି ସଭାପତି ରମାକାନ୍ତ ବେହେରା , ଦେବାଶିଷ ରାମ, ରାଜୀବ ଜେନା, ରାମଚନ୍ଦ୍ର ଧଳ, ବିଭୂତି ମହାନ୍ତି, ଟିଟୁ ପତି, ଶିବାନନ୍ଦ ଧଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ନ୍ୟାୟ ପ୍ରଦାନ ଲାଗି ଶିବିର

ବଡ଼ବିଲ, ୩୧।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲସ୍ଥିତ ସବଜେଲରେ ମଙ୍ଗଳବାର ତାଲୁକ ଆଇନ ସେବା ସମିତି ପକ୍ଷରୁ ଦୋଷୀ ସାବ୍ୟସ୍ତ କଏଦୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଏକ ଶିବିର ହୋଇଥିଲା। ଶିବିରରେ କେନ୍ଦୁଝର ଜିଲା ତାଲୁକ ଆଇନ ସେବା ପ୍ରାଧିକରଣ ଅଧିକାରୀ ବନାଲୀ ତ୍ରିପାଠୀ ଏବଂ ବଡବିଲ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଜେଏମଏଫସି ଆଲୋକ ପଣ୍ଡା ପ୍ରମୁଖ ଯୋଗ ଦେଇ ଜେଲ ଅନ୍ତେବାସୀମାନଙ୍କ ସୁବିଧା ଅସୁବିଧା ବୁଝିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆଇନ ସେବା ପ୍ରାଧିକରଣ ଅଧୀନରେ ଥିବା ଆଇନ ବିଷୟରେ ଅବଗତ କରିଥିଲେ।

## ପାଲା ଗାୟକ ରାମଚନ୍ଦ୍ରଙ୍କ ପରଲୋକ

ହାଟଡିହୀ, ୩୧।୧୦(ଡି.ଏନ.ଏ.)

ହାଟଡିହୀ ବ୍ଲକ କଳିଙ୍ଗା ଗ୍ରାମର ବିଶିଷ୍ଟ ପାଲା ଗାୟକ ରାମଚନ୍ଦ୍ର ପଣ୍ଡାଙ୍କର ମଙ୍ଗଳବାର ପରଲୋକ ଘଟିଛି। ୩୦ ବର୍ଷ ବୟସରୁ ପାଲାକୁ ପେସା ହିସାବରେ ଗ୍ରହଣ କରିଥିବା ରାମଚନ୍ଦ୍ର ଏକାଧାରରେ ଜଣେ ପ୍ରବଚକ, ଧର୍ମଯାଜକ ଥିଲେ। ବିଭିନ୍ନ ଟିଭି ଚାନେଲରେ ନିଜର କଳାକୃତି ପ୍ରଦର୍ଶନ କରି ସେ ବେଶ ଚର୍ଚ୍ଚିତ ହୋଇପାରିଥିଲେ। ତାଙ୍କ ପରଲୋକ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପାଲା ସଂସ୍କୃତିର ତାଙ୍କ ଅବଦାନ ଚିରସ୍ମରଣୀୟ ହୋଇରହିବ ବୋଲି ପାଲା ଗାୟକମାନେ ମତ ଦେଇଛନ୍ତି। ଶବସତ୍କାର ସମୟରେ ତାଙ୍କ ପୁଅ ପଦ୍ମନାଭ ପଣ୍ଡା, ସତ୍ୟନାରାୟଣ ପଣ୍ଡା, ଦେବରାଜ ପଣ୍ଡା, ଭଗବାନ ପଣ୍ଡା, ଶଙ୍କର୍ଷଣ ପଣ୍ଡା ଓ ବିଭିନ୍ନ ଅଞ୍ଚଳର ଲୋକେ ଉପସ୍ଥିତ ଥିଲେ।

# ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ


ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରଯାଉଛି।

କୋଲିମାଟି, ୩୧।୧୦

ଆନନ୍ଦପୁର ବ୍ଲକ କୋଲିମାଟି ପଞ୍ଚାୟତରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡ଼ା, କୋଲିମାଟି ପଞ୍ଚାୟତ ସରପଞ୍ଚ ଉତ୍ତରା ଧୀର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ସେଠୀ, ଯୋଗାଣ ନିରୀକ୍ଷକ ଦିଲ୍ଲୀପ କୁମାର ସାହୁ, ପଞ୍ଚାୟତ ରୋଜଗାର ସେବକ ହିମାଂଶୁ ଶେଖର ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। କୋଲିମାଟି ପଞ୍ଚାୟତରେ ୨୭୫ ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ୫୫ ଜଣଙ୍କୁ ଭଡା ଦିଆଯାଇଥିଲା। ବାଦ ପଡିଥିବା ଅନ୍ୟ ହିତାଧିକାରୀଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ସାମିଲ କରାଯିବ ବୋଲି ଜଣାଯାଇଛି।

# ପଞ୍ଚାୟତରେ ମନମୁଖି କାର୍ଯ୍ୟକୁ ବିରୋଧ

ଝୁମ୍ପୁରା, ୩୧।୧୦ଡି.ଏନ.ଏ.)

ବାଲିବନ୍ଧ ପଞ୍ଚାୟତରେ ନାଏବ ସରପଞ୍ଚ ଅନିତା ସିଂଙ୍କ ସ୍ୱାମୀ ରାଜୁ ସିଂ ମନମୁଖୀ କାର୍ଯ୍ୟ କରୁଛନ୍ତି ବୋଲଇ କେତେ ଜଣ ୱାର୍ଡ ମେମ୍ବର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଚମ୍ପୁଆ ସ୍ୱାଧୀନ ବିଧାୟକଙ୍କ ସମର୍ଥକ ଭାବେ ଜଣାଶୁଣା ରାଜୁ ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗ ଦେଇ କୌଣସି ବୈଠକରେ ମତାମତ ରଖିବାର ଅଧିକାର ନ ଥିଲେ ହେଁ ଜୋରଜବରଦସ୍ତ ପଞ୍ଚାୟତ କାର୍ଯ୍ୟାଳୟ କାମରେ ହସ୍ତକ୍ଷେପ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ବାଲିବନ୍ଧ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରକ୍ଷାକର ନାଏକ ଅସନ୍ତୋଷ ପ୍ରକାଶ କରୁଛନ୍ତି ବୋଲି ଆଲୋଚନା ହେଉଛି।

ପୂର୍ବରୁ ପଞ୍ଚାୟତକୁ ଆସିଥିବା ଲାଇଟ ବେନିୟମ ଭାବେ ନିଜ ପୋଖରୀ ହୁଡାରେ ଲଗାଇବା ନେଇ ରାଜୁଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ପଞ୍ଚାୟତର ଉନ୍ନୟନ ମୂଳକ କାମରେ ରାଜୁଙ୍କ ଅଯଥା ହସ୍ତକ୍ଷେପ ନେଇ ବାଲିବନ୍ଧ ପଞ୍ଚାୟତ କାର୍ଯ୍ୟାଳୟରେ ୱାର୍ଡ ମେମ୍ବରମାନେ ସରପଞ୍ଚଙ୍କ ଦୃଷ୍ଟିଆକର୍ଷଣ କରିଥିବା କହିଛନ୍ତି। ସରପଞ୍ଚ ଦମୟନ୍ତୀ ଦେହୁରି ଚୁପ ରହୁଛନ୍ତି ବୋଲି ୱାର୍ଡ ମେମ୍ବରମାନେ ଅଭିଯୋଗ କରିଛନ୍ତି। ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରାଙ୍କୁ ପଚାରିବାରୁ ଅଭିଯୋଗ ସମ୍ପର୍କରେ ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିଲେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଓକିଲ-ପୋଲିସ ମୁହାଁମୁହିଁ

ଆନନ୍ଦପୁର, ୩୧।୧୦(ସ୍ୱ.ପ୍ର.)

ହାଇକୋର୍ଟରେ ଆଇନଜୀବୀଙ୍କୁ ପୋଲିସର ଆକ୍ରମଣ ଘଟଣାରେ ରାଜ୍ୟ ସାରା ଓକିଲମାନଙ୍କ ଅନ୍ଦୋଳନ ଦୁଇ ମାସରୁ ଉର୍ଦ୍ଧ୍ୱ ଦିନ ଧରି ଲାଗି ରହିଥିବାବେଳେ ଆନନ୍ଦପୁରର ଶାଳପଡାଠାରେ ପୁଣି ଓକିଲ ଓ ପୋଲିସ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତିକୁ ଅଣଆୟତ କରି ପକାଇଛି। ବିଜୁ ଲିଗାଲ ସେଲ୍‌ର କେନ୍ଦୁଝର ଜିଲା ଆବାହକ ହୃଦାନନ୍ଦ ଦ୍ୱିବେଦୀ ନିଜ ସ୍କୁଟରରେ ଘରକୁ ଯାଉଥିବା ବେଳେ ଘସିପୁରା ପୋଲିସ ହେଲମେଟ୍ ଚେକିଂ ସମୟରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲା। ଏ ନେଇ ଓକିଲଙ୍କ ମଧ୍ୟରେ ଆସନ୍ତୋଷ ପ୍ରକାଶ ପାଇଥିଲା।

ଆନନ୍ଦପୁର ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ପୋଲିସ କର୍ମଚାରୀଙ୍କ ଏତାଦୃଶ ବ୍ୟବହାରକୁ ଘୋର ନିନ୍ଦା କରିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ଘସିପୁରା ଥାନା ଆଧିକାରୀ ପହଞ୍ଚି ଆପୋଷ ସମାଧାନ ଦିଗରେ ଉଦ୍ୟମ କରିଥିଲେ। ହେଲମେଟ ଚେକିଂ ସମୟରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ଆନନ୍ଦପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ସଚେତନତା ସାଙ୍ଗକୁ ଶପଥପାଠ


ଶପଥପାଠ ଗ୍ରହଣ କରିଛନ୍ତି ଛାତ୍ରୀଛାତ୍ର।

ଢେଙ୍କିକୋଟ, ୩୧।୧୦(ଡି.ଏନ.ଏ.)

ଘଟଗାଁ ବ୍ଲକ ଗଦାଧରପୁର ପଞ୍ଚାୟତ କୁଡ଼ଟାଙ୍ଗରସ୍ଥିତ ଶ୍ରୀଗୁରୁକୁଳ ମଡେଲ ସ୍କୁଲର ଛାତ୍ରୀଛାତ୍ର ଏକତା ଦିବସ ପାଳନ କରିଛନ୍ତି। ଗଦାଧରପୁର ପଞ୍ଚାୟତ ଏବଂ ଢେଙ୍କିକୋଟ ବଜାର ସାହିବସ୍ତି ବୁଲି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନତା କରାଯାଇଥିଲା। ଢେଙ୍କିକୋଟସ୍ଥିତ ଶିଷ୍ୟା ପ୍ଲେ ସ୍କୁଲଠାରୁ ଏକ ରାଲିରେ ଛାତ୍ରୀଛାତ୍ର ବାହାରିଥିଲେ। ସଚେତନ କାର୍ଯ୍ୟକ୍ରମକୁ ସ୍ୱାଗତ ଜଣାଇ ଢେଙ୍କିକୋଟ ପଞ୍ଚାୟତର ସରପଞ୍ଚ ଗୌରୀ ବାରିକ, ବରିଷ୍ଠ ଖବରଦାତା ନୃସିଂହ ସିଂ ଛାତ୍ରୀଛାତ୍ରଙ୍କୁ ଏକତା ସମ୍ପର୍କରେ ଉତ୍ସାହ କରିଥିଲେ।

ଢେଙ୍କିକୋଟସ୍ଥ ସେବା ଫାଉଣ୍ଡେଶନର ନିର୍ଦ୍ଦେଶକ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ଗୁରୁକୁଳ ମଡେଲ ଇଂରାଜୀ ମାଧ୍ୟମ ସ୍କୁଲ ଏବଂ ବିଏଡ୍ କଲେଜର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଦେଶର ଅଖଣ୍ଡ ଓ ଏକତା ବଜାୟ ରଖିବା ପାଇଁ ସର୍ବସାଧାରଣ ସମ୍ମୁଖରେ ଶପଥ ପାଠ ଗ୍ରହଣ କରିଛନ୍ତି। ଶେଷରେ ଶ୍ରୀଗୁରୁକୁଳ ପରିସରରେ ଏକ ସଭାର ଆୟୋଜନ ହୋଇଥିଲା। ସଭାରେ ନିର୍ଦ୍ଦେଶକ ସତ୍ୟବ୍ରତ ସାହୁ ଛାତ୍ରୀଛାତ୍ରଙ୍କୁ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦେଶପ୍ରେମୀ ଓ ଜାତୀୟ ଏକତା ସମ୍ପର୍କିତ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ବସନ୍ତ କୁମାର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକତା ଦିବସରେ ଗଣଦୌଡ଼

କେନ୍ଦୁଝର, ୩୧।୧୦(ସ୍ୱ.ପ୍ର.)

**■ ଜାତୀୟତା ଭାବନା ରକ୍ଷା କରିବା ମୂଳ ଲକ୍ଷ୍ୟ**
**■ ମନେ ପଡ଼ିଲେ ମହାନ ଜନନାୟକ ସର୍ଦ୍ଦାର ପଟେଲ**

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିନକୁ ସାରା ଦେଶରେ ଜାତୀୟ ଏକତା ଦିବସ ଭାବରେ ପାଳନ କରାଯାଉଛି। ଏହି ଅବସରରେ କେନ୍ଦୁଝରଠାରେ ଗଣଦୌଡ ଆୟୋଜନ କରାଯାଇଥିଲା। ଗଣଦୌଡ଼ରେ ବିଭିନ୍ନ ସଙ୍ଗଠନର ଲୌହମାନବ ସର୍ଦ୍ଦାର ପ୍ରେମୀ ସାମିଲ ହୋଇଥିଲେ। ଏହି ଗଣଦୌଡ଼ କେନ୍ଦୁଝରର ଆରାଧ୍ୟ ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିରରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଲୋକଙ୍କ ମଧ୍ୟରେ ଏକତା ଓ ଜାତୀୟତା ଭାବନା ରକ୍ଷା କରିବା ସହ ମହାନ ଜନନାୟକ ସର୍ଦ୍ଦାର ପଟେଲଙ୍କୁ ମନେ ରଖିବା ଉଦ୍ଦେଶ୍ୟରେ ଏଭଳି ଦୌଡ଼ ଅନୁଷ୍ଠିତ ହୋଇଥିଲା ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ କିରଣବାଳା ନାୟକ କହିଛନ୍ତି। ଦୌଡ଼ରେ ପୂର୍ବତନ ବିଧାୟକ ମୋହନ ଚରଣ ମାଝୀ ସମେତ ବହୁ ଲୋକ ସାମିଲ ହୋଇଥିଲେ।



କେନ୍ଦୁଝରରେ ଭାଗ ନେଇଥିବା ସର୍ଦ୍ଦାର ପ୍ରେମୀ।

ପାଟଣା, (ସ୍ୱ.ପ୍ର.)

ପାଟଣା ଭାଜପା ଯୁବମୋର୍ଚ୍ଚା ତରଫରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଦିବସକୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଇଛି। ମୁଖ୍ୟାଳୟସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଛକଠାରୁ ଏକ ଗଣଦୌଡ ହୋଇଥିଲା। ଯୁବମୋର୍ଚ୍ଚାର ସଦସ୍ୟ ଶବୀର କୁମାର ଦାଶଙ୍କ ନେତୃତ୍ୱରେ ସାହାରପଡା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗୌତମ ନାଏକ, ଭାଜପା ପାଟଣା ମଣ୍ଡଳ ସଭାପତି ପ୍ରହଲ୍ଲାଦ ପଲେଇ, ସ୍ୱୟଂ ସେବକ ସଙ୍ଘର ସଞ୍ଜୀବ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଅଯୁସ୍ମିତ ଦାଶ ଓ ଅଭିଷେକ ପତିଙ୍କ ସହ ସ୍ଥାନୀୟ ଶିଶୁମନ୍ଦିର ମନ୍ଦିରର ଛାତ୍ରମାନେ ଗଣଦୌଡ଼ରେ ସାମିଲ ହୋଇଥିଲେ।



ଗଣଦୌଡ଼ରେ ପାଟଣା ଭାଜପା ଯୁବମୋର୍ଚ୍ଚାର କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

ଝୁମ୍ପୁରା, ଡି.ଏନ.ଏ.)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଝୁମ୍ପୁରାରେ ଏକ ଗଣଦୌଡ ଆୟୋଜିତ ହୋଇଥିଲା। ଭାଜପା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ସମ୍ପାଦକ ଅନିଦ୍ୟ ବେହେରାଙ୍କର ଗଣଦୌଡର ସଞ୍ଚାଳନ କରିଥିଲେ। ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଦେଶ ପ୍ରତି ଅବଦାନ, କୃଷକମାନଙ୍କ ପାଇଁ କଲ୍ୟାଣକାରୀ ଯୋଜନା, ଗଡଜାତ ଗୁଡିକୁ ମିଶ୍ରଣ କରାଇବା ଆଦି କାର୍ଯ୍ୟ ଗୁଡିକୁ ସର୍ଦ୍ଦାଙ୍କ ସ୍ମୃତିଚାରଣ ବୈଠକରେ ମନେପକା ଯାଇଥିଲା।


ଝୁମ୍ପୁରାରେ ଆୟୋଜିତ ଗଣଦୌଡ।

# ଜନ୍ମମାଟିରେ ଅଚ୍ୟୁତାନନ୍ଦଙ୍କୁ ଅଶ୍ରୁଳ ବିଦାୟ

- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ
- ମୁଖାଗ୍ନି ଦେଲେ ବଡ଼ଭାଇ

**ବଲାଙ୍ଗୀର ଅଫିସ,୩୧।୧୦**

ଛତିଶଗଡ଼ ଦାନ୍ତେୱାଡାରେ ମାଓବାଦୀଙ୍କ ଗୁଳିମାଡ଼ରେ ମଙ୍ଗଳବାର ପ୍ରାଣ ହରାଇଥିବା ଦିଲ୍ଲୀ ଦୂରଦର୍ଶନ ନ୍ୟୁଜ୍ ଚ୍ୟାନେଲର କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁ (୩୫)ଙ୍କ ଶେଷକୃତ୍ୟ ବୁଧବାର ସମ୍ପନ୍ନ ହୋଇଛି। ଜନ୍ମମାଟି ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଘୁଷୁରାମୁଣ୍ଡାରେ ତାଙ୍କୁ ଅଶ୍ରୁଳ ବିଦାୟ ଦିଆଯାଇଛି। ପଞ୍ଚଭୂତରେ ଲୀନ ହୋଇଛି ତାଙ୍କ ପାର୍ଥିବ ଶରୀର। ଶୋକାକୁଳ ପରିବେଶ ଭିତରେ ଅଚ୍ୟୁତାନନ୍ଦଙ୍କୁ ଚିରବିଦାୟ ଦେଇଛି ଗାଁ ମାଟି। ସ୍ତବ୍ଧ ହୋଇଯାଇଛନ୍ତି ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀ।

ବୁଧବାର ସକାଳ ୭ଟାରୁ ଘୁଷୁରାମୁଣ୍ଡା ଗାଁର ଆବାଳ ବୃଦ୍ଧବନିତା ଅଚ୍ୟୁତାନନ୍ଦଙ୍କ ଶେଷ ଦର୍ଶନ ପାଇଁ ଅପେକ୍ଷା କରି ରହିଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ରାୟପୁରରୁ ଏକ ସ୍ୱତନ୍ତ୍ର ଗାଡ଼ିରେ ଅଚ୍ୟୁତାନନ୍ଦଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ଏହି ସମୟର ଦୃଶ୍ୟ ଥିଲା ଖୁବ୍ ହୃଦୟବିଦାରକ। କୋହ ସମ୍ଭାଳି ପାରି ନ ଥିଲେ ଗ୍ରାମବାସୀ। ପରିବାର ଲୋକେ ଲୋଟିପଡିଥିଲେ ଅଚ୍ୟୁତାନନ୍ଦଙ୍କ ମୃତଦେହ ଉପରେ। ବହୁ କଷ୍ଟରେ ତାଙ୍କ ମୃତଦେହକୁ ଘର ଭିତରକୁ ନିଆଯାଇଥିଲା। ସେଠାରେ କିଛି ସମୟ ପାଇଁ ତାଙ୍କ ମୃତଦେହ ରଖାଯାଇଥିଲା। ଏହି ସମୟ ଭିତରେ ଗ୍ରାମବାସୀଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ଅଚ୍ୟୁତାନନ୍ଦ ଅମର ରହେ ଧ୍ୱନିରେ ଫାଟି ପଡ଼ିଥିଲା ସାରା ଗାଁ।


ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅଚ୍ୟୁତାନନ୍ଦଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଉଛି।

ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା, ଡିଆରଡିଏ ପିଡି ଡ. ମହେଶ୍ୱର ସ୍ୱାଇଁ, ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଲୋଇସିଂହା ବିଡିଓ, ତହସିଲଦାରଙ୍କ ସହ ନବନିର୍ମାଣ କୃଷକ ସଙ୍ଗଠନ ସଂଯୋଜକ ହିମାଂଶୁ ଶେଖର ସାହୁ ଓ ଅନ୍ୟମାନେ ପହଞ୍ଚି ଅଚ୍ୟୁତାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଅଚ୍ୟୁତାନନ୍ଦଙ୍କ ବାପା ନରେନ୍ଦ୍ର ସାହୁ, ମା' ତୁଳସୀ ସାହୁ, ସ୍ତ୍ରୀ ହିମାଞ୍ଜଳି ସାହୁଙ୍କ ସହ ପରିବାର ଲୋକେ ବାକ୍‌ଶୂନ୍ୟ ହୋଇପଡ଼ିଥିଲେ। ଶେଷରେ ମୃତଦେହକୁ ଗାଁ ପରିକ୍ରମା କରାଯାଇ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ବଲାଙ୍ଗୀର ଏସ୍‌ପି କେ.ଶିବା ସୁବ୍ରମଣିଙ୍କ ଉପସ୍ଥିତିରେ ପୋଲିସ ବାହିନୀ ଗାର୍ଡ ଅଫ୍ ଅନର ଦେଇଥିଲେ। ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଅଚ୍ୟୁତାନନ୍ଦଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡଭାଇ ପ୍ରଶାନ୍ତ ସାହୁ ମୁଖାଗ୍ନି ଦେଇଥିଲେ। ଦିଲ୍ଲୀରୁ ଆସିଥିବା ଦୂରଦର୍ଶନ ଡାଇରେକ୍ଟର କୃପାଶଙ୍କର ଯାଦବ, ସଦର ଏସ୍‌ଡିପିଓ କ୍ଷୀରସାଗର ନାଏକ, ଆକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀ, ଯୁବନେତା ପ୍ରିୟବ୍ରତ ସାହୁ, ଶତାଧିକ ନେତା ଓ ସମାଜ କର୍ମୀ ଉପସ୍ଥିତ ରହି ଅଚ୍ୟୁତାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ, ପେସାଦାର ସାମ୍ବାଦିକ ସଂଘ ଓ ଅନ୍ୟ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

୧୯୮୪ ମାର୍ଚ୍ଚ ୧୨ରେ ଜନ୍ମଗ୍ରହଣ କରିଥିବା ଅଚ୍ୟୁତାନନ୍ଦ ଗତ ପ୍ରାୟ ୪ ବର୍ଷ ତଳେ ଦୂରଦର୍ଶନ ନ୍ୟୁଜ୍ କ୍ୟାମେରାମ୍ୟାନ ଭାବେ ଯୋଗଦେଇଥିଲେ। ଏହାପୂର୍ବରୁ ସେ ଭାରତୀୟ ସେନାରେ କିରାଣି ଭାବେ କାମ କରିଥିଲେ। କିଛିବର୍ଷ କାମ କଲାପରେ ସେ ସେନାରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ପରେ ଓଡିଶା ଫେରି କଟକ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ସିନେମାଟୋଗ୍ରାଫି ପାଠ ପଢ଼ିଥିଲେ। ସେଠାରେ ପଢା ସାରିବା ପରେ ନିଜ ଗାଁ ଘୁଷୁରାମୁଣ୍ଡା ପାଖ ବୁଢ଼ୀପଦର ପଞ୍ଚାୟତ ଅଫିସରେ ଦୁଇବର୍ଷ ଗ୍ରାମ ରୋଜଗାର ସେବକ ଭାବେ କାର୍ଯ୍ୟ କରିଥିଲେ। ୨ ବର୍ଷ ଚାକିରି କରିବା ପରେ ଏଠାରୁ ସେ ଦିଲ୍ଲୀ ଚାଲିଯାଇ ଦୂରଦର୍ଶନ (ଡିଡି) ନ୍ୟୁଜ୍‌ଚ୍ୟାନେଲରେ କ୍ୟାମେରାମ୍ୟାନ ଭାବେ ଯୋଗଦେଇଥିଲେ। ପ୍ରାୟ ୨ ବର୍ଷ ତଳେ ସେ ହିମାଞ୍ଜଳିଙ୍କୁ ବିବାହ କରିଥିଲେ। ଅଚ୍ୟୁତାନନ୍ଦ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ପ୍ରାଥମିକ, ହାଇସ୍କୁଲ ଓ କଲେଜ ଶିକ୍ଷା ଗ୍ରହଣ କରିଥିଲେ।

## ଭୁବନେଶ୍ୱରରେ ହେବ ବିଶ୍ୱସ୍ତରୀୟ ପୁସ୍ତକମେଳା

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ଭୁବନେଶ୍ୱରରେ ଅନୁଷ୍ଠିତ ହେବ ବିଶ୍ୱସ୍ତରୀୟ ପୁସ୍ତକମେଳା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୧୯ ଫେବୃୟାରୀ ୨୦ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ମେଳା ଆୟୋଜନ ହେବ। ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ହେବାକୁ ଥିବା ଏହି ପୁସ୍ତକମେଳାରେ ସାରା ବିଶ୍ୱର ଶତାଧିକ ପୁସ୍ତକ ପ୍ରକାଶନୀ ସଂସ୍ଥା ଅଂଶଗ୍ରହଣ କରିବେ। ମେଳାର ପ୍ରତି ସନ୍ଧ୍ୟାରେ ପୁସ୍ତକ ଉନ୍ମୋଚନ ଉତ୍ସବ ସାଙ୍ଗକୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହାବ୍ୟତୀତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଅତିଥି ଭାବେ ଆମନ୍ତ୍ରଣ କରାଯିବ। ବିଭାଗ ତରଫରୁ ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଏବଂ ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ ମେଳା ପରିଚାଳନାର ଦାୟିତ୍ୱ ନିର୍ବାହ କରିବେ।

ବୁଧବାର ଅପରାହ୍ନରେ ସଂସ୍କୃତି ଭବନଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ଫେବୃୟାରୀ ଶେଷବେଳକୁ ଅନୁଷ୍ଠିତ ହେବାକୁ ଥିବା ଏହି ପୁସ୍ତକମେଳାରେ ଶହେ ବର୍ଗଫୁଟ କ୍ଷେତ୍ରଫଳ ବିଶିଷ୍ଟ ଷ୍ଟଲ ନିମନ୍ତେ ସାଢ଼େ ୪ ହଜାର ଟଙ୍କା ଦେୟ ଧାର୍ଯ୍ୟ କରାଯାଇଛି।

## ସଂକ୍ଷେପରେ

### ରାଜ୍ୟବାସୀଙ୍କୁ ଦିନରେ ଲଣ୍ଡନ ଦେଖାଉଛନ୍ତି ମୁଖ୍ୟମନ୍ତ୍ରୀ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ୍ ଯୋଜନାଠାରୁ ରାଜ୍ୟ ସରକାରଙ୍କ ନିଜସ୍ୱ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଲ ବୋଲି କହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାଜପାକୁ ବୁଧବାର କଟାକ୍ଷ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି କଟାକ୍ଷ ପରେ ପୁଣି ଥରେ ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନେଇ ଉଠିଥିବା ମୂଳ ପ୍ରଶ୍ନର ଉତ୍ତର ନ ରଖି ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଦିନରେ ଲଣ୍ଡନ ଦେଖାଉଛନ୍ତି ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି। ଧର୍ମେନ୍ଦ୍ର ନିଜ ଟୁଇଟର ଆକାଉଣ୍ଟ ଜରିଆରେ କହିଛନ୍ତି, ଆୟୁଷ୍ମାନ୍ ଯୋଜନାଠାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଭଲ ବୋଲି କହି ମୁଖ୍ୟମନ୍ତ୍ରୀ ନିଜକୁ ରାଧୁଆ ମିଛୁଆ ନୁହନ୍ତି ବୋଲି କହିବାକୁ ଚାହୁଁଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ପ୍ରଥମ ଟେଣ୍ଡର ପ୍ରକ୍ରିୟା ବାତିଲ ହୋଇ ଦ୍ୱିତୀୟ ଟେଣ୍ଡର ଆରମ୍ଭ ହୋଇଛି। ଅଧିକାରୀମାନଙ୍କ ମୂଳଚାଲ ନ ଛିଣ୍ଡିବା କାରଣରୁ ଏହା ବିଳମ୍ବିତ ହେଉଛି କି? ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଗାଇଡ୍‌ଲାଇନ ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ। ୪୦୩୬ ସ୍ୱାସ୍ଥ୍ୟସେବା ପ୍ୟାକେଜ କେବଳ କାଗଜ କଲମରେ ସୀମିତ ରହିଛି। ଅନ୍ୟ ରାଜ୍ୟରେ ରହୁଥିବା ଓଡିଆଙ୍କୁ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କେଉଁ ଡାକ୍ତରଖାନା ସହିତ କି ପ୍ରକାର ବୁଝାମଣାପତ୍ର ସ୍ୱାକ୍ଷରିତ କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବା ଗଞ୍ଜାମ ଜିଲାର ସର୍ବାଧିକ ଲୋକ ସୁରଟରେ ଅଛନ୍ତି। ସେଠାରେ କେଉଁ ଡାକ୍ତରଖାନାରେ ଓଡିଆମାନେ ମାଗଣା ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କଟାକ୍ଷର ଉତ୍ତର ଦେଇ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି, ରୋଗ, ଦୁର୍ଘଟଣା ବିପିଏଲ କାର୍ଡ ଦେଖି ଆସେ ନାହିଁ ବୋଲି ସମସ୍ତେ ଜାଣିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସବୁଠୁ ଯୋଗ୍ୟ ବିପିଏଲ୍ ଥିଲେ କଟକ ମେୟର ଏବଂ ବିଧାୟକଙ୍କ ପରିବାର।

### ମନ୍ତ୍ରୀଙ୍କୁ ଓକିଲଙ୍କ କଳା ପତାକା ପ୍ରଦର୍ଶନ

**ସମ୍ବଲପୁର,୩୧।୧୦(ବ୍ୟୁରୋ):** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ସମ୍ବଲପୁର ଜିଲାରେ ଓକିଲମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହି ପ୍ରସଙ୍ଗ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ଚାଲିଥିବାରୁ ସେପ୍ଟେମ୍ବର ୫ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏପରି ସ୍ଥଳେ ବୁଧବାର ସମ୍ବଲପୁର ଜିଲା ଧାନ ସଂଗ୍ରହ ପ୍ରସ୍ତୁତି ବୈଠକରେ ଯୋଗ ଦେବା ପାଇଁ ଦିନିକିଆ ଗସ୍ତରେ ଆସିଥିବା ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ଏମସିଏଲ ମୁଖ୍ୟ ଗେଟ୍ ସମ୍ମୁଖରେ ଜିଲା ଓକିଲ ସଂଘ କର୍ମକର୍ତ୍ତା କଳା ପତାକା ଦେଖାଇ ବିରୋଧ କରିଥିଲେ। ବ୍ୟାପକ ପୋଲିସ ସୁରକ୍ଷା ବଳୟରେ ମନ୍ତ୍ରୀ ବୈଠକରେ ଯୋଗଦେଇଥିଲେ।

# ୫ରୁ ଖରିଫ ଧାନ କିଣା

- ୫୫ ଲକ୍ଷ ମେଟ୍ରିକ ଟନ ଲକ୍ଷ୍ୟ
- ବିକିବାକୁ କଟକଣା ନାହିଁ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ଆସନ୍ତା ନଭେମ୍ବର ୫ ତାରିଖରୁ ରାଜ୍ୟରେ ଖରିଫ ଧାନ ସଂଗ୍ରହ ହେବ। ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି ଓ ବରଗଡ ଜିଲାରୁ ଧାନ ସଂଗ୍ରହ ଆରମ୍ଭ ହେବ। ବୁଧବାର ସମ୍ବଲପୁର ଏମ୍.ସି.ଏଲ୍. ସମ୍ମିଳନୀ କକ୍ଷରେ ଖରିଫ ଧାନ ସଂଗ୍ରହ ସମ୍ପର୍କରେ ହୋଇଥିବା ପ୍ରସ୍ତୁତି ବୈଠକ ଶେଷରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଚଳିତ ବର୍ଷ ପାଇଁ ରାଜ୍ୟ ସରକାର ୫୫ ଲକ୍ଷ ମେଟ୍ରିକ ଟନ୍ ଧାନ ତଥା ଚାଉଳ ହିସାବରେ ୩୭ ଲକ୍ଷ ମେଟ୍ରିକ୍ ଟନ୍ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୬୦୮ଟି ସମବାୟ ସମିତି ଜରିଆରେ ପ୍ରକୃତ ଚାଷୀ, ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଧାନ ସଂଗ୍ରହ ବ୍ୟବସ୍ଥାରେ ସାମିଲ କରାଯିବ। ୨୪ରୁ ୭୨ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରାପ୍ୟ ପ୍ରଦାନ କରାଯିବ। ୨୦୧୮ ନଭେମ୍ବରରୁ ୨୦୧୯ ଏପ୍ରିଲ ମଧ୍ୟରେ ଖରିଫ୍ ଧାନ ସଂଗ୍ରହ କରାଯିବ। ସେହିପରି ୨୦୧୯ ମେ'ରୁ ଜୁନ୍ ମଧ୍ୟରେ ରବି ଧାନ ସଂଗ୍ରହ ହେବ। ୨୦୧୭-୧୮ରେ ଉଭୟ ଖରିଫ୍ ଓ ରବି ଋତୁ ପାଇଁ ରାଜ୍ୟ ସରକାର ୫୪ ଲକ୍ଷ ମେଟ୍ରକ ଟନ୍ ଧାନରୁ ୩୯ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେଥିରୁ ୪୯.୦୬ ଲକ୍ଷ ମେଟ୍ରିକ ଟନ୍ ଧାନ ତଥା ୩୩.୨୧ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରିଥିଲେ।


ସମ୍ବଲପୁର ଜିଲାରେ ଖରିଫ ଧାନ ସଂଗ୍ରହ ପାଇଁ ଏମ୍‌ସିଏଲ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜୋନାଲସ୍ତରୀୟ ବୈଠକ ।

ଚଳିତ ବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୦୦ ଟଙ୍କା କେନ୍ଦ୍ର ସରକାରେ ବୃଦ୍ଧି କରିଛନ୍ତି। କେନ୍ଦ୍ର ସରକାରଙ୍କ ଧାନ ମୂଲ୍ୟ ନିର୍ଦ୍ଧାରଣ ନୀତି ଅନୁଯାୟୀ ଚଳିତ ବର୍ଷ ସାଧାରଣ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧୭୫୦ ଟଙ୍କା ରଖାଯାଇଥିବା ବେଳେ ଗ୍ରେଡ୍-ଏ ଧାନ ପାଇଁ ୧୭୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏମ୍‌ଏସ୍‌ପିଠାରୁ କମ୍ ଦରରେ ଯଦି କୌଣସି ମିଲର ଚାଷୀଙ୍କଠାରୁ ଧାନ କ୍ରୟ କରିବେ ସେମାନଙ୍କ ବିରୋଧରେ ଅତ୍ୟାବଶ୍ୟକ ସେବା ଆଇନ ୧୯୫୫ ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ପି- ପାସ ଜରିଆରେ ଧାନ ବିକ୍ରି କରାଯିବ। ରାଜ୍ୟର ୩୦୮ଟି ବ୍ଲକରେ ଏହି ବ୍ୟବସ୍ଥା ହୋଇଛି।

ଖରିଫ ଧାନ ସଂଗ୍ରହ ସକାଶେ ଚାଷୀମାନଙ୍କର ପଞ୍ଜୀକରଣ ଜାରି ରହିଛି। ଏଥିପାଇଁ ଜୁଲାଇ ୧୫ରୁ ଅକ୍ଟୋବର ୧୫ ଯାଏ ସମୟ ଧାର୍ଯ୍ୟ କରାଯାଇଥିଲା। ଏହି ଅବଧିକୁ ନଭେମ୍ବର ୧୫ ତାରିଖ ଯାଏ ବୃଦ୍ଧି କରାଯାଇଛି। ମିଳିଥିବା ସୂଚନା ମୁତାବକ ଏ ପର୍ଯ୍ୟନ୍ତ ୧୨ ଲକ୍ଷ ଚାଷୀ ଧାନ ବିକ୍ରି କରିବାକୁ ଅନଲାଇନରେ ପଞ୍ଜୀକୃତ ହୋଇଛନ୍ତି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଧାନ ବିକ୍ରି କରିବାକୁ ସୁଯୋଗ ମିଳିବ। ରାଜ୍ୟ ସରକାର ଏ ନେଇ ପୂର୍ବରୁ ଲଗାଇଥିବା କଟକଣାକୁ ହଟାଇ ଦେଇଛନ୍ତି। ନିଜ ପରିବାର ପାଇଁ ବର୍ଷ ସକାଶେ ଧାନ ରଖିବା ଆବଶ୍ୟକ ନାହିଁ। ଖାଦ୍ୟ ଓ ଧାନ ସଂଗ୍ରହ ନୀତି-୨୦୧୮ ଅନୁଯାୟୀ ପୂର୍ବରୁ ବାର୍ଷିକ ମୁଣ୍ଡପିଛା ୩ କୁଇଣ୍ଟାଲ ଧାନ ରଖିବା କଟକଣାକୁ ହଟାଇ ଦିଆଯାଇଛି।

ସମବାୟ ମନ୍ତ୍ରୀ ଧାନ ସଂଗ୍ରହ ନେଇ ସମୀକ୍ଷା କରିଥିଲେ। ପଶ୍ଚିମ ଓଡ଼ିଶାରେ ୪୦ ପ୍ରତିଶତ ଧାନ ସଂଗ୍ରହ ହେବ। ଧାନ ସଂଗ୍ରହ ସମୟରେ ଚାଷୀ ଯେଭଳି ଅସୁବିଧାର ସମ୍ମୁଖୀନ ନ ହେବେ ସେ ଦିଗରେ ଯତ୍ନବାନ ହେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ପ୍ରାୟ ୯ ହଜାର କୋଟି ଟଙ୍କାର ଧାନ ସଂଗ୍ରହ ହେବ। ବୈଠକରେ ସମବାୟ ସଚିବ ରଞ୍ଜନା ଚୋପ୍ରା ଓ କୃଷି ସଚିବ ତ୍ରିବିକ୍ରମ ଯାଦବ ଉପସ୍ଥିତ ଥିଲେ।


## ଦାନ୍ତେୱାଡା ମାଓବାଦୀ ଘଟଣା, ଆହତ ଯବାନଙ୍କ ମୃତ୍ୟୁ

# ଲାଇଭ୍ ଭିଡିଓ ଭାଇରାଲ

**ମାଲକାନଗିରି, ୩୧।୧୦ (ଡି.ଏନ୍.ଏ.)**



ଗତ ମଙ୍ଗଳବାର ଛତିଶଗଡ଼ର ଦାନ୍ତେୱାଡା ଜିଲାରେ ମାଓବାଦୀମାନେ ପୋଲିସ ଓ ଦୂରଦର୍ଶନ ଟିମ୍‌କୁ ଆକ୍ରମଣ କରିଥିଲେ। ଏଥିରେ ଜଣେ ଓଡ଼ିଆ କ୍ୟାମେରାମ୍ୟାନ ଅଚ୍ୟୁତାନନ୍ଦ ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଯବାନ ଶହୀଦ ହୋଇଥିଲେ। ଗୁରୁତର ଅବସ୍ଥାରେ ଚିକିତ୍ସିତ ଥିବା ଅନ୍ୟ ଜଣେ ଯବାନଙ୍କ ବୁଧବାର ମୃତ୍ୟୁ ଘଟିଛି। ତେବେ ଏହି ଘଟଣାର ଲାଇଭ୍ ଭିଡିଓ ବୁଧବାର ଭାଇରାଲ ହୋଇଛି। ଦୂରଦର୍ଶନର ଜଣେ ଖବରଦାତା ଏହି ଭିଡିଓକୁ ଅତି ନିକଟରୁ ଶୁଟିଂ କରିଥିଲେ। ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଥିବା ସମୟରେ ଜଙ୍ଗଲର ଏକ ଗଛ ଆଢୁଆଳରେ ଶୋଇ ରହି ଖବରଦାତା ମରେମ୍ କୁଟ୍ ଶର୍ମା ଜୀବନ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ। ସେହି ସମୟର ସେ ଏକ ସେଲ୍‌ଫି ଭିଡିଓ ନିଜ ମାଆଙ୍କ ଉଦ୍ଦେଶ୍ୟରେ ଶୁଟିଂ କରିଥିଲେ। ଏହି ଭିଡିଓରେ ସେ ନିଜ ମାଆଙ୍କୁ ବହୁତ ଭଲ ପାଆନ୍ତି। ଏହି ଗୁଳି ବିନିମୟରେ ସେ ବଞ୍ଚିବେ କି ନାହିଁ ବୋଲି ଆଶଙ୍କା ପ୍ରକାଶ କରିଥିଲେ। ମାଓବାଦୀମାନଙ୍କ ଗୁଳିରେ ପୋଲିସଙ୍କୁ ହତ୍ୟା କରାଯାଉଥିବା ଦୃଶ୍ୟ ସେ ଶୁଟିଂ କରିନେଇଥିଲେ। ତେବେ ସୌଭାଗ୍ୟବଶତଃ ଶର୍ମା ଏବଂ ତାଙ୍କର ଅନ୍ୟ ଜଣେ ସହଯୋଗୀ ବଞ୍ଚି ଯାଇଥିଲେ।


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୭ | ୨୦.୪ |
| ଚାନ୍ଦବାଲି | ୨୮.୦ | ୨୨.୮ |
| କଟକ | ୨୯.୫ | ୨୦.୪ |
| ପାରାଦ୍ୱୀପ | ୨୯.୬ | ୨୨.୯ |
| ଭୁବନେଶ୍ୱର | ୩୧.୨ | ୨୧.୦ |
| ଗୋପାଳପୁର | ୩୨.୦ | ୨୧.୭ |
| ପୁରୀ | ୩୦.୮ | ୨୨.୪ |
| ଅନୁଗୋଳ | ୩୧.୧ | ୧୮.୦ |
| ବାରିପଦା | ୨୭.୬ | ୨୨.୦ |
| ଝାରସୁଗୁଡ଼ା | ୨୮.୭ | ୨୦.୨ |
| କେନ୍ଦୁଝର | ୨୬.୬ | ୧୯.୦ |
| ସମ୍ବଲପୁର | ୩୧.୫ | ୨୦.୯ |
| ସୁନ୍ଦରଗଡ଼ | ୩୩.୦ | --- |
| ହୀରାକୁଦ | ୩୨.୩ | ୨୧.୬ |
| ତାଳଚେର | ୩୩.୧ | ୧୯.୬ |
| ଭବାନୀପାଟଣା | ୩୦.୦ | ୧୭.୦ |
| ବଲାଙ୍ଗୀର | ୩୧.୫ | ୨୦.୦ |
| କୋରାପୁଟ | ୨୯.୬ | ୧୬.୦ |
| ଫୁଲବାଣୀ | ୨୮.୨ | ୧୪.୬ |
| ଟିଟିଲାଗଡ଼ | ୩୦.୫ | ୧୭.୫ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୧.୮ | ୧୮.୪ |
| ଦାରିଙ୍ଗିବାଡ଼ି | --- | ୧୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକଲେ ଆଇନଜୀବୀ

- ଆଜି ହାଇକୋର୍ଟ ବାର୍ ଆସୋସିଏଶନର ଗୁରୁତ୍ୱପୂର୍ଣ୍ଣ ବୈଠକ
- ରାଜନୀତୀକରଣକୁ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ନିନ୍ଦା

**କଟକ ଅଫିସ, ୩୧।୧୦**

ଆନ୍ଦୋଳନକୁ ନେଇ ଆଇନଜୀବୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହେବା ପରେ ଏହା କ୍ରମଶଃ ରାଜନୈତିକ ରୂପ ଧାରଣ କରୁଥିବା ସ୍ପଷ୍ଟ ହେବାରେ ଲାଗିଛି। ଇତିମଧ୍ୟରେ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ୨ ମାସରୁ ଅଧିକ ବିତିଛି। ବୁଧବାର ହାଇକୋର୍ଟ ବାର୍ ଆସୋସିଏଶନ କର୍ମକର୍ତ୍ତା ବାର୍ ସମ୍ମୁଖରେ ଭିନ୍ନ ଢଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଶୋଭାଯାତ୍ରା କରି ସରକାର ବିରୋଧୀ ନାରା ଦେଇଛନ୍ତି। ଏଥିସହ ରାଜ୍ୟର ବିଭିନ୍ନ ବାର୍ ଆସୋସିଏଶନ ପକ୍ଷରୁ ମଧ୍ୟ କୋର୍ଟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଅନ୍ୟପକ୍ଷରେ ଗୁରୁବାର ହାଇକୋର୍ଟ ବାର୍ ଆସୋସିଏଶନର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। କାର୍ଯ୍ୟବନ୍ଦ ଆନ୍ଦୋଳନ ଆଗକୁ ଜାରି ରହିବ କି ନାହିଁ ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

ତେବେ ଏହି ଘଟଣାକୁ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ କଡ଼ା ନିନ୍ଦା କରିଛି। ସାମ୍ମୁଖ୍ୟର ଉପଦେଷ୍ଟା ଆଡ୍‌ଭୋକେଟ ଅସୀମ ଅମିତାଭ ଦାସ କହିଛନ୍ତି, ମୁଖ୍ୟମନ୍ତ୍ରୀ ଆଇନଜୀବୀଙ୍କ ପାଇଁ ଅନେକ କାର୍ଯ୍ୟ କରିଛନ୍ତି। ୫ କୋଟି ଟଙ୍କାର ପେନ୍‌ସନ ଫଣ୍ଡ, ୧ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟରେ ଆଡ୍‌ଭୋକେଟ୍ସ ଏକାଡେମୀ, ମଧୁସୂଦନ ଆଇନ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା, ରାଜ୍ୟର ୭୦୦୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ଆଇନ ସହାୟତା କେନ୍ଦ୍ର ଖୋଲାଯାଇ ଆଇନଜୀବୀଙ୍କୁ ନିଯୁକ୍ତି ବ୍ୟବସ୍ଥା ହୋଇଛି। ଏହାସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକରିବା କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ତେବେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଆଇନଜୀବୀଙ୍କ ସହିତ ରହିଛି ବୋଲି ନିଜ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଡ୍‌ଭୋକେଟ୍ ଦାସ କହିଛନ୍ତି। ସେ କହିଲେ, ଆଡ୍‌ଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ମାଡ଼ ମାରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ମାମଲା ହୋଇଛି। ସେମାନେ ଜାମିନରେ ଆସିଥିବାବେଳେ ୩ ଜଣଙ୍କୁ ମଧ୍ୟ ସରକାର ନିଲମ୍ବନ କରିଛନ୍ତି। ପୁଣି ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଣେ କାର୍ଯ୍ୟକାରୀ ବିଚାରପତିଙ୍କ ତତ୍ତ୍ୱାବଧାନରେ ଉକ୍ତ ମାମଲାର ତଦନ୍ତ ଆରମ୍ଭ ହୋଇଛି। ଏପରିସ୍ଥଳେ ଆନ୍ଦୋଳନ କେତେଦୂର ଯଥାର୍ଥ ବୋଲି ସେ ପ୍ରଶ୍ନ କରିଛନ୍ତି। କିଛି ଲୋକ ରାଜ୍ୟରେ ଆଇନବ୍ୟବସ୍ଥା ଭୁଶୁଡ଼ି ପଡୁ ବୋଲି ଚାହୁଁଛନ୍ତି। ତେଣୁ ସେମାନେ ଏହାକୁ ରାଜନୀତିକରଣ କରୁଛନ୍ତି। ବିବାଦର ସମାଧାନ ପାଇଁ ମଝିରେ ହାଇକୋର୍ଟ ବାର୍‌ର କେତେଜଣ କର୍ମକର୍ତ୍ତାଙ୍କ ସହିତ ଆଇନମନ୍ତ୍ରୀ ଓ ଡିସିପି ଆଲୋଚନା କରିଥିଲେ। ମାତ୍ର ଉକ୍ତ ଆଲୋଚନା ସମ୍ପର୍କରେ ସମସ୍ତ ଆଇନଜୀବୀଙ୍କୁ ଅବଗତ କରାଗଲା ନାହିଁ। ତେଣୁ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକୁ ରାଜ୍ୟର ସମସ୍ତ ବାର୍ ଗ୍ରହଣ କରିନାହାନ୍ତି। ଭୁବନେଶ୍ୱର, ରାଉରକେଲା ଓ ଭଦ୍ରକ ଆଦି ବାର୍ ଏହି ନିଷ୍ପତ୍ତିକୁ ମାନିନାହାନ୍ତି। ତେଣୁ ରାଜ୍ୟବାସୀ ଓ ଆଇନକୁ ପେସା କରି ପରିବାର ଚଳାଉଥିବା ଆଇନଜୀବୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ ଆନ୍ଦୋଳନରୁ ଓହରିଥିବା ଦାସ ସୂଚନା ଦେଇଛନ୍ତି। ଆଇନଜୀବୀଙ୍କ ମଧ୍ୟରେ ସୋମବାର ଘଟିଥିବା ଗଣ୍ଡଗୋଳ ସମ୍ପର୍କରେ ସେ କହିଲେ, ହାଇକୋର୍ଟ କାର୍ଯ୍ୟରେ ଯୋଗଦେବା ପାଇଁ ଯାଉଥିବାବେଳେ ତାଙ୍କ ସହିତ ଅନ୍ୟ ଆଇନଜୀବୀଙ୍କୁ ଆକ୍ରମଣ କରାଗଲା। ସେଥିରେ ଅସାମାଜିକମାନେ ସମ୍ପୃକ୍ତ ଅଛନ୍ତି। କୌଣସି ଆଇନଜୀବୀ ଆକ୍ରମଣ କରିନାହାନ୍ତି। ବାର୍ ଆସୋସିଏଶନ ପକ୍ଷରୁ ଆନ୍ଦୋଳନରୁ ଓହରିଥିବା ଆଇନଜୀବୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। କିନ୍ତୁ ଏ ସମ୍ପର୍କରେ ତାଙ୍କୁ କୌଣସି ନୋଟିସ କରାଯାଇ ନାହିଁ ବୋଲି ଆଡ୍‌ଭୋକେଟ ଦାସ କହିଛନ୍ତି।


କୁଶପୁତ୍ତଳିକା ଦାହ ପୂର୍ବରୁ ଆଇନଜୀବୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ପରିବର୍ତ୍ତିତ ଯକ୍ଷ୍ମା ନିୟନ୍ତ୍ରଣ ଉପରେ ସମୀକ୍ଷା

# ୨୦୨୫ ସୁଦ୍ଧା ଯକ୍ଷ୍ମା ନିରାକରଣ ଲକ୍ଷ୍ୟ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଆସନ୍ତା ୨୦୨୫ ସୁଦ୍ଧା ରାଜ୍ୟରେ ଯକ୍ଷ୍ମା ନିରାକରଣ କରିବାକୁ ଲକ୍ଷ୍ୟ ରଖିଛି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ। ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ କମିଶନର ତଥା ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ଯକ୍ଷ୍ମା ନିୟନ୍ତ୍ରଣ ପାଇଁ କାର୍ଯ୍ୟକାରୀ ହେଉଥିବା ପରିବର୍ତ୍ତିତ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପର୍କରେ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶାସନ ସଚିବ ମେହେର୍ଦ୍ଦା ଅଧକ୍ଷତା କରିଥିଲେ। ଯକ୍ଷ୍ମା ନିୟନ୍ତ୍ରଣ ଲକ୍ଷ୍ୟ ହାସଲ କରିବାକୁ ହେଲେ ତୃଣମୂଳସ୍ତରରୁ ଲୋକମାନଙ୍କୁ ସାମିଲ କରି ରୋଗ ଉପରେ ସଚେତନ କରିବାକୁ ପଡିବ। ପ୍ରାଥମିକ ସ୍ତରରୁ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇ ସମ୍ପୂର୍ଣ୍ଣ ଚିକିତ୍ସା କରି ସେମାନଙ୍କୁ ଆରୋଗ୍ୟ କରିବାକୁ ମେହେର୍ଦ୍ଦା ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଏମ୍‌ଡିଆର ଯକ୍ଷ୍ମା ଆକ୍ରାନ୍ତଙ୍କୁ ଚିହ୍ନଟ କରିବା ଉପରେ ଅଧିକ ଗୁରୁତ୍ୱ ଦେବାକୁ ମଧ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ସ୍ୱପ୍ନେଶ୍ୱର ଗଡ଼ନାୟକ, ଅତିରିକ୍ତ ଶାସନ ସଚିବ ବି.ବି. ଦାଶ ଏବଂ ଉପଶାସନ ସଚିବ ଯଶ୍ୱିନ ପଟ୍ଟନାୟକଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଏମ୍‌ଡିଆର ଯକ୍ଷ୍ମା ରୋଗୀ ଚିହ୍ନଟ କରିବା ପାଇଁ ରାଜ୍ୟର ୩୮ ସ୍ଥାନରେ ପରୀକ୍ଷାଗାର ଅଛି। ଆଉ ୩ ସ୍ଥାନରେ ପରୀକ୍ଷାଗାର କରିବା ପାଇଁ ବିଭାଗ ପକ୍ଷରୁ ପ୍ରସ୍ତାବ ରହିଛି।

# ବାତିଲ ହୋଇପାରେ ଏୟାର ଓଡ଼ିଶା ଲାଇସେନ୍ସ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଏୟାର ଓଡ଼ିଶା ଏକ ଖରାପ କମ୍ପାନୀ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ସମୀକ୍ଷା ଚାଲିଛି। ଦରକାର ପଡ଼ିଲେ ଏୟାର ଓଡ଼ିଶା ଲାଇସେନ୍ସ ବାତିଲ କରାଯିବ। ଝାରସୁଗୁଡ଼ା ବିମାନବନ୍ଦର ପାଇଁ ଆଉଥରେ ଟେଣ୍ଡର ହେବ। ଏ ନେଇ ସ୍ୱାଇସ ଜେଟ୍ ବିମାନ କର୍ତ୍ତୃପକ୍ଷଙ୍କ ସହ କଥାବାର୍ତ୍ତା ଚାଲିଛି ବୋଲି ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭୁବନେଶ୍ୱରରୁ ଝାରସୁଗୁଡା ଓ ଝାରସୁଗୁଡାରୁ ବାହାର ରାଜ୍ୟକୁ କିପରି ବିମାନ ଚଳାଚଳ ହୋଇପାରିବ ସେ ଦିଗରେ ପଦକ୍ଷେପ ନିଆଯାଉଛି। ଏଥିପାଇଁ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଇଣ୍ଡିଆନ୍ ଏୟାରଲାଇନ୍ସ, ସ୍ୱାଇସ୍ ଜେଟ୍ ଓ ଇଣ୍ଡିଗୋ କମ୍ପାନୀ ସହିତ ଆଲୋଚନା ଚାଲିଛି। ଯଦି ବ୍ୟାବସାୟିକ ସଫଳତା ମିଳିବ, ତେବେ ଝାରସୁଗୁଡ଼ା ବିମାନବନ୍ଦରରୁ ନିୟମିତ ଉଡ଼ାଣ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ସେପେଟମ୍ବର ୨୨ରେ ଝାରସୁଗୁଡ଼ା ବିମାନବନ୍ଦରକୁ ପ୍ରଧାନମନ୍ତ୍ରୀ ଉଦଘାଟନ କରିଥିଲେ। ଏହାପରେ ଗତ ଅକ୍ଟୋବର ୬ରୁ ଏଠାରୁ ଏୟାର ଓଡ଼ିଶା ବିମାନ ଉଡ଼ାଣ ବନ୍ଦ କରିଛି। ଅନ୍ୟପଟେ, ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଚିଠି ଲେଖିଛନ୍ତି।

---

## PARADIP PORT TRUST

**Corrigendum to e-Tender Call Notice No. EM/MM/PE/06/2018 1810TDR184, Dt.04/10/2018 for Supply of Copper Cable**

The due date of submission of Tender & opening of Technical Bid is hereby further extended as below. **1. Last Date of submission of tender up to 5.30 PM of Dt.15/11/2018. 2. Opening of Technical Bid at 3.30 PM of Dt.17/11/2018.** All other terms and conditions in the original tender remain unaltered. For details, log on to our website **https://eprocure.gov.in/eprocure/app or contact the office of the undersigned.**

**Sr. Dy. Materials Manager**
**PPT/PR/446/18-19 Dt- 31.10.2018**

---

## PARADIP PORT TRUST

**1st Corrigendum to E-Tender Call Notice No. : MD/SHS/TECH-16/2018/1514, Dt.25.10.2018**

**Name of the Work: "Maintenance dredging of 7.0 Million $M^3$ quantity from Approach Channel, Entrance Channel, Turning Circle, Docks & Sand Trap of Pradip Port Trust for the period from 2019-20 to 2021-22".** 7th November 2018 being closed Holiday for Paradip Port Trust, the pre-bid meeting scheduled on Dt.07.11.2018 will be held at 1100 hours on **Dt.08.11.2018.** Except the above, other terms & conditions remain unchanged. For further details, please log on to the website **https://eprocure.gov.in/eprocure/app.**

**Dy. Conservator**
PPT/PR/440/18-19 Dt.31.10.2018

---

## OFFICE OF THE SUPERINTENDENT, SLNMCH, KORAPUT, DIST-KORAPUT

Letter No.1330 Dt. 30.10.2018

### Advertisement for Paramedic Staff

No.535-E: Applications are invited from the eligible candidates for recruitment of Jr.Laboratory Technician & Radiographer on contractual basis for Saheed Laxman Nayak Medical College & Hospital, Koraput. The last date of receipt of application is 17.11.2018. Application form and details can be download from the Koraput Dist website i.e., **http//www.koraput.nic.in & www.slnmchkoraput.nic.in.**

**Sd./- Superintendent, SLNMCH, Koraput**
10121/11/0026/1819

---

## FAKIR MOHAN UNIVERSITY

**Vyasa Vihar Nuapadhi, Balasore, Orissa - 756020**
Phone: 06782 - 275787, Fax: 06782 - 275768
Email: registrarfmuniversity@gmail.com, Website: www.fmuniversity.nic.in
No. FMU/EXAM/5-F/9/2018/6760 Date: 31.10.18

### QUOTATION CALL NOTICE

Sealed quotations are invited from Jewellers having valid GST registration No. and PAN Copy with experience in the field to supply 70 Number (Approxmiate) of Gold Medals to the University. The parties may obtain the specification, regarding quality, weight etc. from the Controller of Examinations, F.M university, Vyasa Vihar, Balasore (Mob No.:- 8984649085) during the office hour.

Quotationers are requested to furnish copy of PAN and GST Regd. No. along with quotation. The quotations must reach the undersigned on or before 10.11.2018 at 1.00 PM and the same will be opened at 3.30 PM on the same day in the office of the Registrar, F.M. University,Vyasa Vihar, New Campus, Nuapadhi, Balasore. The authority reserves the right to reject any one or all quotations without assigning reasons thereof.

**Sd./- Registrar**

---

## CUTTACK MUNICIPAL CORPORATION

**SHORT TENDER CALL NOTICE**

No. 9636 Dt.30.10.18

Cuttack Municipal Corporation invites sealed quotations from intending reputed Regd. Labour contractor / Organization having experience in the same field / Non Govt. Organization for cleaning of Baliyatra Ground (Upper & Lower) and adjacent areas.

The details can be downloaded from the official website **www.cmccuttack.gov.in**. The last date of submission of tender documents is upto **3.00 PM dt.08.11.2018.**

**Sd./- Commissioner**
**Cuttack Municipal Corporation**

---

## QUOTATION CALL NOTICE

Sealed Quotations are invited from reputed Registered Firms having valid GST Registration, ISO Certificate, Entrepreneurs Memorandum Certificate Part-II, Income Tax Clearance Certificate, VAT Clearance Certificate for supply of these following items.

For details intending bidders may contact the Office.

1. **Supply of Desk-cum-Long Bench.**

**Specification:** Compact Desk-cum-Bench (Dual Desk) of size 72" X 36" X 30" (L X W X H). The frame shall be made out of MS Square tube of size 25 X 25 X1.25 MM thick. The desktop, bench seat shall made out of ISI marked pre-laminated M.D.F. boards shall be painted with bright colour.

2. **Supply and Installation of CC Camera.**
3. **Supply and Installation of Smart Interactive Board in the Class Room.**

The undersigned reserves the right to supplement on abrogate the quotation.

**Sd./- Principal**
**Berhampur City College, Ambapua, Berhampur**

---

## ODISHA STATE ROAD TRANSPORT CORPORATION

**Paribahan Bhawan, Sachivalaya Marg, Bhubaneswar- 751009**
No. 15040 /OSRTC/Bhubaneswar Dated 30.10.2018

### SHORT TENDER NOTICE

**DEVELOPMENT AND IMPLEMENTATION OF DEPOT MAINTENANCE AND MIS SYSTEM IN OSRTC**

No.CAD-971: Sealed tenders are invited for development of Software for different unit and H.O of OSRTC. Intending software firms/ development agencies with valid GSTIN may download the RFP document containing the requirements, terms and conditions, eligibility criteria from the OSRTC website **www.osrtc.in** and deposit along with **Rs. 1120/-** ( One Thousand One Hundred Twenty) including GST in form of Bank Draft in favouring Accounts Officer, OSRTC Bhubaneswar on any working day till **15.11.2018, 03.00 P.M.** and the received tenders will be opened on the same day at **04.00 P.M.** at Head Office of the Corporation at Paribahan Bhawan, Sachivalaya Marg, Bhubaneswar.

Sealed tenders can also be sent through Regd. Post/ Speed Post/ Courier Service. The schedules of events are given in details in the RFP document. The Corporation shall have no responsibility for delay in receipt of tender papers dispatched by post. The Chairman-cum-Managing Director, OSRTC reserves the right to reject any/all bids without assigning any reason thereof.

**Sd./- (R.P.Sahu)**
**General Manager (Admn.)**
**OSRTC, Bhubaneswar**
38002/11/0001/1819

---

## OFFICE OF THE SUPERINTENDENT MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL

**BERHAMPUR - 760004, GANJAM, ODISHA**

No. 14276/MCH/EC-III/2018 Dt/Berhampur the 30.10.18

**ADVERTISEMENT FOR FILLING UP THE POSTS OF RADIOGRAPHER / LAB. TECHNICIAN ON CONTRACTUAL BASIS IN M.K.C.G. MEDICAL COLLEGE HOSPITAL, BERHAMPUR, GANJAM (ODISHA)**

No. 538-E: Applications are invited from the prospective S.T candidates in the prescribed format for engagment as Radiographer / Lab. Technician on contractual basis in M.K.C.G. Medical College Hospital, Berhampur as detailed below.

The recruitment shall be guided by "New Recruitment Policy" as laid down in the Odisha Goup-"C" & "D" post (contractual appointment) Rules-2013 notified by G.A. Deptt. vide their Notification No.32010/GEN dt.12.11.2013.

The application for the above posts should reach in the office of the undersigned within 15 days from the date of publication of the advertisement by Registered Post / Speed Post only.

Prescribed application form and details regarding qualification, age, mode of selection etc. are available in the district website **www.ganjam.nic.in.**

**Sd./- Superintendent,**
**M.K.C.G. Medical College Hospital,**
**Berhampur**
10028/11/0009/1819

---

## Government of Odisha Higher Education Department

No.49-N

**EMPANELMENT OF UPSC COACHING INSTITUTES FOR UPSC CIVIL SERVICES EXAMINATIONS COACHING**

Higher Education Department, Government of Odisha invites Tender For Empanelment of UPSC Coaching Institutes For UPSC Civil Services Examinations.

Interested and eligible institutions are requested to submit their Tender along with the required details. Department reserves all rights to accept or reject all or any of the Tender at any stage without assigning any reason thereof.

The Tender Document with the application formats can be downloaded online at www.dheodisha.gov.in (Tender Section) and the State Govt. Web portal i.e. www.odisha.gov.in (Tender & Advt. Section). from 01.11.2018 onwards. The last date for receipt of Tender is 26.11.2018.

11001/11/0042/1819 **Sd./- Additional Secretary to Govt.**

**For more details please visit www.dheodisha.gov.in**

---

## OFFICE OF THE REGULATED MARKET COMMITTEE, HINJILICUT

**At/P.O.- Hinjilicut, Dist.- Ganjam, Odisha, PIN - 761102**

### E-PROCUREMENT (INVITATION FOR BIDS)

**BID IDENTIFICATION No. RMC/Hinjilicut - 01/2017-18**

**No.: 354 Dated: 30.10.2018**

The Sub-Collector, Chatrapur-cum-Chairman, R.M.C., Hinjilicut invites percentage of BID through e-Procurement in Single Cover System according to norms of e-Procurement.

| | | | |
|---|---|---|---|
| 1. | Type of Work | : | Construction of FIC-cum-Auction Hall, Laboratory, Toilet, Sinking Tubewell for e-NAM at R.M.C., Hinjilicut |
| 2. | Total No. of Work | : | 01 (One) |
| 3. | Tender Amount Cost | : | Rs.40,36,121.00 |
| 4. | Period of Completion | : | 6 (Six) Calendar Months |
| 5. | Date & Time availability of BID document in the portal | : | From 10.00 A.M. of Dt.31.10.18 to 5.00 P.M. of 12.11.18 |
| 6. | Original BID document submission in Tender Box | : | From: N.A. A.M. of Dt. N.A., to 5.00 P.M. N.A. |
| 7. | Date & time of Opening of Tender | : | 13.11.18 at 11.30 A.M. |

Further, the details of e-tender documents can be had from the e-Procurement Portal **www.tendersodisha.gov.in**. Corrigendum if any, shall only be published in above website.

**Sd./- Sub-Collector, Chatrapur-cum-Chairman, R.M.C., Hinjilicut**

---

## OFFICE OF THE MUNICIPAL COUNCIL, TALCHER

**Dist : Angul**

Phone No. (06760)240259, Email ID : e.o.talcher@gmail.com
No. 3415 / Date: 30.10.2018

### QUOTATION CALL NOTICE

No. 328-C: The Executive Officer, Talcher Municipality on behalf of Talcher, Dist- Angul invites sealed quotations from the intending registered firms / authorized dealers / distributors / suppliers and manufacturers of supply of Sanitation items to Talcher Municipality for the financial year 2018-19. The prescribed qutoation schedule can be obtained from the Cashier section of Talcher Municipality on payment of Rs. 2,500/- (Rupees Two thousand five hundred) only including GST@ 18% (non-refundable) in shape of cash / bank draft / bankers cheque drawn in favour of the Executive Officer, Talcher Municipality payable at Talcher from any nationalized bank from date 01.11.2018 to date 12.11.2018 upto 1.00 P.M. during office hour except holidays.

The quotation paper along with all documents should reach the undersigned by Regd. Post / Speed Post / Courier Service or by person on or before date. 12.11.2018 upto 1.00 PM. And this office will in no way, be responsible for any delay in receipt of the quotation documents. The quotation will be opened on the same date at 3.00 PM. in presence of the quotationer or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the quotations without assigning any reason thereof.

**By order of Chairperson**
**Sd./- Executive Officer,**
**Talcher Municipality**
13077/11/0020/1819

---

No.XXIV-71

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

No. RDM-LAA-JAJ-0008-2018/28372 / R&DM Dated : 01.08.2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲର କୋରେଇ ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- କିଆପଦା, ଥାନା- କୋରେଇ ସଂ, ୧. ତହସିଲ- ବ୍ୟାସନଗର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୧.୫୧ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି। ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R ACT, 2013) ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ, ସୁକିନ୍ଦା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:– ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ :–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଯାଜପୁର | ବ୍ୟାସନଗର | କିଆପଦା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୬.୨୨ | ଏ. ୧.୫୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ସୁକିନ୍ଦା, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ), ଯୁଗ୍ମ ଶାସନ ସଚିବ

### ଜମି ଅନୁସୂଚୀ

**ଗ୍ରାମର ନାମ : କିଆପଦା, ଥାନାର ନାମ : କୋରେଇ ନଂ୧, ତହସିଲ: ବ୍ୟାସନଗର, ଜିଲ୍ଲା : ଯାଜପୁର**

**ଜମି ଅଧିଗ୍ରହଣ କେସ୍ ନଂ. :**

| କ୍ର. ନଂ. | ଖତିୟାନ ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩୩ | ୧୦୦୦ | ୪.୭୫ | ୧.୨୩ | କୀର୍ତ୍ତନ ମହାକୁଡ, ପିତା– ନାରଣ ମହାକୁଡ, ଜା: ଗୋପାଳ, ବା: ନିଜଗାଁ | |
| ୨ | ୨୦୧ | ୧୦୦୩ | ୧.୪୭ | ୦.୨୮ | ରଘୁନାଥ ଦାସ, ପିତା– ପହଲି ଦାସ, ଜା: ଗୋପାଳ, ବା: ନିଜଗାଁ | |
| | | | ମୋଟ | ୧.୫୧ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା : ୨ (ଦୁଇ), ମୋଟ ଅଧିଗୃହୀତ ଜମି : ୧.୫୧ ଏକର
୧. ପ୍ରସ୍ତୁତକର୍ତ୍ତା : ଭରତ ଚନ୍ଦ୍ର ମହାରଣା (ଅମିନ)
୨. ତୁଳନାକାରୀ : ନଟବର ଦାସ ରା.ନି.
୩. ଯାଞ୍ଚକାରୀ :
୪. ଜମି ଅଧିଗ୍ରହଣ ସଂଗ୍ରହକାରୀଙ୍କ ଦସ୍ତଖତ ଏବଂ ମୋହର :

ସ୍ୱା./– ସ୍ୱତନ୍ତ୍ର ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ ଅଧିକାରୀ, ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା
ସ୍ୱା./– ମଣ୍ଡଳ ଅଧିକାରୀ, ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା

24001/14/0339/1819

---

No.941-O

## OFFICE OF THE SUPERINTENDING ENGINEER RURAL WORKS CIRCLE, BERHAMPUR

**(At:- Ambapua, Po:- Engineering School Near Income Tax Office, Berhampur-760011)**
E-Mail:- serwbpr2004@yahoo.com, Tel/FAX:- 0680-2404287

### NATIONAL COMPETITIVE BIDDING THROUGH e-Procurement

**Bid Identification No. Online Tender /20-2018-19/BPR &**
**Bid Identification No. Online Tender /21-2018-19/BPR**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 20-2018-19/BPR | Road Works under Periodical Maintenance | 10 Nos. | From Rs. 93.84 lakhs to Rs. 163.87 Lakhs | "B" or "A" Class as applicable | 03 (Three) Calendar Month as provided |
| Online Tender / 21-2018-19/BPR | Road Works under State Plan | 03 Nos. | From Rs. 159.30 lakhs to Rs. 292.62 Lakhs | "B" or "A" Class as applicable | 09 (Nine) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/20-2018-19/BPR<br>Online Tender/21-2018-19/BPR | 02.11.2018 at 10.00 A.M. | 22.11.2018 upto 3.00 P.M. |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: - **www.tendersodisha.gov.in.**

25071/11/0032/1819 **Superintending Engineer, R.W.Circle, Berhampur**

---

## GOVT. OF ODISHA DEPARTMENT OF WATER RESOURCES

**O/O THE EXECUTIVE ENGINEER, RENGALI RIGHT CANAL DIVISION NO.III, KHUNTUNI**
**AT-MAHISAPAT P.O / DIST - DHENKANAL**
E mail Id – eekhuntuni@gmail.com

### 'e' Procurement Notice

**SHORT QUOTATION CALL NOTICE No. EERRCD III - 10 / 2018 – 19**

No.689-A: Sealed Quotations are invited by the Executive Engineer, Rengali Right Canal Division No. III Khuntuni, from the authorized dealers/registered suppliers, for supply of Canon iR 2004N Digital Copier for the office of the Executive Engineer, Rengali Right Canal Division No.III, Khuntuni as detailed below. The suppliers are requested to quote their rates against the items noted below and submit the same in the designated box kept in the office of the Executive Engineer, Rengali Right Canal Division No.III, Khuntuni At- Mahisapat P.O / Dist- Dhenkanal between **10.00 AM** of **05.11.2018** to **3.00 PM** of **15.11.2018** during office hours and it will be opened in the same day i.e. on **15.11.2018** at **3.30 P.M.** in the office of the undersigned in presence of the quotationers or their authorized representatives.

The rate quoted should be inclusive of all other charges including tax & delivery charges. The quotations should be accompanied with valid GST registration certificate, Pan Card etc. The authority reserves the right to reject/cancel any or all the quotations without assigning any reasons thereof. The above short quotation is available in the website **www.tendersodisha.gov.in.**

**DETAILS OF SUPPLY No.**

| Sl. No. | Description of Items | Unit | Quantity | Rate |
|---|---|---|---|---|
| 1 | 2 | 3 | 4 | 5 |
| 1. | Canon iR 2004N (20cpm) Digital A3 Copier with Network & Wi-Fi Printer, Colour Scanner Duplex & DADF with single paper cassette. | No. | 1 (One) | |

**Executive Engineer**
**RRC Division No.III,Khuntuni**
32315/11/0001/1819

---

See Career Appointment on every **Wednesday & Saturday**

---

## OFFICE OF THE NOTIFIED AREA COUNCIL, TARBHA

No. 1544 Date: 30.10.2018

### "e" Procurement Notice

**Bid Identification No. TRV-NAC-06/2018-19**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tenderorissa.gov.in.**

| | | |
|---|---|---|
| 1. | Nature of the work | : Civil construction works as per DTCN |
| 2. | No. of works | : As per DTCN |
| 3. | Estimated cost | : As per DTCN |
| 4. | Period of completion | : As per DTCN |
| 5. | Date & time of availability of bid documents in the portal | : Dt.01.11.2018 from 11.00 AM |
| 6. | Last date & time for receipt of bid in the portal | : Dt.14.11.2018 upto 5.00 PM |
| 7. | Last date of submission of hard copies only via Regd. Post / Speed Post / Person | : Dt.15.11.2018 before 5.00 PM |
| 8. | Bids received online shall be opened on | : Dt.16.11.2018 at 04.00 PM |
| 9. | Name & address of the officer inviting bid | : Executive Officer, NAC, Tarbha |

Further details can be seen from the procurement portal: **www.tendersorissa.gov.in.**

**Sd./- Executive Officer**
**NAC, Tarbha**


ମାଧୁରୀ

# ୫୪ଟି କଷ୍ଟ୍ୟୁମ ଦେଖିବା ପରେ

ବଲିଉଡ୍‌ର ନାମୀ କଷ୍ଟ୍ୟୁମ ଡିଜାଇନର ମନୀଷ ମାଲହୋତ୍ରାଙ୍କୁ ଥରେ ନାକେଦମ ହେବାକୁ ପଡିଥିଲା। ଯଶ ଚୋପ୍ରାଙ୍କ 'ଦିଲ୍ ତୋ ପାଗଲ ହୈ'ର ଶୁଟିଂ ସମୟର କଥା। ଏହାର ଅନ୍ୟତମ ନାୟିକା ମାଧୁରୀ ଦୀକ୍ଷିତଙ୍କ ପାଇଁ ଏକ କଷ୍ଟ୍ୟୁମ ଚୟନ ବେଳେ ପ୍ରଯୋଜକ ଗୋଟିଏ ପରେ ଗୋଟିଏ କଷ୍ଟ୍ୟୁମ ଦେଖି ଚାଲିଥିଲେ। ପାଖାପାଖି ୫୪ଟି କଷ୍ଟ୍ୟୁମ ଦେଖିବା ପରେ ସେ ଗୋଟିଏକୁ ଚୟନ କରିଥିଲେ। ଆଉ ଏଥିପାଇଁ ଶୁଟିଂକୁ କିଛି ସମୟ ସ୍ଥଗିତ ରଖିବାକୁ ପଡିଥିଲା।


ରିଲିଜ ଅପେକ୍ଷାରେ

# ପ୍ୟାର ଅଲଗା ପ୍ରକାର

ନିଶା ସୁନ୍ଦରୀ ହେଲେ ଭାରି ଜିଦଖୋର। ଅଜା ରାଜେଶ୍ୱର ରାୟ ତା' ପାଇଁ ବରପାତ୍ରଟିଏ ଖୋଜୁଥାଆନ୍ତି କିନ୍ତୁ ବାହା ହେବାକୁ ନିଶା ରାଜି ହୁଏନା। ହଠାତ ଜିତ୍‌ଙ୍କ ସହ ଭେଟ ହୁଏ ନିଶାର। କିନ୍ତୁ ପ୍ରେମର ନାଟକ ଭିତରେ ତାକୁ ଧୋକା ଦିଏ ଜିତ୍। ଆଉ ତା'ପରେ କ'ଣ ହୁଏ ? ପ୍ରେମିକର ଭୁଲକୁ ସେ ମାଫ କରେ କି ? ନିଶାକୁ ଧୋକା ଦେବା ପରେ ନିଜର ଭୁଲ ଜିତ ବୁଝିପାରି ପୁଣି ତାକୁ ପ୍ରେମିକା ଭାବରେ ଗ୍ରହଣ କରେ କି ? ନିଶା ଜିତ୍‌କୁ ବାହା ହୁଏ ନା ଆଉ କାହାକୁ ? ଏସବୁ ପ୍ରଶ୍ନର ଉତ୍ତର ରହିଛି ଚଳିତ ମାସରେ ରିଲିଜ ହେଉଥିବା ଓଡ଼ିଆ ଚଳଚ୍ଚିତ୍ର 'ପ୍ୟାର ଅଲଗା ପ୍ରକାର'। ଏଥିରେ ଜିତ ଭୂମିକାରେ ଜ୍ୟୋତି ଏବଂ ନିଶା ରୋଲ୍‌ରେ ଅଭିନୟ କରିଛନ୍ତି ଝିଲିକ୍। ବିନାୟକ ଫିଲ୍ମସ ବ୍ୟାନରରେ ଅକ୍ଷୟ ପ୍ରଧାନଙ୍କ ସହ ପ୍ରଯୋଜନାରେ ଏହି ଚିତ୍ରଟିର ପ୍ରଯୋଜନା କରିଛନ୍ତି ବିବେସିତା ଘଡାଇ। କାହାଣୀ, ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦେଇଛନ୍ତି ହୀରା ଚୌଧୁରୀ। ବିଜୟ ମଲ୍ଲ ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ଦାୟିତ୍ୱରେ ଅଛନ୍ତି ଅମରେନ୍ଦ୍ର ମହନ୍ତି। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଛନ୍ତି ବିଜୟ ମହାନ୍ତି, ମିହିର ଦାସ, ଜୟୀରାମ ସାମଲ, ପ୍ରଜ୍ଞା ପ୍ରମୁଖ କଳାକାର। ଏହି ଫିଲ୍ମ ପୂର୍ବରୁ ଜ୍ୟୋତି-ଝିଲିକ ଯୋଡି 'ତୁ ମୋ ହିରୋ' ଏବଂ 'ଓଲେ ଓଲେ ଦିଲ୍ ବୋଲେ'ରେ ଅଭିନୟ କରିସାରିଛନ୍ତି।


ଝିଲିକ୍-ଜ୍ୟୋତି

# ଗ୍ୟାରେଜରେ ରହିବାକୁ ପଡ଼ିଥିଲା


ଅନିଲ

ବଲିଉଡ୍‌ରେ ଅନିଲ କପୁର କେତେ ପରିଚିତ ତାହା କହିବା ବାହୁଲ୍ୟ। ଯେ କୌଣସି ଭୂମିକା ହେଉ ତାହାକୁ ତୁଲାଇବାରେ ସେ ବେଶ୍ ସିଦ୍ଧହସ୍ତ। ହେଲେ ଅଭିନୟ ଜୀବନର ଆରମ୍ଭରେ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଯେତେବେଳେ ସେ ପ୍ରଥମଥର ପାଇଁ ମୁମ୍ବାଇ ଆସିଲେ ସେତେବେଳେ ତାଙ୍କ ଆଖିରେ ଥିଲା ଆଖିଏ ସ୍ୱପ୍ନ। ହେଲେ କେଉଁଠି ରହିଲେ ତ ଫିଲ୍ମ ପାଇଁ ଚେଷ୍ଟା କରିବେ ? ଏହି ସମୟରେ ତାଙ୍କର ଦେଖାହୁଏ ସେ ସମୟରେ ନାମୀ ପ୍ରଯୋଜକ,ନିର୍ଦ୍ଦେଶକ ତଥା ଅଭିନେତା ରାଜ କପୁରଙ୍କ ସହ। ଅନିଲଙ୍କ ସହ କଥା ହେବା ପରେ ସେ ତାଙ୍କୁ କହିଥିଲେ, 'ଯଦି ତମେ କିଛି ନ ଭାବ ତେବେ ବାପା ମା'ଙ୍କ ସହ ଆସି ମୋ ଗ୍ୟାରେଜରେ କିଛି ଦିନ ରହିପାର।' ଉପାୟଶୂନ୍ୟ ହୋଇ ଅନିଲ କିଛିଦିନ ରାଜ କପୁରଙ୍କ ଗ୍ୟାରେଜରେ ରହିଥିଲେ। ପରବର୍ତ୍ତୀ ସମୟରେ ମୁମ୍ବାଇର ଏକ ସେମି-ଅର୍ବାନ ଅଞ୍ଚଳରେ ସେ ଘରଭଡା ନେଇ ରହିଥିଲେ।



# ତୁଳି ହେଲେଣି ଅନନ୍ୟା

ସତରେ, ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। କରନ୍ ଜୋହରଙ୍କ ପରି ନାମୀ ପ୍ରଯୋଜକଙ୍କ ବ୍ୟାନରରେ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିବା ଛୋଟିଆ କଥା ନୁହେଁ। ଅବଶ୍ୟ ଏହାକୁ ନେଇ ଏତେ ଉତଫୁଲିତ ନୁହନ୍ତି ନବାଗତା ଅନନ୍ୟା ପାଣ୍ଡେ। ବିଗତ ଦିନର ଅଭିନେତା ଚଙ୍କି ପାଣ୍ଡେଙ୍କ ଏହି କନ୍ୟା ଏବେ କରନ୍‌ଙ୍କ ପ୍ରଯୋଜିତ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରେ ଅଭିନୟ କରୁଛନ୍ତି ଆଉ ନିଜର ଏହି ପ୍ରଥମ ସିନେମାକୁ ନେଇ ତାଙ୍କ ଆଖିରେ ଆଖିଏ ସ୍ୱପ୍ନ। ନିକଟରେ ତାଙ୍କୁ ଆଉ ୩-୪ଟି ଅଫର ମିଳିଥିଲା। ହେଲେ ସେଗୁଡିକୁ ସେ ଏଡାଇ ଦେଇଛନ୍ତି। ତରତର ହୋଇ କ୍ୟାରିୟରକୁ ଆଗେଇ ନେବାକୁ ସେ ଚାହାନ୍ତି ନାହିଁ। ହିନ୍ଦୀ ସିନେମାରେ ନିଜର କ୍ୟାରିୟରକୁ ନେଇ ଏହି ଷ୍ଟାର କିଡ୍ କହନ୍ତି, 'ମୋ ପ୍ରଥମ ଫିଲ୍ମ ପରେ ମୋତେ ଅଫର ପରେ ଅଫର ମିଳିବାରେ ଲାଗିଛି। ହେଲେ ମୁଁ ତରତର ହୋଇ ଗୁଡାଏ ଫିଲ୍ମ ସାଇନ୍ କରିବା ଚକ୍କରରେ ନାହିଁ। କାରଣ ଧୀର ପାଣି ପଥର କାଟେ। ତେଣୁ ବଲିଉଡରେ ମାପିଚୁପି ପାଦ ପକାଇବି।' ନିକଟରେ ଅନନ୍ୟା ପରିବାର ସହ ନିଜ୨୦ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ତାଙ୍କ ଘରେ ଏକ ବାର୍ଥ ଡେ ପାର୍ଟି ଆୟୋଜିତ ହୋଇଥିଲା। ଏଥିରେ ବଲିଉଡ୍‌ର କେତେଜଣ ନାମୀ କଳାକାରଙ୍କ ବ୍ୟତୀତ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

ଅପେରା ହାଲଚାଲ

# କୃଷ୍ଣଙ୍କ ନାଟକ ଯାତ୍ରା


କୃଷ୍ଣ ଚନ୍ଦ୍ର ପାତ୍ର

ନାଟ୍ୟକାର କୃଷ୍ଣ ଚନ୍ଦ୍ର ପାତ୍ର। ଚଳିତ ଯାତ୍ରା ସିଜନରେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ତାଙ୍କ ରଚିତ ତଥା ଲିଟିଲ ମାଷ୍ଟର ବିନୋଦ ରାଉତଙ୍କ ନିର୍ଦ୍ଦେଶିତ ଦୁଇଟି ନାଟକ 'ଅନ୍ଧ ମୂକ ବଧିର' (କୋଣାର୍କ ଗଣନାଟ୍ୟ) ଏବଂ 'ମାୟାଜାଲ' (ତୁଳସୀ ଗଣନାଟ୍ୟ) ଦର୍ଶକଙ୍କ ମନକୁ ଛୁଇଁ ପାରିଛି। ପେସା ସିନା ଅଧ୍ୟାପନା, ହେଲେ ସାମ୍ପ୍ରତିକ ବିଷୟବସ୍ତୁକୁ ନାଟ୍ୟରୂପ ଦେବାରେ ସେ ବେଶ୍ ଓସ୍ତାଦ, ଯାହାର ଉଦାହରଣ ଭାବରେ ଉପରୋକ୍ତ ନାଟକଦ୍ୱୟକୁ ନିଆଯାଇପାରେ। ବାଲେଶ୍ୱର ବାଲିଆପାଳସ୍ଥିତ କଙ୍କଡାପାଳ ଗାଁରେ ଜନ୍ମିତ କୃଷ୍ଣ ପିଲାଟି ଦିନରୁ ସାହିତ୍ୟ ପ୍ରତି ଆକୃଷ୍ଟ ହୁଅନ୍ତି। କଲେଜରେ ପଢ଼ିବା ସମୟରୁ ଆରମ୍ଭ ହୁଏ ନାଟକ ରଚନା। ପାର୍ଥସାରଥି ଅପେରାର ତଥା ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ଫେରିଲେ ଦେବି ମୁଁ ଗୁରୁ ଦକ୍ଷିଣା'ରୁ ଆରମ୍ଭ ହୁଏ ତାଙ୍କର ଅପେରା ଯାତ୍ରା। ତା'ପରେ ତାଙ୍କ ରଚିତ ଏବଂ ବିନୋଦ ରାଉତଙ୍କ ନିର୍ଦ୍ଦେଶିତ ନାଟକ 'ମା ଲୋ କଲିକତିଆ ବୋହୂ' ତାଙ୍କୁ ରାତାରାତି ଜଣେ ଆଗଧାଡିର ନାଟ୍ୟକାରର ମାନ୍ୟତା ଦିଏ। ଆଉ ତା'ପରେ କେବେ ପଛକୁ ଫେରି ଚାହିଁନାହାନ୍ତି କୃଷ୍ଣ। 'ଭଲ ମଣିଷକୁ ଭରସା ନାହିଁ' (ଯାତ୍ରା ଦର୍ଶକ ମହଲ), 'କଳଙ୍କିନୀ' (ତ୍ରିନାଥ), 'କାଇଁଚମାଳି' (କୋଣାର୍କ) ନାଟକର ସଫଳତା ଜଲିଉଡ୍‌ରେ ଲମ୍ବା ଇନିଂସ ଖେଳିବାକୁ ରାସ୍ତା ପରିଷ୍କାର କରିଦିଏ। ନାଟ୍ୟକାର ଅନନ୍ତ ଓଝାଙ୍କୁ ନିଜର ଆଦର୍ଶ ଭାବରେ ଗ୍ରହଣ କରିଛନ୍ତି ସେ ଏବଂ ବିନୋଦଙ୍କ ନିର୍ଦ୍ଦେଶନା ତାଙ୍କୁ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ନାଟକ ଲେଖିବାକୁ ଯଥେଷ୍ଟ ପ୍ରେରଣା ଯୋଗାଇଛି ବୋଲି କହନ୍ତି ସେ।

## ବ|ଲି|ଉ|ଡ୍|ହା|ଲ|ଚା|ଲ

-ଅଭିଷେକ ବଚ୍ଚନ ଏକ ଆକ୍ସନ ଶଟ୍ ଦେବା ସମୟରେ ଆହତ ହୋଇଛନ୍ତି। ତାଙ୍କର କପାଳରେ ଆଘାତ ଲାଗିଥିଲା। ଅନୁରାଗ ବସୁଙ୍କର ଏହି ଅନଟାଇଟଲଡ୍ ଫିଲ୍ମର ଶୁଟିଂ ଏବେ ପଶ୍ଚିମବଙ୍ଗରେ ଚାଲୁ ରହିଛି, ଯାହାର ଲିଡ୍ ରୋଲ୍‌ରେ ସେ ଅଭିନୟ କରୁଛନ୍ତି।

-ସାଜିଦ ନାଦିୱାଦୱାଲାଙ୍କ 'ହାଉସଫୁଲ୍-୪' ପାଇଁ ଅନ୍ଧେରୀସ୍ଥିତ ଚିତ୍ରକୋଟ ଗ୍ରାଉଣ୍ଡରେ ୨୦ କୋଟି ବ୍ୟୟ କରାଯାଇ ଏକ ବିଶାଳ ସେଟ୍ ନିର୍ମାଣ କରାଯାଇଛି। ଏହି ସେଟ୍‌ରେ ଏକାଥରେ ୧୦୦୦ ଲୋକ ରହିପାରିବେ।


ଶ୍ରଦ୍ଧା

# କଲେଜ ଯିବେ ସୁଶାନ୍ତ

ସୁଶାନ୍ତ ସିଂ ରାଜପୁତ ଏବେ କଲେଜ ଯିବେ। ସେଠାରେ ପାଠ ପଢ଼ି ନିଜ କ୍ୟାରିୟର ଗଢ଼ିବେ। ଆଉ ଏହାକୁ ନେଇ ନିଜର ଯୋଜନା ପ୍ରସ୍ତୁତ କରିସାରିଲେଣି। ହେଲେ ସେ ହଠାତ ପାଠପଢ଼ିବାକୁ ମନସ୍ଥ କଲେ କାହିଁକି ? ସେ ପାଠ ପଢ଼ିବେ ଏ କଥା ସତ, କଲେଜ ଯିବେ ସେ କଥା ମଧ୍ୟ ସତ, ହେଲେ ତାହାର ସଂଯୋଗ ରହିଛି ତାଙ୍କର ରିଲ୍ ଲାଇଫ ସହ। କଥା କ'ଣ କି ସେ ଅଭିନୟ କରିବାକୁ ଯାଉଥିବା ନୂଆ ହିନ୍ଦୀ ଚଳଚ୍ଚିତ୍ର 'ଚିଚ୍ଚୋର'ର ମହୁରତ ନିକଟରେ ଶେଷ ହୋଇଛି। ଏଥିରେ ତାଙ୍କୁ ଜଣେ କଲେଜ ଛାତ୍ର ଭାବରେ ଦର୍ଶକ ଦେଖିବାକୁ ପାଇବେ। ସମୟକ୍ରମେ ସେ ଜଣେ ମଧ୍ୟ ବୟସ୍କ ବ୍ୟକ୍ତି ଭୂମିକାରେ ମଧ୍ୟ ଉଭାହେବେ। ଏହି ଫିଲ୍ମର ନିର୍ଦ୍ଦେଶନା ଭାର ତୁଲାଉଛନ୍ତି ନିତେଶ ତିୱାରୀ। ଏଥିରେ ସୁଶାନ୍ତ ଅପୋଜିଟ୍‌ରେ ସ୍କ୍ରିନ୍ ଶେୟାର କରିବେ ଶ୍ରଦ୍ଧା କପୁର। ଉକ୍ତ ଚଳଚ୍ଚିତ୍ରରେ ସୁଶାନ୍ତଙ୍କର ଏକ ମାନିଆ ଡାଏଲଗ ରହିଛି। ତାହା ହେଲା 'କୁତ୍ତି କି ଦମ୍, ଟେଡି କି ଟେଡି'। ଏଥିରେ ସୁଶାନ୍ତ ଏବଂ ଶ୍ରଦ୍ଧାଙ୍କ ବ୍ୟତୀତ ପ୍ରତୀକ ବବର, ବରୁଣ ଶର୍ମା, ତୁଷାର ପାଣ୍ଡେ ଅଭିନୟ କରୁଛନ୍ତି। ଫିଲ୍ମଟି ଆସନ୍ତାବର୍ଷ ଅଗଷ୍ଟ ୩୦ରେ ମୁକ୍ତିଲାଭ କରିବ।


ସୁଶାନ୍ତ

ନୂଆ ସିନେମା


(ବାମରୁ) ଅମ୍ଲାନ-ଜ୍ୟୋତି-ଦିଲୀପ

# ପ୍ରେମରେ ମୁଁ ଏମ୍‌ବିବିଏସ

ସାଧାରଣତଃ ଏମବିବିଏସ ପଢ଼ିଲେ ଜଣେ ଡାକ୍ତର ହୋଇଥାଆନ୍ତି। ହେଲେ ପ୍ରେମରେ ଜଣେ ଏମବିବିଏସ ପାସ୍ କରୁଛନ୍ତି ଏବଂ ତା' ପରେ କ'ଣ ଘଟୁଛି ତାକୁ ଆଧାର କରି କାହାଣୀଟି ଆଗେଇଛି। ଏଭଳି ଏକ ଭିନ୍ନ ଧରଣର ତଥା ନିଜ କାହାଣୀକୁ ନେଇ ନୂଆ ଓଡ଼ିଆ ସିନେମାଟିଏ ନିର୍ମାଣ କରୁଛନ୍ତି ନବାଗତ ପ୍ରଯୋଜକ ଜ୍ୟୋତି ରଞ୍ଜନ ବେଉରା। ଉକ୍ତ ଚଳଚ୍ଚିତ୍ରର ଟାଇଟଲ ରହିଛି 'ପ୍ରେମରେ ମୁଁ ଏମବିବିଏସ'। ଖାସ୍ କଥା ହେଲା 'ଟାର୍ଗେଟ'ରୁ ଓଲିଉଡ୍ କ୍ୟାରିୟର ଆରମ୍ଭ କରିଥିବା ଷ୍ଟାର କିଡ୍ ଅମ୍ଲାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍‌ଙ୍କୁ ଏହାର ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। 'ଯେତେବେଳେ ଏଭଳି ଏକ କାହାଣୀ ବିଷୟରେ ଚିନ୍ତାକଲି ସେତେବେଳେ ତାହାକୁ ଚଳଚ୍ଚିତ୍ରରେ ରୂପାନ୍ତରିତ କରିବାକୁ ଯୋଜନା କରିଥିଲି। ଏହି କାହାଣୀ ସବୁବର୍ଗର ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେଇପାରିବ ବୋଲି ଦୃଢ଼ ଆଶା ରଖିଛି ବୋଲି କହନ୍ତି ଜ୍ୟୋତି।' ହୋମ ବ୍ୟାନର ଜେଆରବି ପ୍ରଡକସନ୍ସ ପ୍ରା.ଲି.ର ନିର୍ମିତ ହେବାକୁ ଯାଉଥିବା ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ଏସ. ଦିଲୀପ ପଣ୍ଡା। ଡ. ରଜନୀ ରଞ୍ଜନ ସଂଳାପ ରଚନା କରିଥିବାବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବର୍ତ୍ତମାନର ଆଗଧାଡିର ତଥା ଅନ୍ୟତମ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ। ଏହି ଫିଲ୍ମର କମେଡିଆନ୍ ଅମରଙ୍କୁ ଏକ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଅମ୍ଲାନ-ଝିଲିକ ଯୋଡି ବ୍ୟତୀତ ମିହିର ଦାସ, ରାଇମୋହନ ପରିଡା, ଦଇତାରି ପଣ୍ଡା, କେକେ, ସରୋଜ ଦାସ, ଜୀବନ ପଣ୍ଡା, ଇଲୁ ବାନାର୍ଜୀ, ଉଷସୀ ମିଶ୍ର ଏବଂ ଜୟାସ୍ୱାମୀ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବେ। ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ଶୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜକ ସୂଚନା ଦେଇଛନ୍ତି।

# ପାଞ୍ଚ ଲକ୍ଷ କୃଷକଙ୍କ ପାଇଁ ହେଲା ଫିଲ୍ମ

ଜଣେ ସଫଳ ନିର୍ଦ୍ଦେଶକ ଭାବରେ ଶ୍ୟାମ ବେନେଗାଲଙ୍କୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। ତାଙ୍କର ପ୍ରତିଟି ସିନେମାରେ ରହିଥାଏ ସ୍ୱତନ୍ତ୍ର ବାର୍ତ୍ତା। ୧୯୭୬ ମସିହା କଥା। ତାଙ୍କ ନିର୍ଦ୍ଦେଶନାରେ 'ମନ୍ଥନ' ଚର୍ଚ୍ଚାର ପରିସରକୁ ଆସିଥିଲା। ଏହି ଫିଲ୍ମଟି କିପରି ନିର୍ମିତ ହେବ ସେନେଇ ଶ୍ୟାମ ଟେନସନରେ ଥିଲେ। ହେଲେ ସେହି ସମୟରେ ଗୁଜରାଟର ପାଞ୍ଚ ଲକ୍ଷ କୃଷକ ତାଙ୍କୁ ସହାୟତାର ହାତ ବଢ଼ାଇ ଥିଲେ। ଜଣେ ଜଣେ କିଛି କିଛି ଟଙ୍କା ଦାନ କରି ନିର୍ଦ୍ଦେଶକଙ୍କୁ ଦେଇଥିଲେ। ଏ ପର୍ଯ୍ୟନ୍ତ କୌଣସି ହିନ୍ଦୀ ସିନେମାର ନିର୍ମାଣ ପାଇଁ ଏତେ ବ୍ୟକ୍ତିବିଶେଷ ସହାୟତା କରିଥିବାର ନଜିର ନାହିଁ।

Dollar 73.95 (27) | Sensex 550.92 34,442.05 | Nifty 188.20 10,386.60 | Gold ₹30 32,650.00 | Silver ₹40 39,200.00

## ସଂକ୍ଷେପରେ

### ପୁଣି ୭୪ ସ୍ତର ଛୁଇଁବ ଟଙ୍କା

**ନୂଆଦିଲ୍ଲୀ,୩୧-୧୦:** ଡଲାର ତୁଳନାରେ ଟଙ୍କାର ମୂଲ୍ୟ ପୁଣିଥରେ ୭୪ ସ୍ତର ଛୁଇଁବାକୁ ଯାଉଛି। ଅନ୍ତର୍ଜାତୀୟ ବଜାରରେ ଡଲାର ଚାହିଦା ବୃଦ୍ଧି କାରଣରୁ ବୁଧବାର ଟଙ୍କାର ମୂଲ୍ୟ ୨୭ ପଇସା ହ୍ରାସ ପାଇ ୭୩.୯୫ରେ ପହଞ୍ଚିଛି। ଆର୍‌ବିଆଇ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ବିବାଦ ବଢ଼ିବା ମଧ୍ୟ ଟଙ୍କା ମୂଲ୍ୟ ହ୍ରାସ ପାଇବାର ଅନ୍ୟତମ କାରଣ ବୋଲି ଡିଲରମାନେ ପ୍ରକାଶ କରିଛନ୍ତି। ବୁଧବାର ଟଙ୍କାର ମୂଲ୍ୟ ୭୩.୯୧ସ୍ତରରେ କାରବାର ଆରମ୍ଭ କରିବା ପରେ ଏକ ସମୟରେ ଏହା ୭୪.୧୪ ଛୁଇଁଥିଲା। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିବାଦକୁ ନେଇ ସ୍ପଷ୍ଟୀକରଣ ପରେ ଟଙ୍କାର ମୂଲ୍ୟ ସାମାନ୍ୟ ସୁଧୁରିଥିଲା ଏବଂ ଶେଷରେ ୨୭ ପଇସା ହ୍ରାସ ପାଇ୭୩.୯୫ରେ ବନ୍ଦ ହୋଇଥିଲା।

### ନିବେଶକଙ୍କ ୧.୯୨ ଲକ୍ଷ କୋଟି ଫାଇଦା

**ମୁମ୍ବାଇ, ୩୧-୧୦:** ବୁଧବାର ସେନସେକ୍ସରେ ୫୫୦.୯୨ ପଏଣ୍ଟ ବୃଦ୍ଧି କାରଣରୁ ନିବେଶକଙ୍କ ସମ୍ପତ୍ତିରେ ୧.୯୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି। ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସ ବୁଧବାର ୧.୬୩% ବୃଦ୍ଧି ପାଇ ୩୪,୪୪୨ ପଏଣ୍ଟରେ ବନ୍ଦ ହୋଇଛି। ଆର୍‌ବିଆଇ ସହ କେନ୍ଦ୍ର ସରକାରଙ୍କ ବିବାଦ ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ପ୍ରେସ୍‌ନୋଟ୍ ଜାରି କରାଯିବା ପରେ ନିବେଶକମାନେ ଆଶ୍ୱସ୍ତ ହୋଇଥିଲେ। ଫଳରେ ଶେୟାର ବଜାର ଉପରେ ଏହାର ସକାରାତ୍ମକ ପ୍ରଭାବ ପରିଲକ୍ଷିତ ହୋଇଥିଲା। ସେହିପରି ନିଫ୍ଟି ୧୮୮.୨୦ ପଏଣ୍ଟ ଅର୍ଥାତ୍ ୧.୮୫% ବୃଦ୍ଧି ପାଇ ୧୦,୩୮୬.୬୦ରେ ବନ୍ଦ ହୋଇଛି।

### ଗ୍ଲୋବାଲ ପାସପୋର୍ଟ ଇଣ୍ଡେକ୍ସ ଭାରତ ୬୬ତମ ସ୍ଥାନକୁ ଉନ୍ନୀତ

**ନୂଆଦିଲ୍ଲୀ,୩୧-୧୦:** ଗ୍ଲୋବାଲ ପାସପୋର୍ଟ ଇଣ୍ଡେକ୍ସରେ ଭାରତ ୬୬ତମ ସ୍ଥାନକୁ ଉନ୍ନୀତ ହୋଇଛି। ପାସପୋର୍ଟ-ମୁକ୍ତ ଭିଜାକୁ ନେଇ ଏହି ର୍‌ୟାଙ୍କ ସ୍ଥିର କରାଯାଏ। ପୂର୍ବବର୍ଷ ଭାରତ ୭୫ତମ ସ୍ଥାନରେ ରହିଥିଲା। ସିଙ୍ଗାପୁର ଏବଂ ଜର୍ମାନୀର ପାସପୋର୍ଟ ବିଶ୍ୱର ସର୍ବାଧିକ ଶକ୍ତିଶାଳୀ ଭାବେ ଉଭା ହୋଇଛି। ଏହି ଦୁଇ ଦେଶର ପାସପୋର୍ଟରେ ଜଣେ ପର୍ଯ୍ୟଟକ ୧୬୫ଟି ଦେଶକୁ ବିନା ଭିଜାରେ ଯାଇପାରିବେ। ତେବେ ଭାରତୀୟ ପାସପୋର୍ଟ ଜରିଆରେ ମାତ୍ର ୬୬ଟି ଦେଶକୁ ବିନା ଭିଜାରେ ଭ୍ରମଣ କରିହେବ। ଏହି ର୍‌ୟାଙ୍କରେ ମାତ୍ର ୨୨ ପଏଣ୍ଟ ପାଇ ଆଫଗାନିସ୍ତାନ ତାଲିକାର ସର୍ବନିମ୍ନ ସ୍ଥାନ ୯୧ରେ ରହିଛି। ସେହିପରି ପାକିସ୍ତାନ ୯୦ତମ, ସିରିୟା ୮୮ ତମ, ସୋମାଲିୟା ୮୭ତମ ସ୍ଥାନରେ ରହିଛି।



“ବାଣିଜ୍ୟ କାରବାରରେ ଅଭିବୃଦ୍ଧି ଯୋଗୁ ଏହା ରାଜସ୍ୱକୁ ଉନ୍ନତ କରିବାରେ ସହାୟକ ହୋଇଛି।
– ଏମ୍.ଭି ରାଓ, ଏମ୍‌ଡି, କାନାରା ବ୍ୟାଙ୍କ



“ଡାଟା ସୁରକ୍ଷା ଆଇନରେ ପରିବର୍ତ୍ତନ ସହ କଡ଼ାକଡ଼ି ଜରିମାନା ବ୍ୟବସ୍ଥା ଲାଗୁ କରିବାକୁ ବିଚାର କରାଯାଉଛି।
– ଅଜୟ ପ୍ରକାଶ ସାହାନେ, ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ସଚିବ

# ଧାରା ୭ ଜରିଆରେ ଅଧିକାର ସାବ୍ୟସ୍ତ କଲା କେନ୍ଦ୍ର

ନୂଆଦିଲ୍ଲୀ,୩୧-୧୦

ରିଜର୍ଭ ବ୍ୟାଙ୍କର ୮୩ ବର୍ଷର ଇତିହାସରେ ଯାହା ହୋଇ ନ ଥିଲା, ଚଳିତ ଏନଡିଏ ସରକାର ତାହା କରିଦେଖାଇଦେଲେ। କେନ୍ଦ୍ରୀୟ ବ୍ୟାଙ୍କ ଉପରେ ନିଜର ମତ ଜାହିର କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଆର୍‌ବିଆଇ ଆଇନ ୧୯୩୪ର ଧାରା ୭ର ପ୍ରୟୋଗ କରି ନିଜର ଅଧିକାର ସାବ୍ୟସ୍ତ କରିଛନ୍ତି। ଅହଂକାରର ଲଢ଼େଇରେ ନିଜକୁ ବଡ଼ ଦେଖାଇବାକୁ ଯାଇ ସରକାର ଏହି ବ୍ରହ୍ମାସ୍ତ୍ର ମାରିଲେ ସିନା ଦେଶରେ ବ୍ୟାଙ୍କିଙ୍ଗ ସେକ୍ଟରର ନିୟନ୍ତ୍ରକ କୁହାଯାଉଥିବା ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତା ଉପରେ ଅଙ୍କୁଶ ଲାଗିଗଲା। ଦେଶବାସୀଙ୍କ ହିତ ଦୃଷ୍ଟିରୁ ଆବଶ୍ୟକ ହେଲେ ସରକାର ଧାରା ୭ର ପ୍ରୟୋଗ କରିପାରିବେ ବୋଲି ଉକ୍ତ ଆଇନରେ ଉଲ୍ଲେଖ ରହିଛି। ଏହାକୁ ବ୍ୟବହାର କରି ସରକାର କେନ୍ଦ୍ରୀୟ ବ୍ୟାଙ୍କକୁ ଆର୍ଥିକ ପ୍ରସଙ୍ଗରେ ନିର୍ଦ୍ଦେଶ ଦେଇପାରିବେ। ସରକାରଙ୍କ ନିର୍ଦ୍ଦେଶକୁ ଆର୍‌ବିଆଇ ପ୍ରତ୍ୟାଖ୍ୟାନ କରିପାରିବେ ନାହିଁ। ସରକାରଙ୍କ ପଦକ୍ଷେପର ପ୍ରତିବାଦ ସ୍ୱରୂପ ଗଭର୍ନର ଉର୍ଜିତ ପଟେଲ ନିଜ ପଦରୁ ଇସ୍ତଫା ଦେଇପାରନ୍ତି ବୋଲି ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ଉର୍ଜିତ ଓ ତାଙ୍କ ଡେପୁଟି ବିରଳ ଆଚାର୍ଯ୍ୟ ଶୁକ୍ରବାର ସୁଦ୍ଧା କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କୁ ସାକ୍ଷାତ କରିବାର ସମ୍ଭାବନା ରହିଛି ବୋଲି ଆଲୋଚନା ହେଉଛି। ତେବେ ଏ ସମ୍ପର୍କରେ ଆର୍‌ବିଆଇ ଓ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଚୁପ୍ ରହିଛନ୍ତି। ମିଡିଆ ରିପୋର୍ଟରେ କୁହାଯାଇଛି ଯେ, ଉଭୟ କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କ ମଧ୍ୟରେ ଏବେ ଅହଂକାର ଲଢ଼େଇ ଆରମ୍ଭ ହୋଇଗଲାଣି। ଏଭଳି ସ୍ଥିତିରେ କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାୟତ୍ତତା ବଜାୟ ରଖିବା ଲାଗି ଉର୍ଜିତଙ୍କ ସମ୍ମୁଖରେ ସବୁ ପ୍ରକାର ବିକଳ୍ପ ରହିଛି। ଉଲ୍ଲେଖଥାଉ କି, ସ୍ୱାୟତ୍ତତାକୁ ନେଇ ଆର୍‌ବିଆଇ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ମତଭେଦ ଚରମସୀମାରେ ପହଞ୍ଚିଗଲାଣି। ଫଳସ୍ୱରୂପ ଆର୍‌ବିଆଇ ଡେପୁଟି ଗଭର୍ନର ବିରଳ ଆଚାର୍ଯ୍ୟ ଓ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ କରିଛନ୍ତି।

### ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତାରେ ଲାଗିଲା ଅଙ୍କୁଶ

- ୮୩ ବର୍ଷର ଇତିହାସରେ କେନ୍ଦ୍ରର ପ୍ରଥମ ପଦକ୍ଷେପ
- ୧୯୩୪ରେ ଆର୍‌ବିଆଇ ଆଇନ ଲାଗୁ ହୋଇଥିଲା
- ରିଜର୍ଭ ବ୍ୟାଙ୍କକୁ ନିର୍ଦ୍ଦେଶ ଦେବା ଲାଗି ଧାରା ୭ରେ କେନ୍ଦ୍ରକୁ ମିଳିଛି କ୍ଷମତା
- ଇସ୍ତଫା ଦେଇପାରନ୍ତି ଗଭର୍ନର



### ସ୍ୱାୟତ୍ତତାକୁ ସରକାରଙ୍କ ସ୍ୱୀକାର

ଆର୍‌ବିଆଇ ସହ ଆରମ୍ଭ ହୋଇଥିବା ବିବାଦ ମଧ୍ୟରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଏକ ପ୍ରେସ୍ ନୋଟ୍ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତା ବଜାୟ ରହିବା ଜରୁରୀ ଏବଂ ସରକାର ଏହାର ସମ୍ମାନ କରୁଛନ୍ତି। ଏହାଦ୍ୱାରା ସାର୍ବଜନୀନ ହିତ ତଥା ଅର୍ଥନୀତିର ଆବଶ୍ୟକତା ଅନୁଯାୟୀ କେନ୍ଦ୍ରୀୟ ବ୍ୟାଙ୍କ ଏବଂ ସରକାରଙ୍କୁ ଦିଗ୍‌ଦର୍ଶନ ମିଳିଥାଏ। ବିଭିନ୍ନ ସମୟରେ ଆର୍‌ବିଆଇ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଆଲୋଚନା ହୁଏ। ତେବେ ବୟାନରେ ଧାରା ୭ ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ କିଛି ଉଲ୍ଲେଖ କରାଯାଇନି। ଆର୍‌ବିଆଇ ସହ ସରକାରଙ୍କ ଆଲୋଚନାକୁ କେବେ ବି ବାହାରେ ପ୍ରକାଶ କରାଯାଏନି। କେନ୍ଦ୍ର ସରକାର କେବଳ ନିଷ୍ପତ୍ତି ସମ୍ପର୍କରେ ପ୍ରକାଶ କରନ୍ତି ବୋଲି ନୋଟ୍‌ରେ ଉଲ୍ଲେଖ କରାଯାଇଛି।

### ଧାରା ୭ ପ୍ରସଙ୍ଗ ଉଠିଲା କାହିଁକି

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଚଳିତ ବର୍ଷ ଫେବୃୟାରୀ ୧୨ରେ ଏକ ସର୍କୁଲାର ଜାରି କରାଯାଇଥିଲା। ଏହାକୁ କେତେକ ବିଦ୍ୟୁତ ଉତ୍ପାଦକ କମ୍ପାନୀ ଆଲ୍ଲାହାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଋଣଖିଲାପକାରୀ ଏହି ବିଜୁଳି କମ୍ପାନୀଙ୍କ ଋଣ ପୁନର୍ଗଠନକୁ ଏହି ସର୍କୁଲାର ଜରିଆରେ ରୋକାଯାଇଥିଲା। କୋର୍ଟରେ ଶୁଣାଣି ବେଳେ ଆର୍‌ବିଆଇ ପକ୍ଷରୁ କୁହାଯାଇଥିଲା ଯେ, ସରକାର ଚାହିଁଲେ ରିଜର୍ଭ ବ୍ୟାଙ୍କ ଆଇନର ଧାରା ୭ ପ୍ରୟୋଗ କରିପାରିବେ। ଏ ସମ୍ପର୍କରେ ବିଚାର କରିବେ ବୋଲି ସେତେବେଳେ ସରକାର କହିଥିଲେ।

### ୨ଟି ପତ୍ର ଜରିଆରେ ଆର୍‌ବିଆଇକୁ ନିର୍ଦ୍ଦେଶ

ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଆର୍‌ବିଆଇ ଆଇନ, ୧୯୩୪ର ଧାରା ୭ରେ ମିଳିଥିବା ଅଧିକାର ବଳରେ କେନ୍ଦ୍ର ସରକାର ଗତ ଦୁଇ ସପ୍ତାହ ଭିତରେ ଗଭର୍ନରଙ୍କୁ ଦୁଇଟି ସ୍ୱତନ୍ତ୍ର ପତ୍ର ପଠାଇଥିଲେ। ଏଥିରେ ବ୍ୟାଙ୍କ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା(ଏନ୍‌ବିଏଫ୍‌ସି)ଙ୍କ ଲାଗି ଅଧିକ ପାଣ୍ଠି ଯୋଗାଣ, ଦୁର୍ବଳ ବ୍ୟାଙ୍କଗୁଡ଼ିକୁ ପୁଞ୍ଜି ଏବଂ ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏସ୍‌ଏମ୍‌ଇ)ଙ୍କୁ ଋଣ ପ୍ରଦାନ ପାଇଁ କେନ୍ଦ୍ରୀୟ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ଏହି ନିର୍ଦ୍ଦେଶ ଆର୍‌ବିଆଇକୁ କ୍ରୋଧାନ୍ୱିତ କରିଛି। ଯାହାର ଫଳସ୍ୱରୂପ ବିରଳ କେନ୍ଦ୍ର ବିରୋଧରେ ବିଷୋଦ୍‌ଗାର କରିଥିଲେ।

## ସାଇରସ ମିସ୍ତ୍ରିଙ୍କୁ ହଟାଯିବା ବେଳେ ନିୟମ ପାଳନ ହୋଇ ନ ଥିଲା

ନୂଆଦିଲ୍ଲୀ,୩୧-୧୦

ସାଇରସ ମିସ୍ତ୍ରିଙ୍କୁ ବରଖାସ୍ତ କରିବା ବେଳେ ଟାଟା ସନ୍ସ ଏବଂ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ନିୟମ ପାଳନ କରି ନ ଥିଲା। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଅନ୍ତର୍ଗତରେ କମ୍ପାନୀ ରେଜିଷ୍ଟ୍ରାର (ଆର୍‌ଓସି) ମୁମ୍ବାଇ ପକ୍ଷରୁ ଦିଆଯାଇଥିବା ଜବାବରେ ଏ ସମ୍ପର୍କରେ ଉଲ୍ଲେଖ କରି କୁହାଯାଇଛି ଯେ, ମିସ୍ତ୍ରିଙ୍କୁ ବିଦା କରିବା ବେଳେ ନିୟମ ଉଲ୍ଲଂଘନ ହୋଇଥିଲା। ରିଜର୍ଭ ବ୍ୟାଙ୍କର ନିୟମକୁ ଯଥାଯଥ ଭାବେ ପାଳନ କରାଯାଇ ନ ଥିଲା। ଆଶ୍ଚର୍ଯ୍ୟର କଥା ଯେ, ଟାଟା ସନ୍ସ ଦ୍ୱାରା ପ୍ରଣୀତ ନିଜସ୍ୱ ନିୟମ ମଧ୍ୟ ଏଥିରେ ଉଲ୍ଲଂଘନ ହୋଇଥିଲା ବୋଲି ଆର୍‌ଓସି ତାଙ୍କ ଜବାବରେ କହିଛନ୍ତି। ସାପୋରଜୀ ପାଲୋନଜୀ ଗ୍ରୁପ୍ ପକ୍ଷରୁ ଏ ସମ୍ପର୍କରେ ଆର୍‌ଟିଆଇରେ ଅଗଷ୍ଟ ୩୧ରେ ଆବେଦନ କରାଯାଇ ଥିଲା। ଆର୍‌ଓସି ମୁମ୍ବାଇ ପକ୍ଷରୁ ଆସିଷ୍ଟାଣ୍ଟ କମ୍ପାନୀ ରେଜିଷ୍ଟ୍ରାର ଉଦୟ ଖୋମାନେ ଅକ୍ଟୋବର ୩ରେ ଜବାବ ଦେଇଥିଲେ।

## ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ମହଙ୍ଗା ଭତ୍ତା ୬୦.୭%

ଭୁବନେଶ୍ୱର,୩୧-୧୦(ବ୍ୟୁରୋ)

ଦେଶରେ ଶିଳ୍ପ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ଅଗଷ୍ଟରେ ୩୦୧ ପଏଣ୍ଟ ଥିଲା। ସେପ୍ଟେମ୍ବରରେ ଏହା ଅପରିବର୍ତ୍ତିତ ରହିଛି। ତାଳଚେର ଓ ଅନୁଗୋଳରେ ଏହା ୩୧୮ ପଏଣ୍ଟ ଥିଲା। ଏଥିରେ ୧ ପଏଣ୍ଟ ବୃଦ୍ଧି ପାଇ ୩୧୯ ପଏଣ୍ଟ ହୋଇଛି। ଅନ୍ୟପକ୍ଷରେ ରାଉରକେଲାରେ ଏହା ୩୧୦ପଏଣ୍ଟ ଥିବା ବେଳେ ଏଥିରେ ୧ ପଏଣ୍ଟ ବଢ଼ିଛି। ମେ’ ୩୦ ଓ ୩୧ରେ ଦୁଇଦିନ ଧରି ସିଜିଏମ୍‌ଙ୍କ ଠାରୁ ମେସେଞ୍ଜର ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୫୪.୧% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୬.୬% ବୃଦ୍ଧି ଘଟି ୬୦.୭% ହୋଇଛି। ଏହା ନଭେମ୍ବର ପହିଲାରୁ ଲାଗୁ ହେବ। ଓଡ଼ିଶାର ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନ୍‌ସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଆଜି ବିଭିନ୍ନ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ବୀମା କର୍ମଚାରୀମାନେ ବର୍ତ୍ତମାନ ୪୭.୪% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୬.୬% ବୃଦ୍ଧି ଘଟି ୫୪% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ନଭେମ୍ବର ପହିଲାରୁ ପାଇବେ।



ସେହିପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୩୫.୬% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୨.୬୬% ବୃଦ୍ଧି ପାଇ ଏହା ୧୩୮.୨୬% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଚଳିତ ବର୍ଷ ଜାନୁୟାରୀ ପହିଲାରୁ ପାଇବେ। ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୯% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ଏହା ୧୨% ହୋଇଛି। ଫଳରେ ଏମାନେ ୨୦୧୯ ଜାନୁୟାରୀରୁ ଏହି ବର୍ଦ୍ଧିତ ଡିଏ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ସମସ୍ତ ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପାଖାନାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ୧୨% ମହଙ୍ଗା ଭତ୍ତା ପାଇବେ। ଏହା ଜାନୁୟାରୀ ପହିଲାରୁ ଲାଗୁ ହେବ।

## କୋର୍ ସେକ୍ଟର ବିକାଶ ୪ ମାସର ସର୍ବନିମ୍ନ ସ୍ତରରେ

ନୂଆଦିଲ୍ଲୀ,୩୧-୧୦

ଅଶୋଧିତ ତେଲ ଏବଂ ପ୍ରାକୃତିକ ବାଷ୍ପ ଉତ୍ପାଦନ ହ୍ରାସ ପାଇବା କାରଣରୁ ୮ ଭିତ୍ତିଭୂମି ସେକ୍ଟର ବିକାଶ ୪ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଯାଇଛି। ସେପ୍ଟେମ୍ବରରେ ଏହା ୪.୩% ରହିଛି। ଏଥିପୂର୍ବରୁ ଚଳିତ ବର୍ଷ ମେ’ରେ ସର୍ବନିମ୍ନ ସ୍ତର ୪.୧% ରହିଥିଲା। କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରି ସାମଗ୍ରୀ, ସାର, ଷ୍ଟିଲ୍, ସିମେଣ୍ଟ ଏବଂ ବିଦ୍ୟୁତ ଉତ୍ପାଦନ ଭଳି ୮ ଭିତ୍ତିଭୂମି ବା କୋର୍ ସେକ୍ଟରରେ ୨୦୧୭ ସେପ୍ଟେମ୍ବରରେ ବିକାଶ ୪.୭% ଥିଲା। ବୁଧବାର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ତଥ୍ୟ ଜାରି କରାଯାଇଛି। ଏହି ତଥ୍ୟ ଅନୁଯାୟୀ ଅଶୋଧିତ ତୈଳ ଏବଂ ପ୍ରାକୃତିକ ବାଷ୍ପରେ ଅଭିବୃଦ୍ଧି କ୍ରମଶଃ ୪.୨% ଏବଂ ୧.୮%କୁ ହ୍ରାସ ପାଇଛି।

## ଅରୁନ୍ଧତୀ ଜୁଏଲର୍ସର ଧନତେରସ ଅଫର

ଭୁବନେଶ୍ୱର,୩୧-୧୦

ଧନତେରାସ ଉପଲକ୍ଷେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ବେଷ୍ଟ ଏଭର ଧନତେରସ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏଥିରେ ପ୍ରଥମ ଥର ଲାଗି ଅଗ୍ରିମ ବୁକିଂ ଉପରେ ଗ୍ରାହକଙ୍କୁ ଏକ୍ସଟ୍ରା ଗୋଲ୍ଡ କଏନ୍ ଅଫର ପ୍ରଦାନ କରାଯାଉଛି। ୯୧୭ ସୁନା ଅଳଙ୍କାର ଉପରେ ଅଗ୍ରିମ ବୁକିଂରେ ଗୋଲ୍ଡ କଏନ ଏବଂ ସିଲଭର କଏନ ବାଦ୍ ୨୫୦୦ ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ ରିହାତି ଗ୍ରାହକ ଲାଭ କରି ପାରିବେ। ସେହିଭଳି ଲଣ୍ଡନ ଭଳି ସ୍ଥାନକୁ ବୁଲି ଯିବାକୁ ସୁଯୋଗ ମଧ୍ୟ ରହିଛି। ସିଜନ ୧ ଏବଂ ୨ ମାଧ୍ୟମରେ ୪୨ ଜଣ ଲକ୍ଷପତି ହେବାର ସୁଯୋଗ ରହିଛି। ଶୋ’ରୁମ ପକ୍ଷରୁ ହୀରା ଗହଣା ସମ୍ପୂର୍ଣ୍ଣ ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି, ସୁନା ଗହଣାର ଗଢାମୂଲ୍ୟ ଉପରେ ଫ୍ଲାଟ୍ ୫୦% ରିହାତି ସୁବିଧା ଗ୍ରାହକ ପାଇପାରିବେ। ଏହି ଅଫରର ଅବଧି ଚଳିତ ମାସ ୨୯ ତାରିଖଠାରୁ ନଭେମ୍ବର ୧୧ ଯାଏ ରହିବ। ଗ୍ରାହକମାନେ ପ୍ରଥମ କରି ଇଟାଲିଆନ ବ୍ୟାଙ୍ଗଲ, ଦୁବାଇ ନେକ୍‌ଲେସ, ଆଣ୍ଟିକ ସୁନା ଗହଣା, ପାରମ୍ପରିକ ସୁନା ଗହଣା ପାଇପାରିବେ। ସୁନା ଗହଣାର ଗଢ଼ା ମୂଲ୍ୟ ୨୪୯ ଟଙ୍କାରୁ ଆରମ୍ଭ ହେଉଛି। ସୁଦ୍ଧତା ତଥା କାରୁକାର୍ଯ୍ୟ ଭରା ସୁନା ଗହଣା ପ୍ରଦାନ କରୁଥିବା ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସୂଚନା ଦେଇଛନ୍ତି।




## ୧୫ ଟ୍ରେନରୁ ଫ୍ଲେକ୍ସି ଫେୟାର ବ୍ୟବସ୍ଥା ହଟିଲା

ନୂଆଦିଲ୍ଲୀ,୩୧-୧୦

ରେଳମନ୍ତ୍ରୀ ପୀୟୁଷ ଗୋଏଲ ଦୀପାବଳି ପୂର୍ବରୁ ରେଳଯାତ୍ରୀଙ୍କୁ ଖୁସି ଖବର ଦେଇଛନ୍ତି। ପ୍ରିମିୟମ ଟ୍ରେନରେ ୫୦ ପ୍ରତିଶତ ଆସନ ଖାଲି ଥିଲେ ଫ୍ଲେକ୍ସି ଫେୟାର ବ୍ୟବସ୍ଥା ହଟାଯିବ ବୋଲି ବୁଧବାର ସେ କହିଛନ୍ତି। ଏହାଦ୍ୱାରା ୧୫ଟି ପ୍ରିମିୟମ ଟ୍ରେନରୁ ଏହି ବ୍ୟବସ୍ଥାକୁ ତୁରନ୍ତ ପ୍ରତ୍ୟାହାର କରାଯାଇଛି। ଅବଶିଷ୍ଟ ୩୨ ଟି ଟ୍ରେନରୁ ଏହି ବ୍ୟବସ୍ଥାକୁ ଅଫ୍ ସିଜିନରେ ଅସ୍ଥାୟୀ ଭାବେ ରଦ୍ଦ କରାଯିବ। ଏହାଛଡ଼ା ଅନ୍ୟ ଟ୍ରେନଗୁଡ଼ିକ ପାଇଁ ଫ୍ଲେକ୍ସି ଫେୟାର ବ୍ୟବସ୍ଥାରେ ସର୍ବାଧିକ ଟିକେଟ୍ ମୂଲ୍ୟ ଦେଢ଼ ଗୁଣ ପରିବର୍ତ୍ତେ ୧.୪% ଅଧିକ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଟୁଇଟର୍‌ରେ ଏ ସମ୍ପର୍କରେ ଘୋଷଣା କରି ସେ କହିଛନ୍ତି ଯେ, ଉକ୍ତ ନିଷ୍ପତ୍ତି ଯୋଗୁ ଉଭୟ ରେଳପଥ ଓ ଯାତ୍ରୀଙ୍କୁ ଫାଇଦା ମିଳିବ। ଏହାଦ୍ୱାରା ଟିକେଟ ବୋଝ କମିବ ଏବଂ ଅଧିକ ଆସନ ବିକ୍ରି ଯୋଗୁ ରେଳପଥ ଫାଇଦାରେ ରହିବ। ସେ କହିଛନ୍ତି ଯେ, କମ୍ ଆସନ ବିକ୍ରି ହେଉଥିବା ଏଭଳି ୧୫ ଟ୍ରେନରୁ ଫ୍ଲେକ୍ସି ଫେୟାରକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଗଲା ବୋଲି ସେ ଟୁଇଟରରେ ଜଣାଇଛନ୍ତି। ତେବେ ୩୨ଟି ଟ୍ରେନରେ ଅଫ୍ ସିଜନରେ ଏହି ବ୍ୟବସ୍ଥା ଲାଗୁ ହେବ ନାହିଁ। ଅନ୍ୟପକ୍ଷରେ ୧୦୧ ଟ୍ରେନରେ ଏହି ବ୍ୟବସ୍ଥା ଲାଗୁ ହେବ। ଉଲ୍ଲେଖଥାଉ କି, ଗତ ବର୍ଷେ ହେବ ରେଳଯାତ୍ରୀଙ୍କୁ ଫ୍ଲେକ୍ସି ଫେୟାର ବ୍ୟବସ୍ଥାରୁ ଆଶ୍ୱସ୍ତ କରିବାକୁ ପ୍ରୟାସ ଜାରି ରହିଥିଲା ବୋଲି ରେଲୱେ ବୋର୍ଡ ପକ୍ଷରୁ କୁହାଯାଇଛି। ଏଥିଲାଗି ବୋର୍ଡ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା।






ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଆୟୋଜିତ ‘ରନ୍ ଫର ୟୁନିଟି’ (ଏକତା ଦୌଡ଼)କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଉମେଶ ସିଂ ଶୁଭାରମ୍ଭ କରୁଛନ୍ତି। ଏଥିରେ ପୂର୍ବତଟ ରେଳପଥର ଅନେକ କର୍ମଚାରୀ ଏବଂ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ସିଂ ରେଲୱେ କର୍ମଚାରୀଙ୍କୁ ଏକତାର ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

## ଅବସରକାଳୀନ ପାଣ୍ଠି ଗଠନ

# ମୁଦ୍ରାସ୍ଫୀତିକୁ ଧ୍ୟାନ ଦିଅନ୍ତୁ

**○ମୋର ବୟସ ୨୬ ବର୍ଷ ଏବଂ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛି। ମାସିକ ୧୫,୦୦୦ ଟଙ୍କାର ବେତନ ପାଉଛି। ଗତ ୩ ମାସ ପୂର୍ବରୁ ମୁଁ ଏନ୍‌ପିଏସ୍-୧ରେ ନିବେଶ କରିଛି। ମାସିକ ୧୫,୦୦୦ ଟଙ୍କା ନିବେଶ ରାଶି ରଖିଛି। ଅବସର ଗ୍ରହଣ ବୟସ ୬୦ ବର୍ଷ ବେଳକୁ ଏନ୍‌ପିଏସ୍ ଆକାଉଣ୍ଟରେ କେତେ ଟଙ୍କାର ପାଣ୍ଠି ଗଠନ ହେବ?**

**– ସସ୍ମିତ ସାହୁ, କଟକ**

ଅବସରକାଳୀନ ପାଣ୍ଠି ଗଠନ ଲାଗି ଏବେଠୁ ନିବେଶ ଆରମ୍ଭ କରିଥିବାରୁ ଏହା ଏକ ଭଲ ପଦକ୍ଷେପ। ବୟସ ଓ ମାସିକ ରୋଜଗାର ଯେବେ ବଢ଼ିଯିବ ସେତେବେଳେ ନିଜର ଅବସରକାଳୀନ ପାଣ୍ଠି ଗଠନ ଲାଗି ଅଧିକ କିଛି ନିବେଶ କରିବା ଉଚିତ୍ ହେବ। ଅବସରକାଳୀନ ପାଣ୍ଠି ଯୋଜନା ସମୟରେ ମୁଦ୍ରାସ୍ଫୀତିର ପ୍ରଭାବ ରହିଥାଏ। ଏହାକୁ ଧ୍ୟାନରେ ରଖିବାକୁ ହେବ। ଏହାକୁ ହିସାବ କରିବା ସହ ଆବଶ୍ୟକତା ଅନୁସାରେ ମାସିକ ନିବେଶ କରନ୍ତୁ। ଆପଣ ଦେଇଥିବା ତଥ୍ୟ ଅନୁଯାୟୀ ୬୦ ବର୍ଷ ବେଳକୁ କେତେ ଟଙ୍କା ହେବ ହିସାବ କରିବା କଷ୍ଟକର। ଏହାର କାରଣ ହେଉଛି ନ୍ୟାଶନାଲ ପେନସନ ସିଷ୍ଟମ(ଏନ୍‌ପିଏସ୍)ରେ ଅଲଗା ଅଲଗା ନିବେଶ ପସନ୍ଦ ସବୁ ରହିଛି। ଏହା ମଧ୍ୟରେ ରହିଛି:

**ଆସେଟ୍ ଶ୍ରେଣୀ ଏ–** ଏଥିରେ ଅଲଟରନେଟିଭ୍ ନିବେଶ ସ୍କିମ୍ ସବୁ ଯଥା– ଆଇଇଆଇଟିଏସ୍, ଏଆଇଏଫ୍।

**ଆସେଟ ଶ୍ରେଣୀ ଜି–** ଏହା ସରକାରୀ ବଣ୍ଡ ଓ ସିକ୍ୟୁରିଟିରେ ନିବେଶ କରିଥାଏ।

**ଆସେଟ୍ ଶ୍ରେଣୀ ସି–** ଏହା ସରକାରୀ ବଣ୍ଡ ବ୍ୟତୀତ ଫିକ୍ସଡ ଇନକମ୍ ଇନଷ୍ଟ୍ରୁମେଣ୍ଟରେ ନିବେଶ କରିଥାଏ।

**ଆସେଟ୍ ଶ୍ରେଣୀ ଇ–** ଏହା ଇକ୍ୱିଟି ବା ପୁଞ୍ଜି ବଜାର ସମ୍ପର୍କିତ ଇନଷ୍ଟ୍ରୁମେଣ୍ଟରେ ନିବେଶ କରିଥାଏ।

ଆପଣ କେଉଁ ନିବେଶ ପସନ୍ଦ ଚୟନ କରିଛନ୍ତି ସେ ସମ୍ପର୍କରେ ଜଣାଇ ନାହାନ୍ତି। ଆପଣଙ୍କ ଅବସରକାଳୀନ ପାଣ୍ଠି ୬୦ ବର୍ଷ ବେଳକୁ କେତେ ହେବ ଏହା ପସନ୍ଦ କରିଥିବା ଆସେଟ୍ ଶ୍ରେଣୀର ଲାଭ ପ୍ରଦାନ ପ୍ରଦର୍ଶନ ଉପରେ ନିର୍ଭର କରିବ। ଆସେଟ୍ ଶ୍ରେଣୀ ବିଷୟରେ ଭଲ ଭାବେ ବୁଝି ଇଚ୍ଛାନୁଯାୟୀ ଆସେଟ୍ ଶ୍ରେଣୀ ପସନ୍ଦ କରନ୍ତୁ।

**○ମୋର ବୟସ ୪୧ ବର୍ଷ। ପ୍ରାୟତଃ ସବୁ ସ୍କିମରେ କିଛି କିଛି ନିବେଶ କରିଛି। ୧୧ ଲକ୍ଷ ଟଙ୍କାର ଜୀବନ ବୀମା ସୁରକ୍ଷା ରହିଛି। ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବାରୁ ପିପିଏଫ୍ ସ୍କିମ ନେବା ଜରୁରୀ ହେବ କି?**

**– ସଂଗ୍ରାମ ସ୍ୱାଇଁ, ଛତ୍ରପୁର**

ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ୍) ହେଉଛି ଏକ ଭଲ ସ୍କିମ୍। ଯେକୌଣସି ଡାକଘର ସଞ୍ଚୟ ଶାଖା କିମ୍ବା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶାଖାରେ ଏହି ଜମା ଖାତା ଖୋଲାଯାଇ ପାରିବ। ଏହି ସ୍କିମର ସବୁଠାରୁ ବଡ ସୁବିଧା ହେଉଛି ଆୟକର ଛାଡ଼ ସୁବିଧା। ଏହି ପାଣ୍ଠିରେ ଆପଣ ଯାହା ନିବେଶ କରିବେ ତାହା U/S80C ଅନୁଯାୟୀ ଆୟକର ଛାଡ଼ ସୁବିଧା ପାଇ ପାରିବେ। ପିପିଏଫ୍ ଜମା ଖାତାର ସମସ୍ତ ବାର୍ଷିକ ସୁଧରାଶି ଆୟକର ମୁକ୍ତ। ପିପିଏଫ୍ ଜମାଖାତା ପରିପକ୍ୱ ହେବା ପରେ ଯେଉଁ ପାଣ୍ଠି ପାଇବେ ତାହା ଆୟକର ମୁକ୍ତ। ବର୍ତ୍ତମାନ ପିପିଏଫ୍‌ର ବାର୍ଷିକ ସୁଧହାର ୮.୦୦% ରହିଛି।

ଆମର ପରାମର୍ଶ ଆପଣ ଏକ ପିପିଏଫ୍ ଜମା ଖାତା ନିକଟସ୍ଥ ଡାକଘର ଶାଖା କିମ୍ବା ବ୍ୟାଙ୍କ ଶାଖାରେ ଖୋଲି ପାରିବେ। ମାସିକ କିଛି କିଛି ସଞ୍ଚୟ ଆରମ୍ଭ କରି ପାରିବେ। ବାର୍ଷିକ ସର୍ବୋଚ୍ଚ ନିବେଶ ସୀମା ରାଶି ୧.୫ ଲକ୍ଷ ଟଙ୍କା ରହିଛି। ଏହି ସ୍କିମର ଅବଧି ୧୫ ବର୍ଷ ରହିଛି।

**○ଅଲଗା ଅଲଗା ଜୀବନ ବୀମା କମ୍ପାନୀର ମୋର କିଛି ଜୀବନ ବୀମା ପଲିସି ରହିଛି। ଯଦି କୌଣସି ବିଦେଶୀ ରାଷ୍ଟ୍ରରେ ଅକାଳ ମୃତ୍ୟୁ ହୁଏ ତେବେ ଏହି ଜୀବନ ବୀମା ବୈଧ ଓ ମୃତ୍ୟୁକାଳୀନ କ୍ଲେମ ମିଳିବ କି?**

**– ମନୋରମା ଜେନା, ବାଲେଶ୍ୱର**

ହଁ, ଜୀବନ ବୀମା ପଲିସି ଭାରତରେ ପ୍ରଦାନ କରାଯାଇଥିଲେ ମନୋନୀତ ବ୍ୟକ୍ତି (ନୋମିନି) ଅକାଳ ମୃତ୍ୟୁର ଦାବି ଅର୍ଥ ପାଇବେ। ଏହା ପଲିସିର ନିୟମ ଓ ସର୍ତ୍ତାବଳୀ ଅନୁସାରେ ମିଳିବ। ମୃତ୍ୟୁ କେଉଁଠାରେ ହୋଇଛି ଭଳି ପ୍ରସଙ୍ଗକୁ ଏହା ନିରପେକ୍ଷ ଭାବେ ଗ୍ରହଣ କରିଥାଏ। ଆମର ପରାମର୍ଶ ଆପଣ ନିଜ ଜୀବନ ବୀମା ପଲିସିର ନୂତନ ଠିକଣା ପରିବର୍ତ୍ତନ କରିନେବା ଉଚିତ୍ ହେବ।

### ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM]
“Director, SmartFin Wealth Management Pvt. Ltd.”

‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ଆମ ଠିକଣା**
ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୭୫୧୦୧୦


ଖବରଦାତା ସମ୍ମିଳନୀ ଅବସରରେ (ବାମରୁ) ସନ୍ଦୀପ ମିଶ୍ର, ବିଶାଳ ଦେବ, ମନୋଜ ପାଢ଼ୀ ଓ ସୁମିତ ପାଣ୍ଡେ।

# ବିଶ୍ୱସ୍ତରୀୟ ହେବ ଖେଳ, ସାହିତ୍ୟର ମହୋତ୍ସବ

EKAMRA SPORTS LITERARY FESTIVAL 2018


ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଆରମ୍ଭ ହେବାକୁ ଯାଉଛି ହକି ବିଶ୍ୱକପ୍। ଏହାର ମାତ୍ର କିଛି ସପ୍ତାହ ପୂର୍ବରୁ ଖେଳ ଓ ସାହିତ୍ୟକୁ ନେଇ ଏଠାରେ ଆୟୋଜନ ହେବାକୁ ଯାଉଛି ଏକ ଭିନ୍ନ ଧରଣର ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏସିଆର ଏହି ସର୍ବପ୍ରଥମ କ୍ରୀଡ଼ା ଓ ସାହିତ୍ୟ ମହାମେଳାର ଆସର ଆରମ୍ଭ ହେବ। ହୋଟେଲ ମେ' ଫେୟାରରେ ନଭେମ୍ବର ୨ ଓ ୩ ଦୁଇଦିନ ଧରି ଆୟୋଜନ ହେବ ଏହି ମେଗା କାର୍ଯ୍ୟକ୍ରମ। ପ୍ରଥମ ଦିବସ କାର୍ଯ୍ୟସୂଚୀ ଅନୁସାରେ, ଦେଶ ବିଦେଶର ପ୍ରତିଷ୍ଠିତ ଖେଳାଳି, ସାହିତ୍ୟିକ, ଖେଳ ସାମ୍ବାଦିକ, ଲେଖକ ଗୁରୁବାର ଏଠାରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ଗୋଟିଏ ମଞ୍ଚରେ କ୍ରୀଡ଼ା ଓ ସାହିତ୍ୟର ଏହି ମହାମିଳନକୁ ନେଇ ସ୍ୱାଭାବିକ ଭାବେ ବେଶ୍ ଉତ୍ସାହିତ ଅଛନ୍ତି ଇମର୍ଜିଂ ସ୍ପୋର୍ଟ୍ସ ପ୍ରତିଷ୍ଠାତା ନିର୍ଦ୍ଦେଶକ, ଲେଖକ ତଥା ଜଣାଶୁଣା କ୍ରୀଡ଼ା ସାମ୍ବାଦିକ ସନ୍ଦୀପ ମିଶ୍ର। ଆମେ ସମସ୍ତେ ଅତ୍ୟନ୍ତ ଆଗ୍ରହର ସହ ଏହି ଦିନକୁ ଅପେକ୍ଷା କରି ରହିଛୁ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ସନ୍ଦୀପ। ଏହି ଅବସରରେ ସେ ଦୁଇଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ମହୋତ୍ସବ ଉଦ୍‌ଘାଟନ ପରେ ଦେଶର 'କ୍ରୀଡ଼ା ରାଜଧାନୀ ପଥରେ ଭୁବନେଶ୍ୱର' ଶୀର୍ଷକରେ ଆଲୋଚନା ହେବ। ଏହାପରେ ଆକର୍ଷଣର କେନ୍ଦ୍ରରେ ରହିବେ ପୂର୍ବତନ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜେଫ୍ ଥମ୍ପସନ। '' ଦି ଡେଥ୍ ଅଫ୍ ଦି ଟେଷ୍ଟ ଫାଷ୍ଟ ବୋଲର' ଶୀର୍ଷକରେ ସେ ନିଜ ବକ୍ତବ୍ୟ ପ୍ରଦାନ କରିବେ। 'ଦି ଧୋନୀ ଟଚ୍', 'ନମ୍ବର୍ସ ଡୋଣ୍ଟ ଲାଇ' ପୁସ୍ତକ ଉପରେ ଭରତ ସୁନ୍ଦରେସନ ଓ ଆକାଶ ଚୋପ୍ରାଙ୍କ ମତ ନିଶ୍ଚିତ ସମସ୍ତଙ୍କ ମନକୁ ଛୁଇଁବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଏହା ବ୍ୟତୀତ ୨୦୧୮ ହକିବିଶ୍ୱକପ୍‌କୁ ନେଇ ବାସୁଦେବନ ଭାସ୍କରନ, ଧନରାଜ ପିଲ୍ଲେ, ଦିଲୀପ ତିର୍କୀ ଓ ବ୍ରେଣ୍ଟ ଲିଭରମୋରଙ୍କ ଅନୁଭୂତି ଏବଂ 'ହାଇପରଆଣ୍ଡ୍ରୋଜେନିଜମ୍, ଗୋଟିଏ ଶବ୍ଦ ଅନେକ ମତ' ଶୀର୍ଷକ ଆଲୋଚନାରେ ମେଡଲିନ୍ ପେପ୍, ଶାନ୍ତି ସୁନ୍ଦରାଜନ, ଗୋପୀ ଶଙ୍କରଙ୍କ ଆଲୋଚନାରୁ ନିଶ୍ଚିତ ଅନେକ ନିର୍ଯ୍ୟାସ ବାହାରିବ ବୋଲି ସେ କହିଛନ୍ତି। ଦ୍ୱିତୀୟ ଦିବସରେ ଧର୍ମନିରପେକ୍ଷତା ଏବଂ କ୍ରିକେଟର ବିଷୟ ଉପରେ ମହମ୍ମଦ କୈଫ୍‌ଙ୍କ ମନ୍ତବ୍ୟର ଅନେକ ଗୁରୁତ୍ୱ ରହିବ। ସେହିପରି 'ଇତିହାସରେ କଳୁଷିତ ରେସ୍‌ର ୩୦ ବର୍ଷ ପୂର୍ତ୍ତି' ଆଲୋଚନା ଉପରେ ଜାମାଇକା ଜନ୍ମିତ କାନାଡ଼ିଆନ ଧାବକ ବେନ୍ ଜନସନଙ୍କ ମତ ନିଶ୍ଚିତଭାବେ ସମସ୍ତଙ୍କୁ ଭିନ୍ନ ଅନୁଭବ ଆଣିଦେବ। କାର୍ଯ୍ୟସୂଚୀରେ ରେସ୍‌ଲର ବଜରଙ୍ଗ ପୁନିଆଙ୍କ ନାଁ ନାହିଁ, ମାତ୍ର ସେ ଏଥିରେ ଯୋଗଦେବେ। 'କୁସ୍ତିର ଐତିହ୍ୟ' ଆଲୋଚନାରେ ଭାରତର ଅନ୍ୟତମ ଦୁଇ ପ୍ରତିଷ୍ଠିତ ରେସ୍‌ଲର ଯୋଗେଶ୍ୱର ଦତ୍ତ ଓ ଭିନେଶ ଫୋଗଟଙ୍କ ସହ ପୁନିଆ ଅଂଶଗ୍ରହଣ କରିବେ ବୋଲି ସନ୍ଦୀପ ସ୍ପଷ୍ଟ କରିଛନ୍ତି।

### ଡୋୱିନ, ମୁର୍, ଆକ୍ରମଙ୍କ କ୍ଷେତ୍ରରେ ଭିଜା ସମସ୍ୟା

ଖେଳ ଓ ସାହିତ୍ୟକୁ ନେଇ ଏହି ଅନ୍ତର୍ଜାତୀୟ ଫେଷ୍ଟିଭାଲର ଆୟୋଜନ ହେଉଥିଲେ ହେଁ ବିଦେଶର ଦୁଇଜଣ ପ୍ରତିଷ୍ଠିତ ସାମ୍ବାଦିକ ଏଥିରେ ଯୋଗଦେବାକୁ ନେଇ ଆଶଙ୍କା ଦେଖାଦେଇଛି। ''ଭିଜା ସମସ୍ୟା ଯୋଗୁ ବ୍ରାଜିଲିଆନ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆଣ୍ଡ୍ରୁ ଡୋୱିନ ଏବଂ ପୂର୍ବତନ ସ୍କଟ୍‌ଲାଣ୍ଡ ସାଇକ୍ଲିଷ୍ଟ, ଜର୍ନାଲିଷ୍ଟ ଏବଂ ଲେଖକ ରିଚାର୍ଡ ମୁର୍‌ଙ୍କ ଯୋଗଦେବା ସ୍ପଷ୍ଟ ହୋଇପାରିନାହିଁ। ଏହି ଦୁଇଜଣ ବିଶ୍ୱର ପ୍ରତିଷ୍ଠିତ ଜର୍ନାଲିଷ୍ଟ ହୋଇଥିଲେ ହେଁ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ପାଇଁ ତାଙ୍କ କ୍ଷେତ୍ରରେ ଭିଜା ସମସ୍ୟା ଉପୁଜିବା ଆମ ସମସ୍ତଙ୍କୁ ବିସ୍ମିତ କରିଛି। ପ୍ରଥମେ ଆମେ ତାଙ୍କ ପାଇଁ ଇକୋନୋମି ଶ୍ରେଣୀରେ ଭିଜା ଆବେଦନ ପାଇଁ ଚାହିଁଥିଲୁ। ମାତ୍ର କ୍ରୀଡ଼ା ବିଭାଗ ପରାମର୍ଶକ୍ରମେ ଆମେ ବିଜ୍‌ନେସ୍ ଶ୍ରେଣୀରେ ଭିଜା ଆବେଦନ କରିଛୁ। ମାତ୍ର ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇନାହିଁ। ତଥାପି ଆମେ ଆଶାବାଦୀ ଅଛୁ। ମୁର୍ ଆସି ନ ପାରିଲେ କାର୍ଯ୍ୟକ୍ରମକୁ ଜନସନ ସମ୍ଭାଳିନେବେ। ମାତ୍ର ଡୋୱିନ ନ ଆସିଲେ ଏହି ସେସନ ପାଇଁ ଆମେ ଭିନ୍ନ କାର୍ଯ୍ୟସୂଚୀ ସ୍ଥିର କରିବୁ। ପାକିସ୍ତାନର ପୂର୍ବତନ କ୍ରିକେଟ ଅଧିନାୟକ ୱାସିମ ଆକ୍ରମଙ୍କ କ୍ଷେତ୍ରରେ ମଧ୍ୟ ସେହି ସମସ୍ୟା। ତାଙ୍କ ନିଜର କିଛି ସମସ୍ୟା ରହିଛି। ଏହାଛଡ଼ା ପାକିସ୍ତାନରୁ ଭାରତ ଆସିବା ଔପଚାରିକତା ମଧ୍ୟ ପୂରଣ ହୋଇ ପାରିନାହିଁ'' ବୋଲି ସନ୍ଦୀପ ପ୍ରକାଶ କରିଛନ୍ତି। ଦୁଇ ଦିନିକିଆ କାର୍ଯ୍ୟକ୍ରମର ଗୋଟିଏ ସେସନ ଆମେ ଫାଙ୍କା ରଖି ଉତ୍କଣ୍ଠା ସୃଷ୍ଟି କରିଛୁ। କାର୍ଯ୍ୟକ୍ରମର ଅଧଘଣ୍ଟା ପୂର୍ବରୁ ଏ ସମ୍ପର୍କରେ ପ୍ରକାଶ କରାଯିବ। ବ୍ୟାଡ୍‌ମିଣ୍ଟନ ତାରକା ସାଇନା ନେହ୍ୱାଲଙ୍କୁ ନିମନ୍ତ୍ରଣ କରାଯାଇଥିଲା, ମାତ୍ର ତାଙ୍କର ଟୁର୍ନାମେଣ୍ଟ ଥିବାରୁ ସେ ନିମନ୍ତ୍ରଣ ରକ୍ଷା କରିପାରି ନ ଥିଲେ। ଏଥର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ୨ ଦିନ ବିଶିଷ୍ଟ ହେବ। ସବୁକିଛି ଠିକ୍ ରହିଲେ ଆଗାମୀ ଦିନରେ ଏହାକୁ ୪ କିମ୍ବା ୫ ଦିନିକିଆ କରିବା ପାଇଁ ଯୋଜନା କରାଯିବ ବୋଲି ସେ କହିଛନ୍ତି।

ହକି ବିଶ୍ୱକପ୍ ପୂର୍ବରୁ ଏପରି ଏକ ଇଭେଣ୍ଟ ଓଡ଼ିଶାରେ ଆୟୋଜନ ହେବା ଖୁସିର କଥା। ଏହାକୁ ଏକ ବିଶ୍ୱଶ୍ରେଣୀୟ ଇଭେଣ୍ଟ କୁହାଯାଇପାରିବ। ଏଠାକୁ ଅନ୍ତର୍ଜାତୀୟ ଲିଟେରାରି ଫେଷ୍ଟିଭାଲ ମାନର ଷ୍ଟାର, ସେଲିବ୍ରିଟି ଆସୁଛନ୍ତି। ଏଠାକୁ ବେନ୍ ଜନସନ, ଷ୍ଟିଫାନି ରାଇସଙ୍କ ପରି ପ୍ରତିଷ୍ଠିତ ଖେଳାଳି, ଜାଭେଲିନ ତାରକା ନୀରଜ ଚୋପ୍ରା, କ୍ରିକେଟର ମହମ୍ମଦ କୈଫ, ପୂର୍ବତନ ହକି ଅଧିନାୟକମାନେ ମଧ୍ୟ ଉପସ୍ଥିତ ହେଉଛନ୍ତି। ଏପରି ଏକ ଇଭେଣ୍ଟ ଆୟୋଜନ କରିବାକୁ ଯାଉଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ ବୋଲି କ୍ରୀଡ଼ା ସଚିବ ବିଶାଳ ଦେବ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ମନୋଜ ପାଢ଼ୀ ଓ ସ୍ୱତନ୍ତ୍ର ପ୍ରକଳ୍ପର ଅଧିକାରୀ ସୁମିତ ପାଣ୍ଡେ ଉପସ୍ଥିତ ଥିଲେ।



## ବହୁବିଧ ବ୍ୟକ୍ତିତ୍ୱ ରିଚାର୍ଡ ଚାର୍ଲ୍ସୱର୍ଥ

ଆସନ୍ତା ୨ ତାରିଖରେ ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି ଏସିଆର ପ୍ରଥମ ତଥା ସମ୍ମାନଜନକ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ। କ୍ରୀଡ଼ା ଓ ସାହିତ୍ୟକୁ ନେଇ ଦୁଇଦିନ ଧରି ଆୟୋଜନ ହେବାକୁ ଥିବା ଏହି ସ୍ୱତନ୍ତ୍ର ଉତ୍ସବ ଉପରେ ଏବେ ସମସ୍ତଙ୍କ ନଜର। ବିଭିନ୍ନ କ୍ଷେତ୍ରରେ ବେଶ୍ ସଫଳ ରହି ପ୍ରତିଷ୍ଠା ହାସଲ କରିଥିବା ବ୍ୟକ୍ତି ବିଶେଷ ଏହି ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ବକ୍ତବ୍ୟ ତଥା ମତ ରଖିବାର ସୁଯୋଗ ହାସଲ କରିବେ। କ୍ରୀଡ଼ା ଓ ସାହିତ୍ୟପ୍ରେମୀଙ୍କ ସହ ସାରସ୍ୱତ ସାଧକମାନଙ୍କ ଉପସ୍ଥିତିରେ ଜଣେ ବହୁବିଧ ବ୍ୟକ୍ତିତ୍ୱ ମଧ୍ୟ ଏହି ଉତ୍ସବରେ ସାମିଲ ହେବେ। ସେ ହେଉଛନ୍ତି ଅଷ୍ଟ୍ରେଲିଆର ରିଚାର୍ଡ ଇଆନ ଚାର୍ଲ୍ସୱର୍ଥ। ସେ ଏକାଧାରରେ ଜଣେ ପୂର୍ବତନ କ୍ରିକେଟର, ହକି ଖେଳାଳି, କୋଚ୍ ଓ ରାଜନେତା। ସେ ମଝିରେ କେତେଦିନ ଭାରତୀୟ ହକି ପାଇଁ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ଭାରତୀୟ ହକିର ବୈଷୟିକ ନିର୍ଦ୍ଦେଶକ ହିସାବରେ କାର୍ଯ୍ୟ କରିଥିଲେ। ସେ ମଧ୍ୟ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ଦ୍ୱାର ନୂଆକରି ଗଠିତ ହୋଇଥିବା ହକି ଚୟନ କମିଟିର ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। ସେ ଭାରତୀୟ ହକିର କଡ଼ା ସମାଲୋଚକ ହିସାବରେ ବେଶ୍ ଚର୍ଚ୍ଚାରେ ରହିଥିଲେ। ତାଙ୍କ କ୍ରୀଡ଼ା ଜୀବନ, କୋଚିଂ କ୍ୟାରିୟର ଓ ରାଜନୈତିକ ଅଭିଜ୍ଞତାରୁ ସେ ନିଜର ବ୍ୟକ୍ତବ୍ୟ ରଖିବେ ଓ ଏହା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହେବ।

ଜଣେ ସ୍ପୋର୍ଟ୍ସ କୋଚ୍ ଓ ପୂର୍ବତନ ରାଜନେତା ହିସାବରେ ବେଶ୍ ସଫଳ ରହିଥବା ଚାର୍ଲ୍ସୱର୍ଥ ପଶ୍ଚିମ ଅଷ୍ଟ୍ରେଲିଆ ପାଇଁ ପ୍ରଥମଶ୍ରେଣୀ କ୍ରିକେଟ ଖେଳିଛନ୍ତି। ଏହାକୁ ବାଦ୍ ଦେଲେ ଅଷ୍ଟ୍ରେଲିଆ ଜାତୀୟ ଦଳ ତରଫରୁ ସେ ଫିଲ୍ଡ ହକିରେ ବେଶ୍ ସକ୍ରିୟ ରହି ସଫଳତା ଅର୍ଜନ କରିଥିଲେ। ୧୯୭୬ ଅଲିମ୍ପିକ୍ସରେ ସେ ଅଷ୍ଟ୍ରେଲିଆ ପାଇଁ ରୌପ୍ୟ ପଦକ ହାସଲ କରିଥିଲେ। ରାଜନୀତିରେ ସାମିଲ ହୋଇ ମଧ୍ୟ ସେ ଆଶାତୀତ ସଫଳତା ପାଇଥିଲେ। ଲେବର ପାର୍ଟି ତରଫରୁ ପ୍ରତିନିଧିତ୍ୱ କରି ଫେଡେରାଲ ମେମ୍ବର ଅଫ୍ ପାର୍ଲାମେଣ୍ଟ ନିର୍ବାଚିତ ହୋଇଥିଲେ। ତେବେ ରାଜନୀତିରେ ସେ ବେଶିଦିନ ତିଷ୍ଠିପାରି ନ ଥିଲେ। ରାଜନୀତିରୁ ଫେରିବା ପରେ ସେ କୋଚିଂରେ ମନ ବଳାଇଥିଲେ। ଚାର୍ଲ୍ସୱର୍ଥଙ୍କ ତତ୍ତ୍ୱାବଧାନରେ ଅଷ୍ଟ୍ରେଲିଆ ମହିଳା ଫିଲ୍ଡ ହକି ଦଳ ୨୦୦୯ ଓ ୨୦୧୪ରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। କେବେଳ ସେତିକି ନୁହଁ, ନ୍ୟୁଜିଲାଣ୍ଡ ଜାତୀୟ କ୍ରିକେଟ ଦଳ, ଅଷ୍ଟ୍ରେଲିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ ଓ ଅଷ୍ଟ୍ରେଲିଆର ଏକ ଜଣାଶୁଣା ଫୁଟବଲ କ୍ଲବ୍ ଫ୍ରେମାଣ୍ଟଲ ଫୁଟ୍‌ବଲ କ୍ଲବ୍ ପାଇଁ ସେ ପରାମର୍ଶଦାତାର ଭୂମିକା ସଫଳତାର ସହ ନିଭାଇଥିଲେ।

ଅଷ୍ଟ୍ରେଲିଆ ପାଇଁ ସେ ୧୯୭୨, ୧୯୭୬ ଓ ୧୯୮୦ରେ ପ୍ରତିନିଧିତ୍ୱ କରିଥିଲେ। ୧୯୮୦ ମସ୍କୋ ଅଲିମ୍ପିକ୍ସରୁ ଅବଶ୍ୟ ଅଷ୍ଟ୍ରେଲିଆ ଓହରି ଯାଇଥିଲା। ସେହିପରି ସେ ୧୯୭୬ ଓ ୧୯୮୮ ଅଲିମ୍ପିକ୍ସରେ ଦଳର ନେତୃତ୍ୱ ନେଇଥିଲେ। ୧୯୮୮ ସିଓଲ ଅଲିମ୍ପିକ୍ସ ପରେ ସେ ଅବସର ଗ୍ରହଣ କରିଥିଲେ। ଲଣ୍ଡନରେ ଅନୁଷ୍ଠିତ ୧୯୮୬ ହକି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆକୁ ଚାମ୍ପିୟନ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଓ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ହକିରେ ଅସାଧାରଣ କୃତିତ୍ୱ ତଥା ଅବଦାନ ପାଇଁ ୨୦୦୮ରେ ତାଙ୍କୁ ଅଷ୍ଟ୍ରେଲିଆନ୍ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା। ୨୨୭ଟି ମ୍ୟାଚ୍ ଖେଳି ସେ ୮୪ଟି ଗୋଲ ସ୍କୋର କରିଥିଲେ। ଜଣେ ସୁନାମଧନ୍ୟ ଲେଖକ ହିସାବରେ ମଧ୍ୟ ସେ ନାମ କମାଇଛନ୍ତି। ସେ ୩ଟି ବହି ଲେଖିଛନ୍ତି ଓ ତାହା ପାଠକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ଏହି ୩ଟି ବହି ହେଲା ମ୍ୟାନେଜିଂ ଫର ସକ୍‌ସେସ୍, ଷ୍ଟେଇଙ୍ଗ୍ ଆଟ୍ ଦି ଟପ୍ ଓ ସେକ୍ସପିୟର ଦି କୋଚ୍। ଜଣେ ବହୁବିଧ ବ୍ୟକ୍ତିତ୍ୱସମ୍ପନ୍ନ ଚାର୍ଲ୍ସୱର୍ଥଙ୍କୁ ଏହି ଉତ୍ସବରେ ଦମ୍‌ଦାର ସ୍ୱାଗତ ହେବ ଓ ତାଙ୍କ ବକ୍ତବ୍ୟର ମଜା ନେବେ କ୍ରୀଡ଼ା ଓ ସାହିତ୍ୟ ପ୍ରଶଂସକ।

## ବିଶ୍ୱକପ୍ ପୂର୍ବାନୁମାନ କରିବେ ବିଶେଷଜ୍ଞ


ଧନରାଜ ପିଲେ


ବାସୁଦେବନ ବାସ୍କରନ୍

ଆଉ ମାତ୍ର କେତୋଟି ସପ୍ତାହ ପରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବ ପୁରୁଷ ହକି ବିଶ୍ୱକପ୍। ଏହି ବିଶ୍ୱକପ୍‌ରେ ଭାରତ ସମେତ ବିଶ୍ୱର ଶ୍ରେଷ୍ଠ ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ମେଗା ଇଭେଣ୍ଟରେ କେଉଁ ଦଳର ପ୍ରଦର୍ଶନ କିପରି ରହିବ ଓ କିଏ ବାଜି ମାରିବ, ସେନେଇ କେତେଜଣ ପୂର୍ବତନ ହକି ଖେଳାଳି ଓ ଲିଜେଣ୍ଡ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଯୋଗଦେଇ ପୂର୍ବାନୁମାନ କରିବା ସହ ବିଶ୍ଳେଷଣ କରିବେ। ଏହି ହକି ଲିଜେଣ୍ଡମାନେ ହେଲେ ପୂର୍ବତନ ଭାରତୀୟ ଅଧିନାୟକ ବାସୁଦେବନ ବାସ୍କରନ, ଧନରାଜ ପିଲେ, ଦିଲୀପ ତିର୍କୀ ଓ ବ୍ରେଣ୍ଟ ଲିଭରମୋର।


ଦିଲୀପ ତିର୍କୀ

ଅଷ୍ଟ୍ରେଲିଆ ତରଫରୁ ଫିଲ୍ଡ ହକିରେ ପ୍ରତିନିଧିତ୍ୱ କରି ବ୍ରେଣ୍ଟ ଜେମ୍ସ ଲିଭରମୋର ଆନ୍ତର୍ଜାତିକ ହକିରେ ସଫଳତାର ଶୀର୍ଷକୁ ଛୁଇଁଥିଲେ। ଅଷ୍ଟ୍ରେଲିଆ ପାଇଁ ସେ ୩୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳି ୩୦ଟି ଆନ୍ତର୍ଜାତିକ ଗୋଲ ସ୍କୋର କରିଥିଲେ। ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ଓ ଏହା ପୂର୍ବରୁ ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଚାମ୍ପିୟନ୍ସ ଟ୍ରଫିରେ ତାଙ୍କ ପ୍ରଦର୍ଶନ ଅସାଧାରଣ ଥିଲା। ତାଙ୍କ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ୧୯୯୯, ୨୦୦୫ ଓ ୨୦୦୦ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ଓ ୨୦୦୩ ଓ ୨୦୦୭ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ହାସଲ କରିଥିଲା। ସେହିପରି ପୂର୍ବତନ ଭାରତୀୟ ଅଧିନାୟକ ବାସୁଦେବନ ଭାସ୍କରନ ମଧ୍ୟ ନିଜ ନେତୃତ୍ୱରେ ମସ୍କୋରେ ଅନୁଷ୍ଠିତ ୧୯୮୦ ଅଲିମ୍ପିକ୍ସରେ ଭାରତକୁ ଚାମ୍ପିୟନ କରାଇ ବେଶ୍ ଚର୍ଚ୍ଚିତ ହୋଇଥିଲେ। ମସ୍କୋ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବା ପରେ ସେ କୋଚିଂରେ ମନ ବଳାଇଥିଲେ। ସେ ଭାରତୀୟ ଜାତୀୟ ଦଳର ଏକାଧିକ ବାର କୋଚ୍ ରହିଆସିଛନ୍ତି। ୧୯୭୯-୮୦ରେ ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

ଧନରାଜ ପିଲେ ଭାରତୀୟ ହକିରେ ଜଣେ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୧୯୮୯ରେ ପଦାର୍ପଣ କରିଥିବା ପିଲେ ହକିରେ ୧୫ ବର୍ଷ ସକ୍ରିୟ ଥିଲେ। ସେ ଏକମାତ୍ର ଖେଳାଳି ଭାବେ ଭାରତ ପାଇଁ ୪ଟି ଅଲିମ୍ପିକ୍ସ ବିଶ୍ୱକପ୍, ଚାମ୍ପିୟନ୍ସ ଟ୍ରଫି ଓ ଏସିଆନ ଗେମ୍ସରେ ପ୍ରତିନିଧିତ୍ୱ କରିଥିଲେ। ଭାରତ ପାଇଁ ୩୩୯ଟି ଆନ୍ତର୍ଜାତିକ ମ୍ୟାଚ୍ ଖେଳି ସେ ରେକର୍ଡ କରିଥିଲେ ଓ ୧୭୦ଟି ଗୋଲ ସ୍କୋର ମଧ୍ୟ କରିଥିଲେ। ୨୦୦୦ରେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହି ୩ ଲିଜେଣ୍ଡଙ୍କୁ ବାଦ୍ ଦେଲେ ଓଡ଼ିଆ ହକି ଲିଜେଣ୍ଡ ଦିଲୀପ ତିର୍କୀ ମଧ୍ୟ ଏହି କ୍ରୀଡ଼ା ତଥା ସାହିତ୍ୟ ମହୋତ୍ସବରେ ନିଜର ମତ ରଖିବା ସହ ବିଶ୍ୱକପ୍ ନେଇ ପୂର୍ବାନୁମାନ କରିବେ। ଆନ୍ତର୍ଜାତିକ ହକିରେ ସଫଳତାର ଶୀର୍ଷକୁ ଛୁଇଁଥିବା ଦିଲୀପଙ୍କ ମତାମତ କ୍ରୀଡ଼ା ପ୍ରଶଂସକଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରିବ।

## କ୍ରିକେଟର ଅଜିଙ୍କ୍ୟ ରାହାନେ

ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ନିମନ୍ତ୍ରିତ ଅତିଥିଭାବେ ଯୋଗଦେବେ କ୍ରିକେଟର ଅଜିଙ୍କ୍ୟ ରାହାନେ। ଜଣେ ଭଦ୍ର, ନମ୍ର ଓ ସଙ୍କୋଚ କ୍ରିକେଟର ଭାବେ ଜଣାଶୁଣା ରାହାନେ ଏହି ଉତ୍ସବରେ ଆମ ଗହଣରେ ଉପସ୍ଥିତ ରହିବେ ଓ ବକ୍ତବ୍ୟ ମାଧ୍ୟମରେ ନିଜ କ୍ରିକେଟ ଏବଂ ବ୍ୟକ୍ତିଗତ ଜୀବନର ଅଭିଜ୍ଞତା ବଖାଣିବେ। ବ୍ୟାଟିଂରେ ନିଜର ବଳିଷ୍ଠ ଟେକ୍‌ନିକ୍ କାରଣରୁ ସେ ବିଶ୍ୱର ବିଭିନ୍ନ ଦୁର୍ଦ୍ଧର୍ଷ ବୋଲରଙ୍କୁ ଅତି ସହଜରେ ସାମ୍ନା କରି ଅନ୍ୟମାନଙ୍କ ପାଇ ଉଦାହରଣ ସୃଷ୍ଟି କରିପାରିଛନ୍ତି। ଜଣେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଭାବେ ସେ ଏପର୍ଯ୍ୟନ୍ତ କ୍ୟାରିୟରରେ ୫୨ଟି ଟେଷ୍ଟ ଓ ୯୦ ଦିନିକିଆ ଓ ୨୦ଟି ଟି୨୦ ମ୍ୟାଚ୍ ଖେଳି ବେଶ୍ ସଫଳ ହୋଇଛନ୍ତି। ମାତ୍ର ୭ ବର୍ଷ ବୟସରେ ରାହାନେଙ୍କୁ ପିତା ମଧୁକର ବାବୁରାଓ ରାହାନେ ଏକ ଛୋଟିଆ କୋଚିଂ କ୍ୟାମ୍ପକୁ ନେଇଥିଲେ। ଏହି କ୍ୟାମ୍ପରେ ମ୍ୟାଟିଂ ଉଇକେଟ ଥିଲା। ଏହା ପରେ ଅବଶ୍ୟ ରାହାନେଙ୍କୁ କୋଚିଂ ଦେବାରେ ମାତାପିତା ସକ୍ଷମ ହୋଇପାରି ନ ଥିଲେ। ତେବେ ତାଙ୍କୁ ଯେତେବେଳେ ୧୭ ବର୍ଷ ବୟସ ହୋଇଥିଲା, ସେବେଠାରୁ ରାହାନେ ପ୍ରବୀଣ ଆମ୍ରେଙ୍କଠାରୁ କୋଚିଂ ନେଇଥିଲେ। ୨୦୦୭ରେ ୧୯ ବର୍ଷରୁ କମ୍ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରିଥିଲା। ଏଥିରେ ରାହାନେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଏହି ଗସ୍ତରେ ସେ ଦୁଇଟି ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ତାଙ୍କ ପ୍ରଦର୍ଶନରେ ପ୍ରଭାବିତ ହୋଇ ଚୟନକର୍ତ୍ତାମାନେ ରାହାନେଙ୍କୁ ପାକିସ୍ତାନରେ ଅନୁଷ୍ଠିତ ହୋଇଥିବା ମହମ୍ମଦ ନିସାର ଟ୍ରଫିରେ ଖେଳିବାକୁ ଦଳରେ ସାମିଲ କରିଥିଲେ। ୧୯ ବର୍ଷ ବୟସରେ ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ। ପ୍ରଥମ ଶ୍ରେଣୀ ଓ ଲିଷ୍ଟ ଏ' କ୍ୟାରିୟରରେ ତାଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିଥିଲା। ୨୦୦୭-୦୮ ସେସନରେ ସେ ମୁମ୍ବାଇ ପାଇଁ ରଣ୍‌ଜୀ ପଦାର୍ପଣ କରିଥିଲେ।

ଜଣେ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଭାବେ ସେ ଟେଷ୍ଟରେ ବ୍ୟାଟିଂ କରିଥାନ୍ତି। ସେହିପରି ଦିନିକିଆ ଓ ଟି୨୦ରେ ସେ ଓପ୍‌ନର ହିସାବରେ ବ୍ୟାଟିଂ କରି ବେଶ୍ ସଫଳ ରହିଛନ୍ତି। ଟେକ୍‌ନିକ୍, ପ୍ରତିଶ୍ରୁତିବଦ୍ଧତା ଓ ଶୃଙ୍ଖଳା ପାଇଁ ତାଙ୍କୁ ବରିଷ୍ଠ କ୍ରିକେଟରମାନେ ବେଶ୍ ପ୍ରଶଂସା କରିଛନ୍ତି। ଏପରି କି ତାଙ୍କୁ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ ଓ ଭିଭିଏସ୍ ଲକ୍ଷ୍ମଣଙ୍କ ସହ ତୁଳନା କରାଯାଇଥାଏ। ଅସାଧାରଣ ଟେକ୍‌ନିକ୍ ପାଇଁ ରାହାନେଙ୍କୁ ସଚିନଙ୍କ ସହ ତୁଳନା କରିଥିଲେ ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ ୱା। ରାହାନେ ଜଣେ ମଧ୍ୟ ଉଚ୍ଚକୋଟୀର ଫିଲ୍ଡର ଭାବେ ପ୍ରଶଂସିତ ହୋଇଛନ୍ତି। ନିଜର ଶାନ୍ତ ଓ ସାଧାରଣ ସ୍ୱଭାବ ପାଇଁ ସେ ସବୁବେଳେ ପ୍ରଶଂସିତ ହୋଇଆସିଛନ୍ତି।

ସେ ପଞ୍ଚମ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଗୋଟିଏ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସ୍‌ରେ ଶତକ ହାସଲ କରି ରେକର୍ଡ କରିଛନ୍ତି। ସେହିପରି ଗୋଟିଏ ଟେଷ୍ଟରେ ସେ ସର୍ବାଧିକ ସଂଖ୍ୟକ କ୍ୟାଚ୍ ଧରିବାର ରେକର୍ଡ କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ସେ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବୋଲର ଶ୍ରୀନାଥ ଅରବିନ୍ଦଙ୍କ ଗୋଟିଏ ଓଭରରେ ୬ଟି ଚୌକା ମାରିବାର ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି। ପୁଣି ଗୋଟିଏ ଟି୨୦ ମ୍ୟାଚ୍‌ରେ ଅନ୍ୟ ୫ ଖେଳାଳିଙ୍କ ସହ ରାହାନେ ସର୍ବାଧିକ ସଂଖ୍ୟକ କ୍ୟାଚ୍ ଧରିବାର ରେକର୍ଡ ମଧ୍ୟ କରିଛନ୍ତି। ସେ ୨୦୧୪-୧୫ରେ ସିଏଟ୍ ଇଣ୍ଡିଆନ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ୨୦୦୬-୦୭ରେ ତାଙ୍କୁ ଶ୍ରେଷ୍ଠ ୧୯ ବର୍ଷରୁ କମ୍ କ୍ରିକେଟର ଭାବେ ଏମ.ଏ. ଚଦାମ୍ବରମ ଟ୍ରଫି ପ୍ରଦାନ କରାଯାଇଥିଲା। ୨୦୧୬ରେ ଅର୍ଜୁନ ପୁରସ୍କାର ପାଇଁ ତାଙ୍କ ନାମ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ସୁପାରିସ କରାଯାଇଥିଲା। ଆଉ ଗୋଟିଏ ଦିନ ପରେ ଆୟୋଜନ ହେବାକୁ ଥିବା ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ କ୍ରୀଡ଼ା ଓ ସାହିତ୍ୟ ପ୍ରଶଂସକମାନେ ତାଙ୍କ କ୍ୟାରିୟର ଓ ସଫଳତା ଅପେକ୍ଷା ପ୍ରତିଶ୍ରୁତିବଦ୍ଧତା, ଶୃଙ୍ଖଳା, ଶାନ୍ତ, ନମ୍ର ଓ ଧୀର ସ୍ୱଭାବରୁ ବହୁତ କିଛି ଶିକ୍ଷା କରିବାର ସୁଯୋଗ ହାସଲ କରିବେ।



"ବିଶ୍ୱକପ୍ ଦଳରେ ସ୍ଥାନ ହାସଲ ଲାଗି ଘୋଷିତ ୩୪ ଜଣିଆ ସମ୍ଭାବ୍ୟ ଖେଳାଳିଙ୍କ ପାଇଁ ଜାତୀୟ କ୍ୟାମ୍ପ ଶେଷ ସୁଯୋଗ ।
– ହରେନ୍ଦ୍ର ସିଂ, ଭାରତୀୟ ହକି ଦଳର ମୁଖ୍ୟ କୋଚ୍



"ଖଲିଲ୍ ଅହମ୍ମଦ ବହୁତ ଦ୍ରୁତ ଏବଂ ଅନ୍ତର୍ଜାତୀୟ କ୍ରିକେଟରେ ଭଲ ପ୍ରଦର୍ଶନ କରୁଛନ୍ତି। ତାଙ୍କ ଲାଗି ଭଲ ସୁଯୋଗ ରହିଛି ।
– ଭରତ ଅରୁଣ, ଭାରତୀୟ ବୋଲିଂ କୋଚ୍



## ସଂକ୍ଷେପରେ

### ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ଥିରୁଭାନନ୍ତପୁରମ, ୩୧।୧୦ (ପି.ଟି)- ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ପଞ୍ଚମ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଗୁରୁବାର ମୁହାଁମୁହିଁ ହେବାକୁ ଯାଉଛନ୍ତି। ସିରିଜରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଥିବାରୁ ଏହି ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିଛି। ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଆନ୍ତର୍ଜାତିକ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମୁକାବିଲା ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ସିରିଜ ବିଜୟୀ ହେବାକୁ ହେଲେ ଭାରତକୁ ଏହି ମ୍ୟାଚ୍‌ରେ ଜିତିବାକୁ ହେବ। ଅନ୍ୟପଟେ ଏହି ମ୍ୟାଚ୍‌କୁ ହାତେଇ ୱେଷ୍ଟଇଣ୍ଡିଜ୍ ସିରିଜ ୨-୨ରେ ଡ୍ର ରଖିବାକୁ ଲକ୍ଷ୍ୟ ରଖିଛି। ଫଳରେ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ସୂଚନାଥାଉ କି, ୩ ଦଶନ୍ଧି ତଳେ ଏହି ସହରରେ ଶେଷଥର ପାଇଁ ଆନ୍ତର୍ଜାତିକ ମ୍ୟାଚ୍ ଖେଳାଯାଇଥିଲା। ବିଜୟୀ ହେଲେ ଭାରତ ଆଉ ଏକ ଘରୋଇ ସିରିଜରେ ବାଜି ମାରିବ ଓ ୨୦୧୫ରେ ଦକ୍ଷିଣ ଆଫ୍ରିକା ସିରିଜଠାରୁ ଭାରତ ତା'ର ଅପରାଜୟ ରେକର୍ଡ ବଜାୟ ରଖିବ। ଏହି ମ୍ୟାଚ୍‌ରେ ବର୍ଷା ସମ୍ଭାବନା ରହିଛି। ତୃତୀୟ ଦିନିକିଆ ପରାଜୟ ପରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ମୁମ୍ବାଇରେ ଅନୁଷ୍ଠିତ ଚତୁର୍ଥ ମ୍ୟାଚ୍‌ରେ ବୃହତ୍ ୨୨୪ ରନ୍‌ରେ ବାଜି ମାରିଥିଲା। ଏହି ଗ୍ରାଉଣ୍ଡରେ ଗତଥର ୱେଷ୍ଟଇଣ୍ଡିଜ୍ ଭାରତକୁ ହରାଇଥିଲା। ଆସନ୍ତା ବର୍ଷ ଜୁନ୍‌ରେ ଇଂଲଣ୍ଡରେ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ଥିବାରୁ ଏହି ସିରିଜ ବେଶ୍ ମହତ୍ତ୍ୱ ରଖୁଛି। କୋହଲି ଓ ଓପ୍‌ନର ରୋହିତ ଶର୍ମା ଏହି ସିରିଜ୍‌ରେ ଯଥାକ୍ରମେ ୩ ଓ ୨ଟି ଶତକ ହାସଲ କରି ସୁପର ଫର୍ମରେ ରହିଛନ୍ତି। ସେହିପରି ମିଡଲ ଅର୍ଡରରେ ଅମ୍ବାତି ରାୟୁଡୁ ମଧ୍ୟ ଫର୍ମକୁ ଫେରିଛନ୍ତି। ତେବେ ଅଭିଜ୍ଞ ଓପ୍‌ନର ଶିଖର ଧାୱନ ଓ ମହେନ୍ଦ୍ର ସିଂ ଧୋନୀ ଏପର୍ଯ୍ୟନ୍ତ ସଫଳ ପ୍ରଦର୍ଶନ କରିପାରିନାହାନ୍ତି। ଆଉ ମାତ୍ର ୧ ରନ କରିପାରିଲେ ଧୋନୀ ଭାରତୀୟ ଦଳ ତରଫରୁ ଦିନିକିଆରେ ୧୦ ହଜାର ରନ୍ ପୂରଣ କରିବେ।

**ସ୍ଥାନ: ଥିରୁଭାନନ୍ତପୁରମ୍**
**ସମୟ: ଅପରାହ୍ନ ୧.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱାର୍କ**

# ଓଡ଼ିଶା–ନ୍ୟୁ ସାଉଥ ୱେଲ୍ସ ମ୍ୟାଚ ଆଜି

ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ କ୍ରମେ ପାଖେଇ ଆସିଥିବାବେଳେ ଏବେ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବାକୁ ଯାଉଛି ଆଉ ଏକ ଅନ୍ତର୍ଜାତୀୟ ମାନର ମ୍ୟାଚ। ଏଠାରେ ଗୁରୁବାର ଅନୁଷ୍ଠିତ ହେବ ଓଡ଼ିଶା ଏକାଦଶ ଏବଂ ଅଷ୍ଟ୍ରେଲିଆର ନ୍ୟୁ ସାଉଥ ୱେଲ୍ସ ମଧ୍ୟରେ ପ୍ରଦର୍ଶନୀ ହକି ମ୍ୟାଚ। ମ୍ୟାଚଟି ସନ୍ଧ୍ୟା ୬ଟାରେ ଆରମ୍ଭ ହେବ। ଏଥିପାଇଁ ନ୍ୟୁ ସାଉଥ୍‌ୱେଲ୍ସ ଦଳ ଭୁବନେଶ୍ୱରରେ ପହଞ୍ଚି ଓଡ଼ିଶା ଖେଳାଳିଙ୍କ ସହ ମିଶି ଅଭ୍ୟାସ କରିଛି। ରୋଶନ ମିଞ୍ଜ ଓଡ଼ିଶା ଏବଂ କୁର୍ଟ ଲୋଭେଜ୍ଚ ନ୍ୟୁ ସାଉଥ ୱେଲ୍ସ ଦଳର ନେତୃତ୍ୱ ନେବେ। ''ହକି ବିଶ୍ୱକପ ଯେଉଁଠାରେ ହେବାକୁ ଯାଉଛି ଆମେ ସେଠାରେ ଏକ ବିଦେଶୀ ଦଳ ସହ ପ୍ରଦର୍ଶନୀ ମ୍ୟାଚ ଖେଳିବାକୁ ଯାଉଥିବାରୁ ବହୁତ ଖୁସି। ଏପରି ମ୍ୟାଚ ଦ୍ୱାରା ଖେଳ ସମ୍ପର୍କିତ ଭାବର ଆଦାନ ପ୍ରଦାନ ହୋଇପାରିବ ଏବଂ ଆମ ଖେଳାଳିମାନେ ଭିନ୍ନ ଅଭିଜ୍ଞତା ଲାଭ କରିପାରିବେ। ଆଗାମୀ ମ୍ୟାଚରେ ଆମେ ବିଜୟ ମନୋଭାବ ନେଇ ଖେଳିବୁ'' ବୋଲି କହିଛନ୍ତି ଓଡ଼ିଶା ଏକାଦଶର ନେତୃତ୍ୱ ନେବାକୁ ଯାଉଥିବା ରୋଶନ ମିଞ୍ଜ। ଓଡ଼ିଶା ଦଳ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ ବୋଲି କୋଚ୍ କାଲୁ ଚରଣ ଚୌଧୁରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ''ଭାରତ ବିଶେଷ କରି ଓଡ଼ିଶା ଆସି ନ୍ୟୁ ସାଉଥ ୱେଲ୍ସ ଦଳର ଖେଳାଳିମାନେ ବହୁତ ଖୁସି। ଓଡ଼ିଶା ପ୍ରତିଷ୍ଠିତ ହକି ଖେଳାଳିଙ୍କୁ ନେଇ ବେଶ୍ ସମୃଦ୍ଧ। ଓଡ଼ିଶାର ଅଭିଜ୍ଞ ଓ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କ ସହ ଖେଳିବା ଆମପାଇଁ ଏକ ସୁଯୋଗ ସଦୃଶ। ଏହି ମ୍ୟାଚ ବିଶେଷ ଉପଭୋଗ୍ୟ ହେବ ଏବଂ ଓଡ଼ିଶାର ଦର୍ଶକମାନେ ମଧ୍ୟ ଏହାକୁ ମନଭରି ଉପଭୋଗ କରିବା ଆଶା ରହିଛି'' ବୋଲି କହିଛନ୍ତି ନ୍ୟୁ ସାଉଥ ୱେଲ୍ସ ଅଧିନାୟକ କୁର୍ଟ ଲୋଭେଜ୍ଚ। ନ୍ୟୁ ସାଉଥ ୱେଲ୍ସ ଓ ଓଡ଼ିଶା ଏକାଦଶ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ମ୍ୟାଚ ୪ ତାରିଖରେ ରାଉରକେଲାରେ ଅନୁଷ୍ଠିତ ହେବ।



ଦୁଇଦଳର ଅଧିନାୟକ ରୋଶନ ମିଞ୍ଜ ଓ କୁର୍ଟ ଲୋଭେଜ୍ଚ ।

**ଓଡ଼ିଶା ଏକାଦଶ:** ରୋଶନ ମିଞ୍ଜ (ଅଧିନାୟକ), ଦୀପସାନ ତିର୍କୀ, ଅମିତ ରୋହିଦାସ, ନୀଲମ ସଞ୍ଜୀପ୍ ଖେସ୍, ଶୀଳାନନ୍ଦ ଲାକ୍ରା, ଆଶିଷ ଟପ୍ପୋ, ଦୀପକ୍ କେର୍କେଟା, ଗ୍ରେଗୋରି ଖେସ୍, କ୍ରିଷ୍ଣା ତିର୍କୀ, ମନିପ କେର୍କେଟା, ପ୍ରସନ ତିର୍କୀ, ଟିକେଇ କୁଜୁର, ସୁଧୀର ଏକ୍କା, ସୁମନ୍ ବେକ୍, ଅଭିଷେକ ଲାକ୍ରା, ଦିବ୍ୟ କୁଜୁର, ଜନସନ ଏକ୍କା, ପଙ୍କଜ କୁମାର ରଜାକ(ଗୋଲକିପର)। କୋଚ୍: କାଲୁ ଚରଣ ଚୌଧୁରୀ।

**ନ୍ୟୁ ସାଉଥ ୱେଲ୍ସ ଦଳ:** କୁର୍ଟ ଲୋଭେଜ୍ଚ(ଅଧିନାୟକ), ଆଶ୍‌ଲେ ଥୋମାସ, ଡେଲାନ ମାର୍ଟିନ, ହେଡେନ ଡିଲୋନ, ଥୋମାସ ବ୍ରାଉନ୍, ସାମୁଏଲ ଗ୍ରେ, ସାମୁଏଲ ମୁଡ୍‌ଫୋର୍ଡ, ଜ୍ୟାକ୍ ୱିଘାମ, କି ୱିଲଟ, ଲେନ୍ କାର୍, ରୋରି ୱାକର, ଜ୍ୟାକ୍ ପିକରିଙ୍ଗ, ଥୋମାସ ମିଓଚୋ, ୱିଲିଅମ ଗ୍ରାଫ୍। କୋଚ୍: ବ୍ରେଣ୍ଟ ଲିଭ୍‌ମୋର।

# ଜାତୀୟ କ୍ୟାମ୍ପ୍‌ରେ ଓଡ଼ିଶାରୁ ୩




ନୂଆଦିଲ୍ଲୀ, ୩୧।୧୦(ପି.ଟି.)

ଭୁବନେଶ୍ୱରରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ଲାଗି ହକି ଇଣ୍ଡିଆ ପକ୍ଷରୁ ବୁଧବାର ୩୪ ଜଣିଆ କୋର୍ ଗ୍ରୁପ୍ ତାଲିକା ପ୍ରକାଶ ପାଇଛି। ବିଶ୍ୱକପ୍ ପୂର୍ବରୁ ଏହା ଅନ୍ତିମ ଜାତୀୟ କ୍ୟାମ୍ପ୍। ହକି ଇଣ୍ଡିଆ ପକ୍ଷରୁ ଘୋଷିତ ଏହି ଦଳରେ ଓଡ଼ିଶାରୁ ଅଭିଜ୍ଞ ବୀରେନ୍ଦ୍ର ଲାକ୍ରାଙ୍କୁ ମିଶାଇ ମୋଟ୍ ୩ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ନଭେମ୍ବର ୨୮ରୁ ଡିସେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ହକି ବିଶ୍ୱକପ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

୨୩ ଦିନଧରି ହେବାକୁ ଥିବା ଏହି କ୍ୟାମ୍ପ୍ ଗୁରୁବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଜାତୀୟ କ୍ୟାମ୍ପରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ମୁଖ୍ୟକୋଚ୍ ହରେନ୍ଦ୍ର ସିଂଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି। ଏହି କ୍ୟାମ୍ପ୍‌ରୁ କୋଚ୍ ହରେନ୍ଦ୍ର ସିଂ ବିଶ୍ୱକପ୍ ଲାଗି ୧୮ ଜଣିଆ ଚୂଡ଼ାନ୍ତ ଦଳ ଚୟନ କରିବେ। 'ନିକଟରେ ମସ୍କଟରେ ଶେଷ ହୋଇଥିବା ୫ମ ପୁରୁଷ ଏସିଆନ ଚାମ୍ପିୟନ୍ସ ଟ୍ରଫି ପ୍ରତିଯୋଗିତା ଏହି ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ପାଇଁ ଭଲ ପ୍ରସ୍ତୁତି ସଦୃଶ କାମ କରିଥିଲା। କିନ୍ତୁ ଆମ ପାଇଁ ଏବେ ସବୁଠୁ କଠିନ ସମୟ ଏବଂ ଆମକୁ ଏବେ ସେହି କ୍ଷେତ୍ର ଉପରେ ନଜର ଦେବାକୁ ହେବ, ଯେଉଁଠି ସୁଧାର ଆବଶ୍ୟକ' ବୋଲି ହରେନ୍ଦ୍ର କହିଛନ୍ତି। ସେହିଭଳି ୩୪ ଜଣିଆ କୋର୍ ଗ୍ରୁପ୍‌ର ଖେଳାଳିଙ୍କୁ କଠିନ ପରିଶ୍ରମ କରି ଦଳରେ ସ୍ଥାନ ହାସଲ କରିବାର ଏକ ସୁଯୋଗ ରହିଛି ବୋଲି ହରେନ୍ଦ୍ର ପ୍ରକାଶ କରିଛନ୍ତି।

**୩୪ ଜଣିଆ କୋର୍ ଗ୍ରୁପ୍–** ପିଆର୍ ଶ୍ରୀଜେଶ, ସୂରଜ କେର୍କେଟା, କ୍ରିଷ୍ଣା ପାଠକ (ସମସ୍ତେ ଗୋଲକିପର୍), ହର୍‌ମନପ୍ରୀତ୍ ସିଂ, ଗୁରିନ୍ଦର ସିଂ, ବରୁଣ କୁମାର, କୋଥଜିତ୍ ସିଂ ଖଡାଙ୍ଗବାମ, ସୁରେନ୍ଦ୍ର କୁମାର, ଅମିତ୍ ରୋହିଦାସ, ଜରମନପ୍ରୀତ୍ ସିଂ, ପ୍ରଦୀପ୍ ସିଂ, ସୁମନ ବେକ୍, ରୂପିନ୍ଦର ପାଲ୍ ସିଂ, ବୀରେନ୍ଦ୍ର ଲାକ୍ରା, ମନଦୀପ୍ ମୋର୍ (ସମସ୍ତେ ଡିଫେଣ୍ଡର୍ସ), ମନପ୍ରୀତ୍ ସିଂ, ଚିଙ୍ଗଲେନସାନ ସିଂ କଙ୍ଗୁଜାମ, ସୁମିତ୍, ସିମରନଜିତ୍ ସିଂ, ନୀଳକଣ୍ଠ ଶର୍ମା, ହାର୍ଦ୍ଦିକ ସିଂ, ଲଳିତ୍ କୁମାର ଉପାଧ୍ୟାୟ, ବିବେକ ସାଗର ପ୍ରସାଦ, ଯଶଦୀପ୍ ସିୱଚ, ବିଶାଳ ଅଣ୍ଟିଲ (ସମସ୍ତେ ମିଡ୍‌ଫିଲ୍ଡର୍ସ), ଆକାଶଦୀପ୍ ସିଂ, ଗୁର୍‌ଜାନ୍ତ ସିଂ, ମନ୍‌ଦୀପ୍ ସିଂ, ଦିଲପ୍ରୀତ୍ ସିଂ, ସୁମିତ୍ କୁମାର, ଗୁର୍‌ସାହିବଜିତ୍ ସିଂ, ରମନଦୀପ୍ ସିଂ, ଏସ୍.ଭି. ସୁନୀଲ ଓ ଶିଳାନନ୍ଦ ଲାକ୍ରା (ସମସ୍ତେ ଫର୍‌ୱାର୍ଡ)।

## ଅପରାଜିତା ଭାରତୀୟ ଦଳର କୋଚ୍

ଭୁବନେଶ୍ୱର, ୩୧।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ପେନର ସାଣ୍ଟିଆଗୋ ଡି କମ୍ପୋଷ୍ଟେଲାଠାରେ ନଭେମ୍ବର ୩ରୁ ହେବାକୁ ଥିବା ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ଅଂଶଗ୍ରହଣ କରିବ। ଏଥିପାଇଁ ସର୍ବଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) ଓଡ଼ିଶାର ଫିଡେ ଇନଷ୍ଟ୍ରକ୍ଟର ତଥା କ୍ୟାଣ୍ଡିଡେଟ୍ ମାଷ୍ଟର ଅପରାଜିତା ଗୋଚ୍ଛିକାରଙ୍କୁ ଭାରତୀୟ ଦଳର କୋଚ୍ ଭାବେ ମନୋନୀତ କରିଛି। ଏଥିରେ ୮, ୧୦ ଓ ୧୨ ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଁ ୨୩ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। କିଟ୍‌ରେ କାର୍ଯ୍ୟରତ ଥିବା ଅପରାଜିତା ଭାରତର ସର୍ବକନିଷ୍ଠ କୋଚ୍ ଭାବେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଛନ୍ତି। ଗତବର୍ଷ ଏସିଆନ ୟୁଥ୍ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ନିକଟରେ ଗତ ସେପ୍ଟେମ୍ବରରେ ବ୍ରାଜିଲରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିୟନଶିପ୍‌ରେ ଅପରାଜିତା ଭାରତୀୟ ଦଳର କୋଚ୍ ଓ ସଦସ୍ୟ ଭାବେ ସ୍ଥାନ ପାଇଥିଲେ। ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳର ସଫଳତା କାମନା କରି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏହି ଅବସରରେ ଅଭିନନ୍ଦନ ଜଣାଇଛନ୍ତି।

## ଆଜିଠୁ ରଣ୍‌ଜୀ ଟ୍ରଫି

ନୂଆଦିଲ୍ଲୀ, ୩୧।୧୦(ପି.ଟି.)

ଭାରତୀୟ ଘରୋଇ କ୍ରିକେଟର ଏନ୍ତୁଡ଼ିଶାଳ ଭାବେ ପରିଚିତ ରଣ୍‌ଜୀ ଟ୍ରଫି ପ୍ରତିଯୋଗିତା ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ରେକର୍ଡ ସଂଖ୍ୟକ ୩୭ଟି ଟିମ୍ ରଣଜୀ ଟ୍ରଫି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯେଉଁଥିରେ ୭ଟି ଦଳ ପ୍ରଥମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାରେ ଖେଳିବାର ସୁଯୋଗ ଲାଭ କରିଛନ୍ତି। ରଣ୍‌ଜୀ ଟ୍ରଫି ପାଇଁ ଭାରତର ୫୦ଟି ଗ୍ରାଉଣ୍ଡ ପ୍ରସ୍ତୁତ ହୋଇ ରହିଛି। ଓଡ଼ିଶା ତାର ପ୍ରଥମ ମ୍ୟାଚରେ ଗୁରୁବାର ହରିୟାଣାକୁ କିଟ୍ କ୍ରିକେଟ ଗ୍ରାଉଣ୍ଡରେ ଭେଟିବ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ


HONDA
The Power of Dreams
सच कर देंगे सपने
2 CRORE^
Activa
LOVE IS GROWING
Thank you, India.
Honda Activa, the highest selling two-wheeler* in the country.
HONDA
^Cumulative sales since year 2001. *Based on SIAM figures Jan'16-Sep'18 (cumulative). Product shown in the picture may vary from actual product available in market. Accessories shown in the picture are not part of standard equipment. **Conditions apply
HET BS-IV
BEST DEAL HONDA
Buy. Sell. Exchange
HONDA joyclub
ALWAYS WEAR A HELMET WHILE RIDING
Also available:
Annual Maintenance Contract**
Road Side Assistance**
Engine Health Assurance**
Follow us on
Honda is HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49 - 50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com